# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩/୨୦୧୯ (୧୬ ପୃଷ୍ଠା) Sambalpur, Thursday, January 3/ 2019 ★★

୧୫୪ ଭାଗ ୧୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



ODISHA ONE

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା
## BIJU SWASTHYA KALYAN YOJANA

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଓଡ଼ିଶା ସରକାର

DSPL-327



## RSBY କାର୍ଡଧାରୀଙ୍କ ପାଇଁ ବିଶେଷ ସୂଚନା

୧. ୧ ଜାନୁଆରୀ ୨୦୧୯ ଠାରୁ ସମସ୍ତ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା **(RSBY)** କାର୍ଡଧାରୀ ବିଜୁ କୃଷକ କଲ୍ୟାଣ ଯୋଜନା **(BKKY) S-II** କାର୍ଡ ଦ୍ୱାରା ସବୁ ପ୍ରକାରର ଦେୟ ମୁକ୍ତ ସ୍ୱାସ୍ଥ୍ୟ ସେବା ସୁବିଧା ପାଇ ପାରିବେ ।

୨. ଯେଉଁ **(RSBY)** କାର୍ଡଧାରୀ ପରିବାର **(BKKY) S-II** କାର୍ଡ ପାଇ ନାହାନ୍ତି, ଉକ୍ତ ପରିବାର **(BKKY) S-II** କାର୍ଡ ସକାଶେ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥାପିତ ବିଜୁ କୃଷକ କଲ୍ୟାଣ ଯୋଜନା ସହାୟତା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ ।

**ଅଥବା**

କ) ଜିଲ୍ଲା କୃଷି କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ

ଖ) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଙ୍କ କାର୍ଯ୍ୟାଳୟରେ **District Coordinator**

ଗ) ନିଶୁଳ୍କ **Helpline ୧୫୫୩୬୯** ରେ ଯୋଗାଯୋଗ କରନ୍ତୁ ।






10001/13/0051/1819

## ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩/୨୦୧୯



ପର ପାଇଁ ଦୁଃଖ ସହିବା ହେଉଛି ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



# ଏସ୍‌ସିବିରେ ବହୁମୂଲ୍ୟ ଚିକିତ୍ସା ମାଗଣା ହେବ

■ ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ

**କଟକ ଅଫିସ, ୨।୧**

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ନିଦାନ ଓ ସହାୟ ଯୋଜନାରେ କେତେକ ଦୁରାରୋଗ୍ୟର ମାଗଣା ଚିକିତ୍ସା କରାଯାଉଛି। ଏବେ ସେଥିରେ ଯୋଡ଼ି ହେବାକୁ ଯାଉଛି ଆଉ କିଛି ବହୁମୂଲ୍ୟ ଚିକିତ୍ସା। ଏସ୍‌ସିବି ମେଡିକାଲରେ ଏହିସବୁ ଚିକିତ୍ସା ମାଗଣାରେ କରାଯିବ। ଏଥିନିମନ୍ତେ ବୁଧବାର ସଚିବାଳୟରେ ଉଚ୍ଚସ୍ତରୀୟ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ମାଗଣା ହେବାକୁ ଥିବା ଚିକିତ୍ସାଗୁଡ଼ିକ ମଧ୍ୟରେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗରେ ହେଉଥିବା ଡବଲ୍ ପ୍ରୋସିଜିଓର ଏଣ୍ଡୋସ୍କୋପି, କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ, ଟ୍ରାନ୍ସଫ୍ୟୁଜନ ମେଡିସିନର ଏସ୍‌ଡିପି ଓ ହୃଦ୍‌ବକ୍ଷଶଲ୍ୟ ବିଭାଗର ଓପନ୍ ହାର୍ଟ ସର୍ଜରୀ ରହିଛି।

ଡବଲ୍ ପ୍ରୋସିଜିଓର ଏଣ୍ଡୋସ୍କୋପି ପରୀକ୍ଷା ପାଇଁ ରୋଗୀଙ୍କୁ ୟୁଜର୍ସ ଫି ବାବଦରେ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଏହି ଚିକିତ୍ସା ପଦ୍ଧତି ମାଧ୍ୟମରେ ରୋଗୀଙ୍କ ଅନ୍ତନଳୀରେ ଥିବା ସମସ୍ୟା ଡାକ୍ତର ଠାବ କରିଥାନ୍ତି। ୨୦୧୮ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବି ମେଡିକାଲରେ ୬୦ ଜଣ ରୋଗୀ ଡବଲ୍ ପ୍ରୋସିଜିଓର ଏଣ୍ଡୋସ୍କୋପି ଚିକିତ୍ସା କରାଇଛନ୍ତି। ସେହିପରି କାର୍ଡିଓଲୋଜି ବିଭାଗରେ ହେଉଥିବା ପିଟିସିଏ ୱିଥ୍ ଷ୍ଟେଣ୍ଟିଂ ଚିକିତ୍ସା ପାଇଁ ରୋଗୀଙ୍କୁ ୩୦ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡୁଛି। ରୋଗୀଙ୍କ ହାର୍ଟ ଭିତରେ ଥିବା ଧମନୀରେ ସମସ୍ୟା ଉପୁଜିଲେ ଏହି ଚିକିତ୍ସାର ଆବଶ୍ୟକତା ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ଏସ୍‌ସିବିରେ ୮୧୪ ଜଣ ରୋଗୀ ଏହି ଚିକିତ୍ସା ପାଇଛନ୍ତି। ଟ୍ରାନ୍ସଫ୍ୟୁଜନ ମେଡିସିନ ବିଭାଗରେ ଏସ୍‌ଡିପି ଚିକିତ୍ସାକୁ ମଧ୍ୟ ମାଗଣା କରାଯିବ। ରକ୍ତଦାତାଙ୍କ ରକ୍ତରୁ କେବଳ ପ୍ଲେଟ୍‌ଲେଟ୍ କାଢିବା ପାଇଁ ଏହି ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଇଥାଏ। ବିଶେଷକରି କ୍ୟାନସର ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସାର ବହୁଳ ବ୍ୟବହାର କରାଯାଇଥାଏ। ଏହି ଚିକିତ୍ସା ପଦ୍ଧତି ପାଇଁ ରୋଗୀଙ୍କୁ ୧୦ ହଜାର ଟଙ୍କା ୟୁଜର୍ସ ଫି ଆକାରରେ ଦେବାକୁ ପଡ଼ିଥାଏ। ଗତବର୍ଷ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ୨୫ ଜଣ ରୋଗୀଙ୍କ କ୍ଷେତ୍ରରେ ଏହି ଚିକିତ୍ସା କରାଯାଇଛି। ସେହିପରି ଗୁରୁତ୍ୱପୂର୍ଣ୍ଣ ଓପନ ହାର୍ଟ ସର୍ଜରୀକୁ ମଧ୍ୟ ସମ୍ପୂର୍ଣ୍ଣ ମାଗଣା କରାଯିବା ପାଇଁ ସରକାର ଯୋଜନା କରୁଛନ୍ତି। ଓପନ୍ ହାର୍ଟ ସର୍ଜରୀ ପାଇଁ ୟୁଜର୍ସ ଫି ଆକାରରେ ରୋଗୀଙ୍କୁ ୧୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଗତବର୍ଷ ଏସ୍‌ସିବିରେ ୧୫୦ ଜଣ ରୋଗୀଙ୍କ ଓପନ୍ ହାର୍ଟ ସର୍ଜରୀ କରାଯାଇଛି। ତେଣୁ ଉପରୋକ୍ତ ବହୁମୂଲ୍ୟ ଚିକିତ୍ସାଗୁଡ଼ିକୁ ସମ୍ପୂର୍ଣ୍ଣ ମାଗଣା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ପି.କେ. ଦେବତା କହିଛନ୍ତି।

■ ଖଣିଜସମ୍ପଦ ଭରା ୪ ଜିଲାରେ ଉନ୍ନୟନମୂଳକ ପ୍ରକଳ୍ପ

# ୮୯୦୬ କୋଟି ଟଙ୍କା ମଞ୍ଜୁର

## ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକାର୍ଜନ ପାଇଁ ଖର୍ଚ୍ଚ ହେବ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ଖଣିଜସମ୍ପଦଭରା କେନ୍ଦୁଝର, ଯାଜପୁର, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଆଦି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, ଆଦିବାସୀ ଶିକ୍ଷା ଇତ୍ୟାଦି କ୍ଷେତ୍ରରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପଗୁଡିକ ପାଇଁ ଓଡ଼ିଶା ଖଣିଜସମ୍ପଦଭରା ଅଞ୍ଚଳ ଉନ୍ନୟନ ନିଗମ(ଓମ୍‌ବାଡକ୍) ଏବଂ ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ(ଡିଏମ୍‌ଏଫ୍)ର ଓଭରସାଇଟ ଅଥରିଟି ବୁଧବାର ୮୯୦୬ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ବୁଧବାର ରାଜ୍ୟ ଅତିଥି ଭବନରେ ଓଭରସାଇଟ ଅଥରିଟି ବୈଠକ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟ ଦାୟିତ୍ୱରେ ଥିବା ବିଭାଗଗୁଡ଼ିକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସେହି ଅର୍ଥ ଖର୍ଚ୍ଚ କରାଯିବ। ଏହି ଅର୍ଥ ଖଣିଜ ଅଞ୍ଚଳଗୁଡ଼ିକରେ ମେଗା ପାଇପ ଜଳପ୍ରକଳ୍ପ, ପ୍ରତ୍ୟେକ ଘରକୁ ପାନୀୟ ଜଳ, ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟସେବା, ରୋଗ ପରୀକ୍ଷା ବ୍ୟବସ୍ଥାରେ ଉନ୍ନତି, ଜୀବନଧାରଣ ମାନରେ ଉନ୍ନତି, ଦକ୍ଷତା ଏବଂ ବୈଷୟିକ ଶିକ୍ଷା, ପ୍ରଦୂଷଣ ମାତ୍ରା କମ୍ କରିବା, ଉଚ୍ଚଶିକ୍ଷାରେ ଉନ୍ନତି ଆଣିବା କ୍ଷେତ୍ରରେ ଖର୍ଚ୍ଚ କରାଯିବ।

ଏହି ବୈଠକରେ ଓମ୍‌ବାଡକ ଅଧ୍ୟକ୍ଷ ଜଷ୍ଟିସ ଏ.କେ. ପଟ୍ଟନାୟକଙ୍କ ସୁପାରିସ ପ୍ରକଳ୍ପଗୁଡିକର କାର୍ଯ୍ୟକାରୀ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କିଶୋର ଶର୍ମା କହିଥିଲେ, ଯୋଡ଼ା ଓ ବଡ଼ବିଲ ସର୍କଲରେ ଖଣିଜ ପଦାର୍ଥ ପରିବହନ ଧାର୍ଯ୍ୟଲକ୍ଷ୍ୟଠାରୁ କମ୍ ରହିଛି। ୨୦୧୭-୧୮ରେ ଏନ୍‌ଇଇଆରଆଇ ଧାର୍ଯ୍ୟ କରିଥିବା ୧୨୯ ନିୟୁତ ଟନ୍ ବଦଳରେ ଓଡ଼ିଶାରେ ୧୦୨ ନିୟୁତ ଟନ୍ ଖଣିଜ ପଦାର୍ଥ ପରିବହନ କରାଯାଇଛି। ୨୦୧୮-୧୯ରେ ଏନ୍‌ଇଇଆରଆଇ ୧୫୩ ନିୟୁତ ଟନ୍ ଧାର୍ଯ୍ୟ କରିଛି। ତେବେ ଏହି ବର୍ଷ ଧାର୍ଯ୍ୟଲକ୍ଷ୍ୟଠାରୁ କମ ପରିବହନ କରାଯିବ। ଖଣି ଅଞ୍ଚଳ ଓ ପରିବହନ ଅଞ୍ଚଳରେ ହେଉଥିବା ପ୍ରଦୂଷଣକୁ ମାପିବା ପାଇଁ ଅଟୋମେଟିକ ଏୟାର କ୍ୱାଲିଟି ମନିଟରିଂ ସେଣ୍ଟର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ଦେବିଦତ୍ତ ବିଶ୍ୱାଳ ବୈଠକରେ ସୂଚନା ଦେଇଥିଲେ। ଖଣି ଅଞ୍ଚଳରେ ବାୟୁରେ ଧୂଳିକଣା ପ୍ରତି କ୍ୟୁବିକ ମିଟରରେ ୧୦୦ ମାଇକ୍ରୋଗ୍ରାମ୍ ତଳେ ରହୁଛି। ଭଦ୍ରସାହି ଛକ ନିକଟରେ ଧୂଳିର ମାତ୍ରା ନିର୍ଦ୍ଧାରିତ ସୀମାଠାରୁ ଅଧିକ ରହୁଥିବା ସେ ସୂଚନା ଦେଇଥିଲେ। ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସଚିବ, ଅତିରିକ୍ତ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

# ଜଙ୍ଗଲରୁ ମିଳିଲା ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

■ ୨୨ ଦିନ ହେବ ନିଖୋଜ ଥିଲେ

■ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଆର.ଉଦୟଗିରି,୨।୧(ଡି.ଏନ.ଏ.)**

ଗଜପତି ଜିଲା ଆର.ଉଦୟଗିରି ଥାନା ଛେଲିଗଡ଼ରେ ରହି ପାଠ ପଢୁଥିବା ରାମଗିରି ଅଞ୍ଚଳର ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜଙ୍ଗଲରୁ ମିଳିଛି। ନିଖୋଜର ୨୨ଦିନ ପରେ ପାତ୍ରବସା ଜଙ୍ଗଲର ଏକ ଜାମୁଗଛରୁ ତାଙ୍କର ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଝିଅକୁ ବଳାତ୍କାର ପରେ କେହି ମାରି ଟାଙ୍ଗି ଦେଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସଂପୃକ୍ତ ଛାତ୍ରୀ ଅନ୍ୟ ୨ ଛାତ୍ରୀଙ୍କ ସହ ଛେଲିଗଡରେ ଘରଭଡା ନେଇ ରହୁଥିଲେ । ସେ ଗାଁ ନିକଟ ଏକ ସ୍କୁଲରେ ପଢୁଥିଲେ। ଡିସେମ୍ବର ୧୦ରେ ୨ ଛାତ୍ରୀ ସ୍କୁଲକୁ ଯାଇଥିବାବେଳେ ସଂପୃକ୍ତ ଛାତ୍ରୀ ଜଣକ କୌଣସି କାରଣରୁ ମେସ୍‌ରେ ରହିଥିଲେ। ସ୍କୁଲରୁ ଛାତ୍ରୀଦ୍ୱୟ ମେସ୍‌କୁ ଫେରି ସହପାଠିନୀଙ୍କ କୌଣସି ଖୋଜଖବର ନ ପାଇ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଛେଲିଗଡରେ ପହଞ୍ଚି ପଚରାଉଚରା କରିବା ପରେ ଛାତ୍ରୀଜଣକ ଏକ ବସ୍‌ରେ ବସି କେଉଁଆଡେ ଯାଉଥିବା କେତେଜଣ ଗ୍ରାମବାସୀ କହିଥିଲେ। ସେମାନେ ଛାତ୍ରୀଙ୍କୁ ପଚାରିବାରୁ ସେ ଗାଁକୁ ଯାଉଛି ବୋଲି କହିଥିଲେ। ତାଙ୍କର କୌଣସି ଖୋଜଖବର ନ ମିଳିବାରୁ ଗତ ୨୪ ତାରିଖରେ ପରିବାର ଲୋକେ ଆର୍.ଉଦୟଗିରି ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଏନେଇ କୌଣସି ତତ୍ପରତା ଦେଖାଇ ନ ଥିଲା। ବୁଧବାର ସକାଳ ପ୍ରାୟ ୧୦ଟାରେ ପାତ୍ରବସା ଗ୍ରାମର ଜଣେ ମହିଳା ଆର.ଉଦୟଗିରି ଥାନାକୁ ଫୋନ କରି ନିକଟସ୍ଥ ଜଙ୍ଗଲରେ ଥିବା ଏକ ଜାମୁଗଛରେ ଜଣେ ଝିଅର ମୃତଦେହ ଝୁଲୁଥିବା ଜଣାଇଥିଲେ। ପୋଲିସ ଏବଂ ଏସ୍‌ଡିପିଓ ଅନିଲ କୁମାର ପ୍ରଧାନ ମୃତଦେହ ଜବତ କରିଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କେସ ନଂ.୧/୨୦୧୯ ।

ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ରାମଗିରି ଟିଆର କଲୋନୀର ଜଣେ ଯୁବକ ସହ ମୋ ଝିଅର ପ୍ରେମ ସମ୍ପର୍କ ଥିଲା। ସେ ବଳାତ୍କାର କରିବା ପରେ ମୋ ଝିଅକୁ ମାରି ଟାଙ୍ଗି ଦେଇଛନ୍ତି। ମାତ୍ର ପୋଲିସ କହିଛି ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ । ଗତ ୨୪ ତାରିଖରୁ ଏ ନେଇ ଅଭିଯୋଗ ହୋଇଥିଲା । ପୋଲିସ ତଦନ୍ତରେ ଢିଲା ଯୋଗୁ ଏପରି ଘଟିଲା ବୋଲି ନାବାଳିକାଙ୍କ ମାମୁ ଅଭିଯୋଗ କରିଛନ୍ତି।

### ବିଜେଡି ପୋଷ୍ଟରରେ ପୂର୍ତ୍ତ ସଚିବଙ୍କ ଫଟୋ ଲାଗିବା ଘଟଣା

# ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଉଛି ବିଜେଡି: ଭାଜପା

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ବିଜେଡିର ଏକ ପୋଷ୍ଟରରେ ରାଜ୍ୟ ସରକାରଙ୍କ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କ ପୋଷ୍ଟର ଲାଗାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଜେଡି ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ପ୍ରଶାସନକୁ ରାଜନୈତିକ କାର୍ଯ୍ୟରେ ଲଗାଯାଉଛି। ଦଳୀୟ ସମାବେଶରେ ସରକାରୀ ସଚିବଙ୍କ ଫଟୋ ଲଗାଯିବା ଗଣତନ୍ତ୍ରର ହତ୍ୟା ବୋଲି ଭାଜପା ଅଭିଯୋଗ କରିଛି। ବୁଧବାର ଭାଜପା ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି, ପୂର୍ତ୍ତ ସଚିବ ଏବେ ବିଜେଡିର ଟ୍ରେଜେରର୍‌ଭାବେ କାର୍ଯ୍ୟ କରୁଛନ୍ତି। ଦକ୍ଷତା ନୁହେଁ ବରଂ ଡିଲ୍ ମାଧ୍ୟମରେ ଏବଂ କଳାପାହାଡମାନଙ୍କ ସହାୟତାରେ ୨୦୧୩ରେ ୨୨ ଜଣ ମୁଖ୍ୟଯନ୍ତ୍ରୀଙ୍କୁ ଉପେକ୍ଷା କରାଯାଇ ନଳିନୀ ପ୍ରଧାନଙ୍କୁ ପୂର୍ତ୍ତ ବିଭାଗର ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ୨୦୧୮ରେ ଅବସର ନେବାପରେ ସରକାର ପୁଣିଥରେ ନଳିନୀଙ୍କ ଚାକିରି ଅବଧିକୁ ବର୍ଷେ ବଢାଇ ନିଜ ଦଳୀୟ କାର୍ଯ୍ୟରେ ଲଗାଯାଉଛନ୍ତି। ରାଜ୍ୟରେ ଅନେକ ଦକ୍ଷ ସଚିବ ଥିବା ସତ୍ତ୍ୱେ ନଳିନୀଙ୍କୁ କାହିଁକି ଏତେ ଗୁରୁତ୍ୱ ଦିଆଯାଉଛି ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପୀତାମ୍ବର ପ୍ରଶ୍ନ କରିଛନ୍ତି। ନଳିନୀ ପୂର୍ତ୍ତ ସଚିବ ଦାୟିତ୍ୱରେ ଥିବା ବେଳେ ୮ରୁ ଅଧିକ ପୋଲ ଭୁଶୁଡି ରେକର୍ଡ ସୃଷ୍ଟି କରିଛି । ଖୋଦ୍ ରାଜଧାନୀ ଭୁବନେଶ୍ୱରର ବମିଖାଲ ଫ୍ଲାଏଓଭର ଦୁଇଥର ଭୁଶୁଡିବା ନଳିନୀଙ୍କ ଦକ୍ଷତାକୁ ସ୍ପଷ୍ଟ କରୁଛି। ବମିଖାଲ ଫ୍ଲାଏଓଭର କରୁଥିବା ପଣ୍ଡା ଇନ୍ଫ୍ରା ସହ ଶାସକ ଦଳର ନେତା ଓ ସଚିବ ମିଶି ଯୌଥ ବ୍ୟବସାୟ କରୁଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ନଳିନୀଙ୍କ ମାଧ୍ୟମରେ ନିର୍ବାଚନୀ ପାଣ୍ଠି ଆଦାୟ କରାଯାଉଛି ଏହାକୁ ରାଜ୍ୟବାସୀ ବୁଝିଲେଣି ବୋଲି ପୀତାମ୍ବର କହିଛନ୍ତି । ଏନେଇ ବିଜେଡି ମୁଖପାତ୍ର ସମୀର ଦାଶ କହିଛନ୍ତି, ଏହି କଥା ସାମ୍ନାକୁ ଆସିବାପରେ ଖୋଦ୍ ପୂର୍ତ୍ତ ସଚିବ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆମେ ଭାବୁଛୁ ବିରୋଧୀ ଜାଣିଶୁଣି ଏପରି କରିଥାଇପାରନ୍ତି।

# ପ୍ରତିଦିନି ରିପୋର୍ଟ ଦେଉଛୁ: ପୁରୀ ଭାଜପା ସଭାପତି

**ଭୁବନେଶ୍ୱର,୨।୧(ବ୍ୟୁରୋ)**

'ପୁରୀ ଜିଲାରେ ଭାଜପାରେ କାର୍ଯ୍ୟକଳାପ ନେଇ କେନ୍ଦ୍ରୀୟ କାର୍ଯ୍ୟାଳୟକୁ ପ୍ରତିଦିନ ରାତି ୧୦ଟା ପରେ ରିପୋର୍ଟ ପଠାଉଛୁ। ବିଶେଷ କରି ପୁରୀ ଲୋକ ସଭା ଅଧୀନରେ ଆସୁଥିବା ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଏବଂ ପିପିଲି ବିଧାନସଭା ନିର୍ବାଚନମଣ୍ଡଳୀରେ କି କାର୍ଯ୍ୟ ଚାଲିଛି, ତାହାର ରିପୋର୍ଟ ପ୍ରଦାନ କରାଯାଉଛି। ଏହି ସବୁକୁ ଅନୁଧ୍ୟାନ କଲେ ପ୍ରଧାନମନ୍ତ୍ରୀ ମୋଦି ପୁରୀରୁ ଲଢିବା ଏକ ପ୍ରକାର ଫାଇନାଲ ଲାଗୁଛି'। ଏହି କଥା କହିଛନ୍ତି ପୁରୀ ଜିଲା ଭାଜପା ସଭାପତି ପ୍ରଭଞ୍ଜନ ମହାପାତ୍ର। ଯାହାକୁ ନେଇ ପୁରୀ ଏବଂ ରାଜ୍ୟ ରାଜନୀତିରେ ବିଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ପୁରୀର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀକୁ ବାଦ୍ ଦେଇ ନୟାଗଡ, ରଣପୁର ଏବଂ ଚିଲିକା ମଧ୍ୟ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ଆସୁଛି। ଚିଲିକାରେ ଭାଜପାର ବିଧାୟକ ଥିବାବେଳେ ରଣପୁରରେ ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ନୟାଗଡରେ ୨୦୧୪ରେ ଦ୍ୱିତୀୟ ସ୍ଥାନରେ ଥିବା କଂଗ୍ରେସ ନେତା ଲାଲା ମନୋଜ ରାୟ ବର୍ତ୍ତମାନ ଭାଜପାରେ ଅଛନ୍ତି। ତେଣୁ ଏହି ସବୁ ସିଟ୍‌ରେ ଭାଜପା ଉତ୍ତମ ପ୍ରଦର୍ଶନ କରିବ ବୋଲି ଦଳୀୟ ନେତୃତ୍ୱ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ସିରିଆ ସଂଘର୍ଷରେ ୧୯ ମୃତ

**ବିରୁଟ୍,୨।୧(ଏଏଫ୍‌ପି):** ଉତ୍ତର ସିରିଆରେ ଜିହାଦୀ ଏବଂ ବିଦ୍ରୋହୀଙ୍କ ମଧ୍ୟରେ ସଂଘର୍ଷ ଘଟି ୧୯ ଜଣଙ୍କ ମୃତ୍ୟୁ ହୋଇଛି। ଅଲ୍‌କାଏଦା ସହ ସଂପୃକ୍ତ ହାୟତ ତହରିର ଅଲ-ଶାମ (ଏଚଟିଏସ୍) ସହ ବିଦ୍ରୋହୀ ଗୋଷ୍ଠୀର ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ୧୨ ଏଚଟିଏସ୍ ଯୋଦ୍ଧା ନିହତ ହୋଇଥିବାବେଳେ ଜିଙ୍କି ଗ୍ରୁପ୍‌ର ୫ ଜଣ ଏବଂ ଅନ୍ୟ ୨ ଜଣ ସାଧାରଣ ଜନତା ନିହତ ହୋଇଛନ୍ତି। ଏହି ସଂଘର୍ଷରେ ଅନ୍ୟ ୩୫ ଜଣ ଆହତ ହୋଇଛନ୍ତି।










# କିଷନକୁମାର ପୂର୍ଣ୍ଣକାଳୀନ ସମବାୟ ସଚିବ

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ଆଇଏଏସ୍ ଅଧିକାରୀ କିଷନ କୁମାର ପୂର୍ଣ୍ଣକାଳୀନ ସମବାୟ ସଚିବ ଭାବେ କାର୍ଯ୍ୟ କରିବେ। କିଛିଦିନ ପୂର୍ବେ ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପଦରୁ ଅବ୍ୟାହତି ଦିଆଯାଇଥିଲା। ପୂର୍ବ ସମବାୟ ସଚିବ ରଞ୍ଜନା ଚୋପ୍ରା ଛୁଟିରେ ଥିବାରୁ କିଛିଦିନ ପାଇଁ କୃଷି ସଚିବ ସୌରଭ ଗର୍ଗଙ୍କୁ ଉକ୍ତ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପରେ ଏହି ଅତିରିକ୍ତ ଦାୟିତ୍ୱ କିଷନ କୁମାରଙ୍କୁ ପ୍ରଦାନ କରାଯାଇଥିଲା। ଯାହାକୁ ଏବେ ପୂର୍ଣ୍ଣକାଳୀନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'କାଳିଆ' ଯୋଜନାର ସଫଳ ରୂପାୟନ ପାଇଁ ତାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ସେହିପରି କିଷନ କୁମାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ର ଉପାଧ୍ୟକ୍ଷ ଏବଂ ସ୍ମାର୍ଟ ସିଟି ଲିଃର ଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଚଳିତ ବର୍ଷ ମାର୍ଚ୍ଚ ୨୨ ପର୍ଯ୍ୟନ୍ତ ରଞ୍ଜନା ଛୁଟିରେ ଥିବା ଜଣାପଡିଛି। ନିକଟରେ ତାଙ୍କର ପଦୋନ୍ନତି ହୋଇଥିବାରୁ ମଙ୍ଗଳବାର ଅର୍ଥାତ ଜାନୁୟାରୀ ୧'ରେ ରଞ୍ଜନା ଦିନକ ପାଇଁ କାର୍ଯ୍ୟରେ ଯୋଗ ଦେଇଥିଲେ। ଏହା ପରେ ପୁନଶ୍ଚ ୨ରୁ ସେ ଛୁଟିରେ ରହିବେ ବୋଲି ଜଣାପଡିଛି। ସମବାୟ ସଚିବ ପଦରୁ ଅବ୍ୟାହତି ନେବା ପରେ ରଞ୍ଜନା ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ(ଜିଏଏ)ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବେ ବୋଲି ସାଧାରଣ ପ୍ରଶାସନ(ଜିଏ) ବିଭାଗ ସୂତ୍ରରୁ ପ୍ରକାଶ।










# ଖଟିରେ ଖଟିରେ...

## ନାଁ ଯାଉଛି

କେତେ ଲଡୁ ଖାଇବା କଥା ଖାଇଯାଅ, ଏଥର ଆଉ ତୁମ ଖେଳ ନ ଚାଲେ। ଟିକେ କ'ଣ ହେଲାମାନେ ମାଳ, ତୋଡା, ଧୂପ ନେଇ କ'ଣ ଧାଇଁ ଆସୁଛ ମୁଖିଆଙ୍କୁ ବନ୍ଦେଇବ ବୋଲି, ସେସବୁ ଛାଡ଼। କାହିଁକି ନା ଆଗକୁ ନା ଇଏ ଆଉ ତୁମ ମୁଖିଆ ଥିବେ ନା ତୁମର ରଙ୍ଗ ଦେଖିବାକୁ ପଡ଼ିବ। ଏମିତିରେ ବି ତ ଆଉ କିଛିଦିନ କଥା, ଏ ରଙ୍ଗ ଆଉ ତୁମର ନ ଥିବ। ତୁମେଗୁଡା ଏଠି ସରକାରୀ ଚାକିରି ଖଣ୍ଡେ ଖଣ୍ଡେ କରି ଫୁଲ, ଧୂପ ଧରି ଧାଇଁ ଆସୁଛ ନେତାମାନଙ୍କ ସେବା କରିବାକୁ। ଯଦି ଏତେ ନୂଆ ବରଷର ଶୁଭେଚ୍ଛା ଜଣାଇବାକୁ ଇଚ୍ଛା ଯାଉନା ଜଗନ୍ନାଥ କି ମହାଦେବଙ୍କୁ ଫୁଲ ଦେଇ ପୂଜା କରି ଆସିବ, ତୁମ ପିଲାମାନେ ହେଲେ କିଛି ଶିଖିବେ। ଆମ ରାଇଜ ମୁଖିଆଳୟରେ ଜଣେ ମନ୍ତ୍ରୀ ମହାଶୟଙ୍କ କକ୍ଷ ଆଗରେ ସରକାରୀ ବାବୁମାନଙ୍କ ଲମ୍ବା ଧାଡ଼ି ଲାଗିଥାଏ। ସେଠାରେ ଥିବା ଅଧିକାଂଶଙ୍କ ହାତରେ ଖାଲି ନାଲି ଗୋଲାପ ଫୁଲ ତୋଡ଼ା ରହିଥାଏ। ଏମିତି ଗହଳି ଯେ, ଯା' ଆସ ପାଇଁ ବି ରାସ୍ତା ନ ଥାଏ। ଜଣେ ସରକାରୀ ବାବୁ ଯିବାକୁ ଚାହିଁଲା ବେଳକୁ ଏତେ ଗହଳି ଯେ, ଯାଇପାରୁ ନ ଥିଲେ। ସେଥିରୁ ତାଙ୍କର ଜଣେ ସରକାରୀ ବନ୍ଧୁଙ୍କ ହାତରେ ଫୁଲତୋଡା ଦେଖି ତାଙ୍କୁ ଆଡୁସାଡୁ କରି ବହେ ଶୁଣେଇଦେଲେ। ଶେଷରେ କହିଦେଲେ, ମନ୍ତ୍ରୀଙ୍କୁ ଯଦି ଫୁଲ ତୋଡା ଖଣ୍ଡେ ଖଣ୍ଡେ ନ ଦବ ତୁମ ପିଲାମାନେ ବଡ ସ୍କୁଲ, କଲେଜରେ ମାଗଣା ପାଠ ପଢ଼ିବେ କେମିତି। ତୁମ କେତେଟାଙ୍କ ପାଇଁ ଆମ ଜାତିଟାର ନାଁ ଯାଉଛି।

## ସମ୍ଭାଳିବ ତ

ନୂଆ ବରଷରୁ ରାଜନୀତି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜଧାନୀ ଭୁବନେଶ୍ୱର ଖଟିଗୁଡାକ ଏହି ଚର୍ଚ୍ଚାରୁ ବାଦ୍ ଯିବ ବା କିପରି। ମାଉସୀମା ଛକ ଓମ୍‌ଫେଡ ଚା' ଦୋକାନ ଖଟିରେ ପାପୁଲି ଦଳର ଚର୍ଚ୍ଚା ବେଶି। ନୂଆ ବରଷ ସକାଳୁ ଜଣେ ଖଟି ମେମ୍ବର କହିଲେ, ପବନ କରି ପାପୁଲି ମୁଖିଆ ବର୍ଷଟାକୁ ପାରି ହୋଇଗଲେ। ଏହା ସହଜେ ପାପୁଲି ବାଲାଙ୍କ ଦେହରେ ଯିବ କେମିତି। ସେଠାରେ ଉପସ୍ଥିତି ଥିବା ପାପୁଲି ଦଳିଆଟି କହିଲା, କ'ଣ ପବନ କଲେ କିଓ। ସେ କ'ଣ କଥା ସମ୍ରାଟଙ୍କଠାରୁ ଅଧିକ ପବନ କରନ୍ତି। ଉତ୍ତର ମିଳିଲା- କହିଥିଲେ ଆଗୁଆ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ଜୁଲାଇ, ଅଗଷ୍ଟ ସରକି ଡିସେମ୍ବର ସରିଗଲାଣି। ଆସିକି ଜାନୁୟାରୀ ମାସ ହେଲାଣି, କାହିଁକି ପ୍ରାର୍ଥୀ ତାଲିକା ଘୋଷଣା କରୁନାହାନ୍ତି। ଏକଥା ଶୁଣି ପୁନଶ୍ଚ ପାପୁଲି ଦଳିଆ କହିଲା, ଆରେ ଏମିତି ତାଲିକା କଥା କହିଲେ, ସବୁ ଆଶାୟୀ ବାନ୍ଧି ହୋଇ ରହିବେ, ଏପଟ ସେପଟ ହେବେ ନାହିଁ। ତେଣୁ ଘୋଷଣା କରୁନାହାନ୍ତି। ନିର୍ବାଚନ ପାଖେଇଲେ ଠିକ୍ ଲୋକକୁ ପ୍ରାର୍ଥୀ କରାଯିବ। ଏକଥା ଶୁଣି ପ୍ରଶ୍ନ ପଚାରିଥିବା ବ୍ୟକ୍ତି କହିଲେ, ଠିକ୍ ଲୋକଙ୍କୁ ବାହାଘର ବେଳେ ଟିକେଟ୍ ଦେବେ। ଆଉ ଭୁଲ୍ ଲୋକମାନେ ଯେଉଁ କାମ କରିବେ, ତାକୁ ସମ୍ଭାଳିବ ତ।

## ଭାରତୀୟ ଡ୍ରୋନକୁ ଖସାଇଥିବା ଦାବିକଲା ପାକ୍

**ଇସ୍‌ଲାମାବାଦ,୨।୧:** ନିୟନ୍ତ୍ରଣ ରେଖା ଅତିକ୍ରମ କରି ବାଗ୍ ସେକ୍ଟରରେ ଉଡୁଥିବା ଭାରତର ଏକ ଗୁପ୍ତଚର ଡ୍ରୋନକୁ ପାକିସ୍ତାନ ସୈନ୍ୟବାହିନୀ ଖସାଇଦେଇଥିବା ଦାବି କରିଛି। ପାକିସ୍ତାନର ଏହି ଦାବିକୁ ଭାରତୀୟ ସେନା ଅଗ୍ରାହ୍ୟ କରିଦେଇଛି। ପାକ୍ ସୈନ୍ୟବାହିନୀ ଜନସମ୍ପର୍କ ବିଭାଗର ମହାନିର୍ଦ୍ଦେଶକ ମେଜର ଜେନେରାଲ ଅସିଫ ଗଫୁର ଟ୍ୱିଟ୍ କରି ଏହା ଜଣାଇବା ସହ ଡ୍ରୋନ୍‌ର ଏକ ଫଟୋ ଛାଡିଛନ୍ତି। ପାକିସ୍ତାନର ଅଭିଯୋଗକୁ ଭାରତ ପକ୍ଷରୁ ଖଣ୍ଡନ କରାଯାଇଛି। ଏଭଳି କିଛି ଏଲ୍‌ଓସିରେ ଘଟି ନଥିବା ସେନାବାହିନୀ ପକ୍ଷରୁ କୁହାଯାଇଛି।






# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩/୨୦୧୯ | Sambalpur, Thursday, January 3/ 2019 | ପୃଷ୍ଠା-୧




**ଦେବାଶିଷଙ୍କ ସ୍ମରଣୀୟ ଶତକ**

ଦେବାଶିଷ ସାମନ୍ତରାୟଙ୍କ ଶତକ ସହାୟତାରେ ଓଡ଼ିଶା ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ।

୧୩

୧୦

**ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂରେ ପ୍ରଭାବିତ ସାରା**

ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ ନବାଗତ ଅଭିନେତ୍ରୀ ସାରା ଅଲି ଖାଁ। ଏଥିପାଇଁ ସେ ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ଶତମୁଖ।



# ଲୋକ ସଭାରେ ରାଫାଲ ଝଡ଼

ନୂଆଦିଲ୍ଲୀ,୨।୧(ପି.ଟି./ଆଇଏଏନ୍‌ଏସ୍)

ରାଫାଲ ଚୁକ୍ତି ଦୁର୍ନୀତିକୁ ନେଇ ଲୋକ ସଭାରେ ବୁଧବାର ଝଡ଼ ଦେଖିବାକୁ ମିଳିଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରାଫାଲ ଚୁକ୍ତି ସମ୍ପର୍କିତ ଗୋଆର ଜଣେ ମନ୍ତ୍ରୀଙ୍କ ଅଡିଓ ଟେପ୍ ଗୃହରେ ବଜାଇବା ପାଇଁ ଅନୁମତି ମାଗିଥିଲେ। ହେଲେ ବାଚସ୍ପତି ସୁମିତ୍ରା ମହାଜନ ଏଥିଲାଗି ଅନୁମତି ଦେଇ ନ ଥିଲେ। ଏହାକୁ ନେଇ ଏନ୍‌ଡିଏ ସରକାର ଉପରେ ରାହୁଲ ବର୍ଷିଥିଲେ। ସେପଟେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସରକାରଙ୍କ ପକ୍ଷରୁ ଜବାବ ରଖି ରାହୁଲଙ୍କ କଡ଼ା ମୁକାବିଲା କରିଥିଲେ। ରାହୁଲ ଏନ୍‌ଡିଏକୁ ବଦନାମ କରିବାର ପାଇଁ ବାରମ୍ବାର ମିଛର ଆଶ୍ରୟ ନେଉଥିବା ଜେଟ୍‌ଲୀ ଅଭିଯୋଗ ଆଣିଥିଲେ।

ରାହୁଲ ଲୋକ ସଭାରେ ରାଫାଲ ଚୁକ୍ତି ସମ୍ପର୍କିତ ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ, ପାର୍ଲାମେଣ୍ଟକୁ ଆସି ରାଫାଲ ପ୍ରସଙ୍ଗରେ ପ୍ରଶ୍ନର ଉତ୍ତର ଦେବାକୁ ମୋଦିଙ୍କ ସତ୍‌ସାହସ ନାହିଁ। ଏଥିପାଇଁ ମୋଦି ନିଜ ରୁମ୍‌ରେ ଲୁଚିଛନ୍ତି। ନୂଆବର୍ଷରେ ମୋଦି ଏକ ସାକ୍ଷାତ୍‌କାରରେ କହିଥିଲେ ଯେ, ତାଙ୍କ ବିରୋଧରେ କୌଣସି ବ୍ୟକ୍ତିଗତ ଅଭିଯୋଗ ନାହିଁ। ସାରା ଦେଶ ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ପ୍ରଶ୍ନ କରୁଥିବାରୁ ମୋଦିଙ୍କ ଏହି କଥାରେ ସତ୍ୟତା ନାହିଁ ବୋଲି ରାହୁଲ ତାକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଏକ ସୁପରିକଳ୍ପିତ ସାକ୍ଷାତ୍‌କାର ମୋଦି ୯୦ ମିନିଟ ଧରି କହିଥିଲେ। କିନ୍ତୁ ସେ ରାଫାଲ ସମ୍ପର୍କିତ ପ୍ରଶ୍ନର ଉତ୍ତର ଦେଇ ନ ଥିଲେ। ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ୧୬୦୦ କୋଟି ଟଙ୍କାର ନୂଆ ମୂଲ୍ୟକୁ ବିରୋଧ କରିଥିବା କଥାରେ କିଛି ସତ୍ୟତା ନାହିଁ। ମୋଦି ତାଙ୍କର 'ପ୍ରିୟ ବନ୍ଧୁ' ଏବଂ ବିଫଳ ବ୍ୟବସାୟୀ' ଅନିଲ ଅମ୍ବାନୀଙ୍କୁ ଅନୁକମ୍ପା ଦେଖାଇଛନ୍ତି। ଗୋଆର ଜଣେ ମନ୍ତ୍ରୀ ରାଫାଲ ପ୍ରସଙ୍ଗରେ କହୁଥିବାବେଳର ଅଡିଓ ଟେପ୍ ଅଛି। ତାକୁ ଗୃହରେ ବଜାଇବାକୁ ଅନୁମତି ଦିଆଯାଉ ବୋଲି ରାହୁଲ କହିଥିଲେ। ଏହାସହ ରାହୁଲ ନିଜ ମୋବାଇଲ କାଢ଼ି ଟେପ୍ ବଜାଇବାକୁ ବାହାରିବାରୁ ଶାସକ ଦଳର ସଦସ୍ୟମାନେ ହୋହଲ୍ଲା କରିଥିଲେ।

ସେପଟେ ରାହୁଲଙ୍କୁ ଜବାବ ଦେବା ପାଇଁ ଅଣ୍ଟା ଭିଡ଼ିଥିଲେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ। ରାହୁଲ ଉକ୍ତ ଟେପ୍‌କୁ ସତ ବୋଲି ପ୍ରମାଣିତ କରିପାରିବେ କି ବୋଲି ଜେଟ୍‌ଲୀ ପ୍ରଶ୍ନ କରିଥିଲେ। ହେଲେ ରାହୁଲ ଏପରି କରିବେ ନାହିଁ ବୋଲି କହିଥିଲେ। ଫଳରେ ଜେଟ୍‌ଲୀ କହିଥିଲେ, ରାହୁଲ ଏହା ମିଛ ବୋଲି ଜାଣିଛନ୍ତି। ତେଣୁ ସେ ଏହାକୁ ସତ ବୋଲି ପ୍ରମାଣିତ କରିବାକୁ ଭୟ କରୁଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ ରାଫାଲର ମୂଲ୍ୟ ପ୍ରଘଟ କରିବା ପରେ ରାହୁଲ ଏକ ବାର୍ତ୍ତାଳାପର ଟେପ୍ ବଜାଇବାକୁ ଉଦ୍ୟମ କରୁଛନ୍ତି, ☞ପୃଷ୍ଠା-୨

- ରାହୁଲ-ଜେଟ୍‌ଲୀ ବାକ୍‌ଯୁଦ୍ଧ
- ଗୋଆ ମନ୍ତ୍ରୀଙ୍କ ଅଡିଓ ଟେପ୍ ବଜାଇବାକୁ ରାହୁଲଙ୍କୁ ମିଳିଲାନି ଅନୁମତି
- ଜେପିସି ତଦନ୍ତ ଦାବିରେ କଂଗ୍ରେସ ଅଟଳ
- ବାଚସ୍ପତିଙ୍କ ଆସନକୁ କାଗଜ ରକେଟ୍ ଫିଙ୍ଗିଲେ କଂଗ୍ରେସ ସଦସ୍ୟ



## ୨୬ ଏମ୍‌ପି ନିଲମ୍ବିତ

- ଏଆଇଏଡିଏମ୍‌କେ, ଟିଡିପି ଏମ୍‌ପିଙ୍କ ବିଶୃଙ୍ଖଳିତ ଆଚରଣ
- ଗୃହରୁ ୫ କାର୍ଯ୍ୟଦିବସ ପାଇଁ ନିଲମ୍ବନ କଲେ ବାଚସ୍ପତି

ନୂଆଦିଲ୍ଲୀ,୨।୧(ଆଇଏଏନ୍‌ଏସ୍)

ଲୋକ ସଭାରେ ବିଶୃଙ୍ଖଳିତ ଆଚରଣ ପାଇଁ ବୁଧବାର ବାଚସ୍ପତି ସୁମିତ୍ରା ମହାଜନ ୨୬ ସଦସ୍ୟଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତ ଏମ୍‌ପିମାନେ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ) ଏବଂ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ସଦସ୍ୟ। ଏହି ଏମ୍‌ପିମାନେ ପୋଡିୟମ୍ ନିକଟକୁ ଯାଇ କାଗଜ ଚିରିବା ସହ ବାଚସ୍ପତିଙ୍କ ଆସନ ଆଡକୁ ଫିଙ୍ଗିଥିଲେ। ତେଣୁ ବାଚସ୍ପତି ସେମାନଙ୍କୁ ୫ଟି କାର୍ଯ୍ୟଦିବସ ପାଇଁ ଗୃହରୁ ଅନ୍ତର କରିବା ଲାଗି ଏଭଳି କାର୍ଯ୍ୟାନୁଷ୍ଠାନ ନେଇଛନ୍ତି।

କର୍ଣାଟକର କାବେରୀ ନଦୀ ଉପରେ ଏକ ଡ୍ୟାମ୍ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି। ତାମିଲନାଡୁର ଶାସକ ଏଆଇଏଡିଏମ୍‌କେ ସଦସ୍ୟମାନେ ଲୋକ ସଭାରେ ଏହାର ପ୍ରତିବାଦ କରିଥିଲେ। ☞ପୃଷ୍ଠା-୨

## ଖୋଳାନଦୀରେ ଡଙ୍ଗା ବୁଡ଼ି ଜଣେ ମୃତ, ୭ ନିଖୋଜ

**ହୁକିଟୋଲାରୁ ବଣଭୋଜି କରି ଫେରିବା ବେଳେ ଦୁର୍ଘଟଣା**

ମହାକାଳପଡା/ପାରାଦୀପ/କୁଜଙ୍ଗ ୨।୧(ଡିଏନଏ/ସ୍ୱ.ପ୍ର.)

କେନ୍ଦ୍ରାପଡା ଜିଲା ମହାକାଳପଡା ବ୍ଲକ ବତୀଘର ପଞ୍ଚାୟତର ନିପାଣିଆ ଗ୍ରାମ ପାଖ ଦେଇ ପ୍ରବାହିତ ମହାନଦୀର ଶାଖା ଖୋଳାନଦୀ ବାଲିଘାଟ ଠାରେ ବୁଧବାର ସନ୍ଧ୍ୟା ସାଢେ ୭ଟାରେ ଏକ ଡଙ୍ଗା ବୁଡିଯାଇଛି । ଫଳରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ନିଖୋଜ ଅଛନ୍ତି । ନିଖୋଜଙ୍କ ମଧ୍ୟରେ ୫ ଜଣ ଶିଶୁ ଅଛନ୍ତି । ମୃତ ମହିଳା ହେଲେ ପ୍ରଭାତି ସ୍ୱାଇଁ (୩୫)। ଏହି ଖବର ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ଜମିଛି । ପ୍ରଶାସନ ପକ୍ଷରୁ ଦୁଇଟି ଟିମ୍ ଚଉମୁହାଣି ଠାରୁ ଉଦ୍ଧାର ନିମନ୍ତେ ଘଟଣାସ୍ଥଳକୁ ଯାଇଛନ୍ତି । ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ତିନୋଟି ଡଙ୍ଗା ନେଇ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ଏଥିସହିତ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲା ପ୍ରଶାସନ ଓ ଓଡ୍ରାଫ ଟିମ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ପ୍ରକାଶ ଯେ, ବୁଧବାର ନୂଆବର୍ଷ ଅବସରରେ ବଣଭୋଜି କରିବା ପାଇଁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ହସିଣା ଗ୍ରାମର ୪୫ ପରିବାରର ପ୍ରାୟ ୫୫ ଜଣ ଏକ ଡଙ୍ଗାରେ କେନ୍ଦ୍ରାପଡା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହୁକିଟୋଲାକୁ ବୁଲିବାକୁ ଯାଇଥିଲେ । ସେମାନେ ହୁକିଟୋଲା ଜେଟିରୁ ସନ୍ଧ୍ୟା ୬ଟାରେ ଡଙ୍ଗାରେ ଫେରୁଥିଲେ । ମାତ୍ର ଖୋଳାନଦୀ ଦେଇ ଫେରିବା ବେଳେ ନିପାଣିଆ ଗ୍ରାମର ବାଲିଘାଟ ବାଙ୍କମୁଣ୍ଡରେ ପାରାଦୀପ ପଟୁ ଆସୁଥିବା ଏକ ଡଙ୍ଗା ନିକଟତର ହେବାରୁ ଦୁର୍ଘଟଣା ଭୟରେ ଯାତ୍ରୀମାନେ ଡଙ୍ଗାର ଗୋଟିଏ ପାର୍ଶ୍ୱକୁ ଚାଲି ଯାଇଥିଲେ । ଏହି ସମୟରେ ଉଚ୍ଚ ଜୁଆର ☞ପୃଷ୍ଠା-୨

## ୩ ବ୍ୟାଙ୍କ ମିଶ୍ରଣକୁ କ୍ୟାବିନେଟ ମଞ୍ଜୁରୀ

- ଗଠନ ହେବ ତୃତୀୟ ସର୍ବବୃହତ ବ୍ୟାଙ୍କ

ନୂଆଦିଲ୍ଲୀ,୨।୧

କେନ୍ଦ୍ର କ୍ୟାବିନେଟ ବ୍ୟାଙ୍କ ଅଫ୍ ବରୋଦା(ବିଓବି)ରେ ବିଜୟା ବ୍ୟାଙ୍କ ଏବଂ ଦେନା ବ୍ୟାଙ୍କର ମିଶ୍ରଣକୁ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ବୈଠକ ଶେଷରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ମିଶ୍ରଣ ପରେ ଏସ୍‌ବିଆଇ ଓ ଆଇସିଆଇସିଆଇ ବ୍ୟାଙ୍କ ପରେ ଦେଶର ତୃତୀୟ ସର୍ବବୃହତ ବ୍ୟାଙ୍କ ହେବ। ବ୍ୟାଙ୍କିଙ୍ଗ ସେକ୍ଟରରେ ଚାଲିଥିବା ସଂସ୍କାରମୂଳକ କାର୍ଯ୍ୟକ୍ରମ ଅଧୀନରେ ସରକାର ଉକ୍ତ ପଦକ୍ଷେପ ନେଇଛନ୍ତି। ବ୍ୟାଙ୍କ ଅଫ୍ ବରୋଦାକୁ ବିଶ୍ୱ ସ୍ତରରେ ଋଣ ପ୍ରଦାନ କ୍ଷେତ୍ରରେ ପ୍ରତିଯୋଗିତାମୂଳକ କରିବା ଲାଗି ପ୍ରୟାସ କରାଯାଉଛି। ତେବେ ଏହି ମିଶ୍ରଣ ଯୋଗୁ କୌଣସି କର୍ମଚାରୀଙ୍କୁ ଛଟେଇ କରାଯିବ ନାହିଁ। ବରଂ ଦେନା ଓ ବିଜୟା ବ୍ୟାଙ୍କର କର୍ମଚାରୀଙ୍କୁ ବ୍ୟାଙ୍କ ଅଫ୍ ବରୋଦା ବ୍ୟାଙ୍କରେ ସ୍ଥାନାନ୍ତର କରାଯିବ। ଅନ୍ୟପକ୍ଷରେ ଏହି ମିଶ୍ରଣ ଯୋଗୁ ଶେୟାର ଅଦଳବଦଳ ଅନୁପାତକୁ ବିଓବି ଚୂଡାନ୍ତ ରୂପ ଦେଇଛି। ମିଶ୍ରଣ ଯୋଜନାନୁଯାୟୀ ବିଜୟା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାର ବଦଳରେ ବିଓବିର ୪୦୨ ଶେୟାର ମିଳିବ। ସେହିପରି ଦେନା ବ୍ୟାଙ୍କର ପ୍ରତ୍ୟେକ ୧୦୦୦ ଶେୟାରଧାରକଙ୍କୁ ବିଓବିର ୧୧୦ ଶେୟାର ଦିଆଯିବ। ଅନ୍ୟପକ୍ଷରେ ସରକାରଙ୍କ ଏହି ପଦକ୍ଷେପକୁ ବ୍ୟାଙ୍କ କର୍ମଚାରୀ, ଅଧିକାରୀ ବିରୋଧ କରିଛନ୍ତି। ସେମାନେ ଗତବର୍ଷ ଡିସେମ୍ବର ୨୧ରେ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ମଧ୍ୟ ଦେଇଥିଲେ।

## ସଚିନଙ୍କ କୋଚ୍ ଆଚରେକରଙ୍କ ପରଲୋକ



ମୁମ୍ବାଇ, ୨।୧(ପି.ଟି.)

ଭାରତୀୟ କ୍ରିକେଟରେ ଦ୍ରୋଣାଚାର୍ଯ୍ୟ ଭାବେ ପରିଚିତ ତଥା ଭାରତ ରତ୍ନ ସଚିନ ତେନ୍ଦୁଲକରଙ୍କ କୋଚ୍ ରମାକାନ୍ତ ଆଚରେକରଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ପକ୍ଷରୁ ପ୍ରକାଶ କରାଯାଇଛି। ସଚିନଙ୍କ ଆଦ୍ୟଗୁରୁ ଭାବେ ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ୧୯୯୦ରେ ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇବା ସହ ୨୦୧୦ରେ 'ପଦ୍ମଶ୍ରୀ' ସମ୍ମାନରେ ସମ୍ମାନିତ ହୋଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ପରି ତାଙ୍କ ଶିଷ୍ୟ ତାଲିକା ବେଶ୍ ଲମ୍ବା। ଆଚରେକରଙ୍କ ବିୟୋଗରେ କ୍ରିକେଟ ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ବିୟୋଗରେ ସବୁଠାରୁ ଅଧିକ ବ୍ୟଥିତ ହୋଇଛନ୍ତି ବିଶ୍ୱ ରେକର୍ଡଧାରୀ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର।

(ଅଧିକ ରିପୋର୍ଟ ଓ ଫଟୋ ଖେଳ ପୃଷ୍ଠାରେ)



" କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ଶିଖିଥିଲି, ସେ ପ୍ରସ୍ତୁତ କରିଥିବା ଭିତ୍ତି ଉପରେ ମୁଁ ଆଜି ଦଣ୍ଡାୟମାନ ହୋଇ ସଫଳତା ଅର୍ଜନ କରିପାରିଛି । ଜଣେ ଶିଷ୍ୟଭାବେ ଆଚରେକରଙ୍କ ଜୀବନର ଏକ ଅଂଶବିଶେଷ ହୋଇଥିବାରୁ ମୁଁ ଗର୍ବିତ।

-ସଚିନ ତେନ୍ଦୁଲକର

## ସାବରିମାଲା ମନ୍ଦିରରେ ୨ ମହିଳାଙ୍କ ପ୍ରବେଶ

ସାବରିମାଲା/ଥିରୁଭାନନ୍ତପୁରମ୍,୨।୧(ପି.ଟି.)

କେରଳର ଭଗବାନ ଆୟାପ୍ପାଙ୍କ ସାବରିମାଲା ମନ୍ଦିରରେ ବୁଧବାର ୫୦ ବର୍ଷରୁ କମ୍ ବୟସର ୨ ମହିଳା ପ୍ରବେଶ କରି ଇତିହାସ ରଚିଛନ୍ତି। ହିନ୍ଦୁ ସଂଗଠନଗୁଡ଼ିକର ବିରୋଧ ସତ୍ତ୍ୱେ ସେମାନେ ନିଜକୁ କଳା ପୋଷାକରେ ଆବୃତ୍ତ କରି ମନ୍ଦିରରେ ପ୍ରବେଶ କରିବା ସହ ଦୀର୍ଘଦିନର ପୁରୁଣା ପରମ୍ପରାକୁ ଭଙ୍ଗ କରିଛନ୍ତି। ତେବେ ଏହାକୁ ବିରୋଧ କରି ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେବା ସହ କେତେକ ସ୍ଥାନରେ ସଂଘର୍ଷ ଦେଖାଦେଇଛି। କେରଳ ସଚିବାଳୟ ସମ୍ମୁଖରେ ଭାଜପା ଯୁବମୋର୍ଚ୍ଚା କର୍ମୀ ଏବଂ ଶାସକ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଷ୍ଟନ୍ ଗ୍ରେନେଡ ଏବଂ ଲୁହବୁହା ବାଷ୍ପ ପ୍ରୟୋଗ ସହ ପାଣି ମାଡ଼ କରିଥିଲା। ଉତ୍ତ୍ୟକ୍ତ ଲୋକଙ୍କ ଢେଲାମାଡ଼ରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସାବରିମାଲା ମନ୍ଦିରରେ ସବୁ ବୟସ ବର୍ଗର ମହିଳାମାନଙ୍କ ପ୍ରବେଶ ଲାଗି ସୁପ୍ରିମକୋର୍ଟ ଅନୁମତି ଦେଇଥିଲେ ମଧ୍ୟ ସ୍ଥାନୀୟ ଲୋକ ଏବଂ ହିନ୍ଦୁ ସଂଗଠନଗୁଡିକର ବିରୋଧ ଯୋଗୁ ତିନିମାସ ହେଲା ଉକ୍ତ ମନ୍ଦିରରେ ମହିଳା ପ୍ରବେଶ କରିପାରି ନ ଥିଲେ। କନକଦୁର୍ଗା (୪୪) ଏବଂ ବିନ୍ଦୁ(୪୨) ପ୍ରଥମ ☞ପୃଷ୍ଠା-୨

**ଇତିହାସ ରଚିଲେ**



- ବିରୋଧରେ ବିକ୍ଷୋଭ ପ୍ରଦର୍ଶନ, ଉତ୍ତେଜନା
- ଭାଜପା ଓ ବାମଦଳ କର୍ମୀଙ୍କ ମଧ୍ୟରେ ସଂଘର୍ଷ

## ଆଣ୍ଡାମାନ ଉପକୂଳରେ ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨।୧(ବ୍ୟୁରୋ)

- ୫ରୁ ଶୀତ କମିବ
- ୯ରୁ ପୁଣି ବଢ଼ିବ
- ୧୦ ଡିଗ୍ରୀ ତଳେ ୧୭ ସହର
- ଫୁଲବାଣୀରେ ୪.୫ ଡିଗ୍ରୀ

ଗତ କିଛିଦିନ ହେବ ପ୍ରବଳ ଶୀତ ଲହରି ସମଗ୍ର ରାଜ୍ୟକୁ କବଳିତ କରିଛି। ଶୀତ ପ୍ରକୋପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବୁଧବାର ରାଜ୍ୟର ୧୭ଟି ସହରର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଉ ଦୁଇଦିନ ଶୀତ ଜାରି ରହିବ। ୫ ତାରିଖରୁ ପାରଦ ଉପର ମୁହାଁ ହେବ। ପବନର ଦିଗ ବଦଳିଯିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହେଉଥିବା ବେଳେ ୫ ତାରିଖରୁ ଉତ୍ତର-ପୂର୍ବ ଦିଗରୁ ବହିବ। ଏଥିଯୋଗୁ ସର୍ବନିମ୍ନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ଯାଏ ବୃଦ୍ଧି ଘଟିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆଣ୍ଡାମାନ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୫ ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ୮ ତାରିଖ ସୁଦ୍ଧା ଲଘୁଚାପ ଘୂର୍ଣ୍ଣିଝଡରେ ପରିଣତ ହେବାର ସମ୍ଭାବନା ରହିଛି। ଏହା ବାଂଲାଦେଶ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଓଡିଶା ଉପରେ ଏହାର କୌଣସି ପ୍ରଭାବ ପଡିବ ନାହିଁ। ☞ପୃଷ୍ଠା-୨

## ତହସିଲ୍ ଅଫିସ୍ ଡାଟାଏଣ୍ଟ୍ରି ଅପରେଟର୍‌ଙ୍କୁ ମିଳିବ ଅଧିକ ୪ହଜାର

ଭୁବନେଶ୍ୱର, ୨।୧(ବ୍ୟୁରୋ)

ରାଜ୍ୟର ବିଭିନ୍ନ ତହସିଲ ଅଫିସ୍‌ରେ କାର୍ଯ୍ୟରତ ଡାଟାଏଣ୍ଟ୍ରିଅପରେଟରମାନେ ମାସିକ ପାରିଶ୍ରମିକ ରାଶି ସହିତ ଅଧିକ ୪ହଜାର ଟଙ୍କାର ପ୍ରୋତ୍ସାହନ (ଇନ୍‌ସେଣ୍ଟିଭ୍) ରାଶି ପାଇବେ । ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିବାପରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଉକ୍ତ ପ୍ରସ୍ତାବ ଦିଆଯାଇଥିଲା। ଡାଟାଏଣ୍ଟ୍ରି ଅପରେଟରମାନେ ପୂର୍ବରୁ ମାସିକ ପାରିଶ୍ରମିକ ରାଶି ୮,୮୮୦ ଟଙ୍କା ପାଉଥିଲେ। ସେମାନଙ୍କୁ ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ତହସିଲ୍ ଆଦାୟ କରୁଥିବା ୟୁଜର୍ସ ଫି'ରୁ ଭରଣା କରାଯିବ।

**ଆଜିର ସମ୍ପାଦକୀୟ**

ପକ୍ଷୀମାନଙ୍କ ଭାଷାଜ୍ଞାନ

**ଆଜିର ମନ୍ତବ୍ୟ**

ଗାନ୍ଧୀ ପରିବାର କେବଳ ଟଙ୍କାକୁ ବୁଝେ, ଜାତୀୟ ସୁରକ୍ଷାକୁ ନୁହେଁ।

-ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଏପ୍ରିଲ-ନଭେମ୍ବର ସମୟ ମଧ୍ୟରେ ଦେଶରୁ ମର୍ଚ୍ଚାଣ୍ଡାଇଜ ରପ୍ତାନି ୧୧.୫% ବୃଦ୍ଧି ଘଟି ୨୧୭.୫ ବିଲିୟନ ଡଲାର ଛୁଇଁଛି।

- ବାଣିଜ୍ୟ ମନ୍ତ୍ରଣାଳୟ

## ଆଜିଠୁ ପକ୍ଷୀ ଗଣନା

- ୬ରୁ କୁମ୍ଭୀର, ୧୯ରେ ଡଲଫିନ୍ ଗଣନା

ଭୁବନେଶ୍ୱର, ୨।୧(ବ୍ୟୁରୋ)

ଗୁରୁବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପକ୍ଷୀ ଗଣନା ଆରମ୍ଭ ହେବ। ଏଥିପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ୩ ତାରିଖରେ ନନ୍ଦନକାନନ ସମେତ ରାଜ୍ୟର ସମସ୍ତ ବନ୍ୟପ୍ରାଣୀ ଡିଭିଜନ୍‌ରେ ପକ୍ଷୀ ଗଣନା କରାଯିବ। ୪ତାରିଖରେ ଚିଲିକା ଓ ୬ ତାରିଖରେ ଭିତରକନିକା ଏବଂ ହୀରାକୁଦ ବନଖଣ୍ଡରେ ପକ୍ଷୀ ଗଣନା ହେବ। ଏଥିପାଇଁ ଚିଲିକା, ଭିତରକନିକା, ପୁରୀ, ଚନ୍ଦକା, ସମ୍ବଲପୁର ଆଦି ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା କ୍ୟାମ୍ପ ତିଆରି କରାଯାଇଛି। ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବନ କର୍ମଚାରୀ, ପକ୍ଷୀପ୍ରେମୀ, ସାମାଜିକ କର୍ମୀ ଗଣନା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛନ୍ତି। ସେହିପରି ଆସନ୍ତା ୬ରୁ ୧୪ ତାରିଖ ପର୍ଯ୍ୟନ୍ତ କୁମ୍ଭୀର ଗଣନା କାର୍ଯ୍ୟକ୍ରମ ହେବ। ୬ରୁ ୧୪ ତାରିଖ ପର୍ଯ୍ୟନ୍ତ ଭିତରକନିକାରେ ଗଣନା ହେବାକୁ ଥିବା ବେଳେ ୯ତାରିଖରୁ ୧୧ତାରିଖ ପର୍ଯ୍ୟନ୍ତ ମହାନଦୀ, ଘୋଡ଼ାହାଡ଼ ଓ ଶିମଳିପାଳରେ ଥିବା ବିଭିନ୍ନ ନଦୀରେ କୁମ୍ଭୀର ଗଣନା ହେବ। ଏ ସମସ୍ତ ଗଣନା ପରେ ୧୯ତାରିଖରେ ☞ପୃଷ୍ଠା-୨

# ବିଦ୍ୟୁତ୍ ଫାଶରେ ପଡ଼ି ମାଖନା ହାତୀ ମୃତ

ଢେଙ୍କାନାଳ ଅଫିସ/ସାତମାଇଲ (ଡି.ଏନ୍.ଏ.), ୨।୧

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳ ଅନ୍ତର୍ଗତ ଦୁଦୁରକୋଟ ଗ୍ରାମ ନିକଟ କଞ୍ଚାମାଣ୍ଡିଆ ପାହାଡ଼ରେ ଜନ୍ତୁ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଛନ୍ଦି ହୋଇ ଏକ ଅଣ୍ଡିରା ମାଖନା ହାତୀ (ଯାହାର ଦାନ୍ତ ନ ଥାଏ) ପ୍ରାଣ ହରାଇଛି। ବୁଧବାର ଭୋର୍ ସମୟରେ ସ୍ଥାନୀୟ ବାସିନ୍ଦା ଜଙ୍ଗଲକୁ ଶୌଚ ହେବାକୁ ଯାଇଥିବାବେଳେ ହାତୀ ମରିପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ଡିଏଫ୍‌ଓ ସୁଦର୍ଶନ ପାତ୍ର, ଏସିଏଫ୍ ଜିତେନ୍ଦ୍ରନାଥ ଦାସ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପୋତିଦିଆଯାଇଛି। ହାତୀର ଆନୁମାନିକ ବୟସ ୩୫ବର୍ଷ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ମଙ୍ଗଳବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ଫାଶରେ ପଡ଼ିଯିବାପରେ ହାତୀଟି ଗର୍ଜନ କରିଥିଲା। ଭୟଭୀତ ଗ୍ରାମବାସୀ ଜଙ୍ଗଲକୁ ଯିବାକୁ ସାହସ ଜୁଟାଇ ପାରିଲେନି। ଫଳରେ ହାତୀର ମୃତ୍ୟୁ ହୋଇଯାଇଥିବା ଅଞ୍ଚଳବାସୀ କହିଛନ୍ତି। ହିନ୍ଦୋଳ ବନାଞ୍ଚଳ ଶିକାରୀଙ୍କ ଅବାଧ ଚରାଭୂଇଁ ପାଲଟିଛି। ଲାଭଜନକ ବ୍ୟବସାୟରେ ପରିଣତ ହୋଇଛି ଜନ୍ତୁ ଶିକାର। ବିଦ୍ୟୁତ୍ ତାର ବିଛାଇ ବନ୍ୟପ୍ରାଣୀଙ୍କୁ ମାରୁଛନ୍ତି ଶିକାରୀ। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏପରି ବେଆଇନ କାର୍ଯ୍ୟ ବଢ଼ିଚାଲିଛି। ଅପରପକ୍ଷେ ଖାଦ୍ୟ ଅନ୍ୱେଷଣରେ ହାତୀପଲ ଜନବସତିମୁହାଁ ହେଉଛନ୍ତି। ସୂଚନା ଦିଆଯିବା ସତ୍ତ୍ୱେ ହାତୀଙ୍କୁ ଘଉଡ଼ାଇବା ଦିଗରେ ବନ କର୍ମଚାରୀ ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଏସିଏଫ୍ କୁହନ୍ତି, ବାର୍‌ହା ଶିକାର ଉଦ୍ଦେଶ୍ୟରେ ବିଦ୍ୟୁତ୍ ତାର ବିଛା ଯାଇଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାରେ ଗତ ୫ବର୍ଷରେ ୭୬ ହାତୀ ପ୍ରାଣ ହରାଇଛନ୍ତି। ☞ପୃଷ୍ଠା-୨

**ବାର୍‌ହା ଶିକାର ଲାଗି ବିଛାଯାଇଥିଲା ତାର**


**CBSE Exam Mate**

ପୃଷ୍ଠା -୦୯

NECC NATIONAL EGG CO-ORDINATION COMMITTEE 02.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 69 | 118 | 128 |
| CTC | 70 | 119 | 129 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 75 | 126 | 136 |

*Conditions Apply

Eggs Retail Price- 56/-Dozen
Issued in the Interest of Consumers



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର

## ସଂକ୍ଷେପରେ

### ସୋସିଆଲ ମିଡିଆରେ ରାଜ୍ୟପାଳ

**ଭୁବନେଶ୍ୱର, ୨।୧(ବ୍ୟୁରୋ):** ଇଂଲିଶ ନୂଆ ବର୍ଷ ୨୦୧୯ ଆରମ୍ଭରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଦେଖିବାକୁ ମିଳିଛି। ଟୁଇଟରରେ @GovernorOdisha ଏବଂ ଫେସ୍‌ବୁକ୍‌ରେ GovernorOdisha ମାଧ୍ୟମରେ ରାଜ୍ୟପାଳ ସାଧାରଣ ଜନତାଙ୍କ ସହିତ ଯୋଡ଼ିହେବେ। ଏହା ମାଧ୍ୟମରେ ରାଜ୍ୟପାଳଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରସଙ୍ଗରେ ସୂଚନା ମିଳିପାରିବ। ଅଧିକରୁ ଅଧିକ ଜନସାଧାରଣ ଏଇ ଦୁଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଯଥା ଫେସ୍‌ବୁକ୍ ଓ ଟୁଇଟର ମାଧ୍ୟମରେ ରାଜ୍ୟପାଳଙ୍କ ସହ ଯୋଡ଼ିହେବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

### ପୂର୍ବତନ ଲୋକପାଳଙ୍କ ପରଲୋକ
### ହାଇକୋର୍ଟରେ ଫୁଲ୍ କୋର୍ଟ ରେଫରେନ୍ସ

**କଟକ ଅଫିସ, ୨।୧:** ଶୀତ ଅବକାଶ ପରେ ବୁଧବାର ଥିଲା ହାଇକୋର୍ଟର ପ୍ରଥମ କାର୍ଯ୍ୟଦିବସ। କିନ୍ତୁ ହାଇକୋର୍ଟ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। କାରଣ ରାଜ୍ୟର ପୂର୍ବତନ ଲୋକପାଳ ଜଷ୍ଟିସ କୃଷ୍ଣପ୍ରସାଦ ମହାପାତ୍ରଙ୍କ ପରଲୋକ ଯୋଗୁ ପୂର୍ବାହ୍ନ ୧୧ଟାରେ ଫୁଲ୍ କୋର୍ଟ ରେଫରେନ୍ସ ଘୋଷଣା କରାଯାଇଥିଲା। ସୂଚନାଥାଉକି, ଗତ ଡିସେମ୍ବର ୨୮ରେ ଜଷ୍ଟିସ ମହାପାତ୍ରଙ୍କ ମୃତ୍ୟୁ ଘଟିଥିଲା। ଜଷ୍ଟିସ ମହାପାତ୍ର ୧୯୮୪ରୁ ୧୯୯୦ ମଧ୍ୟରେ ହାଇକୋର୍ଟରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ଏହା ପରେ ୧୯୯୭ରୁ ୨୦୦୨ ମଧ୍ୟରେ ଲୋକପାଳ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ।

### ସରକାରୀ ଡାଏରୀରେ ତ୍ରୁଟି
### ଦୁଃଖ ପ୍ରକାଶ କଲା ସାଧାରଣ ପ୍ରଶାସନ ବିଭାଗ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ଚଳିତ ବର୍ଷ ସରକାରୀ ଡାଏରୀରେ ଜାନୁୟାରୀ ଓ ଫେବୃୟାରୀ ମାସକୁ ପୃଥକ୍ କରୁଥିବା ପୃଷ୍ଠାରେ ଭୁଲକ୍ରମେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରଚିତ ବଦଳରେ କବିବର ରାଧାନାଥ ରାୟଙ୍କ ନାମ ପ୍ରକାଶିତ ହୋଇଛି। ଏହି ଭୁଲ ପାଇଁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ(ଜି.ଏ. ଆଣ୍ଡ ପି.ଜି.) ବିଭାଗ ଦୁଃଖ ପ୍ରକାଶ କରିଛି। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅବନୀକାନ୍ତ ପଟ୍ଟନାୟକ ବୁଧବାର ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି, ଏହା ସମ୍ପୂର୍ଣ୍ଣ ଭାବେ ଅନିଚ୍ଛାକୃତ ଏବଂ ପ୍ରାକ୍ ମୁଦ୍ରଣ ସଂଶୋଧନ ଜନିତ ତ୍ରୁଟି । ଏହାଦ୍ୱାରା ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତି ଅପମାନ କରାଯିବାର କୌଣସି ଅଭିପ୍ରାୟ ନାହିଁ। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ସାଧାରଣ ପ୍ରଶାସନ ବିଭାଗ ଓ ସାଧାରଣ ଅଭିଯୋଗ ବିଭାଗ ଗଭୀର ଦୁଃଖ ପ୍ରକାଶ କରୁଛି ।

### ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ
### ଆନ୍ଦୋଳନରୁ କ୍ଷାନ୍ତ ରହିବାକୁ ଗୃହ ବିଭାଗର ନିବେଦନ

**ଭୁବନେଶ୍ୱର,୨।୧(ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ କରିବା ପାଇଁ ଆନ୍ଦୋଳନ ଜାରି ରହିଛି। ବିଭିନ୍ନ ସଙ୍ଗଠନ ଦ୍ୱାରା କରାଯାଉଥିବା ଏହି ଆନ୍ଦୋଳନ କାରଣରୁ ସରକାରୀ କାମ ବାଧାପ୍ରାପ୍ତ ହେଉଛି। ତେଣୁ ଲୋକଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଆନ୍ଦୋଳନରୁ ଓହରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜ୍ୟ ସରକାର ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏଥିପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରୁ ପ୍ରାୟ ୩ ଦଶନ୍ଧି ଧରି ଏହି ପ୍ରଚେଷ୍ଟା ଜାରି ରହିଛି। ରାଜ୍ୟ ପକ୍ଷରୁ ଏନେଇ କେନ୍ଦ୍ରକୁ ବହୁବାର ଅନୁରୋଧ କରାଯାଇଛି। ଏଥିସହିତ ସ୍ଥାୟୀ ବେଞ୍ଚ ସ୍ଥାପନା ନେଇ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଓ ମାନବ ସମ୍ବଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସ୍ଥାୟୀ ବେଞ୍ଚ ସ୍ଥାପନା ସମ୍ପର୍କିତ ନିଷ୍ପତ୍ତି କେନ୍ଦ୍ର ସରକାର ଓ ପାର୍ଲାମେଣ୍ଟ ନେଇଥାଏ ବୋଲି ରାଜ୍ୟ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ରାଜ୍ୟର ପଶ୍ଚିମାଞ୍ଚଳରେ ଜାରି ରହିଥିବା ଆନ୍ଦୋଳନ ଦ୍ୱାରା ବିଭିନ୍ନ ସର୍ବସାଧାରଣ ସଭା, ସରକାରୀ ଏବଂ ଅଦାଲତର ବହୁ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଉକ୍ତ ସଙ୍ଗଠନଗୁଡ଼ିକ ଆନ୍ଦୋଳନରୁ କ୍ଷାନ୍ତ ରୁହନ୍ତୁ। ଏଥିସହିତ ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିଭିନ୍ନ ଅଦାଲତ, ସରକାରୀ କାର୍ଯ୍ୟାଳୟ ଏବଂ ଜନସେବା କେନ୍ଦ୍ର କାର୍ଯ୍ୟ ପରିଚାଳନା ପାଇଁ ପୂର୍ଣ୍ଣ ସହଯୋଗ କରନ୍ତୁ ବୋଲି ଗୃହ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।




# 'ପୁରୀରୁ ମୋଦି ପ୍ରାର୍ଥୀ ହେବାର ୯୦% ସମ୍ଭାବନା'

**ଭୁବନେଶ୍ୱର,୨।୧(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ଷ ଆରମ୍ଭରୁ ଏକ ଖବର ସରବରାହ ସଂସ୍ଥାକୁ ଦେଇଥିବା ସାକ୍ଷାତ୍କାରକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନରେ ମୋଦି ପୁରୀ ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ପୁଣି ଆଲୋଚନା ଆରମ୍ଭ ହୋଇଛି। ଉକ୍ତ ସାକ୍ଷାତ୍କାରରେ ମୋଦି ପୁରୀରୁ ପ୍ରାର୍ଥୀ ହେବା ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ହେଲେ ଭାଜପା ବିଧାୟକ ପ୍ରଦୀପ ପୁରୋହିତ ବୁଧବାର ଦେଇଥିବା ମନ୍ତବ୍ୟ ଉକ୍ତ ଘଟଣାକୁ ଆହୁରି ରୋଚକ କରିଛି।

ପ୍ରଦୀପ କହିଛନ୍ତି ଯେ, ଭାଜପା ଦ୍ୱାରା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷିତ ହେବା ପରେ ମୋଦି ପୁରୀ ଆସି ଜଗନ୍ନାଥଙ୍କ ଆଶୀର୍ବାଦ ନେଇଥିଲେ। ବିଜୟୀ ହେବା ପରେ ମଧ୍ୟ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ରେଲୱେଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ମୋଦି ଓଡ଼ିଶାକୁ ଯଥେଷ୍ଟ ପ୍ରାଧାନ୍ୟ ଦେଇଥିଲେ। ତାଙ୍କ ଲୁକ୍ ଇଷ୍ଟ କାର୍ଯ୍ୟସୂଚୀରେ ଓଡ଼ିଶା ସର୍ବାଗ୍ରେ ରହିଛି। ୨୦୧୪ରେ ବାରାଣସୀ ଭଳି ଏକ ପବିତ୍ର ସ୍ଥାନରୁ ମୋଦି ପ୍ରାର୍ଥୀ ହୋଇଥିଲେ। ପୁରୀ ମଧ୍ୟ ସେହିପରି ଏକ ପବିତ୍ର ସ୍ଥାନ, ଯାହାକୁ ମୋଦି ବହୁତ ଭଲ ପାଇଥାନ୍ତି। ତେଣୁ ପୁରୀରେ ମୋଦି ଲଢ଼ିବା ୯୦% ସମ୍ଭାବନା ରହିଥିବା ପୁରୋହିତ କହିଛନ୍ତି।

ପ୍ରଦୀପଙ୍କ ଏହି ବକ୍ତବ୍ୟକୁ ସମାଲୋଚନା କରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଭାଜପାର ପାଦ ତଳୁ ଚାରିଆଡ଼େ ମାଟି ଖସୁଛି। ତେଣୁ ଭୟଭୀତ ହୋଇ ମୋଦି ବାରାଣସୀ ଛାଡି ପୁରୀରେ ଲଢ଼ିବା କଥା ଚିନ୍ତା କରୁଛନ୍ତି। ଓଡ଼ିଶାରେ ତାଙ୍କର ପାଦତଳେ ମାଟି ନାହିଁ। ହେଲେ କାଳେ ସେ ଲଢିଲେ ଦଳ କିଛି ସିଟ୍ ପାଇବ, ସେଥିପାଇଁ ମୋଦି ଏପରି ଚେଷ୍ଟା କରୁଥିବା ନିରଞ୍ଜନ କହିଛନ୍ତି। ବିଜେଡି ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଳର ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ଗଣତନ୍ତ୍ରରେ କିଏ କେଉଁଠି ଲଢ଼ିବେ, ସେ ଅଧିକାର ସମସ୍ତଙ୍କର ରହିଛି। ମୋଦି କେଉଁଠାରୁ ବି ପ୍ରାର୍ଥୀ ହୁଅନ୍ତୁ, କୌଣସି ଅସୁବିଧା ନାହିଁ। ବିଜୁ ଜନତା ଦଳ ବିକାଶର ବାର୍ତ୍ତା ନେଇ ନିର୍ବାଚନ ଜିତି ଆସିଛି। ଚଳିତ ବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନରେ ମଧ୍ୟ ବିକାଶକୁ ଆୟୁଧ କରି ନିର୍ବାଚନ ଲଢାଯିବ। ତେଣୁ ବିଜେଡି ଉପରେ କାହାର ଲଢ଼ିବା, ନ ଲଢ଼ିବା ପ୍ରସଙ୍ଗ ପ୍ରଭାବ ପକାଇବ ନାହିଁ।

# କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି: ବସନ୍ତ

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ସୋହରାବୁଦ୍ଦିନ ଏନ୍‌କାଉଣ୍ଟର ମାମଲାରେ ସିବିଆଇର ସ୍ୱତନ୍ତ୍ର କୋର୍ଟର ରାୟ ପରେ କଂଗ୍ରେସର କୁତ୍ସିତ ଚେହେରା ଭାରତର ୧୩୦କୋଟି ଲୋକଙ୍କ ଆଗରେ ଧରାପଡି ଯାଇଛି। ୨୦୧୦ରେ କଂଗ୍ରେସ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶରେ ସିବିଆଇ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫ କରିଥିଲା ବୋଲି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି। ଏଥିରୁ କଂଗ୍ରେସର ଘୃଣ୍ୟ ଚେହେରାର ପର୍ଦ୍ଦାଫାଶ ହୋଇଛି ବୋଲି ସେ କହିଛନ୍ତି।

ଭାଜପା ମୁଖ୍ୟାଳୟରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବସନ୍ତ କହିଛନ୍ତି, କଂଗ୍ରେସ ଦଳ ବିଶେଷଭାବେ ଗାନ୍ଧୀ ପରିବାର ସିବିଆଇ ଓ ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାକୁ ନିଜର ରାଜନୈତିକ ଫାଇଦା ପାଇଁ ବିଭିନ୍ନ ସମୟରେ ବ୍ୟବହାର କରି ଆସିଛନ୍ତି। ଆତଙ୍କବାଦୀଙ୍କୁ ସମର୍ଥନ କରି ସୋନିଆ ଗାନ୍ଧୀ ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଗୁଜରାଟର ତତ୍କାଳୀନ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିବିଆଇ ଦ୍ୱାରା ଗିରଫ କରିବାର ଚକ୍ରାନ୍ତ କରିଥିଲେ । ମୁମ୍ବାଇ ହାଇକୋର୍ଟ, ସୁପ୍ରିମକୋର୍ଟ ଏବଂ ଏକ ସ୍ୱତନ୍ତ୍ର କୋର୍ଟଙ୍କ ରାୟ କଂଗ୍ରେସର ମୁଖା ଖୋଲିଦେଇଛି । ସ୍ୱତନ୍ତ୍ରକୋର୍ଟଙ୍କ ରାୟରୁ ଏହା ପ୍ରମାଣିତ ହୋଇଛି ଯେ, ସୋନିଆ ଗାନ୍ଧୀ ସିବିଆଇକୁ ମାଧ୍ୟମ କରି ଶାହଙ୍କ ବିରୋଧରେ ବିଭିନ୍ନ ପ୍ରମାଣ ସୃଷ୍ଟି କରିବା ପାଇଁ ଷଡଯନ୍ତ୍ର କରିଥିଲେ । ୨୦୧୦ ଅକ୍ଟୋବରରେ ଶାହଙ୍କୁ ମୁକ୍ତ କଲାବେଳେ ନ୍ୟାୟାଳୟ ଉଲ୍ଲେଖ କରିଥିଲେ କି, ବିନା ସାକ୍ଷ୍ୟ ପ୍ରମାଣରେ କାହା ବିରୋଧରେ ଅଭିଯୋଗ ଆଣି କୌଣସି ମାମଲାରେ କାହାକୁ ଅଭିଯୁକ୍ତ ବୋଲି କୁହାଯାଇ ପାରିବ ନାହିଁ । ସେହିପରି ୨୦୧୪ ଡିସେମ୍ବର ୩୦ରେ ସିବିଆଇର ସ୍ୱତନ୍ତ୍ର ଜଜ୍ ଶାହଙ୍କର ମୁକ୍ତି ବିରୋଧରେ ଶୁଣାଣି କରି ୨୦୧୦ରେ ଉଚ୍ଚନ୍ୟାୟାଳୟ ଦେଇଥିବା ରାୟକୁ ଦୋହରାଇବା ସହିତ ଶାହଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବସନ୍ତ କହିଛନ୍ତି ।

## ପିପିଲି ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ନବୀନ ନିବାସ ଘେରାଉ ଉଦ୍ୟମ

# ଭାଜପା ମହିଳା କର୍ମୀ-ପୋଲିସ ଧସ୍ତାଧସ୍ତି

**ଭୁବନେଶ୍ୱର, ୨।୧(ବ୍ୟୁରୋ)**

ପିପିଲି ଗଣବଳାତ୍କାର ଏବଂ ହତ୍ୟା ମାମଲାରେ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବୁଧବାର ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମାତ୍ର ଏୟାରପୋର୍ଟ ଟ୍ରାଫିକ ଛକରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଏବଂ ମହିଳା ମୋର୍ଚ୍ଚା କର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। କଡ଼ା ସୁରକ୍ଷା ବ୍ୟବସ୍ଥାକୁ କର୍ମୀମାନେ ଖାତିର ନ କରି ନବୀନ ନିବାସ ଆଡକୁ ଅଗ୍ରସର ହେବାବେଳେ ମହିଳା ପୋଲିସ କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ଏହି ସମୟରେ ଭାଜପା କର୍ମୀ ଏବଂ ପୋଲିସ ମଧ୍ୟରେ



ଭାଜପା ମହିଳା ମୋର୍ଚ୍ଚା କର୍ମୀଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରୁଛି।

ଠେଲାପେଲା ହୋଇଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୁରୁଷ ପୋଲିସ ଅଫିସରମାନେ ମଧ୍ୟ ମହିଳା କର୍ମୀଙ୍କୁ ବଳପୂର୍ବକ ଅଟକାଇଥିଲେ। ପରବର୍ତ୍ତୀ ସମୟରେ ବିକ୍ଷୋଭକାରୀଙ୍କୁ ପୋଲିସ ଭ୍ୟାନରେ ଅନ୍ୟତ୍ର ନେଇଯାଇ ଅଟକ ରଖିବା ପରେ ଛାଡିଥିଲା। ଏହି ଘଟଣାକୁ ଭାଜପା ମହିଳା ମୋର୍ଚ୍ଚା ତରଫରୁ ବିରୋଧ କରାଯାଇଛି।

ଗତ ମଙ୍ଗଳବାର ମଧ୍ୟ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଥିଲା। ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବନି। ନବୀନ ନିବାସଠୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁ ସ୍ଥାନରେ ରାଜ୍ୟର ମୁଖିଆଙ୍କୁ ବିରୋଧ କରାଯିବ ବୋଲି ଭାଜପା ମହିଳା ମୋର୍ଚ୍ଚା ଚେତାବନୀ ଦେଇଛି। ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କୁ ବହିଷ୍କାର ଏବଂ ପୀଡିତାଙ୍କୁ ନ୍ୟାୟ ଦେବା ପାଇଁ ସିବିଆଇ ତଦନ୍ତ କରିବାକୁ ଦଳ ଦାବି କରିଛି।

# ମଣ୍ଡିରେ ପଡ଼ିଛି ୪ହଜାର ବସ୍ତା ଧାନ

**ନୂଆପଡା ଅଫିସ, ୨।୧**

- ସୀମାନ୍ତରୁ ଛତିଶଗଡ଼ ଧାନ ଚାଲାଣକୁ ପ୍ରୋତ୍ସାହନ
- ପ୍ରବଳ ଶୀତରେ ରାତିରେ ଜଗିଛନ୍ତି ଚାଷୀ
- ଯୋଗାଣ ବିଭାଗ କହିଲା ଆଜି ଉଠିବ ଧାନ

ରାଜ୍ୟ ସରକାର ସବୁବେଳେ ଚାଷୀଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଠିକ୍ ଭାବେ ପ୍ରଦାନ କରିବାକୁ ଆନୁଷଙ୍ଗିକ ବ୍ୟବସ୍ଥା କରିଥିବା କହୁଥିବାବେଳେ ଏହା ଛତିଶଗଡ ସୀମାନ୍ତରେ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଭାଗୀୟ ଅଧିକାରୀମାନଙ୍କ ଲାଭଖୋର ମନୋବୃତ୍ତି ଯୋଗୁ ବ୍ୟବସାୟୀ, ମିଲ ମାଲିକ ଚକ୍ରାନ୍ତ କରି ଚାଷୀଙ୍କୁ ହଇରାଣକରୁଥିବା ଅଭିଯୋଗ ହେଉଛି। ମଣ୍ଡିଗୁଡିକୁ ଅଧିକାରୀ, ମିଲର୍ସ ଆସୁ ନାହାନ୍ତି। ଚାଷୀମାନେ ଦିନରାତି ପ୍ରବଳ ଶୀତରେ ଧାନକୁ ମଣ୍ଡିରେ ରହି ଜଗୁଥିବାବେଳେ ଶେଷରେ ନିରୁତ୍ସାହିତ ହୋଇ କଟନୀଛଟନୀ କରି ମିଲର୍ସଙ୍କ ହାତରେ ଟେକି ଦେଉଛନ୍ତି। ଅନ୍ୟପଟେ ବ୍ୟବସାୟୀମାନେ ଘର ଘର ବୁଲି ଧାନ କିଣି ପଡୋଶୀ ଛତିଶଗଡକୁ ଚାଲାଣ କରୁଥିବା ଅଭିଯୋଗ ହେଉଛି। ଏଭଳି ଉଦାହରଣ ଓଡ଼ିଶା ଛତିଶଗଡ଼ ସୀମାନ୍ତରେ ଥିବା ଖରିଆରରୋଡ ମଣ୍ଡିରେ ଦେଖିବାକୁ ମିଳିଛି ।

ଓଡ଼ିଶାରେ କୁଇଣ୍ଟାଲ ପିଛା ଧାନ ମୂଲ୍ୟ ୧୭୫୦ଟଙ୍କା ହୋଇଥିବାବେଳେ ପଡୋଶୀ ଛତିଶଗଡରେ ୨୫୦୦ଟଙ୍କା ରହିଛି। ଏହାର ସୁଯୋଗ ନେଇ ଜିଲାର ବ୍ୟବସାୟୀ, ମିଲ ମାଲିକମାନେ ଗାଁକୁ ଗାଁ ବୁଲି ଚାଷୀଙ୍କଠାରୁ ଧାନ କିଣି ସିଧା ଛତିଶଗଡ଼କୁ ଚାଲାଣ କରି ମାଲାମାଲ ହେଉଛନ୍ତି। ଅନ୍ୟପଟେ ଚାଷୀମାନେ ମଣ୍ଡିକୁ ଧାନ ଆଣିଲେ ସେମାନଙ୍କୁ ବିଭିନ୍ନ ବାହାନା କରି କର୍ତ୍ତୃପକ୍ଷ ଏବଂ ମିଲ ମାଲିକମାନେ ଧାନ ଉଠାଉନାହାଁନ୍ତି। ଚାଷୀମାନଙ୍କୁ ଧାନଆଣିବାକୁ ମଣ୍ଡି ଅଧିକାରୀ ଟୋକନ ଦେଇଥିଲେ। ସେହି ଅନୁସାରେ ୪୯ଜଣ ଚାଷୀ ବୁଧବାର ମଣ୍ଡିକୁ ଧାନ ଆଣିଥିଲେ। ହେଲେ ଚାଷୀଙ୍କ ଅଭିଯୋଗ ଅନୁସାରେ ଅଧିକାରୀ (ସେବା ସମବାୟ ସମ୍ପାଦକ)ଆସି ନ ଥିଲେ। ଚାଷୀମାନଙ୍କ ବାରମ୍ବାର ଅନୁରୋଧ ପରେ ମଧ୍ୟ ସେ ସେଠାରେ ପହଞ୍ଚି ନ ଥିଲେ। ତେବେ ବିଭାଗୀୟ ଅଧିକାରୀଙ୍କ ତଥ୍ୟ ଅନୁସାରେ ୪୯ଜଣ ଚାଷୀ ୪ହଜାର ବସ୍ତା ଧାନ ଆଣିଥିଲେ। ସନ୍ଧ୍ୟା ଯାଏଁ କୌଣସି ଅଧିକାରୀ ନ ଆସିବାରୁ ବାଧ୍ୟହୋଇ ରାତିସାରା ଜଗିଥିଲେ। ଏହା ଅଧିକାରୀମାନଙ୍କ ଚକ୍ରାନ୍ତ ବୋଲି ସ୍ଥାନୀୟ ଖୋପେତରାର ଚାଷୀ ବୁଲୁ ସତନାମୀ, କଲ୍ୟାଣପୁରର ରାମସିଂ ମାଝି, ଆମସେନାର ରାମଲାଲ ପଟେଲ କହିଛନ୍ତି। ଚାଷୀଙ୍କୁ ଖୋଲା ବଜାରରେ ବିକ୍ରି କରିବାକୁ ବାଧ୍ୟ କରାଯାଉଛି। ଯଦ୍ୱାରା ଚାଷୀମାନଙ୍କଠାରୁ ବ୍ୟବସାୟୀମାନେ ଧାନ କିଣି ଛତିଶଗଡକୁ ଚାଲାଣ କରି ମାଲାମାଲ ହେବେ ବୋଲି କହିଛନ୍ତି। ଏହା ଉପରେ ସମବାୟ ସମ୍ପାଦକ କାନ୍ତିଲାଲ ସାହୁଙ୍କୁ ପଚାରିବାରେ ବୁଧବାର ମିଲମାଲିକ ଆସି ନ ଥିବାରୁ ଏଭଳି ସମସ୍ୟା ହୋଇଛି । ଅନ୍ୟପଟେ ଜିଲା ଯୋଗାଣ ଅଧିକାରୀ ଅଶୋକ ଦାସଙ୍କୁ ପଚାରିବାରେ ଏହା ସମବାୟ ବିଭାଗର ଦାୟିତ୍ୱ। ଏହା ଉପରେ ସେ ତୁରନ୍ତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଗୁରୁବାର ସବୁ ଧାନ ଉଠାଣ କରାଯିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ନୂଆପଡା ବିକାଶ ଅଭିଯାନର ସଭାପତି ରାହୁଲ ଯାଦବ ସମ୍ପୃକ୍ତ ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯିବ ବୋଲି କହିଛନ୍ତି।

## ଟ୍ରକ୍ ଜଳିଗଲା

**ବେଲପାହାଡ଼,୨।୧(ଡ଼ି.ଏନ୍.ଏ)**

ସ୍ଥାନୀୟ ଏକ ଗ୍ୟାରେଜ ସମ୍ମୁଖରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌ରେ ହଠାତ୍ ନିଆଁ ଲାଗିଯିବା ଫଳରେ ଟ୍ରକଟି ସମ୍ପୂର୍ଣ୍ଣ ଜଳିଯାଇଛି। ବୁଧବାର ମଧ୍ୟାହ୍ନରେ ଗ୍ୟାରେଜର ମେକାନିକ୍ ଟ୍ରକର କିଛି କାମ କଲାପରେ ଖାଇବା ପାଇଁ ଘରକୁ ଯାଇଥିଲେ। ସେହି ସମୟରେ କୌଣସି କାରଣରୁ ଟ୍ରକରେ ନିଆଁ ଲାଗିଯାଇଥିଲା ।

**THE KOSALA SCHOOL, Estd-1979**
English Medium Residential School, At-Nuakhairpali, Po-Larasara, Via- Attabira, Dist-Bargarh, Pin-768027
Mob- 8249962606 / 8249564622 / 7682032632

**KOSALA ENTRANCE TEST 2019-20**

- Admissions open for classes LKG to Std- IX for the Academic Session 2019-20.
- Limited seats are available for Boarders and Dayscholars.
- Interested candidates are to appear entrance test in English, Mathematics and General Awareness on the 10th February / 17th February 2019.
- Candidates qualified in entrance test will get admission.
- Enquiry time over phone - 10.00 AM to 2.00 PM
- Entrance test timings - 10.30 AM to 12.30 PM
- Selling of Admission Forms will start from 1st February 2019.

Sd/- (Principal)

## ସୁନା ବେପାରୀଙ୍କ ଘରୁ ଚୋରି ଘଟଣା: ରୋଷେୟା ଗିରଫ

# ୫୪୧.୯୮୦ ଗ୍ରାମ୍ ସୁନା, ୮.୫ ଲକ୍ଷ ଟଙ୍କା ଜବତ

**ବ୍ରହ୍ମପୁର ଅଫିସ୍,୨।୧**

ବ୍ରହ୍ମପୁର ବଡବଜାର ଥାନାଞ୍ଚଳ ପାଟରାସାହିରୁ ଜଣେ ସୁନା ବେପାରୀଙ୍କ ଘରୁ ଚୋରି ଘଟଣାରେ ପୋଲିସ ଉକ୍ତ ବେପାରୀଙ୍କ ଘରେ କାର୍ଯ୍ୟ କରୁଥିବା ରୋଷେୟାଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଜଣକ ହେଲେ ରାଜସ୍ଥାନ ପାଲି ଜିଲା ରୋହିତ୍ ଥାନାଅଞ୍ଚଳ ରାଣା ଗ୍ରାମର ଶ୍ରବଣ କୁମାର (୪୦)। ତାଙ୍କୁ ଆସିକା ଅଞ୍ଚଳରୁ ପୋଲିସ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଚୋରି ହୋଇଥିବା ଟଙ୍କାରୁ ୮ ଲକ୍ଷ ୫୦ ହଜାର ଟଙ୍କା ଏବଂ ସୁନାରୁ ୫୪୧.୯୮୦ ଗ୍ରାମ୍ ସୁନା ଅଳଙ୍କାର ଉଦ୍ଧାର କରାଯାଇଛି । ଏ ନେଇ ବୁଧବାର ସନ୍ଧ୍ୟାରେ ବ୍ରହ୍ମପୁର ପୋଲିସ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ଏହି ସୂଚନା ଦେଇଛନ୍ତି ।

ପ୍ରକାଶଯେ, ବଡବଜାର ଥାନାଅଞ୍ଚଳ ପାଟରାସାହିରେ ରାଜସ୍ଥାନ ସିରୋହୀ ଜିଲାର ଭରତ ଶାହ ନାମକ ଜନୈକ ସୁନା ନେପାରୀ ଭଡାରେ ରହିଆସୁଥିଲେ। ରାଜସ୍ଥାନରୁ ସୁନା ଅଳଙ୍କାର ଆଣି ପାଟରାସାହି ଘରେ ରଖିବା ସହିତ ବିଭିନ୍ନ ଅଞ୍ଚଳର ସୁନା ବେପାରୀଙ୍କ ସହିତ ବ୍ୟବସାୟ କରୁଥିଲେ । ଡିସେମ୍ବର ଆରମ୍ଭରେ ସେ କୌଣସି କାର୍ଯ୍ୟରେ ରାଜ୍ୟ ବାହାରକୁ ଯାଇଥିବା ବେଳେ ୮ ତାରିଖ ରାତିରେ ତାଙ୍କ ଘର ଆଲମିରାରୁ ୧୧୦୦ ଗ୍ରାମ୍ ସୁନା ଅଳଙ୍କାର ଏବଂ ନଗଦ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ହୋଇଯାଇଥିଲା । ଭରତଙ୍କ ଗୁମାସ୍ତା ଜିତେନ୍ଦ୍ର ସିଂହ ଉକ୍ତ ଦିନ ସନ୍ଧ୍ୟାରେ ଗାଧୋଇବାକୁ ଯାଇଥିବା ବେଳେ ତାର ସୁଯୋଗ ନେଇ ରୋଷେୟା ଶ୍ରବଣ କୌଶଳ କ୍ରମେ ଆଇରନ୍ ଚେଷ୍ଟର ଚାବି ନେଇଯାଇଥିଲେ। ତାଲା ଖୋଲି ଶ୍ରବଣ ସୁନା ଅଳଙ୍କାର ଓ ଟଙ୍କା ଚୋରି କରିନେଇ ଯାଇଥିବା ଜାଣିବାକୁ ପାଇବା ପରେ ଜିତେନ୍ଦ୍ର ବଡବଜାର ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୨୦୪/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

ଏସ୍‌ପି ପିନାକ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ, ପ୍ରଭାତ ରାଉତରାୟ, ବଡବଜାର ଆଇଆଇସି ସୁରେଶ କୁମାର ତ୍ରିପାଠୀ ଏବଂ ଆସିକା ଥାନା ଆଇଆଇସି ସନ୍ତୋଷ କୁମାର ଜେନାଙ୍କୁ ନେଇ ଦୁଇଟି ଟିମ୍ ଗଠନ କରାଯାଇଥିଲା। ଗୋଟିଏ ଟିମ୍ ରାଜସ୍ଥାନ ଏବଂ ଅନ୍ୟ ଏକ ଟିମ୍ ଗଞ୍ଜାମ ଜିଲାରେ ରାଜସ୍ଥାନ ବେପାରୀଙ୍କ ଦ୍ୱାରା କାରବାର ଚାଲିଥିବା ସୁନା ଦୋକାନୀଙ୍କ ନିକଟରେ ପହଞ୍ଚି ତଦନ୍ତର ବିଭିନ୍ନ ଦିଗକୁ ନେଇ ତଥ୍ୟ ହାସଲ କରିଥିଲା। ବୁଧବାର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଶ୍ରବଣ କୁମାରଙ୍କୁ ଗିରଫ କରିଥିଲା।



ଉଦ୍ଧାର ହୋଇଥିବା ଟଙ୍କା ଓ ସୁନା ଅଳଙ୍କାର ।



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ। .. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ଇ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ। –ଶ୍ରୀଅରବିନ୍ଦ

# ପକ୍ଷୀମାନଙ୍କ ଭାଷାଜ୍ଞାନ



ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ମୋର ଜଣେ ବନ୍ଧୁ ମୁମ୍ବାଇରେ କୁଆମାନଙ୍କୁ ଖାଇବାକୁ ଦିଅନ୍ତି। ସେ ସେମାନଙ୍କୁ ନାଁ ଧରି ଡାକିଲେ ସେମାନେ ଆସି ଖାଆନ୍ତି। ସେ ଡାକିଲେ କୁଆମାନେ ତାଙ୍କ କଥା ଶୁଣନ୍ତି ଓ ବୁଝିପାରନ୍ତି କିନ୍ତୁ କୁଆମାନଙ୍କ କଥାର ଗୋଟିଏ ଶବ୍ଦ ବି ସେ ବୁଝିପାରନ୍ତି ନାହିଁ। ମୁଁ ଭାବେ ସେପରି ସିଦ୍ଧି ମୋର ଥାଆନ୍ତା କି! ପୁରାଣ ଓ ମଧ୍ୟଯୁଗୀୟ ସାହିତ୍ୟରେ ପକ୍ଷୀମାନଙ୍କର ଭାଷାକୁ ସ୍ୱର୍ଗୀୟ ବୋଲି ବିଚାର କରାଯାଏ। ପକ୍ଷୀମାନେ ପ୍ରାଣୀମାନଙ୍କ ସହ ଭାବର ଆଦାନପ୍ରଦାନ କରିପାରନ୍ତି– କୁଆମାନେ ଗଧିଆମାନଙ୍କୁ ଶିକାର କରିବା ପାଇଁ ବାଟ କଢ଼େଇ ନେଇଯାନ୍ତି। ସେମାନେ ଶିକାର କରି ଖାଇବା ପରେ ଯାହା ବଳକା ରହେ ତାକୁ କୁଆମାନେ ଖାଆନ୍ତି। ଗ୍ରେଟର ହନିଗାଇଡ୍ ପକ୍ଷୀ ଭାଲୁମାନଙ୍କୁ ଡାକି ଜଙ୍ଗଲରେ ଥିବା ମହୁଫେଣା ଆଡ଼କୁ ନେଇଯାନ୍ତି। ଭାଲୁମାନେ ଫେଣା ଭାଙ୍ଗି ମହୁ ଖାଇବା ପରେ ଯାହା ବଳେ ତାକୁ ଏହି ପକ୍ଷୀମାନେ ଖାଆନ୍ତି।

ସ୍କାଣ୍ଡିନାଭିଆ ପୁରାଣରେ ପକ୍ଷୀମାନଙ୍କ ଭାଷା ବୁଝିବା କ୍ଷମତାକୁ ଚରମ ଜ୍ଞାନ ବୋଲି ବିଚାର କରାଯାଏ। ଏହି ପୁରାଣରେ ବର୍ଣ୍ଣିତ ଦେବତା ଓଡିନଙ୍କର ଦୁଇଟି କୁଆ ଥିଲେ ଯେଉଁମାନେ ପୃଥିବୀ ସାରା ବୁଲି ମନୁଷ୍ୟ ସମାଜରେ କେଉଁଠି କ'ଣ ଘଟୁଛି ସେ ଖବର ନେଇ ଓଡିନଙ୍କୁ ଦେଉଥିଲେ। ସ୍ୱିଡେନର କିମ୍ବଦନ୍ତୀୟ ରାଜା ଡ୍ୟାଗ୍ ଦ ୱାଇଜ୍‌ଙ୍କର ଗୋଟିଏ ଘରଚଟିଆ ଥିଲା। ସେ ରାଜ୍ୟ ସାରା ବୁଲି ଖବର ସଂଗ୍ରହ କରି ରାଜାଙ୍କୁ ଦେଉଥିଲା। ପୋଏଟିକ୍ ଏଡ୍ଡା ଓ ଭଲ୍‌ସୁଙ୍ଗା ସାଗା (ବୀରଗାଥା) ଅନୁସାରେ, ନବମ ଶତାବ୍ଦୀର ସ୍କାଣ୍ଡିନାଭୀୟ ବୀର ସିଗର୍ଡ ପକ୍ଷୀମାନଙ୍କ ଭାଷା ବୁଝିପାରୁଥିଲେ। ଶତ୍ରୁମାନେ ତାଙ୍କୁ ମାରିବାକୁ ଚକ୍ରାନ୍ତ କରୁଛନ୍ତି ବୋଲି ପକ୍ଷୀମାନଙ୍କ କଥାବାର୍ତ୍ତାରୁ ବୁଝିପାରି ଏକଦା ସେ ନିଜର ଜୀବନ ରକ୍ଷା କରିପାରିଥିଲେ।

ଜାସନ ହେଉଛନ୍ତି ପ୍ରାଚୀନ ଗ୍ରୀକ୍ ପୁରାଣର ଜଣେ ବୀର, ଯେ କି ଦେବଦୂତ ହର୍ମିସଙ୍କ ଉତ୍ତରାଧିକାରୀ। ସେ ସୁବର୍ଣ୍ଣ ମେଷଚର୍ମ (ଗୋଲ୍‌ଡେନ୍ ଫ୍ଲିସ୍)ର ସନ୍ଧାନ କରିବା ବିଷୟ ଗ୍ରୀକ୍ ସାହିତ୍ୟରେ ବର୍ଣ୍ଣନା ଅଛି। ୩୦୦୦ ବର୍ଷ ତଳେ ସେ ବୀରମାନଙ୍କର ଏକ ଦଳକୁ ଏକତ୍ରିତ କରି ଆର୍ଗୋ ନାମକ ଏକ ଜାହାଜରେ ଦୁଃସାହସିକ ଯାତ୍ରା କରିଥିଲେ। ସେଥିପାଇଁ ସେମାନଙ୍କୁ ଆର୍ଗୋନଟ୍‌ସ କୁହାଯାଏ। ଜାସନଙ୍କ ଜାହାଜ ଆର୍ଗୋର ସମ୍ମୁଖଭାଗ ଡୋଡୋନା କବର ସ୍ଥଳୀରୁ ଆନୀତ ଓକ୍ କାଠରେ ତିଆରି ହୋଇଥିଲା ଏବଂ ସେ ପକ୍ଷୀମାନଙ୍କ ଭାଷା କହିପାରୁଥିଲେ। ଇହୁଦୀମାନଙ୍କ ଧାର୍ମିକ ସାହିତ୍ୟ ଟାଲ୍‌ମୁଡ ଅନୁସାରେ ରାଜା ସଲୋମନଙ୍କ ଅସାଧାରଣ ଜ୍ଞାନର ରହସ୍ୟ ହେଉଛି ଦେବତାମାନେ ତାଙ୍କୁ ପକ୍ଷୀମାନଙ୍କ ଭାଷା ବୁଝିବାର କ୍ଷମତା ଦେଇଥିଲେ। ପବିତ୍ର କୋରାନରେ ମଧ୍ୟ ସୁଲେମାନ (ସଲୋମନ) ଓ ଡାଭିଡଙ୍କ କଥା ବର୍ଣ୍ଣିତ ଅଛି, ଯେଉଁମାନେ ପକ୍ଷୀମାନଙ୍କ ଭାଷା ଜାଣିଥିଲେ।

କନ୍‌ଫରେନ୍ସ ଅଫ୍ ବାର୍ଡସ (ପକ୍ଷୀମାନଙ୍କ ସମ୍ମିଳନୀ) ହେଉଛି ଏକ ସୁଫି କବିତା, ଯାହାକୁ ଦ୍ୱାଦଶ ଶତାବ୍ଦୀର ପାରସ୍ୟ କବି ଅତ୍ତାର ଅଫ୍ ନିଶାପୁର ଲେଖିଥିଲେ। କବିତାର ଆରମ୍ଭରେ ବିଶ୍ୱର ପକ୍ଷୀମାନଙ୍କ ଏକ ସମ୍ମିଳନୀ ବିଷୟ ବର୍ଣ୍ଣନା କରାଯାଇଛି, ଯେଉଁଥିରେ କିଏ ସେମାନଙ୍କର ରାଜା ହେବ ସେ ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ସବୁଠାରୁ ବିଜ୍ଞ ପକ୍ଷୀ ହୁପୁ କହିଲେ ଯେ, ଏ ନିଷ୍ପତ୍ତି ନେବା ପାଇଁ ସିମର୍ଗ (ପୌରାଣିକ ଫିନିକ୍ସ ବଂଶର ଏକ ଦୟାଳୁ ପକ୍ଷୀ)କୁ ଦାୟିତ୍ୱ ଦିଆଯାଉ। ଏହି କବିତାରେ ପକ୍ଷୀମାନଙ୍କ ଯାତ୍ରା ଓ ଯାତ୍ରାକାଳରେ ସେମାନେ ଅର୍ଜନ କରିଥିବା ନୈତିକ ଜ୍ଞାନ ବିଷୟ ବର୍ଣ୍ଣିତ ହୋଇଛି।

ପକ୍ଷୀଭାଷା ବୁଝିବା କ୍ଷମତାରୁ ହିରୋ ବା ବୀରର ଅବଧାରଣା ଆସିଛି। ଯାଦୁକରୀ ରୂପାନ୍ତର ମାଧ୍ୟମରେ ବା କୌଣସି ଭଲକାମ କରିବାର ପୁରସ୍କାର ସ୍ୱରୂପ ସେମାନଙ୍କୁ ଏହି ଜ୍ଞାନ ମିଳିଥାଏ। ଇହୁଦୀମାନଙ୍କ ଜ୍ୟୋତିଷ, ଯାଦୁବିଦ୍ୟା ଓ ପକ୍ଷୀଭାଷା ବା ସବୁଜ ଭାଷା ବୁଝିବା କ୍ଷମତାକୁ ଗୁପ୍ତବିଦ୍ୟା ଓ ଚରମଜ୍ଞାନ ଭାବେ ବିବେଚନା କରାଯାଉଥିଲା। କୁହାଯାଏ ଏହି ଭାଷାକୁ ଇଜିପ୍ଟର ପକ୍ଷୀମୁଣ୍ଡିଆ ଦେବତା ଥୋଥ୍ ଲେଖିଥିଲେ। ଇଜିପ୍ଟୀୟମାନେ ହେରୋଗ୍ଲିଫିକ୍ ଲିପିକୁ ପକ୍ଷୀମାନଙ୍କ ଲିପି ବୋଲି ବିଶ୍ୱାସ କରନ୍ତି। ଦେଶୀ ଆମେରିକୀୟ ଭାରତୀୟ ପରମ୍ପରାରେ ଡାମରା କୁଆର ଯାଦୁଶକ୍ତି ଅଛି ଏବଂ ସେ ସ୍ୱର୍ଗର ବାର୍ତ୍ତାବହ।

ବ୍ୟାକରଣ ହେଉଛି ଭାଷାର ସାର। କେବଳ ଶବ୍ଦର ଅର୍ଥ ଜାଣିବା ଯଥେଷ୍ଟ ନୁହେଁ, ବାକ୍ୟ ଗଠନ ଓ ବାକ୍ୟରେ ଶବ୍ଦଗୁଡ଼ିକ କିପରି ବ୍ୟବହାର କରାଯାଏ ତାହା ଜାଣିବା ଆବଶ୍ୟକ। କେବଳ ମଣିଷର ଏହି କ୍ଷମତା ଅଛି ବୋଲି କୁହାଯାଏ। ବର୍ତ୍ତମାନ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଗାୟକ ପକ୍ଷୀମାନଙ୍କର ବି ଏହି କ୍ଷମତା ରହିଛି। ଆମ ପରି ସେମାନେ ବୟୋଜ୍ୟେଷ୍ଠମାନଙ୍କଠାରୁ ଭାଷା ଶିକ୍ଷା କରିଥାନ୍ତି। ସେମାନେ ଏହି କ୍ଷମତାର ବିକାଶ କରିବାକୁ ଅଭ୍ୟାସ କଲାବେଳେ ନୂଆ ନୂଆ ଗୀତ ଓ ସ୍ୱର ବି ବାହାର କରିଥାନ୍ତି ଏବଂ କେତେଟା ପିଢ଼ି ପରେ ତାହା ନୂଆ ଉପଭାଷା (ଡାୟାଲେକ୍ଟ) ରୂପେ ଆତ୍ମପ୍ରକାଶ କରେ।

୨୦୦୯ରୁ ଆରମ୍ଭ ହୋଇଥିବା ଏକ ପରୀକ୍ଷଣରେ ଗବେଷକ ଫେହର ଓ ତାଙ୍କ ସହଯୋଗୀମାନେ ନୂଆକରି ଅଣ୍ଡାରୁ ଛୁଆ ଫୁଟିଥିବା କିଛି ଜେବ୍ରା ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀ ଶାବକଙ୍କୁ ନେଇ ଧ୍ୱନି-ନିରୁଦ୍ଧ (ସାଉଣ୍ଡ ପ୍ରୁଫ୍) ପ୍ରକୋଷ୍ଠରେ ରଖିଲେ। ସେମାନଙ୍କ ଭାଷା ବିକାଶର ଗୁରୁତ୍ୱପୂର୍ଣ୍ଣ ସମୟରେ ହିଁ ନେଇ ସେମାନଙ୍କୁ ଏପରି ଆବଦ୍ଧ ପ୍ରକୋଷ୍ଠରେ ରଖାଗଲା। ଅର୍ଥାତ୍ ସଂଗୀତ-ବିହୀନ ଏକ ଦୁନିଆରେ ସେମାନଙ୍କୁ ରଖାଗଲା। କିନ୍ତୁ ସେମାନଙ୍କୁ ଗୀତର ରେକର୍ଡ ବଜାଇ ନିଜର ସଂଗୀତ ନିଜେ ବିକାଶ କରିବାର ସୁଯୋଗ ଦିଆଗଲା। ଏହି ଗୀତରେ ବନ୍ୟ ପକ୍ଷୀମାନଙ୍କ ପାରମ୍ପରିକ ସଂଗୀତଠାରୁ କମ୍ ସାଙ୍ଗୀତିକତା ଥିଲା। ପାରମ୍ପରିକ ସଂଗୀତର ତାଳ, ଲୟ ଏଥିରେ କିଛି ନ ଥିଲା। କିନ୍ତୁ ସମୟକ୍ରମେ ସେହି ପକ୍ଷୀମାନେ ଅନେକାଂଶରେ ସେମାନଙ୍କ ପ୍ରଜାତିର ବନ୍ୟ ଗାୟକ ପକ୍ଷୀମାନଙ୍କ ପରି ସଂଗୀତର ବିକାଶ କରିପାରିଲେ। ଏଥିରୁ ମନେହୁଏ ସେମାନଙ୍କ ଭିତରେ ସେମାନଙ୍କ ଭାଷାର ବ୍ୟାକରଣ ଓ ଗଠନ ବୁଝିବାର କ୍ଷମତା ରହିଥିଲା।

ନେଚର ପତ୍ରିକାରେ ପ୍ରକାଶିତ କେଣ୍ଟାରୋ ଆବେ ଓ ଡାଇ ୱାଟାନାବେଙ୍କ ଏକ ଅନୁଧ୍ୟାନ ପ୍ରକାଶ ପାଇଛି, ଯେଉଁଥିରେ ବେଙ୍ଗଲିଜ୍ ଫିଞ୍ଚ୍ ପ୍ରଜାତିର ଗାୟକ ପକ୍ଷୀଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ଏକ ଗାୟକ ପକ୍ଷୀମାନେ ନିଜ ସଂଗୀତ ସହ ଅନ୍ୟ ସଂଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି (ଆମେ ଏହାକୁ ସଂଗୀତ କହୁଛୁ କିନ୍ତୁ ଏହା ବାସ୍ତବରେ ସାଧାରଣ ବାର୍ତ୍ତାଳାପ)। ଗବେଷକମାନେ ସେହି ଏକା ଗୀତକୁ ବାରମ୍ବାର ବଜାଇଚାଲିଲେ ଏବଂ ଦେଖାଗଲା ଯେ ପକ୍ଷୀମାନେ କିଛି ସମୟ ପରେ ଆଉ ତା' ଉପରେ କିଛି ଆଗ୍ରହ ଦେଖାଇଲେ ନାହିଁ କିମ୍ବା କିଛି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ତା'ପରେ ଗବେଷକମାନେ ଗୀତଟିକୁ ଟିକେ ବଦଳାଇ ବଜାଇବାରୁ ପକ୍ଷୀମାନେ ତା' ଉପରେ ପ୍ରତିକ୍ରିୟା ପ୍ରକାଶ କଲେ। ଗବେଷକମାନେ କେତେକ ବ୍ୟାକରଣର ନିୟମ ଉଦ୍ଭାବନ କରି ପକ୍ଷୀମାନଙ୍କୁ ଶିକ୍ଷା ଦେଲେ ଏବଂ ଏହି ନିୟମଗୁଡ଼ିକୁ ଅନୁସରଣ କରୁଥିବା ୫୦ଟି ଗୀତ ସୃଷ୍ଟି କଲେ। ସେମାନେ ଗୀତଗୁଡ଼ିକୁ ଏକ ଘଣ୍ଟା ଧରି ପକ୍ଷୀମାନଙ୍କ ଆଗରେ ବଜାଇଲେ, ଯେପରି ଶିକ୍ଷକ ପିଲାମାନଙ୍କୁ ଅଭ୍ୟାସ କରାନ୍ତି। ତା'ପରେ ସେମାନେ ପାଞ୍ଚ ମିନିଟ୍ ଅପେକ୍ଷା କରି ଏକ ନୂଆ ଗୀତ ବଜାଇଲେ, ଯାହା ପୂର୍ବୋକ୍ତ ବ୍ୟାକରଣର ନିୟମକୁ ଅନୁସରଣ କରୁଥିଲା କିମ୍ବା କରୁ ନ ଥିଲା। ପକ୍ଷୀମାନେ ବ୍ୟାକରଣର ନିୟମକୁ ଠିକ୍‌ଭାବେ ଅନୁସରଣ କରୁଥିବା ଗୀତ ଉପରେ ପ୍ରତିକ୍ରିୟା ପ୍ରକାଶ କଲେ ଓ ଅନ୍ୟ ଗୀତ ବଜାହେଲା ବେଳେ କେବଳ ଡେଣା ଫଡ଼ଫଡ଼ କଲେ। ସୁତରାଂ ପକ୍ଷୀମାନେ ନୂଆ ବ୍ୟାକରଣର ନିୟମକୁ ଗ୍ରହଣ କରିନେଇ ସାରିଥିଲେ।

କେଉଁ ଜୈବ ଚାଳନ ଶକ୍ତି ବଳରେ ପକ୍ଷୀମାନେ ନୂଆ ବ୍ୟାକରଣ ଶିଖିପାରିଲେ? ଆମ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ସ୍ଥାନ ଅଛି, ଯାହା ଭୁଲ୍ ଶବ୍ଦ ସଂଯୋଜନା ଶୁଣିଲେ ତାହାକୁ ଗ୍ରହଣ କରିବାକୁ ଦିଏ ନାହିଁ। ବ୍ରୋକାଜ୍ ରିଜିୟନ ନାମକ ମସ୍ତିଷ୍କର ଏହି ଅଞ୍ଚଳ ହିଁ ଆମକୁ ବ୍ୟାକରଣ ବୁଝିବାର କ୍ଷମତା ଦେଇଥାଏ। ବୈଜ୍ଞାନିକମାନଙ୍କ ମତରେ ଗାୟକ ପକ୍ଷୀ ଫିଞ୍ଚ୍‌ମାନଙ୍କ ମସ୍ତିଷ୍କରେ ବି ଅନୁରୂପ ବ୍ୟବସ୍ଥା ଅଛି। ସୁତରାଂ ପକ୍ଷୀମାନଙ୍କର ସ୍ୱତନ୍ତ୍ର ଭାଷା ଅଛି। କିନ୍ତୁ ଦୁର୍ଭାଗ୍ୟ, ଆମେ ତାହା ବୁଝିପାରୁ ନାହୁଁ।

Email: gandhim@nic.in

# ଯେଉଁଠି ମନା ସେଇଠି ମନ



ଅଞ୍ଜନ ଚାନ୍ଦ

ସେ ଦିନର ସକାଳଟା ଖୁବ୍ ସୁନ୍ଦର ଥିଲା। କାଣିଚାଏ କୁହୁଡ଼ି ଦୂର ଦିଗ୍‌ବଳୟରେ ଦିଶୁ ନ ଥିଲା। ନୀଳ ଆକାଶରେ କେତୋଟି କୁନି ମେଘ ସୂର୍ଯ୍ୟଙ୍କ ରଙ୍ଗକୁ ମୁହଁରେ ମାଖି ଫୁଲେଇ ହେଉଥିଲେ। ଶୀତଳ କୋମଳ ପରିବେଶ। ଦୁଇବନ୍ଧୁ ପଦଚାରଣ କରି ରାଜାଙ୍କ ଉଆସ ପାଖରେ ପହଞ୍ଚିଲେ। ସେଠାରେ ପତ୍ରଗହଳ ଗଛଟିଏ ଫଳ ବିଭବରେ ମଣ୍ଡିତ ହୋଇଛି। ଗଛ ତଳେ ଗହଳ ଚହଳ। ବ୍ୟବସାୟୀମାନେ ରାଜପ୍ରତିନିଧିଙ୍କୁ ଉଚିତ ମୂଲ୍ୟ ଦେଇ ଫଳସବୁ କିଣି ନେଉଛନ୍ତି। ସେମାନଙ୍କଠାରୁ ଫଳ କିଣିବା ପାଇଁ ପ୍ରଜାମାନେ ଗହଳି କରିଛନ୍ତି। ସେତେବେଳେ ଆସୁଛି ନାଗରାବାଲା। ନାଗରା ବଜାଇ କହୁଛି– ଖାଅନା, ଏ ଫଳ ଖାଅନା। ଫଳରେ ବିଷ ଅଛି। ଯିଏ ଖାଇବ ଧୀରେ ଧୀରେ ମରିଯିବ। ପ୍ରଜାମାନେ ଶୁଣୁଛନ୍ତି। ତଥାପି ଫଳ କିଣି ଖାଇବାରେ ଲାଗିଛନ୍ତି।

ଜଣେ ବନ୍ଧୁ କହୁଛନ୍ତି, ଏ ଲୋକଗୁଡ଼ାକ କି ମୂର୍ଖ! ଆମ ରାଜା କେତେ ଭଲ। ଫଳ ବିକ୍ରି ହୋଇ ସହସ୍ର ସ୍ୱର୍ଣ୍ଣମୁଦ୍ରା ରାଜକୋଷକୁ ଯାଉଛି। ଅଥଚ ପ୍ରଜାଙ୍କ ମଙ୍ଗଳ ପାଇଁ ସେ ଫଳ ଖାଇବାକୁ ବାରଣ କରୁଛନ୍ତି। ଲୋକମାନେ ନ ଶୁଣିଲେ ସେ ଆଉ କ'ଣ କରିବେ? ଅନ୍ୟ ବନ୍ଧୁ କହିଲେ, ରାଜା ଯଦି ସତରେ ପ୍ରଜାଙ୍କ ମଙ୍ଗଳ ଚାହୁଁଛନ୍ତି ତେବେ ବିଷ ଫଳର ଏ ଗଛଟିକୁ ମୂଳରୁ କାଟିଦେଉନାହାନ୍ତି କାହିଁକି?

ପିଲାଦିନେ ଦେଖିଛି, ଆମ ଗାଁ ପାଖ ବସ୍ତିରେ ବିଡ଼ି ପ୍ରସ୍ତୁତି କୁଟୀରଶିଳ୍ପରେ ପରିଣତ ହୋଇଥିଲା। ଘରେ ଘରେ ବୁଢ଼ାଠାରୁ ଛୋଟ ପିଲା ଓ ସ୍ତ୍ରୀଲୋକମାନେ ଏକାଠି ବସି ବିଡ଼ି ମୋଡୁଥିଲେ। ସୂତାରେ ବଣ୍ଡଲ କରି ହାଟକୁ ବିକ୍ରି ପାଇଁ ନେଉଥିଲେ। ତା'ପରେ ପଲିଥିନ ପ୍ୟାକେଟ୍ ଆସିଲା। କେତେଜଣ ସହରରୁ କାଗଜ ଛାପି ତା' ଭିତରେ ପୂରାଇଲେ। କାଗଜରେ ବିଡ଼ିର ନାମ, ଦାମ୍ ସହିତ ଗୋଟେ ଟୋପିପିନ୍ଧା ଲୋକ କିମ୍ବା ଗୋଖର ସାପର ଛବି ଥିବା କଥା ମନେପଡୁଛି। କଲେଜକୁ ଯିବା ପରେ ସିଗାରେଟ୍ ସହିତ ପରିଚୟ। ସେତେବେଳେ ପିଲାମାନେ ମୁଣ୍ଡରେ ହିପ୍ପି, ଛିଟରଙ୍ଗର ଚିପା ଶାର୍ଟ, ଭେଲବଟମ୍ ପ୍ୟାଣ୍ଟ, ଚଉଡ଼ା ବେଲ୍ଟ, ହିଲ୍ ଜୋତା ସହିତ ମୁହଁରେ ସିଗାରେଟ୍ ଧରି ହିରୋ ସାଜୁଥିଲେ।

ବିଡ଼ି ଓ ସିଗାରେଟ୍‌ର ବହୁଦିନ ପରେ ଗୁଟ୍‌ଖାର ଆବିର୍ଭାବ। ସକାଳେ ପାନ ଦୋକାନରେ ଝୁଲୁଥିବା ପ୍ୟାକେଟ୍‌ଗୁଡ଼ିକ ସଞ୍ଜବେଳକୁ ଉଭାନ ହୋଇଯାଏ। ତମାଖୁ, ଗୁଟ୍‌ଖାର ବହୁଳ ବ୍ୟବହାରକୁ ଦେଖି ସରକାର ଚିନ୍ତାରେ ପଡ଼ିଲେ। ବୈଧାନିକ ସତର୍କତାକୁ ବଡ଼ ଅକ୍ଷରରେ ଲେଖିବା ବ୍ୟବସ୍ଥା କରାଇଲେ। ଲୋକମାନେ ଡରିଯିବା ପରି ଭୟଙ୍କର ଚିତ୍ର ଦେଖାଇଲେ। କାନ୍ଥବାଡ଼, ଗଣମାଧ୍ୟମରେ ବିଜ୍ଞାପନ ଦେଲେ। ସର୍ବସାଧାରଣ ସ୍ଥାନରେ ସିଗାରେଟ୍ ଟାଣିଲେ ଦୁଇଶହ ଟଙ୍କା ଫାଇନ କଲେ।

ଏଇ ଶେଷକଥାଟି ପାଇଁ ଗଣ୍ଡଗୋଳ ଉପୁଜିଲା। ଧୂମପାୟୀମାନେ ଆପତ୍ତି କଲେ। ସର୍ବସାଧାରଣ ଜାଗାରେ ତ ସିଗାରେଟ୍ ବିକ୍ରି ହେଉଛି। ତାକୁ କିଣି ଟାଣିବା ପାଇଁ କେଉଁ ଅସର୍ବସାଧାରଣ ଜାଗାକୁ ଯିବୁ? ଘରେ ସ୍ତ୍ରୀ, ପିଲାମାନେ ଅଛନ୍ତି। ସେଠାରେ ଟାଣି ହେବନି। 'ଏଠାରେ ସିଗାରେଟ୍ ଟାଣନ୍ତୁ' ଏମିତି କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ବି ନାହିଁ। ଆମେ କ'ଣ ସିଗାରେଟ୍ ଟାଣିବା ପାଇଁ ସହର ଛାଡ଼ି ବଣଜଙ୍ଗଲକୁ ଯିବୁ ନା ଦଶ ଟଙ୍କାର ସିଗାରେଟ୍ ପାଇଁ ହଜାରେ ଟଙ୍କାର ହୋଟେଲ ରୁମ୍ ବୁକ୍ କରିବୁ? ଦୁଇଶହ ଟଙ୍କାର ଫାଇନ୍ କଥା ଶୁଣି କେତେଜଣ ପୋଲିସବାବୁ ଖୁସି ହୋଇଯାଇଥିଲେ। ବାଟଘାଟରେ ଦୁଇଚାରିଟା ସିଗାରେଟ୍ ପିଆଳିକୁ ଧରିପାରିଲେ ହାତଖର୍ଚ୍ଚ ଉଠିଯିବ। ଠିକ୍ ସେତିକିବେଳେ ଚତୁର ସାମ୍ବାଦିକମାନେ ପୋଲିସ ପୋଷାକରେ ଥାଇ ମହାରାଜାଙ୍କ ଠାଣିରେ ସିଗାରେଟ୍ ଟଣା ହେଉଥିବାର ଫଟୋଚିତ୍ର ଖବରକାଗଜରେ ବାହାର କଲେ। ଏବେ ପଦପଦବୀ ଭୁଲି ସମସ୍ତେ ଛକରେ ସିଗାରେଟ୍ ଟାଣୁଛନ୍ତି। ସେ ନିୟମଟି କୁଆଡ଼େ ଗଲା ତାକୁ କେହି ଖୋଜୁନାହାନ୍ତି।

ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସରକାରୀ ଅର୍ଥ ସାହାଯ୍ୟ ପାଇ ସ୍କୁଲଗୁଡ଼ିକରେ ଘୂରିବୁଲି ନିଶା ନିବାରଣ ସଚେତନତା ସୃଷ୍ଟି କରୁଛନ୍ତି। କୋମଳମତି ପିଲାମାନେ ଯେଉଁ ଶବ୍ଦ ଆଗରୁ କେବେ ଶୁଣି ନ ଥିଲେ, ଯେଉଁ ଦ୍ରବ୍ୟକୁ ଜାଣି ନ ଥିଲେ ତାହା ସେମାନଙ୍କଠାରୁ ଶୁଣୁଛନ୍ତି ଓ ଜାଣୁଛନ୍ତି। ସେଇଟା କ'ଣ? କେମିତି ଲାଗେ? ଏ ପ୍ରଶ୍ନ ସେମାନଙ୍କୁ ଉତ୍ସୁକ କରୁଛି।

ନିଷେଧ ପ୍ରତି ଆକର୍ଷିତ ହେବା ମଣିଷର ସହଜାତ ପ୍ରକୃତି। ବାରମ୍ବାର ସତର୍କ କରିବା ପରେ ମଧ୍ୟ ପିଲାମାନେ ନିଆଁ ସହିତ ଖେଳନ୍ତି। ଜଳାଶୟ ପ୍ରତି ଆକର୍ଷିତ ହୁଅନ୍ତି। ଖୋଲା ପଡ଼ିଥିବା ଘରକୁ ଛାଡ଼ି ଯେଉଁ ଘରେ ତାଲା ପଡ଼ିଛି, ସେଠାରେ କ'ଣ ଅଛି ଜାଣିବାକୁ ମନ ଉଚ୍ଛନ୍ନ ହୁଏ। ଏହି ସ୍ୱାଭାବିକ ସୂତ୍ରକୁ ହିଁ ନିଶା ବେପାରୀମାନେ ନିଜ ଦ୍ରବ୍ୟର ପ୍ରଚାର କାର୍ଯ୍ୟରେ ବିନିଯୋଗ କରୁଛନ୍ତି ଏବଂ ଆମ ସରକାର ସେମାନଙ୍କୁ ସେଥିରେ ଭୂରପୂର ସହଯୋଗ କରୁଛନ୍ତି।

ଏବେ ପଲିଥିନକୁ ନେଇ ସବୁଠି ଚର୍ଚ୍ଚା। 'ନୋ ପ୍ଲାଷ୍ଟିକ୍, ନୋ ପଲିଥିନ୍' ସ୍ଲୋଗାନ ଦିଆଯାଉଛି। ଅଥଚ ସେ ଦୁଇଟି ଆମ ଜନଜୀବନ ସହିତ ଏତେ ଜଡ଼ିତ ଯେ, ଯେଉଁଠି ଯେତେବେଳେ ଆଖିବୁଜି ହାତ ବୁଲାନ୍ତୁ ପ୍ଲାଷ୍ଟିକ କିମ୍ବା ପଲିଥିନରେ ନିଶ୍ଚୟ ବାଜିବ। ପଲିଥିନ୍‌ର ବହୁଳ ବ୍ୟବହାର ଆମ ହାତରୁ ହାଟଥଳି କାଢ଼ିନେଇଛି। ସେ ଅଭ୍ୟାସ ସହଜରେ ଫେରିବ ନାହିଁ। ବିନା ପଲିଥିନରେ ମାଛ, ମାଂସ କେମିତି ଆସିବ? ଏ ଯେମିତି ଏକ ଅସମାହିତ ପ୍ରଶ୍ନ ଏବଂ ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ପଲିଥିନ ମୁଣାକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ପରେ ବି ତାହା ବଜାରକୁ ଏତେ ସଂଖ୍ୟାରେ କେଉଁଠୁ ଆସୁଛି?

ବନ୍ଧୁ ମଧୁ ମହାନ୍ତିଙ୍କୁ ମଧୁମେହ। ତାଙ୍କ ସ୍ତ୍ରୀ ମିଠା ଖାଇବାକୁ ଭଲ ପାଆନ୍ତି ନାହିଁ। ପିଲାମାନେ ଦୂରରେ ରହି ପାଠ ପଢୁଛନ୍ତି। ଅଥଚ ଫ୍ରିଜ୍‌ରେ ମିଠା ଅଛି ଅତିଥି ଅଭ୍ୟାଗତଙ୍କ ପାଇଁ। ସ୍ତ୍ରୀ ସ୍ୱାମୀଙ୍କ ଭଲ ଚାହାନ୍ତି। ବାରମ୍ବାର କୁହନ୍ତି, ତୁମେ ମିଠା ଖାଇବ ନାହିଁ। ସେ ଯେତେବେଳେ କୁହନ୍ତି ସେତେବେଳେ ମଧୁ ମହାନ୍ତିଙ୍କ ମନରେ ମିଠା ଖାଇବାର ଇଚ୍ଛା ପ୍ରବଳ ହୁଏ। ନିଶା ନିବାରଣ ପାଇଁ ବୈଧାନିକ ସତର୍କତା ଓ ସରକାରୀ ବିଜ୍ଞାପନଗୁଡ଼ିକ କାହିଁକି କେଜାଣି ଠିକ୍ ସେମିତି ମନେହୁଏ। **ମୋ: ୯୪୩୭୨୯୬୮୬୫**

# ସୀମିତ ବଳୟର ଜୀବନ



ଡ. ସୁବାସ ଚନ୍ଦ୍ର ପାତ୍ର

ଆଶ୍ୱାସନା କିପରି ବିଡ଼ମ୍ବନାରେ ରୂପାନ୍ତରିତ ହୋଇପାରେ ତାହା ଅନ୍ତତଃ ବିଜ୍ଞାନର ବରଦାନକୁ ବିଶ୍ଳେଷଣ କଲେ ଜାଣିହେବ। ମଣିଷ ଯେତେବେଳେ ସବୁ କାମ ପାଇଁ ତା' ହାତ ଓ ଗୋଡ଼ ଉପରେ ନିର୍ଭର କରୁଥିଲା, ସେତେବେଳେ ସେ ଭାବୁଥିଲା କିଛି ଗୋଟାଏ ବିକଳ୍ପ ବସ୍ତୁ ବା ଯନ୍ତ୍ରପାତି ମିଳିଯାନ୍ତା କି? ଯଦ୍ୱାରା ଏ ଶାରୀରିକ ପରିଶ୍ରମ ଖାଲି କମିଯାଆନ୍ତା ନାହିଁ ଉଦ୍‌ବୃତ୍ତ ସମୟକୁ ସେ ଆଉ କିଛି ସୂକ୍ଷ୍ମକାମରେ ଲଗାଇ ଏକ ସମୃଦ୍ଧ ଜୀବନଯାପନ କରନ୍ତା। ଘଟଣାକ୍ରମେ ବିଜ୍ଞାନ ତା'ର ମନୋବାଞ୍ଛା ପୂରଣ କଲା। ନିଜର ବୁଦ୍ଧି ଓ ବୈଜ୍ଞାନିକ ଯନ୍ତ୍ରପାତି ସୌଜନ୍ୟରେ ସେ ହାତଗୋଡ଼କୁ ବ୍ୟବହାର କଲା, କିନ୍ତୁ ବିଡ଼ମ୍ବନାକ୍ରମେ ସେ ସମୃଦ୍ଧ ହେଲା ସତ, କିନ୍ତୁ ଭିନ୍ନ ଭାବରେ ଦିନକୁ ଦିନ ସେ 'ଗରିବ' ହେବାକୁ ଲାଗିଲା– ଆର୍ଥିକ ପୁଞ୍ଜି ବୃଦ୍ଧି ହେବା ସହ ଅନୁଭୂତିର ପୁଞ୍ଜି ହ୍ରାସ ପାଇଲା। ଇନ୍ଦ୍ରିୟାତୀତ ଅନୁଭୂତି ଦୂରର କଥା, ଅନେକ ସାଧାରଣ ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରୁ ବି ସେ ବଞ୍ଚିତ ହେଲା, ଅର୍ଥାତ୍ ତା'ର ଆଖି, କାନ, ନାକ, ଜିଭ ଅନେକ ଅନୁଭୂତିର 'ସ୍ୱାଦ' ନ ପାଇ ଦିନକୁ ଦିନ 'ଦରିଦ୍ର' ହେବାକୁ ଲାଗିଲେ।

ପ୍ରସଙ୍ଗକ୍ରମେ ମହାପାତ୍ରବାବୁଙ୍କ ପ୍ରତିବାଦର ଅବତାରଣା। ପୁଅର ଆଗ୍ରହକୁ ପ୍ରତ୍ୟାଖ୍ୟାନ କରି ନ ପାରି ଭୁବନେଶ୍ୱରରୁ ବେଙ୍ଗାଲୁରୁ ଉଡ଼ାଜାହାଜରେ ଆସି କିପରି 'ବଞ୍ଚିତ' ହେଲେ ତାହା ହିଁ ଏହି ପ୍ରତିବାଦର କେନ୍ଦ୍ରବିନ୍ଦୁ। ପୁଅକୁ କହିଲେ, ''ଏକ ଘଣ୍ଟା ପଇଁଚାଳିଶ ମିନିଟ୍‌ରେ ଭୁବନେଶ୍ୱରରୁ ବେଙ୍ଗାଲୁରୁ ଆସି ମୁଁ ପାଇଲି କ'ଣ? ଦେଖିଲି କ'ଣ? କ'ଣ ଲାଭ ହେଲା? ଖାଲି କିଛି ସମୟ ବଞ୍ଚିଲା ଯାହା। ଉଡ଼ାଜାହଜ ଭିତରେ କେତେଜଣ ପରିଚାରିକା, ପାଖରେ ନିଜ ନିଜ ଇଲେକ୍ଟ୍ରୋନିକ ପୃଥିବୀରେ ହଜିଯାଇଥିବା କିଛି ସହଯାତ୍ରୀ, ଆଉ ବାହାରେ ଭାସମାନ ବାଦଲ ଓ ନୀଳ ଆକାଶ, ଯାହା ମୁଁ ପୃଥିବୀରେ ଠିଆ ହୋଇ ଅନେକବାର ଦେଖେ। ଅଥଚ ରେଳଗାଡ଼ିରେ ଆସିଥିଲେ ମୁଁ ଚିଲିକା ଦେଖିଥାନ୍ତି, ଆନ୍ଧ୍ର, ତାମିଲନାଡୁ, କର୍ଣାଟକ ଲୋକଙ୍କର ଘରଦ୍ୱାର, ଚାଷବାସ, ଗଛଲତା, ପୋଷାକ ପରିଚ୍ଛଦ ତଥା ବିଭିନ୍ନ କିସମର ସହଯାତ୍ରୀଙ୍କର ଭାଷା, ଖାଦ୍ୟ, କଥୋପକଥନ ସଂସ୍ପର୍ଶରେ ଆସି କିଛି ଜାଣିଥାନ୍ତି, ଶିଖିଥାନ୍ତି। ତୁ ଅଧିକ ପଇସା ଖର୍ଚ୍ଚ କଲୁ, ମୁଁ ଅନ୍ୟ ଭାବରେ 'ଦରିଦ୍ର' ହେଲି?'' ମହାପାତ୍ରବାବୁଙ୍କ କଥା ପିଲାଳିଆ, ପୁରୁଣାକାଳିଆ ମନେହୋଇ ପାରେ। କିନ୍ତୁ ଏହା ଭିତରେ ବି ଜୀବନର ସତ୍ୟ ଲୁକ୍କାୟିତ।

କହିବା ବାହୁଲ୍ୟ ଯେ ମହାପାତ୍ରବାବୁଙ୍କର ଅଭିଯୋଗ ଏକ ସଂକେତ ମାତ୍ର। ଆଜି ଆଧୁନିକ ମଣିଷ ସ୍କୁଲପିଲାଙ୍କ ୟୁନିଫର୍ମ ପରି ପ୍ରାୟତଃ ସକାଳୁ ସଞ୍ଜ ଏକା ଜିନିଷ ଦେଖେ, ଶୁଣେ, ଶୁଙ୍ଘେ ବା ସ୍ୱାଦକରେ। ଇନ୍ଦ୍ରିୟକୈନ୍ଦ୍ରିକ ଅନୁଭୂତିରେ ଭିନ୍ନତା ନାହିଁ ବା ସେ ପ୍ରକାର କିଛି ଦୃଶ୍ୟ ବା ରଙ୍ଗ ଯାହା ହଳଦୀବସନ୍ତର ହୋଇପାରେ, ଶିମୁଳି ଫୁଲର ହୋଇପାରେ ଅବା ଗାଈଟିର ବାଛୁରୀକୁ ଜନ୍ମ ଦେବାର ଦୃଶ୍ୟ ହୋଇପାରେ ଅବା ସେମିତି କିଛି ଶବ୍ଦ ଯାହା ଡାହୁକର ବା ପେଚାର ରାବ ଅବା ବାଉଁଶ ଗଛ ସହ ବାଉଁଶ ଗଛର ଘଷି ହେବାର ଶବ୍ଦ ଅବା ଖିରି ପାଇଁ ଉଦ୍ଦିଷ୍ଟ ବାସ୍ନା ଚାଉଳର ଧାନକେଣ୍ଡାର ସୁଗନ୍ଧ, ଗୋବରିଆ ପୋକର ଦୁର୍ଗନ୍ଧ ଅବା ଘରେ ତିଆରି ଖଜୁରିଗୁଡ଼ର ସ୍ୱାଦ– ଏମିତି ଅନେକ 'କଥା' ଆମ ଆଖି, କାନ, ନାକ, ଜିଭ ପାଇଁ ନିବୁଜ ବହିପରି। ଆଉ ଇନ୍ଦ୍ରିୟ ତଥା ବିଜ୍ଞାନ ଅବମାନନାକାରୀ ଘଟଣା ବା ଅନୁଭୂତି ଯାହା ଭୂତ, ପ୍ରେତ, ଡାହାଣୀ ସମ୍ପର୍କିତ ସେ ସବୁ ଅନୁଭୂତିର ଦାବିଦାର ବା ସମର୍ଥକ ହେବା ତ ଦୂରର କଥା ଅନ୍ତତଃ ତାହା ଅନ୍ୟ ତୁଣ୍ଡରୁ ଶୁଣିବାର ସୌଭାଗ୍ୟ ବି ଆଜି ଅନେକଙ୍କର ନାହିଁ। ଅବଶ୍ୟ ବିଜ୍ଞାନର ଆଶୀର୍ବାଦକ୍ରମେ ବହୁ ବିକଳ୍ପ ଦୃଶ୍ୟ ବା ଅନୁଭୂତି ଆଜି ଉପଲବ୍ଧ କିନ୍ତୁ ଦୁଃଖର କଥା ଆଜିର ଯୁବପିଢ଼ି ବାସ୍ତବ ଦୃଶ୍ୟ ବା ଅନୁଭୂତିକୁ ଅଙ୍ଗେ ନିଭେଇବା ବା ତା'ର ସାକ୍ଷୀ ହେବା ପରିବର୍ତ୍ତେ ତା'ର ଛାଇ, ତା'ର ଚିତ୍ରଜଗତରେ ଅଧିକ ମଗ୍ନ ରହି ବାସ୍ତବ ପୃଥିବୀ ପରିବର୍ତ୍ତେ ଅର୍ଦ୍ଧ-ବାସ୍ତବ ପୃଥିବୀରେ ଅଧିକ ସକ୍ରିୟ ରହୁଛନ୍ତି ଅର୍ଥାତ୍ ସତ୍ୟ ଅପେକ୍ଷା ଅର୍ଦ୍ଧସତ୍ୟର ଅନୁଧାବନକୁ ସେମାନେ ପ୍ରାଧାନ୍ୟ ଦେଇ ଜୀବନଯାପନ କରିବାକୁ ହିତକର ମଣୁଛନ୍ତି।

ବିଜ୍ଞାନ କାନ୍ଧରେ ଲାଉହୋଇ ମଣିଷ ତା'ର ସ୍ୱାଭାବିକ ଗତିଶୀଳତା, ଦୁଃସାହସିକତା, ମାଡ଼ିଯିବାପଣ ହରେଇ ଦିନକୁ ଦିନ ନିଜକୁ ଅଧିକ ଅସୁରକ୍ଷିତ ମଣି ଦୂରରେ ଥାଇ ବି କିପରି ପାଖରେ ରହିବ, ପାଖଲୋକଙ୍କ ଛାଇରେ ବଞ୍ଚିବ, ତା'ଠୁ ସାହାଯ୍ୟ ପାଇ ଅଧିକ 'ନିରାପଦ' ଜୀବନ ଯାପନ କରିବ ସେହି ଚିନ୍ତା ତାକୁ ଘାରିଛି। ଅର୍ଥାତ୍ ଶିକାଗୋ ହେଉ ଅବା ବେଙ୍ଗାଲୁରୁ ବିଜ୍ଞାନର ସୌଜନ୍ୟକ୍ରମେ ସେ ନିଜ ଘରଲୋକରୂପକ ବରଗଛର ଛାଇରେ ବଢ଼ି ନିଜକୁ ନିରାପଦ ମଣୁଛି ଏବଂ ଘରଲୋକ ବି ତାକୁ ବରଗଛତଳର ଦୂବଘାସରେ ପରିଣତ କରି ତାକୁ ଯେ ବଢ଼ିବାକୁ ଦେଉନାହାନ୍ତି, ତା'ର ସ୍ୱାଧୀନତା, ସ୍ୱାଧୀନ ଚିନ୍ତନକୁ ଲୋପକରି ସେମାନଙ୍କୁ ନିଜ ନିଜର ଗୋଟିଏ ଜେରକ୍ସ କପିରେ ପରିଣତ କରୁଛନ୍ତି, ସେ କଥା କେହି ଭାବୁନାହାନ୍ତି। ବିଜ୍ଞାନକୁ ଉପଯୋଗ କରି ଉଭୟ ବାପା ମା' ଓ ପିଲାଛୁଆ ପରସ୍ପରର ଗୋଲାମ ହୋଇ ବଞ୍ଚୁଛନ୍ତି। କେବେ ବି କୌଣସି ବାପା, ମା' ପିଲାମାନଙ୍କୁ କହୁନାହାନ୍ତି ତୁ ସ୍ୱାଧୀନ ହୋଇ ଯା, ଦୁଃସାହସୀ ହୁଅ, ଆଗକୁ ମାଡ଼ି ଯା, ସଂକଟକୁ ମୁକାବିଲା କର, ଆମେ ନାହୁଁ ବୋଲି ଭାବ, ବିପଦ ସହ ଖେଳିବା ଶିଖ। ବରଂ ଓଲଟି କହୁଛନ୍ତି, 'ତୁ କିଛି ଚିନ୍ତା କରନା, ମୁଁ ଯେ ପର୍ଯ୍ୟନ୍ତ ଅଛି ତୋ ପାଦରେ କଣ୍ଟା ଫୋଡ଼ିବନି।' କି ପ୍ରକାର ସୁରକ୍ଷାକବଚ! କି ପ୍ରକାର ନିରାପତ୍ତାର ପ୍ରତିଶ୍ରୁତି!

ଅଥଚ ଅଭିଭାବକମାନେ ଯେତେବେଳେ ପିଲାଛୁଆଙ୍କର ଅଯଥା ସୁରକ୍ଷାକବଚ ସାଜୁ ନ ଥିଲେ, ବିଜ୍ଞାନର ଛାୟାରେ ସେମାନଙ୍କ ଉପରେ କାୟା ବିସ୍ତାର କରୁ ନ ଥିଲେ, ପିଲାମାନେ କେତେ କଥା କରି ପକାଉଥିଲେ। ବିଶିଷ୍ଟ ଐତିହାସିକ ଡ. ମନ୍ମଥନାଥ ଦାସଙ୍କ ଜୀବନୀରୁ ଏକ ଉଦାହରଣ। ୧୯୩୮ ମସିହାରେ ବାଲେଶ୍ୱର ଜିଲାସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲାବେଳେ ସେ ଖବରକାଗଜରୁ ଜାଣିଲେ ଗାନ୍ଧିଜୀ ପୁରୀର ଡେଲାଙ୍ଗ ଆସୁଛନ୍ତି। ସେ ଓ ତାଙ୍କ ସହପାଠୀ ତ୍ରିଲୋଚନ ସେନାପତି ଦୁହେଁ ଟ୍ରେନରେ ଯାଇ ଡେଲାଙ୍ଗରେ ପହଞ୍ଚିଥିଲେ। ସଭାସ୍ଥଳ ଜନାକୀର୍ଣ୍ଣ। ଗାନ୍ଧୀଙ୍କୁ ପାଖରେ ଦେଖିପାରିଲେନି। ମନ ଖରାପ କରି ପଡିଆରେ ଘୂରି ବୁଲୁଛନ୍ତି, ସେହି ସମୟରେ କଂଗ୍ରେସ ଦଳର ଜଣେ ଯୁବକର୍ମୀ ତାଙ୍କ ମନସ୍ତାପର କାରଣ ଜାଣି ତା'ର ପ୍ରତିକାରର ଉପାୟ ବତାଇଲେ। କହିଲେ, ଯଦି କାଲି ଭୋର ବେଳେ ପଡ଼ିଆ ନିକଟସ୍ଥ ସେହି ପୋଖରୀକୂଳକୁ ସେ ଆସିପାରିବେ, ଯେଉଁଠି ପାଖ କୁଡ଼ିଆଘରେ ଗାନ୍ଧୀ ରହୁଛନ୍ତି ଏବଂ ଲୁଗା ସଫା କରିବାକୁ ସେ ପୋଖରୀ ତୁଠକୁ ଭୋରୁ ଆସନ୍ତି ତାହାଲେ ନିକଟରୁ ଗାନ୍ଧୀଙ୍କୁ ଦେଖିହେବ। ବାଳକ ମନ୍ମଥ ରାଜିହେଲେ। ରାତିଯାକ ଡେଲାଙ୍ଗ ଷ୍ଟେଶନରେ ପଡ଼ିରହି ଭୋର ୪ଟା ୩୦ରେ ସେଇ ପୋଖରୀ ପାଖରେ ପହଞ୍ଚିଲେ। ଭଦ୍ରଲୋକ ଜଣକ ସତକୁ ସତ ସେଇ ପୋଖରୀ ପାଖରେ ପହରା ଦେଉଥିଲେ। ପୋଖରୀ ପାଣିରେ ପଶି, ଗୋଡ଼ରେ କଣ୍ଟାବାଡ଼ର ଆଘାତ ଖାଇ ଅପେକ୍ଷାକୃତ ନିକଟରୁ ଡ. ଦାସ ଗାନ୍ଧୀଙ୍କୁ ଦର୍ଶନ କଲେ। ଆଜି ଏ କଥା କେଉଁ ପିଲା ଭାବିବ ନାହିଁ, ଆଉ ଯଦି ସେମିତି କିଛି ମହତ୍ କାମ ପାଇଁ ସେ ଯାଇଥିବ ଫେରିଲେ ପଚରାଯିବ ତୁ କାହା ଅନୁମତିରେ ଯାଇଥିଲୁ? ଯେତିକି ପାଠ ନଷ୍ଟ ହେଲା ତାହା ଭରଣା କରିବ କିଏ?

ମୋ– ୯୪୩୭୩ ୭୬୨୧୯

## ଏଇ ଭାରତରେ

ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ସମାଜ ଆଧୁନିକତାର ଶିଡି ଚଢ଼ି ଚାଲିଥିଲେ ମଧ୍ୟ ଅନ୍ଧବିଶ୍ୱାସ ଏବେ ବି ଅନେକଙ୍କ ଜୀବନକୁ ଜାବୁଡ଼ି ଧରିଛି। ଅନ୍ଧବିଶ୍ୱାସରେ ପଡ଼ି ମଣିଷ ବିବେକହୀନ କାର୍ଯ୍ୟ କରିବସେ, ଯାହାର ନଜିର ଅନେକ ଦେଖିବାକୁ ମିଳିଛି। ଏହିଭଳି ଘଟଣା ଏକ ଦମ୍ପତିଙ୍କ ଦ୍ୱାରା ଘଟିଛି, ଯାହା ଅନେକଙ୍କୁ ହତଚକିତ କରିଦେଇଛି। କାରଣ ସେମାନେ ତାନ୍ତ୍ରିକ କଥାରେ ବିଶ୍ୱାସ କରି ନିଜର ଏକମାସର ଶିଶୁପୁତ୍ରକୁ ରାଞ୍ଚିର ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରିଛନ୍ତି। ପଶ୍ଚିମବଙ୍ଗର ଉକ୍ତ ଦମ୍ପତିଙ୍କୁ କିଛିଦିନ ତଳେ ଜଣେ ତାନ୍ତ୍ରିକ କହିଥିଲେ, ଜନ୍ମ ହେବାକୁ ଥିବା ନୂତନ ଶିଶୁ ପରିବାର ପାଇଁ ସମସ୍ୟା ଆଣିବ। ଶିଶୁପୁତ୍ର ଜନ୍ମ ହେବା ପରେ ସେମାନଙ୍କର ବଡ଼ପୁଅ ହଠାତ୍ ଅସୁସ୍ଥ ହୋଇପଡ଼ିଲା। ତେଣୁ ତାନ୍ତ୍ରିକ କଥା ସତ ବୋଲି ବିଶ୍ୱାସ କରି ଦମ୍ପତି ଶିଶୁଟିକୁ ସିଡବ୍ଲ୍ୟୁସିକୁ ଦେଇଥିଲେ। ସିଡବ୍ଲ୍ୟୁସି ପକ୍ଷରୁ ସେମାନଙ୍କୁ ଯେତେ ବୁଝାଇଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ୧୫ ଦିନ ଧରି ଶିଶୁପୁତ୍ରକୁ ଏବେ କରୁଣା ନାମକ ଏକ ଚାଇଲ୍ଡ କେୟାର ସଂସ୍ଥାରେ ଲାଳନପାଳନ କରାଯାଉଛି। ସିଡବ୍ଲ୍ୟୁସିକୁ ଗୋଟିଏ କଥା ଆଶ୍ୱାସନା ଦେଇଛି ଯେ, ଶିଶୁପୁତ୍ରକୁ ତାଙ୍କ ମା'ବାପା ଅନ୍ୟ କେଉଁଠି ଛାଡ଼ିନାହାନ୍ତି, ନଚେତ୍ ନିଷ୍ପାପ ଶିଶୁର ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଥାନ୍ତା। ୨୦୧୭ ନିୟମାବଳୀ ଅନୁସାରେ ଦମ୍ପତି ଚାହିଁଲେ ସେମାନଙ୍କ ଶିଶୁପୁତ୍ରକୁ ୬୦ ଦିନ ମଧ୍ୟରେ ଫେରାଇ ନେଇ ପାରିବେ। ମାତ୍ର ଏହାପରେ ଶିଶୁ ଉପରେ ସେମାନଙ୍କର କୌଣସି ଅଧିକାର ରହିବ ନାହିଁ ବୋଲି କରୁଣା ପକ୍ଷରୁ ସୂଚନା ଦିଆଯାଇଛି।

## ଚିରନ୍ତନୀ

ଅତି ପ୍ରିୟ ପଥ ତବ ହେଲା ଯେବେ
କଣ୍ଟକେ ଆକୀର୍ଣ୍ଣ
ଦିଅ ଅନୁମତି ନିଜ ପଥ ନିଜେ
ଖୋଜୁ ହେ ନବୀନ!
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | E | 2 | | C | | | | | 6 | |
| 4 | | | | 0 | | D | | | 3 | | | | 2 | A |
| | | D | | 1 | | | 3 | | | E | 4 | | | |
| 3 | | | 2 | 7 | | | A | 5 | 6 | 0 | | C | | |
| A | 9 | | | | 6 | E | | | 2 | | 8 | 0 | | |
| | | | E | | | | 7 | | | | | | | 9 |
| E | D | | | | | | | 0 | | 4 | | 8 | | |
| | 1 | 9 | A | | | | | | | 6 | | 4 | | 7 |
| 2 | | 3 | | 4 | | | | | | | C | D | 5 | |
| C | | | | | | 6 | | 9 | | | 7 | 3 | | |
| | C | | | 8 | | | | 1 | | 3 | | A | | |
| 7 | | | | | | | D | 3 | C | | | | | 5 |
| 1 | | | B | | | | | 8 | | 9 | A | | | 2 |
| | 6 | | 0 | | | | | E | 8 | 5 | B | | | 3 |
| | | | 4 | D | | | | | | | 2 | E | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 0 | D | E | 3 | C | 2 | 4 | 1 | B | A | 9 | 8 | 5 | 6 |
| 1 | 3 | E | 5 | B | 8 | C | 9 | A | 0 | 7 | 6 | 2 | 4 | D |
| B | 4 | 5 | 1 | A | D | 6 | 3 | E | 8 | 2 | C | 0 | 7 | 9 |
| A | 9 | 6 | 2 | 4 | 7 | 8 | 0 | D | 3 | E | 5 | 1 | C | B |
| 2 | C | 8 | 6 | 0 | 9 | 5 | B | 7 | D | 1 | 4 | E | A | 3 |
| 3 | 6 | 0 | 4 | 1 | A | 7 | 5 | B | 9 | D | 8 | C | E | 2 |
| E | 2 | A | 3 | 7 | 0 | 4 | 1 | 8 | C | 6 | B | D | 9 | 5 |
| 9 | 8 | C | D | 6 | 5 | 0 | 2 | 3 | E | 4 | A | 7 | B | 1 |
| 4 | 1 | B | 8 | 9 | E | D | C | 6 | 2 | 5 | 7 | A | 3 | 0 |
| 5 | D | 7 | B | C | 2 | E | A | 9 | 1 | 3 | 0 | 4 | 6 | 8 |
| 6 | A | 3 | C | 8 | 1 | 9 | D | 2 | 4 | B | E | 5 | 0 | 7 |
| D | 5 | 2 | 0 | E | 6 | 1 | 7 | C | A | 9 | 3 | B | 8 | 4 |
| 8 | 7 | 1 | A | 5 | B | 3 | E | 4 | 6 | 0 | D | 9 | 2 | C |
| C | B | 9 | 7 | D | 4 | A | 6 | 0 | 5 | 8 | 2 | 3 | 1 | E |
| 0 | E | 4 | 9 | 2 | 3 | B | 8 | 5 | 7 | C | 1 | 6 | D | A |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କଟକ ବନଖଣ୍ଡ ଚୁପ୍

ମହାଶୟ,

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜାର କାଲୁଣିଗଡା ନିକଟରେ ଶତାଧିକ ଏକର ଜଙ୍ଗଲ ଜମିକୁ ଦୀର୍ଘ ୩୦ ବର୍ଷ ହେଲା ଜବରଦଖଲ କରି ଏକ ବେଆଇନ ଶିଳ୍ପ ଚାଲିଛି। ଏହା କଟକ ବନଖଣ୍ଡ ଡାଳିଯୋଡା ଫରେଷ୍ଟ ଅନ୍ତର୍ଗତ। ଜଙ୍ଗଲ ଜମିରେ ଚାଲିଥିବାରୁ ଏହି ଶିଳ୍ପକୁ ସରକାରୀ ସ୍ୱୀକୃତି କିମ୍ବା ପରିବେଶ ମଞ୍ଜୁରି ମିଳିନାହିଁ। ଏଥିପାଇଁ ସରକାର ଲକ୍ଷଲକ୍ଷ ଟଙ୍କାର ଟିକସ ହରାଉଥିବା ବେଳେ ଲୋକେ ମଧ୍ୟ ଏହି କାରଖାନାର ପ୍ରଦୂଷଣ କୁପ୍ରଭାବରେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ଜମିର ଶାବକ ରେକର୍ଡ ଅନୁଧ୍ୟାନ କରାଯାଇ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ ପରେ କାର୍ଯ୍ୟାନୁଷ୍ଠାନ ପାଇଁ କଟକ ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଆସିଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ସତୀଶ କୁମାର ବିଶ୍ୱାଳ, ଯାଜପୁର

### ଲୋପପାଉଛି ଘରଚଟିଆ

ଆଗରୁ ଦେଖିବାକୁ ମିଳୁଥିଲା ଘରଚଟିଆ ପ୍ରତ୍ୟେକ ଗାଁଗହଳିରେ ରହୁଥିଲେ। ଏବେ ଆଉ ଦେଖିବାକୁ ମିଳୁନି। କାରଣ ଲୋକେ ନଡ଼ାଛପର ନ କରି ପକ୍କାଘର କରୁଛନ୍ତି। ସେମାନଙ୍କ ରହିବା ପାଇଁ ଅସୁବିଧା ହେଉଛି। କାରଣ ଘରଚଟିଆମାନେ ନଡ଼ାଛପର ଘରେ ରହିବାକୁ ବେଶି ପସନ୍ଦ କରନ୍ତି। ଆମେ ସମସ୍ତେ ଘରଚଟିଆକୁ ପୁଣିଥରେ ମନେ ପକାଇବା ଏବଂ ତାଙ୍କ ରହିବା ପାଇଁ ସୁବିଧା କରିବା ଉଚିତ।

ସାରଥି ମଲ୍ଲିକ, ଅମରପାଲି, ବୀର ମହାରାଜପୁର, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

**୩ ଜାନୁୟାରୀ ୧୯୯୪**

- ଭାରତ ଓ ସିରିଆ ମଧ୍ୟରେ ଦ୍ୱିପାକ୍ଷିକ ଶିକ୍ଷା ଏବଂ ସାଂସ୍କୃତିକ ସହଯୋଗ ଲାଗି ଏକ ରାଜିନାମା ସ୍ୱାକ୍ଷରିତ।
- ଆଫଗାନିସ୍ତାନରେ ରାଷ୍ଟ୍ରପତି ବୁର୍‌ହାନୁଦ୍ଦିନ ରାବାନୀଙ୍କ ସରକାରୀ ବାହିନୀ ଏବଂ ବିଦ୍ରୋହୀ ପୂର୍ବତନ କମ୍ୟୁନିଷ୍ଟ ଜେନେରାଲ ଦୋସ୍ତୁମ୍ ସମର୍ଥକ ଗୋଷ୍ଠୀ ମଧ୍ୟରେ ସଂଘର୍ଷରେ ୭୦ ନିହତ।



ଂଗ୍ରେସ ପାଇଁ ଭାରତୀୟ ମୁସ୍‌ଲିମ୍ ମହିଳାଙ୍କ ଅପେକ୍ଷା ଇଟାଲୀ ମହିଳାଙ୍କ ସ୍ୱାର୍ଥ ବେଶି ଗୁରୁତ୍ୱପୂର୍ଣ୍ଣ।

-ସୁବ୍ରମଣ୍ୟମ୍ ସ୍ୱାମୀ, ଭାଜପା ଏମ୍‌ପି



# ରାଫାଲ ବୋମାରୁ ହାଇଡ୍ରାମା



ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ କରିଥିବା ଚୁକ୍ତି ପୁରୁଣା ପାଠ। ହେଲେ ଆଗକୁ ସାଧାରଣ ନିର୍ବାଚନ ଥିବାରୁ ବର୍ଷ ଆରମ୍ଭରୁ ଏହି ପ୍ରସଙ୍ଗକୁ ନେଇ ବିତର୍କ ସୃଷ୍ଟି ହୋଇଛି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣି ପୁଣିଥରେ ରାଫାଲ ବୋମା ନିକ୍ଷେପ କରିଛନ୍ତି। ଏହାକୁ ନେଇ ଉଭୟ ପାର୍ଲାମେଣ୍ଟ ବାହାରେ ଓ ଭିତରେ ହାଇଡ୍ରାମା ଦେଖିବାକୁ ମିଳିଛି। ଅଭିଯୋଗକୁ ସରକାର ଯେତେ ଖଣ୍ଡନ କଲେ ବି ଆଦୌ ମାନୁନାହାନ୍ତି ବିରୋଧୀ। ସେମାନଙ୍କ କେବଳ ଗୋଟିଏ ଜିଦ୍ 'ରାଫାଲ ଚୁକ୍ତିର ଜେପିସି ତଦନ୍ତ କରାଅ'।

## 'ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି ପାରିକର'

**ନୂଆଦିଲ୍ଲୀ,୨।୧(ପି.ଟି.)**

ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ରାଫାଲ ଡିଲ୍‌କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ବୁଧବାର ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି। ରାହୁଲ କହିଛନ୍ତି, ଗୋଆ ମୁଖ୍ୟମନ୍ତ୍ରୀ ପାରିକର ଦେଶର ପ୍ରତିରକ୍ଷା ମନ୍ତ୍ରୀ ଥିବାବେଳେ ସମ୍ପୂର୍ଣ୍ଣ ରାଫାଲ ଚୁକ୍ତିର ଫାଇଲଗୁଡ଼ିକ ନିଜ ଶୟନକକ୍ଷରେ ରଖିଥିଲେ। ସେଥିରେ ରାଫାଲ ସମ୍ପର୍କିତ ସମସ୍ତ ତଥ୍ୟ ରହିଛି। ତେଣୁ ତାଙ୍କୁ କେହି ଡିଷ୍ଟର୍ବ କରିପାରିବେ ନାହିଁ। ଏହାକୁ ନେଇ ସେ ମୋଦିଙ୍କୁ ବ୍ଲାକ୍‌ମେଲିଂ କରୁଛନ୍ତି। ପାରିକର ନିଜେ ଫାଇଲ ରଖିବା କଥା କହୁଥିବା ଏକ କ୍ୟାବିନେଟ ବୈଠକରେ ସ୍ୱୀକାର କରିଛନ୍ତି। ଗୋଆର ଜଣେ କ୍ୟାବିନେଟ ମନ୍ତ୍ରୀ ସେନେଇ କହୁଥିବା ଟେପ୍ ତାଙ୍କ ନିକଟରେ ଅଛି। ଏଭଳି ଅନେକ ଟେପ୍ ଥାଇପାରେ। ପାରିକର ଯାହା କରୁଛନ୍ତି, ତାହା ପ୍ରଧାନମନ୍ତ୍ରୀଙ୍କୁ ଏକପ୍ରକାର ଧମକ ଦେବା ଓ ବ୍ଲାକ୍‌ମେଲିଂ କରିବା। ଏଠାରେ ପ୍ରଶ୍ନ ଉଠୁଛି, ପାରିକରଙ୍କ ବେଡ୍‌ରୁମ୍‌ରେ କ'ଣ ସବୁ ସୂଚନା ଅଛି। ସେଠାରେ କି କି ଫାଇଲ ଅଛି ଏବଂ ତାହା ନରେନ୍ଦ୍ର ମୋଦିଙ୍କ ଉପରେ କି ପ୍ରଭାବ ପକାଇପାରେ ବୋଲି ରାହୁଲ କହିଛନ୍ତି। ପ୍ରକାଶ ଯେ, ୫୮,୦୦୦ କୋଟି ଟଙ୍କାର ରାଫାଲ ଚୁକ୍ତିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି କଂଗ୍ରେସ ଓ ବିରୋଧୀ ଦଳଗୁଡ଼ିକ ଏହାର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ଅଡିବସିଛନ୍ତି।

## ଜେପିସି ତଦନ୍ତ ଦାବିକଲା ଶିବସେନା



ଅରବିନ୍ଦ ସାୱନ୍ତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ରାଫାଲ ଚୁକ୍ତି ଦୁର୍ନୀତିର ଜେପିସି ତଦନ୍ତ ଦାବିରେ ବିରୋଧୀ ଅଟଳ ଥିବାବେଳେ ବୁଧବାର ସେମାନଙ୍କ ସହ ସାମିଲ ହୋଇଛି ଭାଜପାର ଅମାନିଆ ସହଯୋଗୀ ଶିବସେନା। ଲୋକ ସଭାରେ ଏହି ପ୍ରସଙ୍ଗରେ ଶିବସେନା ସଦସ୍ୟ ଅରବିନ୍ଦ ସାୱନ୍ତ କହିଛନ୍ତି, ସରକାର ସବୁବେଳେ ସ୍ୱଚ୍ଛତା କଥା କହୁଛନ୍ତି। ହେଲେ ରାଫାଲ ଚୁକ୍ତିର ଜେପିସି ତଦନ୍ତ ଦାବିକୁ କାହିଁକି ପ୍ରତ୍ୟାଖ୍ୟାନ କରୁଛନ୍ତି। ଜେପିସି ତଦନ୍ତ କରାଯାଉ ଓ ସତ ପଦାକୁ ଆସିବାକୁ ଦିଆଯାଉ ବୋଲି ଅରବିନ୍ଦ ଦାବି କରିଛନ୍ତି।

## 'ରାଫାଲ ନେଇ ଆଲୋଚନା ହୋଇନି'

**ପଣଜୀ,୨।୧(ଆଇଏଏନ୍‌ଏସ୍)**

ଯେଉଁ ଅଡିଓ ଟେପ୍ କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ମିଛ। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ରାଫାଲ ଫାଇଲ ସମ୍ପର୍କରେ କୌଣସି କ୍ୟାବିନେଟ ବୈଠକରେ କିଛି କହିନାହାନ୍ତି ବୋଲି ବୁଧବାର ଖଣ୍ଡନ କରିଛନ୍ତି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର। ସେ କହିଛନ୍ତି, କଂଗ୍ରେସ ମିଛ ତଥ୍ୟର ଆଶ୍ରୟ ନେଇ ସରକାରଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟାକୁଳ ହୋଇଯାଇଛି। ସୁପ୍ରିମକୋର୍ଟଙ୍କ ରାୟ ପରେ କଂଗ୍ରେସର ମିଛ ଧରାପଡ଼ିଯିବା ପରେ ଏହି ଦଳ ଏଭଳି ଜାଲିଆତି କରୁଥିବା ପାରିକର ଅଭିଯୋଗ ଆଣିଛନ୍ତି। ଏହା ପୂର୍ବରୁ କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ ଏବଂ ଅନ୍ୟ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପର ଅଡିଓ ଟେପ୍ ଜାରି କରିଥିଲେ। ସେଥିରେ ରାଣେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କହୁଥିଲେ, ପାରିକର ରାଫାଲ ଫାଇଲ ନିଜ ବାସଭବନର ଶୟନକକ୍ଷରେ ରଖିଥିବା ଏକ କ୍ୟାବିନେଟ ମିଟିଂରେ ତାଙ୍କୁ କହିଛନ୍ତି।






ବାୟୁସେନା ପାଇଁ ଜରୁରିକାଳୀନ ଭିତ୍ତିରେ ଯୁଦ୍ଧବିମାନ କିଣାଯିବାରେ ଆପତ୍ତି ନାହିଁ। କିନ୍ତୁ ରାଫାଲ ଚୁକ୍ତିରେ ସ୍ୱଚ୍ଛତା, ସାଧୁତା ଓ ପ୍ରକ୍ରିୟାକୁ ନେଇ ପ୍ରଶ୍ନ ରହିଛି। ତେଣୁ ଏହା ଡିଲ୍ ପଛରେ କ'ଣ ଅଛି ତାହା ଦେଶର ଜନସାଧାରଣ ଜାଣିବାକୁ ଚାହାନ୍ତି।

-କଲିକେଶ ନାରାୟଣ ସିଂଦେଓ, ବିଜେଡି ଏମ୍‌ପି

## ଲୋକ ସଭାରେ ଆଧାର ସଂଶୋଧନ ବିଲ୍ ଆଗତ

**ନୂଆଦିଲ୍ଲୀ,୨।୧(ପି.ଟି.)**

ମୋବାଇଲ ଫୋନ ଏବଂ ବ୍ୟାଙ୍କ ଆକାଉଣ୍ଟରେ ସ୍ୱେଚ୍ଛାକୃତ ଭାବେ ଆଧାର ସଂଯୋଗକୁ ଆଇନଗତ ସମର୍ଥନ ଦେବା ଲାଗି ବୁଧବାର ସରକାର ଲୋକ ସଭାରେ ଏହା ଉପରେ ସଂଶୋଧନ ବିଲ୍ ଆଣିଛନ୍ତି। ଘରୋଇ ସଂସ୍ଥା ଲାଗି ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ବ୍ୟାଙ୍କ ଏବଂ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ ଅସୁବିଧାରେ ପଡ଼ିଥିଲେ। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ସଂଶୋଧନ ପ୍ରସ୍ତାବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିବାବେଳେ ରାୟର ଅନୁପାଳନ ଲାଗି ପ୍ରସ୍ତାବିତ ସଂଶୋଧନ ଅଣାଯାଇଛି। ଏହାଦ୍ୱାରା ଗୋପନୀୟତା ଅଧିକାରର ଉଲ୍ଲଂଘନ ହେବ ନାହିଁ । ଖୁବ୍ ଶୀଘ୍ର ଡାଟା ସୁରକ୍ଷା ବିଲ୍ ଉପସ୍ଥାପନ କରାଯିବ ।

## ମାଲିରେ ୩୭ ନିହତ

**ବାମାକୋ,୨।୧(ଏଏଫ୍‌ପି):** କେନ୍ଦ୍ରୀୟ ମାଲିରେ ସଶସ୍ତ୍ର ଡୋଜୋନ ଶିକାରୀ ଏବଂ କୃଷକଙ୍କ ମଧ୍ୟରେ ସଂଘର୍ଷରୁ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ମୋପ୍‌ଟି ଅଞ୍ଚଳର ବାଙ୍କାସ ନିକଟବର୍ତ୍ତୀ କୌଲଗନ ଗ୍ରାମରେ ମଙ୍ଗଳବାର ଏହି ସଂଘର୍ଷ ହୋଇଥିଲା। ଏହି ଆକ୍ରମଣରେ ଅନେକ ଆହତ ହୋଇଥିବାବେଳେ ବହୁ ଘର ଜଳିଯାଇଛି। ଡୋଜୋନ ଧର୍ମୀୟ ସମ୍ପ୍ରଦାୟର ଏହି ପାରମ୍ପରିକ ଶିକାରୀମାନେ ଗାଁ ମୁଖିଆ ଏବଂ ତାଙ୍କ ପରିବାରର ଅନ୍ୟ କେତେଜଣଙ୍କୁ ହତ୍ୟା କରିଛନ୍ତି। ଫୁଲାନି ସମ୍ପ୍ରଦାୟର ଗୋରୁ ଡୋଜୋନ ସମ୍ପ୍ରଦାୟଙ୍କ ଜମିରେ ଚରିବାକୁ କେନ୍ଦ୍ରକରି ଏହି ହିଂସାକାଣ୍ଡ ଘଟିଥିବା କୁହାଯାଉଛି। ଗତବର୍ଷ ଉକ୍ତ ଅଞ୍ଚଳରେ ବିଭିନ୍ନ ସମୟରେ ସଂଘର୍ଷ ଘଟି ୫୦୦ରୁ ଅଧିକ ସାଧାରଣ ଲୋକ ପ୍ରାଣ ହରାଇଥିବା ଜାତିସଂଘ ରିପୋର୍ଟରୁ ଜଣାପଡିଛି।


**ପୂର୍ବ ତଟ ରେଳପଥ**

**ଚୁକ୍ତି ଭିତ୍ତିରେ ଅବୈତନିକ (HONORARY) ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ (HVS) ନିଯୁକ୍ତି କରିବା ନିମନ୍ତେ ଅଧିସୂଚନା**

ଅଧିସୂଚନା ସଂ.: SBP/Pers/Gaz/HVS/Engagement/Med/2018, ତା. 21.12.2018 ରିଖ

ପୂର୍ବ ତଟ ରେଳପଥର ସମ୍ବଲପୁରସ୍ଥିତ ମଣ୍ଡଳ ରେଳବାଇ ଚିକିତ୍ସାଳୟ ନିମନ୍ତେ ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ୍ ଜେନେରାଲ ମେଡ଼ିସିନ୍ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି । ନିମ୍ନ ବର୍ଣ୍ଣିତ ଯୋଗ୍ୟତା ମାନଦଣ୍ଡ/ଉପଯୁକ୍ତତା ପୂରଣ କରୁଥିବା ଇଚ୍ଛୁକ ଡାକ୍ତରମାନେ ଉପରୋକ୍ତ ପଦବୀ ନିମନ୍ତେ ଦରଖାସ୍ତ ଆବେଦନ କରିପାରିବେ । ଏହି ନିଯୁକ୍ତି ଏକ ବର୍ଷ ଅବଧି ନିମନ୍ତେ ଉଦ୍ଦିଷ୍ଟ ଏବଂ ସଂପୂର୍ଣ୍ଣ ଭାବେ ଚୁକ୍ତି ଭିତ୍ତିକ ଅଟେ, ଯାହାକି ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି ମାଧ୍ୟମରେ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହୋଇଥିବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ ।

**ପଦବୀଗୁଡ଼ିକର ବିବରଣୀ:**

| ସ୍ଥାନ | ନିଯୁକ୍ତି ପାଇବାକୁ ଥିବା HVS ସଂଖ୍ୟା | ନିଯୁକ୍ତି ପାଇବାକୁ ଥିବା HVS ବିଶେଷଜ୍ଞତା | HVS ଙ୍କ ପ୍ରସ୍ତାବିତ ଡ୍ୟୁଟି ସମୟ | ସ୍ପେସିଆଲିଷ୍ଟଙ୍କ ପାରିଶ୍ରମିକ |
|---|---|---|---|---|
| ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର | 01 | ଜେନେରାଲ ମେଡ଼ିସିନ୍ | ସପ୍ତାହରେ 4 ଦିନ ଦୈନିକ 2 ଘଣ୍ଟା ପାଇଁ | ମାସିକ ଟ.32,000/- |

**ଯୋଗ୍ୟତା:** (କ) ଏକ ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ । ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ହାସଲ କରିବା ପରେ ସଂପୃକ୍ତ ବିଶେଷଜ୍ଞତା ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 03 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ । (ଖ) ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ସହିତ ଉପଯୁକ୍ତ ପ୍ରାର୍ଥୀ ଉପଲବ୍ଧ ନ ହେବା ସ୍ଥଳେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ହାସଲ କରିବା ପରେ ସଂପୃକ୍ତ ବିଶେଷଜ୍ଞତା ସମ୍ପର୍କିତ ବୃତ୍ତିଗତ କାର୍ଯ୍ୟରେ ସର୍ବନିମ୍ନ 05 ବର୍ଷର ଅଭିଜ୍ଞତା ଥିବା ଆବଶ୍ୟକ ।

**ବୟସ ସୀମା:** (କ) ପ୍ରଥମ ଥର ନିଯୁକ୍ତି ସମୟରେ 30 ବର୍ଷ ବୟସରୁ 64 ବର୍ଷ ବୟସ ଗ୍ରହଣୀୟ । (ଖ) ଚାଲୁ ରଖାଯାଇଥିବା ନିଯୁକ୍ତି ନିମନ୍ତେ ଉଚ୍ଚତର ବୟସ ସୀମା 65 ବର୍ଷ ।

**ଆବେଦନ କିପରି କରିବେ:** ଅବୈତନିକ ଭିଜିଟିଙ୍ଗ୍ ସ୍ପେସିଆଲିଷ୍ଟ୍ ଭାବେ ଯୋଗ ଦେବାକୁ ଇଚ୍ଛୁକ ଥିବା ଆବେଦନକାରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ (ସଂଲଗ୍ନ) ସତ୍ୟାପିତ ପ୍ରମାଣପତ୍ର ସହିତ ଆବେଦନ କରି ତାହାକୁ ସିଧାସଳଖ **ମୁଖ୍ୟ ଚିକିତ୍ସା ଅଧୀକ୍ଷକ, ମଣ୍ଡଳ ରେଳବାଇ ଚିକିତ୍ସାଳୟ, ସମ୍ବଲପୁର, ପିନ୍- 768003**, ଓଡ଼ିଶାଙ୍କ ଠିକଣାରେ ତା. **21.01.2019** ରିଖ ସୁଦ୍ଧା କିମ୍ବା ତା' ପୂର୍ବରୁ ଜମା କରିପାରିବେ ।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ସର୍ତ୍ତ ତଥା ନିୟମାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ ।

ମଣ୍ଡଳ ରେଳ ପ୍ରବନ୍ଧକ (କାର୍ମିକ)/ ସମ୍ବଲପୁର

PR-417/J/18-19



OSDMA

ଓଡ଼ିଶା ସରକାର

DSPL - 326




- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ପରିଧାନ କରନ୍ତୁ। ମୁଣ୍ଡରେ ଟୋପି/ ମଫଲର ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ତଥା ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଜେନେରେଟର କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ।
- ଯଥାସମ୍ଭବ ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତି ଥଣ୍ଡା ପାଣିର ବ୍ୟବହାର କରନ୍ତୁ ନାହିଁ।
- ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ପୋଉଁଥିଲେ ବା ବୈଦ୍ୟୁତିକ ଉପକରଣର ବ୍ୟବହାର କରୁଥିଲେ ସମ୍ଭାବ୍ୟ ଅଗ୍ନିକାଣ୍ଡ ପ୍ରତି ସତର୍କ ରୁହନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

ସଚେତନତା ଓ ସତର୍କତା ହିଁ ସୁରକ୍ଷା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

24007/13/0016/1819



**ୟୁକୋ ବ୍ୟାଙ୍କ**

**ବ୍ରଜରାଜନଗର ଶାଖା**
ରେଳ ଷ୍ଟେସନ୍ ସମ୍ମୁଖ, ପୋ : ବ୍ରଜରାଜନଗର
ଜିଲ୍ଲା : ଝାରସୁଗୁଡା - ୭୬୮୨୧୬ (ଓଡିଶା)

**ଦଖଲ ନୋଟିସ**

**(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮)**

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା (ମାନ)ଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା (ମାନେ) ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ଦଖଲ ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

**ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ**

| ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ନୋଟିସ ଅନୁଯାୟୀ ବକେୟାରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ : ଶ୍ରୀ କରୁଣାକର ଦାସ,** ପିତା : କାର୍ତ୍ତିକ ଚରଣ ଦାସ ଏବଂ **ଶ୍ରୀ ସୁଧାଂଶୁ ଶେଖର ଦାସ,** ପିତା : କାର୍ତ୍ତିକ ଚରଣ ଦାସ, ଉଭୟଙ୍କ ଠିକଣା ସା: ଗୁମାଡେରା (ମେନ୍ ରୋଡ଼), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ବସନ୍ତ କୁମାର ବିଶ୍ୱାଳ,** ପିତା : ଶ୍ରୀ ହରି ବିଶ୍ୱାଳ, ସା : ଗୁମାଡେରା (ଗୌଡିଆପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | **୩୧.୦୫.୨୦୧୮ ସୁଦ୍ଧା ଟ.୨,୮୧,୪୧୮/-** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୨.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କାର୍ତ୍ତିକ ଚରଣ ଦାସ,** ପିତା : ଶ୍ରୀ ନରହରି ଦାସଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୩୨, ପ୍ଲଟ ନଂ.: ୪୩୧୨/୮୨୩୦, କ୍ଷେତ୍ର: ଏକର ୦.୦୪୦ଡିସିମିଲି, ଏବଂ ପ୍ଲଟ ନଂ.: ୮୨୩୧/୮୭୭୬, କ୍ଷେତ୍ର: ଏକର ୦.୦୧୦ଡିସିମିଲି, **ମୋଟ କ୍ଷେତ୍ର : ଏକର୦.୦୫୦ ଡିସିମିଲି ।** |
| **ଋଣଗ୍ରହୀତା : ଶ୍ରୀ ବାବୁଲି କୁମାର ଶିଶୁ, ଠିକଣା (୧) :** ପ୍ଲଟ ନଂ. ଏ/୧୦୬, ପ୍ରଥମ ମହଲା, ନୀଓ ହାଇଟ୍ ଆର୍ପାଟମେଣ୍ଟ, ହୋଟେଲ୍ କଣ୍ଟିନେଣ୍ଟାଲ ପଛପଟ, ସରବାହାଲ, ଝାରସୁଗୁଡା, **ଠିକଣା (୨) :** ବିବେକ ବିହାର, ବରପଣ୍ଡା ସମ୍ମୁଖ, (ସିଏ) ବମ୍ବେ ଛକ ନିକଟ, ଜିଲ୍ଲା : ଝାରସୁଗୁଡା, **ଠିକଣା (୩) :** ମାଲିପଡା, ଗୁମାଡେରା, ବେଲପାହାଡ, ଝାରସୁଗୁଡା, **ଠିକଣା (୪) :** ତାରାପଡା, ପୋ : ବାଙ୍ଗୁରୀଗାଁ, ଥାନା : କାକଟପୁର, ଜିଲ୍ଲା : ପୁରୀ, ପିନ୍-୭୫୨୧୧୮ / **ଜାମିନଦାରମାନେ : (୧) ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସା, **(୨) ଶ୍ରୀ ଜିତେନ୍ଦ୍ର ସା, (୩) ଶ୍ରୀ ମୋତିରାମ ସା, (୪) ଶ୍ରୀ ଥଣ୍ଡାରାମ ସା,** ସମସ୍ତେ ଶ୍ରୀ କୃଷ୍ଣ ଚନ୍ଦ୍ର ସାଙ୍କ ଉତ୍ତରାଧିକାରୀମାନେ, ସମସ୍ତଙ୍କ ବାସସ୍ଥାନ ଜଗନ୍ନାଥ ମନ୍ଦିର ନିକଟ, ସରଣ୍ଡାମାଲ, ଲଖନ୍‌ପୁର, ଝାରସୁଗୁଡା । | **୨୮.୦୨.୨୦୧୮ ସୁଦ୍ଧା ଟ.୬୫,୭୧,୮୬୬.୭୩** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୯.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ କୃଷ୍ଣ ଚନ୍ଦ୍ର ସା ଓ ଶ୍ରୀ ରମେଶ ଚନ୍ଦ୍ର ସା,** ପିତା : ୰ ପୂର୍ଣ୍ଣ ଚନ୍ଦ୍ର ସାଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ସରଣ୍ଡାମାଲ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୧୯, ପ୍ଲଟ ନଂ.: ୧୦୯୬, କ୍ଷେତ୍ର: ଏକର ୦.୧୦୦ଡିସିମିଲି । |
| **ଋଣଗ୍ରହୀତାମାନେ : ଶ୍ରୀମତୀ ବିଷ୍ଣୁ ପ୍ରିୟା ପଟ୍ଟନାୟକ,** ସ୍ୱାମୀ : ରଞ୍ଜନ କୁମାର ପଟ୍ଟନାୟକ ଓ **ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକ,** ପିତା : ଶୁକ ପଟ୍ଟନାୟକ, ଉଭୟଙ୍କ ଠିକଣା ସା : ଗୁମାଡେରା (ମହୁଲପଡା), ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ପ୍ରିୟବ୍ରତ ଦତ୍ତ,** ପିତା : ଶ୍ରୀ ଅମ୍ବିକା ପ୍ରସାଦ ଦତ୍ତ, ସା : ଗୁମାଡେରା, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭, **(୨) ଶ୍ରୀ ସୁଶାନ୍ତ ପ୍ରମାଣିକ,** ପିତା : ଶ୍ରୀ କହ୍ନାଇଁଲାଲ ପ୍ରମାଣିକ, ସା : ଗୁମାଡେରା (ମଳିପଡା), ପୋ : ବେଲପାହଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | **୩୦.୦୧.୨୦୧୮ ସୁଦ୍ଧା ଟ.୭,୩୧,୪୯୭/-** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀମତୀ ବିଷ୍ଣୁପ୍ରିୟା ପଟ୍ଟନାୟକ,** ସ୍ୱାମୀ : ଶ୍ରୀ ରଞ୍ଜନ କୁମାର ପଟ୍ଟନାୟକଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୪୭୮, ପ୍ଲଟ ନଂ.: ୩୭୯୭/୯୮୮୯, କ୍ଷେତ୍ର: ଏକର ୦.୦୯୫ଡିସିମିଲି । |
| **ଋଣଗ୍ରହୀତା : ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧ / **ଜାମିନଦାରମାନେ : (୧) ଶ୍ରୀ ନିରଞ୍ଜନ ବାଗ୍,** ପିତା : ଶ୍ରୀ ଦୈତାରୀ ବାଗ୍, ସା : ସହଜବାହାଲ, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୧, **(୨) ଶ୍ରୀ ହେମସାଗର ସେଠ୍,** ପିତା : ଶ୍ରୀ ଦୋଳମଣି ସେଠ୍, ସା : ଗୌରପଡା, ପୋ : ଆର.କୁଦୋପାଲି, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ । | **୩୧.୦୮.୨୦୧୮ ସୁଦ୍ଧା ଟ.୨୬,୨୨,୧୭୮/-** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ଶ୍ରୀ ରାମ ପ୍ରସାଦ ବାଗ୍,** ପିତା : ୰ ନରେନ ବାଗ୍‌ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବରପାଲି, ପୋ : ଚାରପାଲି-ବରପାଲି, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୮୦/୨୪୬, ପ୍ଲଟ ନଂ.: ୮୯, କ୍ଷେତ୍ର: ଏକର ୦.୨୦୦ଡିସିମିଲି । |
| **ଋଣଗ୍ରହୀତାମାନେ : ମହମଦ୍ ଜମାଲୁଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍ ଏବଂ **ମହମଦ୍ ଗୁଲାମ ରବ୍‌ବାନି,** ପିତା : ମହମଦ୍ ଜମାଲୁଦ୍ଦିନ୍, ସା : ବିଟିସି ଟାୟାର ସପ୍, ଜୁନାଡିହି, ରୋଲ୍‌ୱେ ଫାଟକ ନିକଟ, ପୋ : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ପିନ୍-୭୬୮୨୧୭ / **ଜାମିନଦାରମାନେ : (୧) ଶ୍ରୀ ଉମା ଶଙ୍କର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, **(୨) ଶ୍ରୀ ନିରଞ୍ଜନ କୁମାର ନାଥ,** ପିତା : କୃଷ୍ଣ ଚନ୍ଦ୍ର ନାଥ, ଉଭୟଙ୍କ ଠିକଣା: ଗୁମାଡେରା, ମାଉସୀ ମା ମନ୍ଦିର ନିକଟ, ବେଲପାହାଡ, ଜିଲ୍ଲା : ଝାରସୁଗୁଡା - ୭୬୮୨୧୭, **(୩) ମହମଦ୍ ଅଜିଜୁଲ୍ ଅଲିମ୍,** ପିତା : ଅବୁଦୁଲ୍ ଲତିଫ୍, **(୪) ମହମଦ୍ ଇଷାକି,** ପିତା : ମହମଦ୍ ଅଜିଜୁଲ୍ ଅଲିମ୍, ଉଭୟଙ୍କ ଠିକଣା: ମିର୍ଦ୍ଧାଡେରା, ୨ୟ ରୋଲୱେ ଫାଟକ ନିକଟ, ଗୁମାଡେରା, ବେଲପାହାଡ, ଜିଲ୍ଲା : ଝାରସୁଗୁଡା-୭୬୮୨୧୭ । | **୩୧.୦୮.୨୦୧୮ ସୁଦ୍ଧା ଟ.୩୦,୭୪,୮୫୬.୭୫** + ତତ୍‌ପରବର୍ତ୍ତି ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୧୦.୨୦୧୮ / ୨୮.୧୨.୨୦୧୮ | **ମହମଦ୍ ଜାମୁଲଉଦ୍ଦିନ୍,** ପିତା : ୰ ମହମଦ୍ ଅଲିହୁସେନ୍‌ଙ୍କ ନାମରେ ଥିବା ଜମି ଓ ଗୃହ ଆଦି ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା : ବେଲପାହାଡ, ଜିଲ୍ଲା : ଝାରସୁଗୁଡା, ଖାତା ନଂ.: ୧୨୬୧/୩୫୩୨, ପ୍ଲଟ ନଂ.: ୨୦୪୫/୧୭୩୩୪, କ୍ଷେତ୍ର: ଏକର ୦.୧୩୫ଡିସିମିଲି । |

**ସ୍ଥାନ: ବ୍ରଜରାଜନଗର**
**ତାରିଖ : ୦୨.୦୧.୨୦୧୯**

**କ୍ଷମତାପ୍ରାପ୍ତ ଅଧିକାରୀ**
**ୟୁକୋ ବ୍ୟାଙ୍କ**

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩ ।୨୦୧୯



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



**ସଂକ୍ଷେପରେ**

## ବିଭିନ୍ନ ଅଞ୍ଚଳରେ ହାତୀପଲ, ଲୋକେ ଆତଙ୍କିତ

ଦେବଗଡ,୨୧ (ସ୍ୱ.ପ୍ର)

ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଦେବଗଡ ବନ ବିଭାଗ ହାତୀ ଗଣନା ସହ ସେମାନଙ୍କ ଗତିବିଧି ସମ୍ପର୍କରେ ଟିକିନିଖି ଖବର ରଖୁଥିଲେ ହେଁ ଦିନକୁ ଦିନ ଦେବଗଡ ଜିଲାର ବିଭିନ୍ନ ଅଞ୍ଚଳରେ ହାତୀମାନଙ୍କର ଉପଦ୍ରବ ବଢିବାରେ ଲାଗିଛି । କିଛି ଦିନ ହେବ ରିଆମାଳ ରେଞ୍ଜ ତଥା ଅଧିନ ତଲେଶ୍ୱର, ଚୁଆଖୋଲ, ମୂଷାକାନୀ ଓ ରଞ୍ଜଣା ଅଞ୍ଚଳରେ ୩ ଦନ୍ତା ଓ ୫ଛୁଆଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ହାତୀପଲ ବ୍ୟାପକ ଧାନ ନଷ୍ଟ କରିଥିବା ଜଣାପଡିଛି । ଅନ୍ୟପକ୍ଷରେ ହାତୀପଲ ରାତି ହେଲେ ପାହାଡ ତଳକୁ ଓହ୍ଲାଇ ବ୍ୟାପକ ଚାଷ ନଷ୍ଟ କରୁଥିବାରୁ ସେମାନେ ଏବେ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି ।

■ ଶିଶୁଭବନ ଡାକ୍ତରଙ୍କୁ ଠକେଇ ଅଭିଯୋଗ

# ୧୮ ଲକ୍ଷ ସହ ଧରାପଡ଼ିଲେ ବିଦେଶୀ

ଅନୁଗୋଳ ଅଫିସ, ୨୧

ମେଶିନ କିଣିଦେବା ବାହାନାରେ କଟକ ଶିଶୁ ଭବନରେ କାର୍ଯ୍ୟରତ ଡାକ୍ତର ମଙ୍ଗଳ ଚରଣ ମୁର୍ମୁଙ୍କ ଠାରୁ ୧୮ ଲକ୍ଷରୁ ଅଧିକ ଟଙ୍କା ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଘାନାର ନାଗରିକ କଜବି ନିକୋଲାସ୍ (୪୪)ଙ୍କୁ ବୁଧବାର ଗିରଫ କରିଛି। ଅନୁଗୋଳ ରେଲୱେ ଷ୍ଟେଶନରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ହରିହର ପାଣି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିକୋଲାସ୍‌ଙ୍କଠାରୁ ପୋଲିସ ୧୮.୫ ଲକ୍ଷ ଟଙ୍କା ଓ ପାର୍ସପୋର୍ଟ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

ପୋଲିସ କହିଛି, କଜବି ବ୍ୟବସାୟିକ ଭିଜାରେ ୨୦୧୮ ଅକ୍ଟୋବର ୨୩ରେ ଭାରତ ଆସିଥିଲେ। ଏହାପରେ ସେ ଶିଶୁଭବନ ଡାକ୍ତର ମୁର୍ମୁଙ୍କ ସହ ଇଣ୍ଟରନେଟ୍ ଓ ଫୋନରେ ସମ୍ପର୍କ ବଢ଼ାଇଥିଲେ। ଡାକ୍ତର ମୁର୍ମୁ ତଳତେଲଙ୍ଗା ବଜାରରେ ଏକ କ୍ଲିନିକ ପାଇଁ ଯନ୍ତ୍ରପାତି କିଣିବାକୁ ଚାହୁଁଥିଲେ। ବାହାରେ ଉକ୍ତ ଯନ୍ତ୍ରାଂଶର ମୂଲ୍ୟ ୨୫ରୁ ୩୦ ଲକ୍ଷ ହୋଇଥିବା ବେଳେ କଜବି ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣାଇ ଦେବା ସହ ବର୍ଷକ ପାଇଁ ରକ୍ଷଣାବେକ୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଡାକ୍ତର ମୁର୍ମୁ କଜବିଙ୍କୁ କଟକରେ ଭେଟିବା ସହ ୫ ଲକ୍ଷ ଟଙ୍କା ଆଡଭାନ୍ସ ଦେଇଥିଲେ। କିଛିଦିନ ପରେ କଜବି ଡାକ୍ତରଙ୍କୁ ଫୋନ କରି ବାକି ଟଙ୍କା ମାଗିବାରୁ ଗତ ୨୯ ତାରିଖରେ କଟକ ଆସିବା ପାଇଁ ଡାକ୍ତର କହିଥିଲେ। ପାଖରେ ଏତେ ଟଙ୍କା ନ ଥିବାରୁ ବୌଦ୍ଧ ଯାଇ ଟଙ୍କା ଆଣିବା ପାଇଁ ଡାକ୍ତର ପ୍ରସ୍ତାବ ଦେଇଥିଲେ। ଏଥିରେ ସେ ରାଜି ହେବା ସହ ଡାକ୍ତରଙ୍କ ସହ ବୌଦ୍ଧରେ ଥିବା ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ସେଠାରେ ୧୩ ଲକ୍ଷ ୫୦ ହଜାର ଟଙ୍କା ପାଇବା ପରେ କଜବି ଟିକେ ଆସୁଛି କହି ଚମ୍ପଟ ମାରିଥିଲେ। ଡାକ୍ତର ଓ ତାଙ୍କ ସମ୍ପର୍କୀୟ ସେଠାରେ ଖୋଜା ଖୋଜି କରିବା ପରେ ପାଇ ନ ଥିଲେ। ଅଟୋରେ ଜଣେ ବିଦେଶୀ ଷ୍ଟେଶନ ଯାଉଥିବା ଖବର ପାଇ ଡାକ୍ତର ମୁର୍ମୁ ଓ ସମ୍ପର୍କୀୟ ରେଢ଼ାଖୋଲ ଷ୍ଟେଶନ ଆସି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଡାକ୍ତର ଏ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ମଧ୍ୟ ସହରରେ କଜବିଙ୍କୁ ଖୋଜା ଖୋଜି କରୁଥିଲା। ତେବେ ସନ୍ଧ୍ୟାରେ ଷ୍ଟେଶନ ନିକଟରେ ବୁଲୁଥିବା ଦେଖି ପୋଲିସ ତାଙ୍କୁ କାବୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ପଚରା ଉଚରା ସମୟରେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଡି-୨ ବଗିରେ ସେ ଅନୁଗୋଳରେ ଓହ୍ଲାଇଥିବା କହିଥିଲେ। ଅନୁଗୋଳ ପୋଲିସଠାରୁ ଖବରପାଇ ଠକେଇର ଶିକାର ହୋଇଥିବା ଡାକ୍ତର ମୁର୍ମୁ ପହଞ୍ଚି ଚିହ୍ନଟ କରିବା ପରେ ପୋଲିସ କଜବିଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରାଯାଇଛି।





ଗିରଫ ଘାନା ନାଗରିକ କଜବି ନିକୋଲାସ ଓ ଜବତ ହୋଇଥିବା ଟଙ୍କା।

- ■ ଷ୍ଟେଶନରୁ କାବୁ କଲା ଅନୁଗୋଳ ପୋଲିସ
- ■ ମେଶିନ କିଣିବା ବାହାନାରେ ନେଇଥିଲେ ଟଙ୍କା
- ■ ପର୍ଯ୍ୟଟନ ଭିଜାରେ ଘାନାରୁ ଆସିଥିଲେ

# ରାଉରକେଲାରେ ପହଞ୍ଚିଲେ ଦିଲୀପ

## 'କେଉଁ ଦଳରେ ଯୋଗଦେବି ମନ ସ୍ଥିର କରିନି'

ରାଉରକେଲା ଅଫିସ, ୨୧

ପୂର୍ବତନ ବିଧାୟକ ଦିଲୀପ ରାୟ ବୁଧବାର ମଧ୍ୟାହ୍ନ ୧୨ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପରେ ପହଞ୍ଚିଛନ୍ତି। ସେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ସମର୍ଥକମାନେ ସ୍ୱାଗତ କରିଥିଲେ । ତାଙ୍କୁ ମୁଖ୍ୟ ରାସ୍ତା ଦେଇ ଏକ ବାଇକ ଶୋଭାଯାତ୍ରାରେ କଲ୍ୟାଣୀ ନିବାସ ଯାଏ ନିଆଯାଇଥିଲା। ସେଠାରେ ଉପସ୍ଥିତ ୫ଶହରୁ ଊର୍ଦ୍ଧ୍ୱ ସମର୍ଥକ,ଶୁଭେଚ୍ଛୁଙ୍କୁ ଦିଲୀପ ନବବର୍ଷର ଶୁଭେଚ୍ଛା ଜଣାଇବା ସହ କହିଥିଲେ ରାଉରକେଲାର ବିକାଶ ନେଇ ମୋର ପ୍ରୟାସ ଜାରି ରହିବ। ପାର୍ଟି ବଦଳରେ ମୁଁ ମାଟି ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱ ଦେଇଆସିଛି। ଆଜି ବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବା ପ୍ରସଙ୍ଗରୁ ଓହରି ନାହିଁ। ସହରବାସୀଙ୍କ ଦୁଃଖସୁଖରେ ମୁଁ ସବୁବେଳେ ସହଭାଗୀ ହୋଇ ରହିବି ବୋଲି ରାୟ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ। ବିଧାୟକ ପଦ ଓ ଭାଜପାରୁ ଇସ୍ତଫା ପରେ କିଛିଦିନ ବିଦେଶ ଗସ୍ତରେ ଥିବା ରାୟ ରାଉରକେଲା ଫେରିବା ପରେ ତାଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିଲା। ଦିନଭରି ତାଙ୍କ ଭବିଷ୍ୟତ ପଦକ୍ଷେପ ନେଇ ବହୁ ସମର୍ଥକ ତାଙ୍କ କାର୍ଯ୍ୟାଳୟ କଲ୍ୟାଣୀ ଭବନ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଏୟାର ଷ୍ଟ୍ରିପ ବାହାରେ ଉପସ୍ଥିତ ଖବରଦାତାଙ୍କୁ ରାୟ କହିଥିଲେ ମୁଁ କେଉଁ ପାର୍ଟିରେ ଯୋଗ ଦେବି କି ନ ଦେବି ସେ ନେଇ ମନ ସ୍ଥିର କରିନି। ମୋ ଶୁଭେଚ୍ଛୁ ଓ ସମର୍ଥକଙ୍କ ସହ ପ୍ରଥମେ ଆଲୋଚନା କରିବି, ତା'ପରେ ଯାଇ ଯାହା କିଛି ନିଷ୍ପତ୍ତି ନେବି। ଏନେଇ ବିଜୟ ମହାପାତ୍ରଙ୍କ ଟିପ୍ପଣୀ ପ୍ରସଙ୍ଗ ଉଠାଯିବାରୁ ସେ କହିଥିଲେ ତାଙ୍କ ସହ ଏଯାଏ କଥା ହୋଇନି। ଯେବେ ନିଷ୍ପତ୍ତି ନେବି ତା ପୂର୍ବରୁ ଆପଣମାନଙ୍କୁ ଜଣାଇବି ବୋଲି ରାୟ କହିଛନ୍ତି।

## ୯୮ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

ଦେବଗଡ,୨୧(ସ୍ୱ.ପ୍ର)

ଦେବଗଡ ଜିଲାର ସର୍ବପୁରାତନ ରାଜା ବାସୁଦେବ ହାଇସ୍କୁଲ ୧୯୯୮ମାଟ୍ରିକ ବ୍ୟାଚ ପୁରାତନ ଛାତ୍ରଙ୍କ ଏକ ବନ୍ଧୁମିଳନ ସ୍ଥାନୀୟ ତିଲେଇବଣି ବ୍ଲକ ଦେଓଝରଣ ଜଳପ୍ରପାତଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁ ମିଳନରେ ଉପରୋକ୍ତ ହାଇସ୍କୁଲର୧୯୯୮ବ୍ୟାଚର ଅଧ୍ୟୟନ କରିଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଯୋଗଦେଇଥିଲେ । ସେଠାରେ ସମସ୍ତେ ନବବର୍ଷକୁ ସ୍ୱାଗତ ଜଣାଇ ଆଲୋଚନା ମାଧ୍ୟମରେ ଛାତ୍ର ଜୀବନର ଅନୁଭୁତି ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିନୁ ସ୍ୱାଇଁ, ରମାଞ୍ଚଳ ସାମଲ, ଚନ୍ଦନ ଅଗ୍ରୱାଲ, ରାଜେଶ ସାହୁ, ଅନନ୍ତ ଦାଶ, ବୁନୁ ଆଚାର୍ଯ୍ୟ, ଟିଟୁ ଦାଶ, ଶ୍ରୀକାନ୍ତ ମହାପାତ୍ର, ପିଙ୍କୁ ଝାଙ୍କର, ପୂର୍ଣ୍ଣନନ୍ଦ ମିଶ୍ରଙ୍କ ସମେତ ଅନ୍ୟ ବନ୍ଧୁମାନେ ଯୋଗଦେଇଥିଲେ।

## ଜୁଡୋ ଖେଳାଳିଙ୍କ ବିଶାଖାପାଟଣା ଯାତ୍ରା

ସମ୍ବଲପୁର,୨୧(ବ୍ୟୁରୋ)

ବିନାଖଣ୍ଡି ସାଓଲିନ୍ କୁମ୍ଫୁ ଓସ୍ତୁ ଅନୁଷ୍ଠାନର ୫ଜଣ ଜୁଡୋ ଖେଳାଳି ସିନିୟର ଜାତୀୟ ଜୁଡୋ ପ୍ରତିଯୋଗିତାରେ ଭାଗ ନେବାକୁ ବୁଧବାର ବିଶାଖାପାଟଣା ଯାତ୍ରା କରିଛନ୍ତି । ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ବଲପୁର ସିଟି ଷ୍ଟେଶନରେ ଜୁଡୋ ଖେଳାଳି ଆଶିଷ ସାହୁ, ଗାୟତ୍ରୀ ମିଶ୍ର, ରୋଶନି ସିଂ, ସେହେନାଜ୍ ଖାତୁନ ଓ ଶିବାନୀ ଅଗ୍ରୱାଲଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମୁଖ୍ୟ ପ୍ରଶିକ୍ଷକ ତଥା ଜିଲା ଜୁଡୋ ସମ୍ପାଦକ ସୁବାସଚନ୍ଦ୍ର ବେହେରା ପ୍ରଶିକ୍ଷକ ରହିଛନ୍ତି। ଜିତେନ୍ଦ୍ର ପ୍ରଧାନ, ଭଗବାନ ସାହୁ, ମୋହନଲାଲ ଅଗ୍ରୱାଲ, ସୋନୁ ପ୍ରସାଦ ସୋନାର, ପ୍ରିୟଙ୍କା ମିତ୍ତଲଙ୍କ ସମେତ ଅନୁଷ୍ଠାନର ସଭ୍ୟମାନେ ଜୁଡୋ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।



ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ଜୁଡୋ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଉଛନ୍ତି ।

# ଖଇରକାନିରେ ପୋଲିସର ଜନସମ୍ପର୍କ ଶିବିର

ଦେବଗଡ଼,୨୧(ସ୍ୱ.ପ୍ର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ କଂସର ପଞ୍ଚାୟତ ଅଧୀନ ଉପାନ୍ତ ଅଞ୍ଚଳ ଖଇରକାନି ଗ୍ରାମରେ ଜିଲା ପୋଲିସ ବିଭାଗ ପକ୍ଷରୁ ବୁଧବାର ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଦେବଗଡ ଏସ୍‌ପି ଅନୁପମା ଜେମସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜରେ ଘଟୁଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଉପରେ ଅଙ୍କୁଶ ଲଗାଇବାକୁ ପୋଲିସକୁ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଯୁବକ ସଂଘ ଛାତ୍ରୀଛାତ୍ର ତଥା ଗ୍ରାମବାସୀଙ୍କୁ କ୍ରୀଡା ସାମଗ୍ରୀ ଏବଂ ସ୍କୁଲ ଶିଶୁମାନଙ୍କୁ ସ୍କୁଲ ବ୍ୟାଗ ଆଦି ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉକ୍ତ ପଞ୍ଚାୟତର ୱାର୍ଡ ମେମ୍ବର ରିଜର୍ଭ ଇନ୍ସପେକ୍ଟର କାଳିଚରଣ ମାଝୀ, ରିଆମାଳ ଥାନାଧିକାରୀ ବ୍ରହ୍ମାନନ୍ଦ ପାତ୍ର, ଆରଓ ପ୍ରଶାନ୍ତ ମୁଦୁଲି, ପୋଲିସ କର୍ମଚାରୀ ସଞ୍ଜୀବ ବେହେରା, ମାଧବ ବେହେରା, ନୃସିଂହ ଦ୍ୱିବେଦୀଙ୍କ ସମେତ ପୋଲିସ ଷ୍ଟାଫ ପ୍ରମୁଖ ଉପସ୍ଥିତଥିଲେ ।



ଏସ୍‌ପି ଅନୁପମା ଜେମସ ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ କ୍ରୀଡା ସାମଗ୍ରୀ ପ୍ରଦାନ କରୁଛନ୍ତି।

# କ୍ରିକେଟର ଦ୍ରୋଣାଚାର୍ଯ୍ୟ



ଦୁଇ ଶିଷ୍ୟ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲିଙ୍କ ସହ ଆଚରେକର।

ମୁମ୍ବାଇ, ୨୧(ପି.ଟି.)

ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଜଣେ ମହାନ୍ କ୍ରିକେଟର ଭାବେ ଗଢ଼ି ତୋଳିବାରେ ଗୁରୁଦାୟିତ୍ୱ ତୁଲାଇଥିବା କିମ୍ବଦନ୍ତୀ କ୍ରିକେଟ୍ କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ରମାକାନ୍ତ ଆଚରେକରଙ୍କ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ବୁଧବାର ସନ୍ଧ୍ୟାରେ ମୁମ୍ବାଇରେ ୮୭ ବର୍ଷ ବୟସରେ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ସଦସ୍ୟ ରଶ୍ମି ଡଲ୍‌ଭି କହିଛନ୍ତି। ସଚିନଙ୍କ ପିଲାଦିନର କୋଚ୍ ଭାବେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ଭାରତୀୟ କ୍ରିକେଟକୁ ଅତୁଳନୀୟ ଅବଦାନ ଲାଗି ୧୯୯୦ରେ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମଧ୍ୟ ଜିତିଛନ୍ତି। ସେହିଭଳି ୨୦୧୦ରେ ସେ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର 'ପଦ୍ମଶ୍ରୀ' ହାସଲ କରିଥିଲେ। ସଚିନ୍‌ଙ୍କ ବ୍ୟତୀତ ଆଚରେକର ଜଣାଶୁଣା କ୍ରିକେଟର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ମଧ୍ୟ କୋଚ୍ ରହିଥିଲେ।

୧୯୩୨ରେ ଜନ୍ମଗ୍ରହଣ କରିଥିବା ଆଚରେକର ମୁମ୍ବାଇ ଦାଦରସ୍ଥିତ ଶିବାଜୀ ପାର୍କ କମଥ ମେମୋରିଆଲ କ୍ରିକେଟ କ୍ଲବରେ ଯୁବ କ୍ରିକେଟରଙ୍କୁ କୋଚିଂ ପ୍ରଦାନ କରିଥାନ୍ତି। ସେ କୋଚିଂ ପ୍ରଦାନ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ସଚିନ କ୍ରିକେଟ ଇତିହାସରେ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସଚିନଙ୍କ ପିଲାଦିନର କ୍ୟାରିୟରକୁ ଗଢ଼ି ତୋଳିବାରେ ଆଚରେକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୮୯ରେ ପଦାର୍ପଣ କରିଥିବା ସଚିନ ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ ଶତକ, ଦିନିକିଆରେ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିଭଳି ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ସଚିନ ୨୦୦ ଟେଷ୍ଟ ମ୍ୟାଚ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ (୩୪, ୩୫୭) ସଂଗ୍ରହ କରିଥିବା ସଚିନ କ୍ରିକେଟରେ ହାସଲ କରିଥିବା ସମସ୍ତ ସଫଳତାର ଶ୍ରେୟ ଆଚରେକରଙ୍କୁ ପ୍ରଦାନ କରିଛନ୍ତି। ଆଚରେକରଙ୍କୁ ଗୁରୁ ଭାବେ ଅଭିହିତ କରିଥିବା ସଚିନ ପ୍ରତିବର୍ଷ ଗୁରୁଦିବସରେ ତାଙ୍କ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥାନ୍ତି।



ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## କ୍ରିକେଟର ଏବିସିଡି ତାଙ୍କଠାରୁ ଶିଖିଥିଲି: ସଚିନ

ମୁମ୍ବାଇ, ୨୧(ପି.ଟି.)- ମୋ ଜୀବନ ତଥା କ୍ୟାରିୟରରେ ଆର୍ଚେକର ସାର୍‌ଙ୍କ ଅବଦାନ ଅତୁଳନୀୟ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ପିଲାବେଳର କୋଚ୍ ଆର୍ଚେକରଙ୍କ ଦେହାନ୍ତ ପରେ ଭାବପ୍ରବଣ ହୋଇ ସଚିନ ଏହି କଥା କହିଛନ୍ତି। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ କାରଣରୁ ଆର୍ଚେକର ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ହିଁ ଶିକ୍ଷା କରିଥିଲି। ମୋ ଜୀବନ ପ୍ରତି ତାଙ୍କ ଅବଦାନ ଭାଷାରେ ବ୍ୟାଖ୍ୟା କରିହେବ ନାହିଁ। ସେ ତିଆରି କରିଥିବା ଆଧାର ଉପରେ ମୁଁ ଆଜି ଠିଆ ହେବା ସହ ସଫଳତା ହାସଲ କରିଛି।

ଗତମାସ ମୁଁ ତାଙ୍କୁ ଭେଟିଥିଲି। ସାର ଓ କେତେଜଣ ଛାତ୍ରଙ୍କ ସହ ମୁଁ କିଛି ସମୟ ବିତାଇଥିଲି। ପୁରୁଣା କଥା ମନେପକାଇ ଆମେ ବେଶ୍ ହସିବା ସହ ମଜା କରିଥିଲୁ। ସିଧାସଳଖ ଖେଳିବା ସହ ଜୀବନ ବିତାଇବାକୁ ସେ ଶିକ୍ଷା ଦେଇଥିଲେ। ଆମକୁ ତାଙ୍କ ଜୀବନର ଅଂଶବିଶେଷ ବନାଇଥିବାରୁ ତାଙ୍କ ନିକଟରେ ମୁଁ ଚିରକୃତଜ୍ଞ ବୋଲି ସଚିନ କହିଛନ୍ତି। ୱେଲ୍ ପ୍ଲେଡ ସାର୍, ଯେଉଁଠାରେ ରୁହନ୍ତୁ ପଛେ ଆପଣ ଏମିତି ପ୍ରଶିକ୍ଷଣ ଦିଅନ୍ତୁ ବୋଲି ସଚିନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି।



ସଚିନଙ୍କୁ ବ୍ୟାଟିଂ ଟିପ୍ସ ପ୍ରଦାନ କରିବା ଅବସରରେ ଆଚରେକର।

## ଆଚରେକରଙ୍କ ସହ ସଚିନଙ୍କୁ ଭାଇ ଅଜିତ୍ ପରିଚିତ କରିଥିଲେ

ସ୍କୁଲ ସମୟରେ ସଚିନଙ୍କୁ ରମାକାନ୍ତ ଆଚରେକରଙ୍କ ସହ ତାଙ୍କ ଭାଇ ଅଜିତ୍ ତେନ୍ଦୁଲକର ପରିଚିତ କରାଇଥିଲେ। ସଚିନଙ୍କ ଟ୍ୟାଲେଣ୍ଟକୁ ଚିହ୍ନିପାରି ଆଚରେକର ନ୍ୟୁ ଇଂଲିଶ ସ୍କୁଲରୁ ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲକୁ ପରିବର୍ତ୍ତନ ପାଇଁ ସଚିନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲ କ୍ରିକେଟ ପାଇଁ ବେଶ୍ ପରିଚିତ ଥିଲା। ୧୯୮୮ ହାରିସ ସିଲ୍‌ଡ ଟ୍ରଫିରେ ଏହି ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ସେଣ୍ଟ ଜାଭିୟର ବିପକ୍ଷରେ ସଚିନ ସାଥୀ ଖେଳାଳି ବିନୋଦ କାମ୍ବଲୀଙ୍କ ସହ ମିଶି ୬୬୪ ରନ୍‌ର ବିଶ୍ୱରେକର୍ଡ ପାର୍ଟନରଶିପ୍ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସଚିନ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ କରାଚୀ ଟେଷ୍ଟରେ ପଦାର୍ପଣ କରିଥିଲେ। ଆଚରେକର ନିଜ ସ୍କୁଟରରେ ସଚିନଙ୍କୁ ବସାଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଖେଳିବାକୁ ସାଥିରେ ନେଇ ଯାଉଥିଲେ। ସଚିନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର 'ସଚିନ: ଏ ବିଲିୟନ ଡ୍ରିମ୍ସ'ରେ ଗୁରୁ ଆଚରେକରଙ୍କ ଭୂମିକାକୁ ମଧ୍ୟ ଦର୍ଶାଯାଇଛି।



ନୀତିହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ପଞ୍ଚମ ହୀରାକୁଦ ମହୋତ୍ସବ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୨।୧ (ବ୍ୟୁରୋ)- ପଞ୍ଚମ ହୀରାକୁଦ ମହୋତ୍ସବ ପ୍ରସ୍ତୁତି ବୈଠକ ହୋଟେଲ ପାର୍କ ଇନ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଫେବୃୟାରୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ମହୋତ୍ସବ ହେବ । ଏ ନେଇ ବିଶଦ ଆଲୋଚନା କରାଯାଇଥିଲା । କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ଖଟାଇ, ସାଂଗଠନିକ ସମ୍ପାଦକ ଶାନ୍ତନୁ କୁମାର ବଡପଣ୍ଡା, ଉପସଭାପତି ଅଶୋକ ପଣ୍ଡା, ରତ୍ନାକର ରାଉତ, ଲଳିତ ପାଇକରାୟ, ସଚ୍ଚିକାନ୍ତ ମିଶ୍ର, ମୁଖ୍ୟ କୋଷାଧ୍ୟକ୍ଷ ପ୍ରଦୀପ ପଣ୍ଡା, କୋଷାଧ୍ୟକ୍ଷ ପ୍ରଶାନ୍ତ ନାୟକ, ଆଇନ ପରାମର୍ଶଦାତା ବାଳକୃଷ୍ଣ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

### ବ୍ରହ୍ମାକୁମାରୀ ଆଶ୍ରମରେ ଆଧ୍ୟାତ୍ମିକ ମିଳନ ଉତ୍ସବ

ରେଢ଼ାଖୋଲ,୨।୧(ଡି.ଏନ.ଏ.)-ନବ ବର୍ଷ ଅବସରରେ ବ୍ରହ୍ମାକୁମାରୀ ବିଶ୍ୱ ବିଦ୍ୟାଳୟ ରେଢ଼ାଖୋଲ ଆଶ୍ରମରେ ଏକ ଆଧ୍ୟାତ୍ମିକ ମିଳନ ଉତ୍ସବ ଅନୁଷ୍ଠିତ ହୋଇଛି। କେନ୍ଦୁପତ୍ର ଡିଏଫଓ ଅରୁଣ କୁମାର ପାତ୍ର, ଏସିଏଫ ରୂପଚାନ୍ଦ ସୋରେନ ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ରହ୍ମା କୁମାର ଭାଗୀରଥି, ବ୍ରହ୍ମାକୁମାରୀ କନକ ଆଧ୍ୟାତ୍ମିକ ମୂଲ୍ୟବୋଧ ଓ ରାଜଯୋଗ ସମ୍ପର୍କରେ କହିଥିଲେ। ଉତ୍ସବରେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଦ୍ୟାଳୟର ସମର୍ପିତ ଭଉଣୀ ଭାଇଙ୍କ ସମେତ ବିଦ୍ୟାର୍ଥୀ ଓ ଅଞ୍ଚଳର ଅନୁଗାମୀ ଯୋଗ ଦେଇଥିଲେ।

### ଏମସିଏଲ ପକ୍ଷରୁ ସାଇକେଲ ଶୋଭାଯାତ୍ରା

ସମ୍ବଲପୁର,୨।୧(ବ୍ୟୁରୋ)-ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ଅବସରରେ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। କାର୍ମିକ ନିର୍ଦ୍ଦେଶକ ଲିଲାନନ୍ଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏମସିଏଲ ମୁଖ୍ୟାଳୟରୁ ଶୋଭାଯାତ୍ରା ବାହାରି ଜାଗୃତି ବିହାର କଲୋନୀ, ସିନିୟର ଗେଷ୍ଟ ହାଉସ ଅଞ୍ଚଳ ପରିକ୍ରମା କରିଥିଲା। ଏମସିଏଲ ଅଧିକାରୀ, କର୍ମଚାରୀଙ୍କ ସମେତ ଡିଏଭି ସ୍କୁଲ ଛାତ୍ରୀଛାତ୍ର ଏଥିରେ ସାମିଲ ଥିଲେ ।

### ଜେଏମସି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୨।୧(ସ୍ୱ.ପ୍ର.)- ତିଳେଇବଣି ବ୍ଲକ ଟାଇଁସର ଗ୍ରାମରେ ଚାଲିଥିବା ଜେଏମ୍‌ସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ୨ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ନିଶାନ୍ତ ଇଲେଭେନ୍ ରେଲ୍ଲୁ ଫାଇଟର୍ କ୍ଲବ୍‌କୁ ପରାସ୍ତ କରି ଚାମ୍ପିୟନ୍ ହୋଇଛି । ସେହିପରି ଉଦ୍‌ଯାପନୀ ଦିବସରେ ପୂର୍ବତନ ବିଧାୟକଙ୍କ ପ୍ରତିନିଧି ଯୋଗେଶ୍ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ବେଣୁଧର ପ୍ରଧାନ, ସୁଧାଂଶୁ ଶେଖର ପ୍ରଧାନ ଓ ସୁଦାମଚରଣ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଉଭୟ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚକୁ ମହେଶ ସାହୁ ଏବଂ ଓମ୍‌ରଣା ପ୍ରମୁଖ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟ ଆୟୋଜନରେ କ୍ଲବ୍ ସଦସ୍ୟ ବିକାଶ ପ୍ରଧାନ, ନିଶାନ୍ତ ସାହୁ, ପପୁ ବେହେରା, ବବଲୁ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ବିଦ୍ୟୁତ୍ ସଂଯୋଗ ପାଇଁ ଉପଜିଲାପାଳଙ୍କୁ ଭେଟିଲେ ଡମପଡାବାସୀ

ରେଢ଼ାଖୋଲ,୨।୧(ଡି.ଏନ.ଏ.)

ରେଢ଼ାଖୋଲ ଏନଏସି ୧୧ ନଂ ୱାର୍ଡର କୁରୁମଟିକିରା ନିକଟରେ ଥିବା ଡମପଡାକୁ ବିଦ୍ୟୁତ ସଂଯୋଗ କରାଯିବାକୁ ପଡାବସୀ ଦାବି କରିଛନ୍ତି। ପଡାର ଫଗୁ ବେହେରା, ମୋହନ ବେହେରା, କପିଳ ବେହେରା, ଖିର ବେହେରା, ତପ ବେହେରାଙ୍କ ସମେତ ପଡାବାସୀ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ବୁଧବାର ତାଙ୍କ ସରକାରୀ ବାସଭବନରେ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୧୨ଟି ପରିବାର ୭ ବର୍ଷ ହେବ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଗାଁ ଓ ପଡାକୁ ମାଗଣାରେ ବିଦ୍ୟୁତ ସଂଯୋଗ କରୁଥିବା କହୁଥିଲେ ମଧ୍ୟ ଏନଏସିରେ ଥାଇ ମଧ୍ୟ ସେମାନେ ବିଦ୍ୟୁତ୍‌ରୁ ବଞ୍ଚିତ। ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଉଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ପାଇଁ କୌଣସି ପଦକ୍ଷେପ ନିଆଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି। ପ୍ରକାଶଯୋଗ୍ୟ, ସ୍ୱାଧୀନତାର ୭୧ ବର୍ଷ ପରେ ବି ଓଡ଼ିଶାର ଅନେକ ଗାଁର ଲୋକେ ବିଦ୍ୟୁତ୍ ଦେଖି ନାହାନ୍ତି। ସରକାର ଅନେକ ବାହାଫୋଟ ମାରୁଛନ୍ତି। ହେଲେ ଲୋକଙ୍କୁ ଏ ପର୍ଯ୍ୟନ୍ତ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି।



ଡମପଡାବାସୀ ରେଢାଖୋଲ ଉପ ଜିଲାପାଳଙ୍କୁ ଭେଟିବାକୁ ଆସିଛନ୍ତି।

### ୪ରେ ଜିଲା କବାଡି ଚୟନ ଶିବିର

ସମ୍ବଲପୁର,୨।୧(ବ୍ୟୁରୋ)

ଜିଲା କ୍ରୀଡା ସଂଘ ପକ୍ଷରୁ ଚଳିତ ମାସ ୪ ତାରିଖ ଜିଲାସ୍ତରୀୟ କବାଡି ଚୟନ ଓ ପ୍ରଶିକ୍ଷଣ ଶିବିର ମନ୍ଦଲିଆ ଖେଳ ପଡିଆଠାରେ ଅନୁଷ୍ଠିତ ହେବ। ଏହି ଶିବିରରେ ସମ୍ବଲପୁର ଜିଲା ଦଳ ଚୟନ କରାଯିବ । ଚଳିତ ମାସ ୧୧ରୁ ୧୩ ତାରିଖ ଗଜପତି ଜିଲା ପାରଳାଖେମଣ୍ଡିଠାରେ ହେବାକୁ ଥିବା ୬୬ତମ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟରେ ସମ୍ବଲପୁର ଦଳ ଭାଗ ନେବ । ଏହାକୁ ଦୃଷ୍ଟିରେ ରଖି ଚୟନ ଓ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିବା ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ ଓ କ୍ରୀଡା ସମ୍ପାଦକ ପ୍ରଶାନ୍ତ ସେଠ ବୁଧବାର ପ୍ରେସ ବିବୃତିରେ ସୂଚୀତ କରିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ସମ୍ବଲପୁର, ୨।୧ (ବ୍ୟୁରୋ)]

ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖବରଦାତା ନୃସିଂହ ଗୁରୁଙ୍କ ୩୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ସମ୍ବଲପୁର ସହରର ବିଭିନ୍ନ ଅଞ୍ଚଳରୁ ଜନସାଧାରଣ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ତ୍ୟାଗପୂତ ଜୀବନ ଓ ଆଦର୍ଶର ସ୍ମୃତିଚାରଣ କରିଛନ୍ତି । ବୁଧବାର ଅପରାହ୍ନ ୧୦ଟାରେ ସମ୍ବଲପୁର ସହର ଉପକଣ୍ଠ ମନ୍ଦଲିଆ ମହାଣସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଖବରଦାତା ହେମନ୍ତ କୁମାର ମହାପାତ୍ର, ଲାଲା ଲଜପତ ରାୟ ଆଇନ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା, ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର, ଆଇନଜୀବୀ ଦିନଦୟାଲ ଅଗ୍ରୱାଲ ଓ ଗୋବିନ୍ଦ ନାରାୟଣ ଅଗ୍ରୱାଲ, ଅବସରପ୍ରାପ୍ତ ଡେପୁଟି ଲେବର କମିଶନର ବିଜୟ କୁମାର ମହାପାତ୍ର, ଚାଷୀନେତା ଶଶୀଭୂଷଣ ତ୍ରିପାଠୀ, ପୂର୍ବତନ କାଉନସିଲର ବିହାରୀଲାଲ ପନସାରୀ, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ସମଲେଶ୍ୱରୀ କଲେଜ ଅଧ୍ୟକ୍ଷ ସୁମନ୍ତ କୁମାର ପତିଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେହିପରି ସମ୍ବଲପୁରର ନୃସିଂହ ଗୁରୁ ଟାଉନ୍ ହାଇସ୍କୁଲରେ ମଧ୍ୟ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ।



ବୁଧବାର ସମ୍ବଲପୁର ମନ୍ଦଲିଆ ମୁହାଣସ୍ଥିତ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଅତିଥିମାନେ ସ୍ମୃତିଚାରଣ କରୁଛନ୍ତି ।

### ଆଜି କ'ଣ କେଉଁଠି

**ସମ୍ବଲପୁର**

- ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ। ସ୍ଥାନ– ଜ୍ୟୋତି ବିହାର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ। ସମୟ– ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ। ସ୍ଥାନ– ଭିଏସ୍‌ଏସ୍ ଷ୍ଟାଡିୟମ। ସମୟ– ଅପରାହ୍ନ ୨ଟା।

### ଏମବି ପ୍ୟାରିରାଜଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ରେଙ୍ଗାଲି, ୨।୧ (ଡି.ଏନ.ଏ.)

ରେଙ୍ଗାଲିର ବରିଷ୍ଠ ବିଜେଡି ନେତା ଏମବି ପ୍ୟାରିରାଜଙ୍କ ପରଲୋକରେ ଏକ ଶ୍ରଦ୍ଧାଞ୍ଜଳି ସଭା ରେଙ୍ଗାଲି ହାଇସ୍କୁଲ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା । ରାମସହାୟ ପଣ୍ଡା ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର ମହାନ୍ତି, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ରେଙ୍ଗାଲି ବିଧାୟକ ରମେଶ ପଟୁଆ, ଏସ୍‌ଡିଏ ଅଧ୍ୟକ୍ଷ ବିଜୟ ମହାନ୍ତି, ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ବ୍ରଜରାଜନଗର ପୂର୍ବତନ ବିଧାୟକ ଅନୁପ ସାଏ, ପୂର୍ବତନ ମନ୍ତ୍ରୀ ବିଜୟ ସିଂ ବରିହା, ସମ୍ବଲପୁରର ପୂର୍ବତନ ନଗରପାଳ ଆନନ୍ଦ ଜେନା, ଝାରସୁଗୁଡାର ପୂର୍ବତନ ନଗରପାଳ ତାପସ ରାୟ ଚୌଧୁରୀ, ବିଜେପୁର ବିଧାୟିକା ରିତା ସାହୁ ପ୍ରମୁଖ ଉପସ୍ଥିତ ରହି ଏମବି ପ୍ୟାରିରାଜଙ୍କ ରାଜନୈତିକ ଜୀବନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାଉରୀ ନାଏକ ଓ ଗୋବିନ୍ଦ ଅଗ୍ରୱାଲ, ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଭାଜପା ପ୍ରଭାରୀ ଯୁଗଳ କିଶୋର ଅଗ୍ରୱାଲ, ଭାଜପା ଜିଲା ଉପସଭାପତି ଜିତେନ୍ଦ୍ର ପ୍ରସାଦ ପଣ୍ଡା ଏବଂ ସମ୍ବଲପୁର, ଝାରସୁଗୁଡା, ବରଗଡ ଜିଲା ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଜନସାଧାରଣ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇଥିଲେ।





ବୁଧବାର ସମ୍ବଲପୁର କାଳୀବାଡି ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ଶ୍ରମିକ ସଂଗଠନ କର୍ମକର୍ତ୍ତା ସୂଚନା ଦେଉଛନ୍ତି ।

# ୮ରେ ଦେଶ ବ୍ୟାପୀ ଧର୍ମଘଟ

ସମ୍ବଲପୁର,୨।୧(ବ୍ୟୁରୋ)

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସଂପୂର୍ଣ୍ଣ ଭାବେ ଜନ, ଶ୍ରମିକ ଓ ଦେଶ ବିରୋଧୀ କାର୍ଯ୍ୟ କରୁଛି। ଏଣୁ ଭାଜପାର ଏଭଳି ନୀତି ବିରୋଧରେ ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନ ଦେଶ ବ୍ୟାପୀ ଧର୍ମଘଟ କରାଯିବାକୁ ନିଷ୍ପତ୍ତି ହୋଇଛି । ତେଣୁ ସମ୍ବଲପୁରରେ ମଧ୍ୟ ଯାନବାହନ, ଟ୍ରେନ ଚଳାଚଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଦପ୍ତର, ବ୍ୟାଙ୍କ, ବୀମା ଅଫିସ ବନ୍ଦ କରାଯିବ। ବୁଧବାର ସମ୍ବଲପୁର କାଳୀବାଡି ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ଶ୍ରମିକ ସଂଗଠନ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଶ୍ରମିକ ନେତା ବିଜୟ କୁମାର ମହାନ୍ତି, ଗଦାଧର କୁଅଁର, ସିଟୁର ମହେଶ୍ୱର ଷଣ୍ଢ, ଏଚଏମଏସର ଗୋକୁଳ ମେହେର, ଆଇଏନଟିୟୁସିର ବବିତା ବଡପଣ୍ଡା, ଲଳିତ କୁମାର ପଟ୍ଟନାୟକ, ଇନ୍ଦ୍ରଜିତ ତାଣ୍ଡି, ପ୍ରଣୟ କୁମାର ନାୟକ, ବିଶ୍ୱନାଥ ବେହେରା, ଶିବପ୍ରସାଦ ମହାରଣା, ଅଜୟ ସେନାପତି ପ୍ରମୁଖ ଧର୍ମଘଟ ବିଷୟରେ ସୂଚିତ କରିଥିଲେ ।

■ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ

# ଆଜି ମୁଖ୍ୟ ବିଚାରପତିଙ୍କୁ ଭେଟିବେ ଜନ ପ୍ରତିନିଧି

ସମ୍ବଲପୁର, ୨।୧ (ବ୍ୟୁରୋ)

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଚାଲିଥିବା ଆନ୍ଦୋଳନ ବୁଧବାର ୧୨୦ ଦିନରେ ପହଞ୍ଚିଛି । ସେହିପରି ରିଲେ ଆମରଣ ଅନଶନକୁ ୪୫ ଦିନ ହୋଇଛି । ଦିବ୍ୟ ମିଶ୍ର, ମିଳନ କୁମାର ମହାରଣା, ଦୁଷ୍ମନ୍ତ ବେହେରା, ଦୀପକ କୁମାର କୁଅଁର, ସମୀର ପଟେଲ ଓ ବାଳଗୋପାଳ ମିଶ୍ର ପ୍ରମୁଖ ବୁଧବାର ରିଲେ ଅନଶନରେ ସାମିଲ ହୋଇଥିଲେ। ତେବେ ଏତେଦିନ ସତ୍ତ୍ୱେ ରାଜ୍ୟ ଓ କେନ୍ଦ୍ର ସରକାର କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି । ଆନ୍ଦୋଳନ ଯୋଗୁ କାର୍ଯ୍ୟ ଠପ୍ ରହିଛି । ଏହାକୁ ଦୃଷ୍ଟିରେ ରଖି ଗୁରୁବାର ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଝାରସୁଗୁଡା ବିଧାୟକ ନବ କିଶୋର ଦାସ, ରେଙ୍ଗାଲି ବିଧାୟକ ରମେଶ ପଟୁଆ ଓ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଭେଟିବେ । ଏ ନେଇ ବୁଧବାର ସନ୍ଧ୍ୟା ସାଢ଼େ ୭ଟାରେ ଭୀମଭୋଇ ନଗରସ୍ଥିତ ସମ୍ବଲପୁର ବିଧାୟିକାଙ୍କ ବାସଭବନରେ ରୂପରେଖ ପ୍ରସ୍ତୁତ କରାଯାଇଛି।





ବୁଧବାର ସମ୍ବଲପୁର କଚେରି ଛକଠାରେ ଚାଲିଥିବା ରିଲେ ଆମରଣ ଅନଶନରେ ବସିଥିବା ବ୍ୟକ୍ତିମାନେ।

### ମାହେଶ୍ୱରୀ ଦେବୀଙ୍କ ଶାଳକା ବାଡି ପହଞ୍ଚିଲା

ଅତାବିରା/ ଚିପିଲିମା, ୨।୧ (ଡି.ଏନ.ଏ)

ଡୁମ୍ବାଳ ସମାଜର ଆରାଧ୍ୟା ଉମା ମାହେଶ୍ୱରୀ ଦେବୀଙ୍କ ଶାଳକା ବାଡି ବିରାଟ ଏକ ବିଶାଳ ଶୋଭାଯାତ୍ରାରେ ଚାରପାଲିରେ ପହଞ୍ଚିଛି । ଶୋଭାଯାତ୍ରା ବରଗଡ଼ ଜିଲା କୁରୁଆଁ ଗ୍ରାମର ଉମା ମାହେଶ୍ୱରୀଙ୍କ ମନ୍ଦିରୁ ବାହାରିଥିଲା । ଏଥିରେ ଓଁଙ୍କାର ଛୁରିଆ କର୍ତ୍ତା ଥିଲେ।

# ଜବାବ ମାଗୁଛି ଓଡ଼ିଶା ଅଭିଯାନର ରଥଯାତ୍ରାର ଶୁଭାରମ୍ଭ

ସମ୍ବଲପୁର, ୨।୧ (ବ୍ୟୁରୋ)

ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଆରମ୍ଭ ହୋଇଥିବା ଜବାବ ମାଗୁଛି ଓଡ଼ିଶା ଅଭିଯାନ ରଥଯାତ୍ରାର ଶୁଭାରମ୍ଭ ବୁଧବାର ସମ୍ବଲପୁର ସମଲେଶ୍ୱରୀ ମନ୍ଦିରଠାରେ ଶୁଭାରମ୍ଭ ହୋଇଛି । ଇଷ୍ଟଦେବୀ ସମଲେଇଙ୍କଠାରେ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। କୁଚିଣ୍ଡା ବିଧାୟକ ରବି ନାରାୟଣ ନାୟକ, ରାଜ୍ୟ ସାଧାରଣ ସମ୍ପାଦିକା ସବିତା ନନ୍ଦ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନାଉରୀ ନାୟକ, ଭାଜପା ଜିଲା ସଭାପତି ରାମଚନ୍ଦ୍ର ମେହେର ଓ ସାଧାରଣ ସମ୍ପାଦକ ଦାମୋଦର କର ସମ୍ମାନୀତ ଅତିଥି ଥିଲେ । ଯୁବ ମୋର୍ଚ୍ଚା ଜିଲା ସଭାପତି ରିକନ୍ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପିଙ୍କୁ ପାଣି, ବିଜୟ ଅଗ୍ରୱାଲ, ସତିଶ ଦୋରା, ଅଶ୍ୱିନୀ ମାଝୀ, ଉତ୍ତମ ବିଶ୍ୱାଳ, ଅମିତ ବହିଦାର, ସୁରେନ୍ଦ୍ର ପ୍ରଧାନ, ବିଶ୍ୱଜିତ ବାଗ, ପ୍ରଭୁଦତ୍ତ ପଣ୍ଡା, ପ୍ରଭାସ ପୃଷେଠ, ବିକାଶ ଭୋଇ, ଭାରତ ସାହୁ, ରାହୁଲ ମୋଦକ, ସଞ୍ଜୟ ପାତ୍ର, ସୁଶିଲ ନାୟକ, ରାକେଶ ରାଉତ, ଅଶ୍ୱିନୀ ସୁନା, ପ୍ରକାଶ ପାଣ୍ଡେ, ସ୍ୱାଗତ ପାଢ଼ୀ ଓ ଗଗନ ଯାଦବ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।



ବୁଧବାର ସମଲେଇଙ୍କୁ ପୂଜାର୍ଚ୍ଚନା ସାରି ଭାଜପା ନେତା ଓ କର୍ମୀମାନେ ରଥଯାତ୍ରା ଶୁଭାରମ୍ଭ କରିବାକୁ ଯାଉଛନ୍ତି ।

# ଖବରକାଗଜ ବିକ୍ରେତା ସଂଘର ନବବର୍ଷ

ସମ୍ବଲପୁର,୨।୧(ବ୍ୟୁରୋ)

ସମ୍ବଲପୁର ଖବରକାଗଜ ବିକ୍ରେତା ସଂଘ ପକ୍ଷରୁ ନବବର୍ଷ ପାଳନ କରାଯାଇଛି। ସଂଘ କର୍ମକର୍ତ୍ତା ଓ ସଭ୍ୟମାନେ ସମ୍ବଲପୁର ଧରିତ୍ରୀ ସିଟି ଅଫିସ୍‌କୁ ଆସି ଶୁଭେଚ୍ଛା ଜଣାଇଛନ୍ତି । ସମ୍ବଲପୁର ବିଜ୍ଞାପନ ଅଧିକାରୀ ଶିବବ୍ରତ ଦାଶଙ୍କୁ ସଂଘ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ପ୍ରଦାନ କରି ଖବରକାଗଜ ବିକ୍ରୟ ଉପରେ ଆଲୋଚନା କରିଥିଲେ । ବିକ୍ରେତା ସଂଘ ସଭାପତି ଅଜୟ ସେନାପତି, ଶରତ ନାୟକ, ଦଶରଥ ଶର୍ମା, ପ୍ରଶାନ୍ତ ନାୟକ, ଆନନ୍ଦ ଭୋଇ, ଦିଲୀପ ବାଗ ଓ ଲିଲୁ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।



ମଙ୍ଗଳବାର ସମ୍ବଲପୁର ଧରିତ୍ରୀ ସିଟି ଅଫିସ୍‌ରେ ଖବରକାଗଜ ବିକ୍ରେତା ସଂଘର କର୍ମକର୍ତ୍ତା ଓ ସଭ୍ୟମାନେ ।

■ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# କୁଡୋପାଲି ବୀଣାପାଣି କ୍ଲବ ବିଜୟୀ

ସମ୍ବଲପୁର, ୨।୧ (ବ୍ୟୁରୋ)

ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ମ୍ୟାଚରେ କୁଡୋପାଲି ବୀଣାପାଣି କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ କୁଡୋପାଲି ବନାମ ବୁର୍ଲା କ୍ରୀଡା ସଂଘ ମଧ୍ୟରେ ମ୍ୟାଚ ଏକତରଫା ହୋଇଥିଲା । କୁଡୋପାଲି ୪-୦ ଗୋଲରେ ବିଜୟୀ ହୋଇଥିଲା। ଦଳର ଜର୍ସି ନଂ. ୫ ଅନୀଲ ମିର୍ଦ୍ଧା ୩ଟି ଏବଂ ଜର୍ସି ନଂ. ୪ ନରେନ୍ଦ୍ର ଗୋଟିଏ ଗୋଲ ସ୍କୋର କରିଥିଲେ। ରେଫରି ରାଜାରାମ ଓରାମ, ମନୋଜ ଭୋଇ, ପଦ୍ମନାଭ ନାୟକ, ବଳରାମ ମଟାରୀ ମ୍ୟାଚ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ପୁରୁଖା ଫୁଟବଲ ଖେଳାଳୀ ଭୀମସେନ ଛତର ଅତିଥି ଭାବେ ଯୋଗଦେଇ ବୁର୍ଲା ଖେଳାଳି ଜେ. ସିନ୍ଦ୍ରିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ ।



ବୁଧବାର ଅତିଥିମାନେ ବୁର୍ଲାର ଜେ. ସିନ୍ଦ୍ରିଆଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରୁଛନ୍ତି।

# ନିର୍ବାଚନ ଲାଗି ପ୍ରାର୍ଥୀ ଖୋଜୁଛି କଂଗ୍ରେସ

**ନୂଆଦିଲ୍ଲୀ,୨।୧**

ଲୋକ ସଭା ନିର୍ବାଚନ ପାଖେଇ ଆସୁଥିବାବେଳେ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଖୋଜା ଆରମ୍ଭ ହୋଇଯାଇଛି। ବିଭିନ୍ନ ରାଜ୍ୟରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତି ଲାଗି ଦଳ ସ୍ଥାନୀୟ ନେତୃବୃନ୍ଦଙ୍କ ସହ ଆଲୋଚନା ଚଳାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ତିନୋଟି ମୁଖ୍ୟ ହିନ୍ଦୀଭାଷୀ ରାଜ୍ୟକୁ ଭାଜପାଠାରୁ ଛଡାଇ ନେଇଥିବା କଂଗ୍ରେସ ଆଗାମୀ ଲୋକ ସଭା ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କୁ କ୍ଷମତାରୁ ହଟାଇବା ଲାଗି ପୂରାଦମ୍‌ରେ ପ୍ରସ୍ତୁତି ଆରମ୍ଭ କରିଦେଇଛି। ରଣଛାଡ, ଅଯୋଧ୍ୟା ରାମମନ୍ଦିର ଏବଂ ନିଯୁକ୍ତିକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ସମସ୍ତଙ୍କୁ ସାଙ୍ଗରେ ନେଇ ନିର୍ବାଚନ ବୈତରଣୀ ପାର ହେବାକୁ ଦଳ ସ୍ଥାନୀୟ ନେତାମାନଙ୍କ ସହ ପରାମର୍ଶ ଚଳାଇଛି। ଏହାବ୍ୟତୀତ ପ୍ରାର୍ଥୀଙ୍କ ଜିତିବା ସମ୍ଭାବନା ସମ୍ପର୍କରେ ଦଳୀୟ କର୍ମୀଙ୍କଠାରୁ ମତାମତ ସଂଗ୍ରହ ଲାଗି କଂଗ୍ରେସ ଆଭ୍ୟନ୍ତରୀଣ ଆପ୍ ଭିତ୍ତିକ ଫିଡ୍‌ବ୍ୟାକ ସିଷ୍ଟମ 'ଶକ୍ତି' ବ୍ୟବହାର କରୁଛି। ସୋମବାର ଗୁଜରାଟ କଂଗ୍ରେସ ସଭାପତି ଅମିତ ଚାୱ୍‌ଡା ସୌରାଷ୍ଟ୍ର ଓ କଚ୍ଛ ଅଞ୍ଚଳର ଦଳୀୟ ନେତାମାନଙ୍କୁ ଭେଟିଥିଲେ। ଗତ ୨୦୧୪ ନିର୍ବାଚନରେ କଂଗ୍ରେସ ଗୁଜରାଟରେ ସମସ୍ତ ୨୬ଟି ଯାକ ଆସନ ହରାଇଥିଲା। ତେବେ ଗତବର୍ଷ ବିଧାନସଭା ନିର୍ବାଚନରେ ୧୮୨ ଆସନରୁ କଂଗ୍ରେସ ୭୭ଟି ହାତେଇବାରେ ସଫଳ ହୋଇଥିଲା। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ଦଳ ଭଲ ଫଳାଫଳ କରିବା ଆଶା ରଖିଛି। କଂଗ୍ରେସ ରାଜ୍ୟ ସଭାପତି ଉକ୍ତ ଅଞ୍ଚଳର ୩୦ ବିଧାୟକଙ୍କ ସମେତ ଜିଲା ଓ ତାଲୁକ ସଭାପତିମାନଙ୍କୁ ଭେଟି ଆଲୋଚନା କରିଥିଲେ।

ସୌରାଷ୍ଟ୍ର ଅଞ୍ଚଳରେ ଦଳୀୟ କାର୍ଯ୍ୟକୁ ତଦାରଖ କରୁଥିବା ଏଆଇସିସି ସମ୍ପାଦକ ଜିତେନ୍ଦ୍ର ବାଘେଲ ଏବଂ ଦଳ ମୁଖପାତ୍ର ମନୀଷ ଦୋଷୀ ମଧ୍ୟ ଉପସ୍ଥିତ ଥିଲେ। ସ୍ଥାନୀୟ ନେତାଙ୍କ ସହ ପରାମର୍ଶ ପରେ ଚାୱ୍‌ଡା ତାଙ୍କ ରିପୋର୍ଟ ପାର୍ଟି ହାଇକମାଣ୍ଡଙ୍କୁ ପ୍ରଦାନ କରିବେ ବୋଲି ଦୋଶୀ କହିଛନ୍ତି।

## ସଂକ୍ଷେପରେ



### ଭାଜପାରେ ମୌସୁମୀ ଚାଟାର୍ଜୀ

**ନୂଆଦିଲ୍ଲୀ,୨।୧:** ବର୍ଷୀୟାନ ଅଭିନେତ୍ରୀ ମୌସୁମୀ ଚାଟାର୍ଜୀ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ସେ ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡିଛି। ୨୦୦୪ରେ ସେ ପଶ୍ଚିମବଙ୍ଗରୁ କଂଗ୍ରେସ ଟିକେଟରେ ନିର୍ବାଚନ ଲଢ଼ି ହାରିଯାଇଥିଲେ। ଏହା ପରେ ସେ ସକ୍ରିୟ ରାଜନୀତିରୁ ଦୂରେଇ ଯାଇଥିଲେ। ମଙ୍ଗଳବାର ମୌସୁମୀ ଦିଲ୍ଲୀରେ ଭାଜପାର ଶୀର୍ଷ ନେତାଙ୍କୁ ଭେଟିଥିଲେ। ବୁଧବାର ପଶ୍ଚିମବଙ୍ଗ ଦାୟିତ୍ୱରେ ଥିବା ବରିଷ୍ଠ ଭାଜପା ନେତା କୈଳାସ ବିଜୟଭର୍ଗୀୟଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି। ମୌସୁମୀ ଅନେକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି।

## ସୁପ୍ରିମକୋର୍ଟ ଗଲେ ଯଶୱନ୍ତ, ଅରୁଣ, ପ୍ରଶାନ୍ତ



**ନୂଆଦିଲ୍ଲୀ,୨।୧(ପି.ଟି.)**

ରାଫାଲ ଚୁକ୍ତିକୁ ନେଇ ଡିସେମ୍ବର ୧୪ରେ ସୁପ୍ରିମକୋର୍ଟ ଦେଇଥିବା ରାୟର ସମୀକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିହ୍ନା ଓ ଅରୁଣ ଶୌରୀ। ଏହିଦୁଇ ପୂର୍ବତନ ଭାଜପା ନେତା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ସହ ମିଶି ଶୀର୍ଷ ଅଦାଲତରେ ଏକ ରିଭ୍ୟୁପିଟିଶନ ଦାଏର କରିଛନ୍ତି।

ଫ୍ରାନ୍ସରୁ ୩୬ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ହୋଇଥିବା ଚୁକ୍ତିରେ କୌଣସି ପ୍ରକାର ଅନିୟମିତତା ନାହିଁ। ତେଣୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ନେଇ ସନ୍ଦେହ କରିବାର କିଛି କାରଣ ନାହିଁ ବୋଲି ଗତ ୧୪ ତାରିଖରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହାସହ ୫୮ ହଜାର କୋଟି ଟଙ୍କାର ରାଫାଲ୍ ଚୁକ୍ତିକୁ ନେଇ କୋର୍ଟଙ୍କ ତତ୍ତ୍ୱାବଧାନରେ ସିବିଆଇ ତଦନ୍ତ ପାଇଁ ଦାଏର ଏକାଧିକ ପିଆଇଏଲ୍‌କୁ ଅଦାଲତ ଖାରଜ କରିଦେଇଥିଲେ। ଏହାର ଦିନକ ପରେ ରାୟର ଏକ ପାରାରେ ସଂଶୋଧନ ଆଣିବା ପାଇଁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ।

**ଡିସେମ୍ବର ୧୪ ରାୟର ସମୀକ୍ଷା**

## ପାକିସ୍ତାନ ପାଇଁ ୪ ଯୁଦ୍ଧଜାହାଜ ନିର୍ମାଣ କରୁଛି ଚାଇନା

**ବେଜିଂ,୨।୧**

ଚାଇନା ଏହାର ସବୁଦିନିଆ ବନ୍ଧୁ ପାକିସ୍ତାନ ପାଇଁ ୪ଟି ଅତ୍ୟାଧୁନିକ ଯୁଦ୍ଧଜାହାଜ ନିର୍ମାଣ କରୁଛି। ଭାରତ ମହାସାଗରରେ କ୍ଷମତା ସନ୍ତୁଳନ ଲାଗି ଦ୍ୱିପାକ୍ଷିକ ସାମରିକ ସହଯୋଗ ସ୍ୱରୂପ ଚାଇନା ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ସହ ୪ଟି ଯୁଦ୍ଧଜାହାଜ ଯୋଗାଇଦେବ। ଅତ୍ୟାଧୁନିକ ଡିଟେକ୍‌ସନ ସିଷ୍ଟମ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଏହି ଯୁଦ୍ଧଜାହାଜ ଅନ୍ୟ ଜାହାଜ, ବୁଡାଜାହାଜ ଏବଂ ବିମାନ ଆକ୍ରମଣରୁ ନିଜକୁ ସୁରକ୍ଷା ଦେବାକୁ ସମର୍ଥ ବୋଲି ନିର୍ମାଣକାରୀ ସଂସ୍ଥା ଚାଇନା ଷ୍ଟେଟ୍ ସିପ୍‌ବିଲ୍ଡିଂ କର୍ପୋରେଶନ ପକ୍ଷରୁ କୁହାଯାଇଛି। ଚାଇନା ପାକିସ୍ତାନକୁ ସର୍ବାଧିକ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଛି। ଉଭୟ ଦେଶ ମିଳିତ ଭାବେ ଜେଏଫ-ଥଣ୍ଡର ସିଙ୍ଗଲ୍ ଇଞ୍ଜିନ ଲଢୁଆ ବିମାନ ନିର୍ମାଣ କରୁଛନ୍ତି। ଯୁଦ୍ଧଜାହାଜ ମିଳିଯିବା ପରେ ପାକିସ୍ତାନ ନୌସେନାର ଶକ୍ତି ଯଥେଷ୍ଟ ବୃଦ୍ଧି ପାଇବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆ ଲୋ ମୂତୁରି ଶୋଇବା**
**ସକାଳ ହୋଇଲେ ଧୋଇବା ।**

ଯେଉଁଠାରେ ଉଭୟପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବାକୁ ଉଚିତ ମଣି ନ ଥାନ୍ତି। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଲଣ୍ଡା,**
**ମୋ ଭାତ ଖାଇ ମତେ ଖଣ୍ଡା ?**

ଯିଏ ଯାହାକୁ ପାଳିପୋଷି ମଣିଷ କରିଥାଏ ତା'ପ୍ରତି ମନରେ ଏକପ୍ରକାର ଦରଦଭାବ ରହିଥାଏ। ଏପରିସ୍ଥଳେ ସାହାଯ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ପ୍ରତି ବେଇମାନି ପ୍ରଦର୍ଶନ କରିବା ଉଚିତ ହୋଇ ନ ଥାଏ। ପାଳିପୋଷି ମଣିଷ କରିଥିବା ବ୍ୟକ୍ତିଙ୍କ ପ୍ରତି କୃତଘ୍ନତା ପ୍ରକାଶ କରିବା ସମାଜ ଆଖିରେ ଗ୍ରହଣୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## କଂଗ୍ରେସ ପାଖରେ ଜାଲ୍ ଅଡିଓ



**ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଲେ**

**ପଣଜୀ,୨।୧(ଆଇଏଏନ୍‌ଏସ୍)**

ରାଫାଲ ଚୁକ୍ତି ସମ୍ପର୍କିତ ତଥାକଥିତ ଅଡିଓ ଜାତୀୟ ରାଜନୀତିରେ ଝଡ଼ ସୃଷ୍ଟି କରିଛି। ଏହି ପ୍ରସଙ୍ଗରେ କଂଗ୍ରେସର ନୂଆ ଅଭିଯୋଗ ପରେ ବୁଧବାର ସମ୍ପୃକ୍ତ ମନ୍ତ୍ରୀ ଏହାକୁ ଖଣ୍ଡନ କରିଛନ୍ତି। ଗୋଆର ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ୍ ରାଣେ କହିଛନ୍ତି, ମୁଖ୍ୟମନ୍ତ୍ରୀ ମନୋହର ପାରିକର ନିଜ ବେଡ୍‌ରୁମ୍‌ରେ ରାଫାଲ ଚୁକ୍ତିର ଫାଇଲ ରଖିଥିବା ନେଇ ଅଡିଓ ଜାଲିଆତି କରି ପ୍ରସ୍ତୁତ କରାଯାଇଛି। ପାରିକର ତାଙ୍କୁ ଫାଇଲ ସମ୍ପର୍କରେ କେବେ କିଛି କହି ନ ଥିଲେ। ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ବିଶ୍ୱଜିତ୍ କହିଛନ୍ତି, ସେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ ଏନେଇ ଆଲୋଚନା କରିଛନ୍ତି। ଏକ ଜାତୀୟ ତଦନ୍ତକାରୀ ସଂସ୍ଥା ଦ୍ୱାରା ଏହାର ଯାଞ୍ଚ କରାଇବା ଲାଗି ଶାହଙ୍କୁ ସେ ଅନୁରୋଧ କରିଛନ୍ତି। ଶାସକ ଓ ବିରୋଧୀଙ୍କ କ୍ଷମତାଯୁଦ୍ଧରେ ତାଙ୍କୁ ବାଜି ଲଗାଯାଉଛି। ରାଫାଲକୁ ନେଇ କଂଗ୍ରେସ ଚାଞ୍ଚଲ୍ୟ ସୃଷ୍ଟି କରିବାକୁ ଚାହୁଁଛି ବୋଲି ବିଶ୍ୱଜିତ୍ ଅଭିଯୋଗ ଆଣିଛନ୍ତି।

## ଇତିହାସର ଆଇନାରେ

### ଜାନୁୟାରୀ ୩ର ପ୍ରମୁଖ ଘଟଣା




୧୯୧୧ ଜାନୁୟାରୀ ୩ ତାରିଖରେ ରୁଷିୟାର ତୁର୍କିସ୍ତାନରେ ୭.୭ ତୀବ୍ରତାର ଭୂକମ୍ପ ହୋଇଥିଲା। ଏଥିରେ ଅଲମାଟିରେ ୪୫୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୭୦ରୁ ଊର୍ଦ୍ଧ୍ୱ କୋଠା ଧ୍ୱସ୍ତ ହୋଇଥିଲା।

୧୭୭୭ ଜାନୁୟାରୀ ୩ରେ ନ୍ୟୁଜର୍ସିର ପ୍ରିନ୍ସଟନଠାରେ ଆମେରିକା ବୈପ୍ଳବିକ ଯୁଦ୍ଧ ହୋଇଥିଲା। ଏହାକୁ 'ବ୍ୟାଟଲ୍ ଅଫ ପ୍ରିନ୍ସଟନ' କୁହାଯାଏ। ଜେନେରାଲ ଲର୍ଡ କର୍ନୱାଲିସ ୧୪୦୦ ବ୍ରିଟିଶ ସୈନ୍ୟଙ୍କୁ ଲ୍ୟୁଟ୍‌ନାଣ୍ଟ କଲୋନେଲ ଚାର୍ଲସ ମାଓହୁଡଙ୍କ ନେତୃତ୍ୱରେ ମୁତୟନ କରିଥିଲେ। ୧୯୭୬ ଡିସେମ୍ବର ୨୬ରେ ଟ୍ରେଣ୍ଟନ ଆକ୍ରମଣ ପରେ କଣ୍ଟିନେଣ୍ଟାଲ ଆର୍ମିର ଜେନେରାଲ ଜର୍ଜ ୱାଶିଂଟନ ନ୍ୟୁଜର୍ସିରେ ବ୍ରିଟିଶଙ୍କ ଉପରେ ଆକ୍ରମଣ ଲାଗି ନିଷ୍ପତ୍ତି ନେଇଥିଲେ।

## ଫୁର୍‌ସତ

## ସ୍ମୃତି ବିସ୍ମୟ ଧ୍ରୁବ



**ସିଙ୍ଗାପୁର:** ହଂକଂରେ ଡିସେମ୍ବର ୨୦ରୁ ୨୨ ତିନି ଦିନ ଧରି ଅନୁଷ୍ଠିତ ୱାର୍ଲ୍ଡ ମେମୋରି ଚାମ୍ପିୟନଶିପ୍ (ବିଶ୍ୱସ୍ତରୀୟ ସ୍ମୃତି ପ୍ରତିଯୋଗିତା)ର କିଡ୍‌ସ କ୍ୟାଟେଗୋରୀ (ଜୁନିୟର ବିଭାଗ)ରେ ସିଙ୍ଗାପୁରର ଭାରତୀୟ ବଂଶୋଦ୍ଭବ ଧ୍ରୁବ ମନୋଜ (୧୨) ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି। ସେ ନାମ, ମୁହଁ ଏବଂ ମିଶ୍ରିତ ଶବ୍ଦଗୁଡ଼ିକୁ ସ୍ମରଣ କରିବା କ୍ଷେତ୍ରରେ ୫୬ ଫାଇନାଲିଷ୍ଟଙ୍କୁ ପଛରେ ପକାଇ ଏହି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ନିକଟରେ ପ୍ରାଥମିକ ଶିକ୍ଷା ଶେଷ କରିଥିବା ଧ୍ରୁବ ଘଣ୍ଟାଏ ସମୟ ମଧ୍ୟରେ ୭ରୁ ଅଧିକ ଡେକ୍‌ର ଅଦଳବଦଳ କାର୍ଡ, ଅଧଘଣ୍ଟାରେ ୧,୫୫୫ ବାଇନାରୀ ନମ୍ବର ଏବଂ ୧୫ ମିନିଟ୍‌ରେ ୮୭ଟି ନାମ ଏବଂ ମୁହଁକୁ ସ୍ମରଣ କରି ସିଙ୍ଗାପୁରର ଜଣେ ମାତ୍ର ପ୍ରତିଯୋଗୀ ଭାବେ ଚାଇନା, ରୁଷିଆ, ଭାରତ, ତାଇୱାନ ଏବଂ ମାଲେସିଆର ୨୬୦ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ମରଣଶକ୍ତି ପ୍ରତିଭା ଭାବେ କୀର୍ତ୍ତିମାନ୍ ସ୍ଥାପନ କରିଛନ୍ତି। ବିଶେଷକରି ରୋମାନ୍ ମେମୋରି ଟେକ୍‌ନିକ୍ ଅନ୍ତର୍ଗତ ଏକ ପରିଚିତ ସ୍ଥାନର ବିଭିନ୍ନ ଦୃଶ୍ୟ (ମେମୋରି ପ୍ୟାଲେସ୍)କୁ ମନେରଖିବାରେ ସେ ମାଷ୍ଟର ବିବେଚିତ ହୋଇଛନ୍ତି।

ଧ୍ରୁବ୍ କହିଛନ୍ତି ଯେ, ସେ ଏହି ମେଗା ସ୍ମୃତି ଚ୍ୟାଲେଞ୍ଜ' ପ୍ରତିଯୋଗିତା ପାଇଁ ପ୍ରାଇମେରୀ ସ୍କୁଲ୍ ଲିଭିଙ୍ଗ୍ ପରୀକ୍ଷା ପରେ ଅକ୍ଟୋବରରୁ ପୂର୍ଣ୍ଣମାତ୍ରାରେ ନିଜର ପ୍ରସ୍ତୁତି ଆରମ୍ଭ କରିଥିଲେ। ଦୈନିକ ୬ ଘଣ୍ଟା କାର୍ଡ ଏବଂ ବାଇନାରୀ ନମ୍ବରକୁ ମନେରଖିବାକୁ ଅଭ୍ୟାସ କରୁଥିଲେ। ଏଥିରେ ତାଙ୍କୁ ତାଙ୍କ ବାପା (ତୈଳ ଏବଂ ଗ୍ୟାସ ଉଦ୍ୟୋଗର ପରିଚାଳନା ପରାମର୍ଶଦାତା) ମନୋଜ ପ୍ରଭାକର ଉତ୍ସାହିତ କରିଥିଲେ।

## 'ତାନାଜୀ' ଭୂମିକାରେ ଦେବଗନ

**ମୁମ୍ବାଇ:** ନୂଆବର୍ଷରେ ମହାପ୍ରତାପୀ ମରାଠା ଯୋଦ୍ଧା (ଛତ୍ରପତି ଶିବାଜୀଙ୍କ କମାଣ୍ଡର-ଇନ୍-ଚିଫ୍) ତାନାଜୀ ମାଲୁସାରେଙ୍କ ଭୟଙ୍କର ଲୁକ୍‌ରେ ସିନେମା ପରଦାରେ ଆବିର୍ଭାବ ହେବେ ଅଭିନେତା ଅଜୟ ଦେବଗନ। ୧୬୭୦ ସିଂହଗଡ଼ ଯୁଦ୍ଧ ବେଳେ ତାନାଜୀଙ୍କ ବୀରତ୍ୱ ଓ ପରାକ୍ରମ ଉପରେ ଆଧାରିତ ଏହି ଐତିହାସିକ ଚଳଚ୍ଚିତ୍ରରେ ଧଳା ଧୋତି, ପଗଡ଼ି ପିନ୍ଧିଥିବା ଦେବଗନ ଦଉଡ଼ି ସାହାଯ୍ୟରେ ଖଣ୍ଡା ଧରି ପାହାଡ଼ରେ ଯୁଦ୍ଧ କରୁଥିବା ଦେଖାଯାଇଛି। ମଣିକର୍ଣ୍ଣିକା ଏବଂ ଓମ୍ ରାଉତ୍‌ଙ୍କ ନିର୍ଦ୍ଦେଶିତ ଅଜୟ ଦେବଗନଙ୍କ 'ତାନାଜୀ' ଏକସଙ୍ଗେ ରିଲିଜ୍ ହେବ ବୋଲି ଜଣାଯାଇଛି।



+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ସତ୍ୟମ ବିଜନେସ୍
ସଲ୍ୟୁସନ୍ସ ଦ୍ୱାରା ଲୋନ ନିଅନ୍ତୁ, ଏଜେଣ୍ଟମାନଙ୍କ ଦ୍ୱାରା ସମ୍ପର୍କ କରନ୍ତୁ
7900515385, 9690381088
ଭୁବନେଶ୍ୱର-9690243041
ସମ୍ବଲପୁର- 9690367183
ବ୍ରହ୍ମପୁର- 7900240146
ଢେଙ୍କାନାଳ- 7900982000
ନୟାଗଡ଼- 7900365000

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

LOAN
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

FINANCE
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 18001200025563
Ansal Bhavan, Connaught Place, New Delhi

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତ୍ତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




# Exam Mate



Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : **www.dharitri.com**

## MOCK TEST PAPER # 5

### CLASS-X (SOCIAL SCIENCE)

**Time Allowed : 3 hours** **Maximum Marks: 80**

**GENERAL INSTRUCTIONS**

1. ***The question paper has 27 questions in all. All questions are compulsory.***
2. ***Questions from serial number 1 to 7 are very short answer questions. Each question carries one mark.***
3. ***Questions from serial number 8 to 18 are 3 marks questions. Answer of these questions should not exceed 80 words each.***
4. ***Questions from serial number 19 to 25 are 5 marks questions. Answer of these questions should not exceed 100 words each.***
5. ***Questions 26 and 27 are map questions of 2 and 3 marks from History and Geography.***
6. ***After completion, attach the maps inside your answer book.***

**1.** Explain Nation State.

**Or**

Why did the French think colonies were necessary ? Explain one reason.

**2.** What was 'Young Italy' ?

**Or**

Explain one effect of increase in the rice cultivation in Vietnam.

**3.** Explain one characteristic of black soil.

**4.** Explain international trade.

**5.** Name the river on which Hirakud dam is constructed.

**6.** Explain the term 'Ethnic'.

**7.** Give an example of right to choose.

**8.** Describe the contribution of Giuseppe Mazzini in spreading revolutionary idea in Europe.

**Or**

Describe the role of women as warriors in Vietnam during the 1960s.

**9.** Describe the understanding of plantation workers regarding the idea of "Swaraj".

**10.** Explain the geographical conditions required for the tea farming.

**11.** Explain any three steps to be taken to conserve the energy resources.

**12.** Examine the contribution of manufacturing industry to national economy.

**13.** Explain the characteristics of Democracy.

**14.** Explain the role of judiciary in the Indian constitution.

**15.** How cast inequalities still continuing in India ?

**16.** Why is the issue of sustanability important for development ? Explain any three reasons.

**17.** Distinguish between 'open unemployment' and 'disguised unemployment'.

**18.** Why rules and regulations necessary in market place ?

**19.** Explain the lessons learned by the economists and the politicians from the economic experience of the World War Second.

**Or**

"The first world war created dramatically a new situation for Indian industries". Justify the statement.

**Or**

Explain the causes of air pollution in Calcutta in 19th century and early 20th century. Explain the efforts made to control this air pollution.

**20.** Describe how the work of Premchand reflected the social condition of Indian society.

**Or**

Explain the beginning and growth of novels in Bengal.

**21.** Describe the importance of railways as a means of transport in India.

**22.** "The challenge of deepening of democracy is faced by every democracy in one form or another". Support the statement with suitable arguments.

**23.** How does democracy lead to peaceful and harmonious life amongst citizens ? Explain with examples.

**24.** Analyze the impacts of globalization in India.

**25.** How does public sector contribute to the economic development of a nation ? Explain.

**26.** Two features 1 and 2 are marked in the given outline political map of India. Identify these features with the help of the following information and write their correct names on the lines marked on the map.

i. The place where Civil Disobedient Movement was started.

ii. The place where Indian National Congress Session was held.




**27.** Locate and label the following items on the given political outline map of India with appropprita esymbols.

i. Bhilai - Iron and Steel Plant.

ii. Kalpakkam - Nuclear Power Plant.

iii. Kochio- Major Sea Port.




Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ଐଶ୍ୱର୍ଯ୍ୟାଙ୍କ ପ୍ରଶଂସାରେ ସାରା

ଷ୍ଟାର କିଡ୍ ସାରା ଅଲ୍ଲୀ ଖାଁଙ୍କ ଖୁସି କହିଲେ ନ ସରେ। ନିକଟରେ ତାଙ୍କ ଅଭିନୀତ ପ୍ରଥମ ଫିଲ୍ମ 'କେଦାରନାଥ' ଏବଂ 'ଶିମ୍ବା' ରିଲିଜ ହୋଇଛି ଏବଂ ଫିଲ୍ମଦ୍ୱୟ ଭଲ ବିଜ୍ନେସ୍ କରିଛି। ଏବେ ସେ ଯୁଆଡ଼େ ଗଲେ ଐଶ୍ୱର୍ଯ୍ୟା ରାୟବଚ୍ଚନଙ୍କ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି। ହେଲେ କାରଣ କ'ଣ ? ଅସଲ କଥା ହେଲା ଅଭିନୟ ଜଗତରେ ପ୍ରବେଶ କରିବା ପୂର୍ବରୁ ସେ ଐଶ୍ୱର୍ଯ୍ୟାଙ୍କ ଆକ୍ଟିଂ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏ ବିଷୟରେ ସାରା କହନ୍ତି, ''ପିଲାଦିନରୁ ମୁଁ ଐଶ୍ୱର୍ଯ୍ୟା ରାୟଙ୍କ ବଡ଼ ପ୍ରଶଂସକ। ଏପରି କି ଥରେ ଶିକାଗୋରେ ଏକ ଷ୍ଟେଜ୍ ଶୋ'ରେ ଐଶ୍ୱର୍ଯ୍ୟାଙ୍କ ଡ୍ୟାନ୍ସ ଦେଖି ମୁଁ ଆତ୍ମହରା ହୋଇପଡିଥିଲି। ଆକ୍ଟିଂରେ ସେ ମୋର ରୋଲ୍ ମଡେଲ ବୋଲି କହିପାରନ୍ତି।'' ପ୍ରଥମରୁ ଦୁଇଟି ସିନେମାର ସଫଳତା ପରେ ଏବେ କୌଣସି ଫିଲ୍ମ ସାଇନ୍ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରୁଛନ୍ତି ସେ। ଏପରି କି କାହାଣୀ ପସନ୍ଦ ନ ହେବାରୁ ନିକଟରେ ସେ ଦୁଇଟି ଅଫରକୁ ହାତଛଡ଼ା କରିଛନ୍ତି।


ସାରା

# ବଲିଉଡ୍ ହାଲ୍‌ଚାଲ୍


ଆଲିଆ-ରଣବୀର

❖ସଞ୍ଜୟ ଲୀଲା ଭଁସାଲୀଙ୍କ ଆଗାମୀ ଫିଲ୍ମରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିବାକୁ ଯାଉଛନ୍ତି। ଟାଇଟଲ ଫାଇନାଲ ହୋଇ ନ ଥିବା ଏହି ଫିଲ୍ମର ସ୍କ୍ରିପ୍ଟିଂ କାମ ଚାଲୁ ରହିଛି। ସୂଚନାଯୋଗ୍ୟ ୨୦୦୨ରେ ନିର୍ମିତ 'ହମ୍ ତୁମ୍ହାରେ ହୈ ସନମ'ରେ ଶାହରୁଖ-ସଲମାନ ଏକାଠି ଅଭିନୟ କରିଥିଲେ।

❖ଜୋୟା ଅଖତରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଗଲି ବୟ' ଚଳିତବର୍ଷ ଫେବୃୟାରୀ ୧୪ରେ ରିଲିଜ ହେବାକୁ ଯାଉଛି। ଫିଲ୍ମର ମୁଖ୍ୟ ଭୂମିକାରେ ରଣବୀର ସିଂ ଏବଂ ଆଲିଆ ଭଟ୍ଟ ଅଭିନୟ କରିଛନ୍ତି।

❖ରୋହିତ ସେଟ୍ଟିଙ୍କ 'ଶିମ୍ବା' ପ୍ରାରମ୍ଭରୁ ଭଲ ବିଜ୍ନେସ କରିଛି। ପ୍ରଥମ ସପ୍ତାହରେ ହିଁ ଫିଲ୍ମଟି ୧୦୦କୋଟି କ୍ଲବରେ ପ୍ରବେଶ କରିବାକୁ ଯାଉଛି।

❖ଆଗାମୀ ଫିଲ୍ମ 'ଅଫିସ ଖାଁ'ରେ ଜନ୍ ଆବ୍ରାହମ ପୋଲିସ ଅଫିସର ଭୂମିକାରେ ଅଭିନୟ କରିବେ।

❖ଦୀପିକା ପାଦୁକୋନ୍ ଏବଂ ପ୍ରିୟଙ୍କା ଚୋପ୍ରାଙ୍କ ପରେ ଆମ୍ମି ଜ୍ୟାକସନ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଜାମ୍ବିଆର ବିଜନେସମ୍ୟାନ ଜର୍ଜ ପାନାୟିୟୋଟୁଙ୍କ ସହ ତାଙ୍କ ରିଂ ସେରିମନି ନିକଟରେ ଶେଷ ହୋଇଛି। ଆମ୍ମି ପିନ୍ଧିଥିବା ଡାଇମଣ୍ଡ ରିଂକୁ ତାଙ୍କର ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

# ଆଉ ଜଣେ ନବାଗତ

ଆଉ ଜଣେ ନବାଗତ ଓଡ଼ିଆ ସିନେମାରେ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ସେ ହେଲେ ମଞ୍ଚ ଅଭିନେତା ସୁଶାନ୍ତ। ପ୍ରଯୋଜକ ଅତୀଶ କୁମାର ରାଉତ ତାଙ୍କୁ ବଡ ପରଦାରେ ବ୍ରେକ୍ ଦେଇଛନ୍ତି। ସାମ୍ପ୍ରତିକ ଘଟଣାବଳୀକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଭୋଟ୍'ରେ ସେ ନାୟକ ସାଜିଛନ୍ତି। ଏ ସମ୍ପର୍କରେ ପ୍ରଯୋଜକ କହନ୍ତି, ''ଏହି ଫିଲ୍ମର କାହାଣୀରେ ଭିନ୍ନତା ରହିଛି। ୨୦୧୯ରେ ସାଧାରଣ


ସୁଶାନ୍ତ

ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେଣୁ ସେଭଳି ଏକ ବିଷୟବସ୍ତୁକୁ ଆଧାରକରି ଉକ୍ତ ଫିଲ୍ମ ପ୍ରସ୍ତୁତ ହୋଇଛି। ଏଭଳି ଏକ ପାରିବାରିକ, ପ୍ରେମଜନିତ ତଥା ରାଜନୈତିକ କାହାଣୀ ଚୟନ ସମୟରେ ଆମକୁ ବେଶ୍ ପରିଶ୍ରମ କରିବାକୁ ପଡ଼ିଥିଲା। ଏଭଳି ଏକ କାହାଣୀ ଯେପରି ସବୁ ଦୃଷ୍ଟିରୁ ଦର୍ଶକଙ୍କୁ ପ୍ରଭାବିତ କରିବ ସେ ନେଇ ଯଥା ସମ୍ଭବ ଗୁରୁତ୍ୱ ଦିଆଯାଇଛି। ଏହି ଫିଲ୍ମର ସମସ୍ତ କାମ ସିଙ୍କ୍ ସାଉଣ୍ଡରେ କରାଯାଇଛି।'' 'ମୁଁ ରାଜା ତୁ ରାଣୀ' ଏବଂ 'ଭଉଁରୀ' ପରେ ରିତୁପ୍ରିୟା ପ୍ରଡକ୍ସନ ପ୍ରା.ଲି. ବ୍ୟାନରରେ ଅତୀଶଙ୍କ ନିର୍ମିତ ଏହା ହେଉଛି ତୃତୀୟ ଫିଲ୍ମ। ଖାସ୍ କଥା ହେଲା ନବାଗତ ନିର୍ଦ୍ଦେଶକ ଦେବାଶିଷ ମହାପାତ୍ର ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଗୀତଗୁଡିକୁ ବିକାଶ ଦାସ ସ୍ୱର ଦେଇଥିବା ବେଳେ ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଶାନ୍ତନୁ ମହାପାତ୍ର। ଚଳିତବର୍ଷ ମଧ୍ୟ ଭାଗରେ ଅଜିତ ମହାପାତ୍ରଙ୍କ ରଚିତ ଏହି କାହାଣୀ 'ଭୋଟ' ଟାଇଟଲରେ ମଞ୍ଚ ନାଟକ ଭାବରେ ପରିବେଶିତ ହୋଇ ପ୍ରଶଂସିତ ହୋଇଛି। ସୁଶାନ୍ତଙ୍କ ବ୍ୟତୀତ ନବାଗତ ସୌମ୍ୟ, ଶୀତାଂଶୁ, ନାୟିକା ଶ୍ରେୟାଙ୍କ ବ୍ୟତୀତ ପିଙ୍କି ପ୍ରିୟଦର୍ଶିନୀ, ହର ରଥ, ସୂର୍ଯ୍ୟ ମହାନ୍ତି, ଚକ୍ରଧର ଜେନା, ଉଷସୀ ମିଶ୍ର, ରାନୁ ପାଢ଼ୀ, ଦେବୀ ବାରିକ, ସତ୍ୟବ୍ରତ ପାଣିଗ୍ରାହୀ, ମନୋରଞ୍ଜନ ଦାସ ଓ ଟେଲି ଅଭିନେତ୍ରୀ ପ୍ରିୟା 'ଭୋଟ୍' ଫିଲ୍ମର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।

# ଡବଲ ହ୍ୟାଟ୍ରିକ

ସତରେ ଯାଙ୍କୁ ହିଁ କହନ୍ତି ହାତୀ ମୁଣ୍ଡରେ ସୁନାକଳସ ଢାଳିବା। ଦେଖୁନାହାନ୍ତି, କିପରି ପଛକୁ ପଛ ଛଅଟି ସିନେମାରେ ଅଭିନୟ କରୁଛନ୍ତି ବଜ୍ଜୁ ବଡ଼ଜେନା। ସଂଗ୍ରାମ ବିଶ୍ୱାଳଙ୍କ ନିର୍ଦ୍ଦେଶନାରେ 'ମହାସଂଗ୍ରାମ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ଼ ପରଦା କ୍ୟାରିୟର। ନିକଟରେ ସେ ଅଭିନୟ କରିଥିବା ସିନେମାଗୁଡ଼ିକ ମଧ୍ୟରୁ 'ପ୍ରେମ ପାଇଁ ମହାଭାରତ'ରେ ଶକୁନି ଚରିତ୍ରକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ ନିର୍ମିତ ଦୁଇଟି ସିନେମା 'ପ୍ରେମରେ ରଖିଛି ଶହେରୁ ଶହେ' ଏବଂ 'ଆସିବି ଫେରି ମୁଁ ବସୁଧା ଚିରି'ରେ ତାଙ୍କୁ ମିଳିଛି ମନଲାଖି ଭୂମିକା। ଏହାବ୍ୟତୀତ ଏନ୍. ପାଢ଼ୀଙ୍କ 'ତୋ ଇସ୍କରେ' ଏବଂ ଜିତେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ 'ରଙ୍ଗ ବରସେ ଟୁପୁରୁ ଟୁପୁରୁ'ରେ ଓଡ଼ିଆ-ଛତିଶଗଡ଼ୀ ଫିଲ୍ମ 'ମାଲ୍ ମହୁ ଜୀବନ ମାଟି-ଭାଗ୍ୟର ନୋ ଗ୍ୟାରେଣ୍ଟି'ରେ ବିଜୁ ଅଭିନୟ କରୁଛନ୍ତି। ଏ ସମ୍ପର୍କରେ ସେ କହନ୍ତି, ''ଏହି ଫିଲ୍ମଗୁଡିକରେ ମୋତେ ମିଳିଥିବା ଭୂମିକାଗୁଡିକ ଭିନ୍ନ ଧରଣର। ନିଜ ଦାୟିତ୍ୱ ସମ୍ପାଦନ କରିଛି, ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। କେବଳ ସେତିକି ନୁହେଁ, ଉକ୍ତ ଫିଲ୍ମଗୁଡିକର କାହାଣୀ ମଧ୍ୟ ମୋତେ ପ୍ରଭାବିତ କରିଛି।''


ବିଜୁ ବଡ଼ଜେନା

# ଓଡ଼ିଆ ସିନେମା-୨୦୧୯

ଗତବର୍ଷ ୩୦ଟି ଓଡ଼ିଆ ସିନେମା ପରଦା ଉପରକୁ ଆସିଥିଲା। ନୂଆବର୍ଷରେ କେବଳ ଜାନୁୟାରୀରେ ୩-୪ଟି ସିନେମା ରିଲିଜ ହେବା ଯୋଜନା ରହିଛି। ବିନି ସାମଲ-ନିହାର ସାମଲଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅଜବ ସଞ୍ଜୁର ଗଜବ ଲଭ୍'। ଏହି ସିନେମାରେ ପୁଣି ଥରେ ବାବୁସାନ୍ ଏବଂ ନିର୍ଦ୍ଦେଶକ ଅଶୋକ ପତିଙ୍କ କେମେଷ୍ଟ୍ରି ଦେଖିବାକୁ ମିଳିବ। ଏଥିରେ ବାବୁସାନ୍‌ଙ୍କ ନାୟିକା ସାଜିଛନ୍ତି ଅର୍ଚ୍ଚିତା। ଏହି ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଅପରପକ୍ଷରେ ଅର୍ଚ୍ଚିତାଙ୍କ ଅଭିନୀତ ତଥା କେ. ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ 'ଚାମ୍ପିୟନ' ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏଥିରେ ସେ ଜଣେ ବକ୍ସର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ। ଏହି ଦୁଇଟି ଫିଲ୍ମ ବ୍ୟତୀତ ଆଉ ଏକ ଫିଲ୍ମ (ପ୍ରେମ ପାଇଁ ମହାଭାରତ) ରିଲିଜ ଅପେକ୍ଷାରେ ରହିଛି। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଉକ୍ତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ସମ୍ପିତ, ରିୟା, ସମରେଶ, ଶ୍ରୀତମ ଦାସ, ବିଜୁ ବଡ଼ଜେନା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଅନ୍ୟପକ୍ଷରେ ରିୟାନା-ବିଭାସ ଅଭିନୀତ 'ଏ ଦିଲ୍ ତତେ ଦେଲି' ମଧ୍ୟ ଜାନୁୟାରୀରେ ମୁକ୍ତିଲାଭ କରିବା ଯୋଜନା ରହିଛି। ଏସ୍. ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ତୁ ମୋ ସୁନା ଚଢ଼େଇ' ମଧ୍ୟ ଏହି ମାସରେ ପରଦା ଉପରକୁ ଆସିବା ଯୋଜନା ରହିଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଜ୍ୟୋତି ନାୟକ ଏବଂ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ଏଲସା ଘୋଷ। ଦୀପକ-ପିଙ୍କି ପ୍ରିୟଦର୍ଶନୀଙ୍କ ଅଭିନୀତ 'ଜୋର୍ କା ଝଟକା' ରିଲିଜ ଅପେକ୍ଷାରେ ରହିଛି। ଅନ୍ୟପକ୍ଷରେ ଅତୀଶ କୁମାର ରାଉତଙ୍କ ପ୍ରଯୋଜିତ ତଥା ନବାଗତ ଦେବାଶିଷ ପାତ୍ରଙ୍କ ନିର୍ଦ୍ଦେଶନାରେ 'ଭୋଟ'ର ଶୁଟିଂ ଶେଷ ହୋଇଛି। ଏଗୁଡ଼ିକ ବ୍ୟତୀତ କେତୋଟି ସିନେମାର ଶୁଟିଂ ଏବେ ଚାଲୁ ରହିଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ତଥା ପପୁ ପମ୍‌ପମ୍‌ଙ୍କ ନିର୍ଦ୍ଦେଶନା(ପ୍ରଥମ ଥର)ରେ ଓଡ଼ିଆ ସିନେମା 'ଚିରକୁଟ୍'ର ଶୁଟିଂ ଚାଲୁ ରହିଛି। ଏହାବ୍ୟତୀତ ଚଣ୍ଡୀ ପରିଜାଙ୍କ ନିର୍ଦ୍ଦେଶନାରେ 'ଏ ଦିଲ୍ ମାନେନା' (ସ୍ୱରାଜ, ଶିବାନୀ), ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନାରେ 'ଆସିବି ଫେରି ମୁଁ ବସୁଧା ଚିରି', ରାଜୀବ ମହାନ୍ତିଙ୍କ 'ତୁ ମୋର ନିହାତି ଦରକାର', ଜ୍ୟୋତି ନାୟକ-ରିୟା ଅଭିନୀତ 'ପ୍ରେମରେ ରଖିଛି ଶହେରୁ ଶହେ', ଏନ୍. ପାଢ଼ୀଙ୍କ 'ତୋ ଇସ୍କ ରେ' ଏବଂ ତାପସ ସରଘରିଆଙ୍କ ନିର୍ଦ୍ଦେଶନାରେ ତଥା ନବାଗତ ଯୋଡ଼ି ରିସାନ-ସାୟଲ-ମହିମାଙ୍କୁ ନେଇ 'ଚାଲ ଟିକେ ଦୁଷ୍ଟ ହେବା' ର ଶୁଟିଂ ଚାଲୁ ରହିଛି।


'ଅଜବ ସଞ୍ଜୁର ଗଜବ ଲଭ୍' ଚଳଚ୍ଚିତ୍ରରେ ଅର୍ଚ୍ଚିତା-ବାବୁସାନ୍

# ଅଙ୍କିତାଙ୍କ ସଜବାଜ

ଅଙ୍କିତା ଲୋଖାଣ୍ଡେ ଏବେ ଠାରୁ ଗୋଡ ଟେକି ବସିଲେଣି। କ'ଣ ପାଇଁ ଜାଣନ୍ତି ? ବାହା ହେବାକୁ। ଅର୍ଥାତ୍, ୨୦୧୯ରେ ସେ ହାତକୁ ଦି' ହାତ ହେବେ ବୋଲି କୁଆଡେ ମାଇଣ୍ଡ ମେକଅପ କରିସାରିଲେଣି। ଯଦିଓ ଏ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାପଡିନାହିଁ, ହେଲେ ତାଙ୍କର କଥାବାର୍ତ୍ତାରୁ ଯାହା ଜଣାପଡୁଛି ମ୍ୟାରେଜ ପାଇଁ ସେ ପ୍ରାକ୍ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ସୁଶାନ୍ତ ସିଂହ ରାଜପୁତଙ୍କ ସହ ବ୍ରେକ୍ ଅପ୍ ପରେ ଏବେ ଭିକି ଜୈନଙ୍କ ସହ ତାଙ୍କର ଆଫେୟାର୍ସ ଚାଲିଛି। କେବଳ ସେତିକି ନୁହେଁ, ତାଙ୍କୁ ହିଁ ସେ ମ୍ୟାରେଜ କରିବେ ବୋଲି ତାଙ୍କର ଜଣେ ସାଙ୍ଗ ପ୍ରକାଶ କରିଛନ୍ତି। ତେବେ ଏଭଳି କଥା ଶୁଣିବା ପରେ ଅଙ୍କିତା କହନ୍ତି, '୨୦୧୯ରେ ମ୍ୟାରେଜ କରିବାକୁ ପ୍ଲାନିଂ କରିଛି। ହେଲେ କାହା ସହ ବାହାଘର ହେବ ତାହା ଠିକ୍ ସମୟରେ ଜଣାଇଦେବି।'

ଅପେରା ହାଲ୍‌ଚାଲ୍

# ଏମିତି ସ୍ତ୍ରୀକୁ ଶହେ ସଲାମ

ନିର୍ଦ୍ଦେଶକ ପ୍ରଦୀପ ବେହେରା ପୁଣି ଥରେ ଅପେରା ଦର୍ଶକଙ୍କୁ ଆଉ ଏକ ଭିନ୍ନ ଧରଣର ନାଟକ ଭେଟି ଦେବାକୁ ଯାଉଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ବର୍ତ୍ତମାନ ଶ୍ରୀକ୍ଷେତ୍ର ଗଣନାଟ୍ୟରେ ଏକ ନାଟକର ରିହରସାଲ ପୂରା ଦମ୍‌ରେ ଚାଲୁ ରହିଛି। ନାଟକଟିର ଟାଇଟଲ ରହିଛି 'ଏମିତି ସ୍ତ୍ରୀକୁ ଶହେ ସଲାମ', ଯାହାକୁ ରଚନା କରିଛନ୍ତି ସିଦ୍ଧାର୍ଥ ମିଶ୍ର। ଏହାର ସଙ୍ଗୀତ ଦାୟିତ୍ୱ ମିହିର ମହାନ୍ତି ତୁଲାଇଛନ୍ତି ଏବଂ ନୃତ୍ୟ ନିର୍ଦ୍ଦେଶନା ଦେଉଛନ୍ତି କୁମାର ବାପି। ଏହି ନାଟକରେ ଉକ୍ତ ପାର୍ଟିର ଖଳନାୟକ ଶାରଦା ପ୍ରସାଦ ଦାସଙ୍କୁ ଚରିତ୍ର ଅଭିନେତା ଭାବରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେ କହନ୍ତି, ''ପୂର୍ବରୁ ପ୍ରଦୀପ ବେହେରାଙ୍କ ନିର୍ଦ୍ଦେଶନାରେ ମୁଁ କେତୋଟି ନାଟକରେ ଅଭିନୟ କରିଛି। ଅପେରା ଜଗତରେ ମୋର ୨୫ବର୍ଷ ହୋଇଗଲା, ଆଉ ଆରମ୍ଭରୁ ମୋ ଚେହେରାକୁ ନେଇ ମୋତେ ଖଳନାୟକ ଭୂମିକା ଦିଆଯାଇଛି। ହେଲେ ଏଥର 'ଏମିତି ସ୍ତ୍ରୀକୁ ଶହେ ସଲାମ'ରେ ମୁଁ ଜଣେ ବାପା ଭୂମିକାରେ ଅଭିନୟ କରୁଛି, ଯାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି ଆଶା ରଖିଛି।''


ଶାରଦା ପ୍ରସାଦ ଦାସ

| Dollar | Sensex | Nifty | Gold | Silver |
|---|---|---|---|---|
| 70.18 (75) | 35,891.52 (363.05) | 10,792.50 (117.60) | 32,500.00 (`30) | 39,350.00 (`100) |



"ମର୍ଚ୍ଚାଣ୍ଟ ରପ୍ତାନିକାରୀଙ୍କ ପାଇଁ ସୁଧ ସବ୍‌ସିଡି ବ୍ୟବସ୍ଥା ଦ୍ୱାରା ଏମ୍‌ଏସ୍‌ଏମ୍‌ଇ ରପ୍ତାନି ପ୍ରୋତ୍ସାହିତ ହେବ ।
– ଗଣେଷ କୁମାର ଗୁପ୍ତା, ସଭାପତି, ଏଫ୍‌ଆଇଇଓ



"କୋଇଲା ଗ୍ୟାସିଫିକେଶନ ପଦକ୍ଷେପ ଲାଗି ମନ୍ତ୍ରୀ ସ୍ତରୀୟ କମିଟି ବର୍ତ୍ତମାନ ଦେଶର ୧୪ ଖଣିକୁ ନେଇ ବିଚାର କରୁଛନ୍ତି ।
– ପୀୟୂଷ ଗୋୟଲ, କେନ୍ଦ୍ର କୋଇଲା ଖଣି



## ସଂକ୍ଷେପରେ

### ଉଜ୍ଜ୍ୱଳା ଯୋଜନା: ୬ କୋଟିରେ ପହଞ୍ଚିଲା ସଂଯୋଗ

**ନୂଆଦିଲ୍ଲୀ,୨-୧:** ଦେଶର ପ୍ରତ୍ୟେକ ଘରେ ରୋଷେଇ ଗ୍ୟାସ୍ ପହଞ୍ଚାଇବା ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ଏଥିରେ ବେଶ୍ ସଫଳତା ମିଳୁଛି। ବୁଧବାର ସୁଦ୍ଧା ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୬ କୋଟି ଗ୍ୟାସ୍ ସଂଯୋଗ ଦେଇଥିବା ଜଣାପଡିଛି। କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ରାଜଧାନୀ ଦିଲ୍ଲୀରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପରାଷ୍ଟ୍ରପତି ଏମ୍.ଭେଙ୍କାୟା ନାଇଡୁ ଖାନ୍‌ପୁର ଅଞ୍ଚଳରେ ଶିବପାର୍କ ନିବାସୀ ଜସ୍ମିନ୍ ଖାତୁନଙ୍କୁ ଉକ୍ତ ଯୋଜନାରେ ୬ କୋଟି ତମ ମାଗଣା ଏଲ୍‌ପିଜି ସଂଯୋଗ କାଗଜପତ୍ର ବାଣ୍ଟିଥିଲେ। ୨୦୧୬ ମେ ପହିଲାରୁ ଏହି ଯୋଜନା ଆରମ୍ଭ ହୋଇଥିଲା। ୨୦୧୯ମାର୍ଚ୍ଚ ସୁଦ୍ଧା ୫ କୋଟି ଗ୍ୟାସ୍ ସଂଯୋଗ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ପରେ ଏହି ଲକ୍ଷ୍ୟକୁ ୨୦୨୧ ସୁଦ୍ଧା ୮ କୋଟିକୁ ବୃଦ୍ଧି କରାଯାଇଛି। ଏହି ଅବସରରେ ନାଇଡୁ ଏହାକୁ ସମ୍ଭବତଃ ବିଶ୍ୱର ସର୍ବବୃହତ୍ ଦାରିଦ୍ର୍ୟଦୂରୀକରଣ ଯୋଜନା ବୋଲି ଅଭିହିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

### ଏମ୍‌ଏସ୍‌ଏମ୍‌ଇ, ଏନ୍‌ବିଏଫ୍‌ସି ପ୍ରତିନିଧିଙ୍କୁ ଭେଟିବେ ଶକ୍ତିକାନ୍ତ



**ନୂଆଦିଲ୍ଲୀ,୨-୧:** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଆସନ୍ତା ସପ୍ତାହରେ ଏମ୍‌ଏସ୍‌ଏମ୍‌ଇ ଏବଂ ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି) ପ୍ରତିନିଧିଙ୍କୁ ଭେଟିବେ। ସୂଚନାଥାଉ କି, ଆର୍‌ବିଆଇ ଦିନକ ପୂର୍ବରୁ ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି ଗୋଟିଏ ଥର ଋଣ ପୁନର୍ଗଠନ ସୁବିଧା ଘୋଷଣା କରିଛନ୍ତି। ଏହାଦ୍ୱାରା ଏହି ସେକ୍ଟରରେ ଦେଖାଦେଇଥିବା ନଗଦ ସଙ୍କଟ ଅନେକାଂଶରେ ଦୂର ହୋଇଯିବ। ଆସନ୍ତା ବୈଠକ ନେଇ ଶକ୍ତିକାନ୍ତ ଟୁଇଟ୍ ଜାରି କରିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଏମ୍‌ଏସ୍‌ଏମ୍‌ଇର ଚାପଗ୍ରସ୍ତ ସମ୍ପତ୍ତିର ପୁନର୍ଗଠନ ସମୀକ୍ଷା ଲାଗି ରିଜର୍ଭ ବ୍ୟାଙ୍କ ବୋର୍ଡର ନଭେମ୍ବର ୧୯ ବୈଠକରେ ପରାମର୍ଶ ଦିଆଯାଇଥିଲା। ଆଇଏଲ୍‌ଆଣ୍ଡଏଫ୍‌ଏସ୍ ଆଣିଥିବା ଋଣକୁ ପରିଶୋଧ କରିବାରେ ବିଫଳ ହେବା ପରେ ଏନ୍‌ବିଏଫ୍‌ସି କ୍ଷେତ୍ରରେ ନଗଦ ସଙ୍କଟ ଦେଖାଯାଇଥିଲା।

# ସର୍ବୋଚ୍ଚ ସ୍ତରରେ ଜିଡିପି-ପ୍ରତ୍ୟକ୍ଷ ଟିକସ ଅନୁପାତ

**ନୂଆଦିଲ୍ଲୀ,୨-୧**

- ୨୦୧୭-୧୮ରେ ୫.୯୮ ପ୍ରତିଶତରେ ପହଞ୍ଚିଲା ଅନୁପାତ
- ୪ ବର୍ଷ ଭିତରେ ରିଟର୍ନ ଦାଖଲ ସଂଖ୍ୟାରେ ୮୦% ବୃଦ୍ଧି
- ବ୍ୟକ୍ତିଗତ ଆୟକର ରିଟର୍ନ ଦାଖଲ ୬୫% ବଢ଼ିଛି
- ଏପ୍ରିଲ-ନଭେମ୍ବର ୨୦୧୮ରେ ୧.୨୩ ଲକ୍ଷ କୋଟି ରିଫଣ୍ଡ



ଆର୍ଥିକ ବର୍ଷ ୨୦୧୭-୧୮ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ସମ୍ମୁଖରେ ପ୍ରତ୍ୟକ୍ଷ ଟିକସ ଆଦାୟ ୫.୯୮ ପ୍ରତିଶତରେ ପହଞ୍ଚିଛି ଯାହାକି ବିଗତ ୧୦ ବର୍ଷରେ ସର୍ବଶ୍ରେଷ୍ଠ। ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଜିଡିପି-ପ୍ରତ୍ୟକ୍ଷ ଟିକସ ଅନୁପାତ ୨୦୧୬-୧୭ରେ ୫.୫୭ ପ୍ରତିଶତ, ୨୦୧୫-୧୬ରେ ୫.୪୭ ପ୍ରତିଶତ ଥିଲା। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଭାରତକୁ ଅଣଟିକସ ସମାଜରୁ ଟିକସ ପାଳନ କରୁଥିବା ସମାଜରେ ପରିବର୍ତ୍ତନ କରିବା ବିମୁଦ୍ରୀକରଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅନ୍ୟ ଅର୍ଥରେ କହିବାକୁ ଗଲେ ବିମୁଦ୍ରୀକରଣର ପ୍ରଭାବ ବ୍ୟକ୍ତିଗତ ଟିକସ ପ୍ରଦାନରେ ଅନୁଭୂତ ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ ନିଜର ୨୦୧୮ ସମୀକ୍ଷାରେ କୁହାଯାଇଛି ଯେ, ଗତ ୩ ବର୍ଷ ମଧ୍ୟରେ ପ୍ରତ୍ୟକ୍ଷ ଟିକସ-ଜିଡିପି ଅନୁପାତରେ କ୍ରମାଗତ ବୃଦ୍ଧି ହେଉଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଗତ ୪ ବର୍ଷ ଭିତରେ ରିଟର୍ନ ଦାଖଲ ସଂଖ୍ୟାରେ ୮୦ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଥିବା ପରିଲକ୍ଷିତ ହୋଇଛି। ଆର୍ଥିକ ବର୍ଷ ୨୦୧୩-୧୪ରେ ମୋଟ ୩.୭୯ କୋଟି ରିଟର୍ନ ଦାଖଲ କରାଯାଇଥିଲା। ଏହା ୨୦୧୭-୧୮ରେ ୬.୮୫ କୋଟିରେ ପହଞ୍ଚିଗଲାଣି। ଏହାବ୍ୟତୀତ ବ୍ୟକ୍ତିଗତ ଆୟକର ରିଟର୍ନ ଦାଖଲକାରୀଙ୍କ ସଂଖ୍ୟାରେ ମଧ୍ୟ ଏହି ଅବଧିରେ ୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଦେଖାଯାଇଛି। ୨୦୧୩-୧୪ରେ ଏହା ୩.୩୧ କୋଟି ଥିଲା ବେଳେ ୨୦୧୭-୧୮ରେ ଏହା ୫.୪୪ କୋଟି ହୋଇଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଗତ ୩ ବର୍ଷର ରିଟର୍ନ ଦାଖଲରୁ ଏହା ସ୍ପଷ୍ଟ ହୋଇଛି ଯେ, ଲୋକଙ୍କ ଆୟ କ୍ରମାଗତ ବୃଦ୍ଧି ପାଉଛି। ୨୦୧୩-୧୪ ଆର୍ଥିକ ବର୍ଷ ଲାଗି ନିର୍ଦ୍ଧାରଣ ବର୍ଷ ଅଥବା ଆକଳନ ବର୍ଷ ୨୦୧୪-୧୫ରେ ଦାଖଲ କରାଯାଇଥିବା ରିଟର୍ନରେ ମୋଟ୍ ୨୬.୯୨ ଲକ୍ଷ କୋଟି ଟଙ୍କାର ଆୟ ହୋଇଥିବା ଘୋଷଣା କରାଯାଇଛି। ଏହି ରାଶି ଆକଳନ ବର୍ଷ ୨୦୧୭-୧୮ରେ ୬୭ ପ୍ରତିଶତ ବୃଦ୍ଧି ପାଇ ୪୪.୮୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ନିୟମ ଓ ପ୍ରଶାସନିକ ଉପାୟ ଆପଣାଯିବାରୁ ଏହି ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏପ୍ରିଲରୁ ନଭେମ୍ବର ୨୦୧୮ ମଧ୍ୟରେ ୧.୨୩ ଲକ୍ଷ କୋଟି ଟଙ୍କାର ରିଫଣ୍ଡ କରାଯାଇଛି ଯାହାକି ଗତ ବର୍ଷର ଏହି ଅବଧିରେ ଜାରି ରିଫଣ୍ଡଠାରୁ ୨୦.୮ ପ୍ରତିଶତ ଅଧିକ। ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, କମ୍ପାନୀଙ୍କଠାରୁ ଆୟକର ଆଦାୟ ୧୭.୭ ପ୍ରତିଶତ ଓ ବ୍ୟକ୍ତିଗତ ଆୟକର ୧୮.୩% ବୃଦ୍ଧି ପାଇଛି।

# ନିର୍ମାଣାଧୀନ ଫ୍ଲାଟ ଉପରେ କମିପାରେ ଜିଏସ୍‌ଟି

**ନୂଆଦିଲ୍ଲୀ,୨-୧**



- ଜିଏସ୍‌ଟି ୫%କୁ ଖସିବା ସମ୍ଭାବନା
- ୧୦ରେ ଜିଏସ୍‌ଟି କାଉନସିଲ ବୈଠକ

ଚଳିତ ୧୦ ତାରିଖରେ ଜିଏସ୍‌ଟି କାଉନସିଲ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଛି। ଏହି ବୈଠକରେ ନିର୍ମାଣାଧୀନ ଫ୍ଲାଟ୍ ଓ ଘର ଉପରେ ଆଦାୟ ହେଉଥିବା ଜିଏସ୍‌ଟିକୁ ୫%କୁ ହ୍ରାସ କରିବା ନେଇ ବିଚାର କରାଯିବ। ବର୍ତ୍ତମାନ ଏହା ଉପରେ ୧୨% ଜିଏସ୍‌ଟି ଆଦାୟ ହେଉଛି। ସାଧାରଣ ଅର୍ଥରେ କହିବାକୁ ଗଲେ ଉକ୍ତ ନିଷ୍ପତ୍ତି ଯୋଗୁ ନିର୍ମାଣଧୀନ ଫ୍ଲାଟ୍ ଅଥବା ଘର ମୂଲ୍ୟ ଉପରେ କମ୍ ଜିଏସ୍‌ଟି ଆଦାୟ ହେବ। ଏହାବ୍ୟତୀତ ଫ୍ଲାଟ୍ ଅଥବା ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀ, ପୁଞ୍ଜିଗତ ସାମଗ୍ରୀ ଓ ସେବା ଉପରେ ୧୮% ଜିଏସ୍‌ଟି ଲାଗୁଛି। ସିମେଣ୍ଟରୁ ୨୮% ଜିଏସ୍‌ଟି ଆଦାୟ ହେଉଛି। ଆସନ୍ତା ୧୦ ତାରିଖ ବୈଠକରେ ସିମେଣ୍ଟର ଜିଏସ୍‌ଟି ହ୍ରାସ ନେଇ ମଧ୍ୟ ବିଚାର ହୋଇପାରେ। ଆଗାମୀ ଦିନରେ ସିମେଣ୍ଟକୁ ୨୮% ସ୍ଲାବ୍‌ରୁ ବାଦ୍ ଦେବା ନେଇ ବିଚାର କରାଯିବ ବୋଲି ନିକଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କହିଥିଲେ। ଏହାବ୍ୟତୀତ ଆବାସୀୟ ସମ୍ପତ୍ତି ଉପରେ ଲାଗୁଥିବା ଟିକସ ହାରକୁ ତର୍କସଙ୍ଗତ କରିବା ତଥା ଏମ୍‌ଏସ୍‌ଏମ୍‌ଇଙ୍କ ଲାଗି କାରବାର ସୀମାକୁ ବର୍ତ୍ତମାନର ୨୦ ଲକ୍ଷ ଟଙ୍କାରୁ ବଢ଼ାଇ ୫୦ ଲକ୍ଷ ଟଙ୍କା କରିବା ଉପରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ଲଟେରି ଉପରେ ଜିଏସ୍‌ଟି ହାର ଧାର୍ଯ୍ୟକରିବା ତଥା ଛୋଟ ଆମଦାନୀକାରୀଙ୍କ ଲାଗି କମ୍ପୋଜିଶନ ଯୋଜନା ଉପରେ ମଧ୍ୟ କାଉନସିଲ୍ ନିଷ୍ପତ୍ତି ନେଇପାରେ।

# ଜାରି ହୋଇଛି ୧୨୩ କୋଟି ଆଧାର କାର୍ଡ

**ନୂଆଦିଲ୍ଲୀ,୨-୧**

ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପାଖାପାଖି ୧୨୩କୋଟିଆଧାର କାର୍ଡ ଜାରି କରିଛି। କେନ୍ଦ୍ରମନ୍ତ୍ରୀ ହଂସରାଜ ଅହିର ବୁଧବାର ରାଜ୍ୟ ସଭାରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ସେ କହିଛନ୍ତି ଯେ ୨୦୧୧ଜନଗଣନା ଅନୁଯାୟୀ ଭାରତର ଜନସଂଖ୍ୟା ୧୨୧,୦୮,୫୪,୯୭୭ ରହିଛି। ୨୦୧୮ ନଭେମ୍ବର ୩୦ ତାରିଖ ସୁଦ୍ଧା ୟୁଆଇଡିଏଆଇ ୧୨୨.୯୦ କୋଟି ଆଧାର କାର୍ଡ ଜାରି କରିସାରିଛି। ଜାରି କରାଯାଇଥିବା କାର୍ଡ ମଧ୍ୟରେ ୫ ବର୍ଷ ଭିତରେ ଥିବା ଶିଶୁଙ୍କ ସଂଖ୍ୟା ୬.୭୧ କୋଟି ରହିଥିବା ବେଳେ ୫ରୁ ୧୮ ବର୍ଷ ଭିତରେ ୨୯.୦୨ କୋଟି ରହିଛନ୍ତି। ସେ କହିଛନ୍ତି ଯେ, ସାମ୍ପୁଲ ରେଜିଷ୍ଟ୍ରେଶନ ସିଷ୍ଟମର ତଥ୍ୟ ଅନୁଯାୟୀ ୨୦୧୬ରେ ଜନ୍ମହାର ୨୦.୪ ପ୍ରତିଶତ ଏବଂ ମୃତ୍ୟୁ ହାର ୬.୪% ଥିଲା।

### ଚଳିତବର୍ଷରୁ ମିଳିବ ସୁଇସ୍ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ

**ନୂଆଦିଲ୍ଲୀ,୨-୧:** ଚଳିତବର୍ଷଠାରୁ ସୁଇସ ବ୍ୟାଙ୍କରୁ ଭାରତକୁ ଆକାଉଣ୍ଟ ତଥ୍ୟ ମିଳିବା ଆରମ୍ଭ ହେବ ବୋଲି ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂ ପାର୍ଲାମେଣ୍ଟରେ କହିଛନ୍ତି। ବୁଧବାର ଲୋକ ସଭାରେ ଜଣେ ସଦସ୍ୟଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଦୁର୍ନୀତିରେ ଲିପ୍ତ ବ୍ୟକ୍ତିବିଶେଷଙ୍କ ତଥ୍ୟ ମଧ୍ୟ ଏଥିରେ ସାମିଲ ରହିବ ବୋଲି ସେ କହିଛନ୍ତି। ସୁଇଜରଲାଣ୍ଡ ସରକାର ସ୍ୱତଃସ୍ଫୂର୍ତ୍ତ ଭାବେ ଭାରତକୁ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଯୋଗାଇବେ। ଏ ନେଇ ଦୁଇ ଦେଶ ମଧ୍ୟରେ ପୂର୍ବରୁ ଚୁକ୍ତି ମଧ୍ୟ ହୋଇଛି। ତେବେ ଗୋପନୀୟତା ବଜାୟ ରଖିବା ନେଇ ଚୁକ୍ତିରେ ଉଲ୍ଲେଖ କରାଯାଇଛି ବୋଲି ସେ କହିଛନ୍ତି।

### ଦିଲ୍ଲୀ-ବାରାଣସୀ ରୁଟ୍‌ରେ ଗଡ଼ିବ 'ଟ୍ରେନ ୧୮'

**ନୂଆଦିଲ୍ଲୀ,୨-୧:** ଭାରତୀୟ ରେଲୱେର ବହୁ ପ୍ରତୀକ୍ଷିତ ଟ୍ରେନ ୧୮ ଆସନ୍ତା ସପ୍ତାହରେ କୁମ୍ଭମେଳା ପୂର୍ବରୁ ବାଣିଜ୍ୟିକ ଭାବେ ଯାତ୍ରାରମ୍ଭ କରିବ। ଦିଲ୍ଲୀ ଓ ବାରାଣସି ମଧ୍ୟରେ ଚାଲିବାକୁ ଥିବା ଏହି ଟ୍ରେନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପତାକା ଦେଖାଇ ଶୁଭାରମ୍ଭ କରିବେ। ଜାନୁୟାରୀ ୨୪ରେ ହେବାକୁ ଥିବା ପ୍ରବାସୀ ଭାରତୀୟ ଦିବସର ଅତିଥିଙ୍କୁ ୪ଟି ସ୍ୱତନ୍ତ୍ର ଟ୍ରେନ ଯୋଗେ କୁମ୍ଭ ମେଳା ସ୍ଥାନରୁ ଦିଲ୍ଲୀକୁ ଅଣାଯିବ। ଟ୍ରେନ ୧୮ ସେମାନଙ୍କ ମଧ୍ୟରୁ ଗୋଟିଏ। ଘଣ୍ଟାକୁ ୧୩୦ କିମି ବେଗରେ ଯାତ୍ରା କରୁଥିବା ଏହି ଟ୍ରେନ ଯୋଗୁ ଦିଲ୍ଲୀରୁ ବାରାଣସି ମଧ୍ୟରେ ଯାତ୍ରା ସମୟ ସାଢ଼େ ୧୧ ଘଣ୍ଟା ବଦଳରେ ୮ ଘଣ୍ଟାକୁ ହ୍ରାସ ପାଇବ।

### ରପ୍ତାନିକାରୀଙ୍କୁ ୬୦୦ କୋଟିର ସୁଧ ସବ୍‌ସିଡି

**ନୂଆଦିଲ୍ଲୀ,୨-୧:** ବାଣିଜ୍ୟିକ ମାଲ୍ ରପ୍ତାନିକାରୀଙ୍କୁ ମିଳୁଥିବା ଋଣ ଉପରେ କେନ୍ଦ୍ର ସରକାର ୩% ସୁଧ ସବ୍‌ସିଡି ଦେବେ। ଏହାଦ୍ୱାରା ରପ୍ତାନିକାରୀଙ୍କୁ ପ୍ରାୟ ୬୦୦ କୋଟି ଟଙ୍କାର ଫାଇଦା ମିଳିବ। ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ରପ୍ତାନିକାରୀଙ୍କ ନିକଟରେ ପୁଞ୍ଜି ଉପଲବ୍ଧତା ବଢ଼ିବ ଓ ରପ୍ତାନିକୁ ପ୍ରୋତ୍ସାହନ ମିଳିବ। ଏହି ନିଷ୍ପତ୍ତି ଯୋଗୁ ରପ୍ତାନିକାରୀଙ୍କୁ ସୁଧ ସମାନୀକରଣ ଯୋଜନାର ଲାଭ ଯୋଜନାର ଅବଶିଷ୍ଟ ଅବଧି ପାଇଁ ମିଳିବ ବୋଲି ଆନୁଷ୍ଠାନିକ ବିଜ୍ଞପ୍ତି ଜାରି କରି କୁହାଯାଇଛି।


## ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର

ବିଜ୍ଞାପନ ସଂଖ୍ୟା: ........... ତା................

**ମୋଟର ଯାନ ନିଲାମ ନିମନ୍ତେ ବିଜ୍ଞାପନ**

**No.74-i:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ନିମ୍ନଲିଖିତ ଦୁଇଗୋଟି ଯାନ ଆସନ୍ତା ତା ୧୭।୦୧।୨୦୧୯ରିଖ ଗୁରୁବାର ଅପରାହ୍ନ ୪ ଘଣ୍ଟା ସମୟରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବଲାଙ୍ଗୀରରେ ନିଲାମ କରାଯିବ। ନିଲାମ ସମ୍ବନ୍ଧିତ ସର୍ବଶେଷ ତଥ୍ୟ ନିମ୍ନଲିଖିତ ୱେବ୍‌ସାଇଟ୍ ମାଧ୍ୟମରେ ଅବଗତ ହୋଇପାରିବ। ସମସ୍ତ ଜନସାଧାରଣଙ୍କୁ ଏହି ବିଜ୍ଞାପନ ମାଧ୍ୟମରେ ସୂଚନା ଦିଆଯାଉଅଛି କି ନିଲାମ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନିମ୍ନଲିଖିତ Website ମାଧ୍ୟମରେ ଅବଗତ ହୋଇପାରିବ।

1. www.odishatranspot.gov.in 2. www.odishatranspot.nic.in

ଇଚ୍ଛୁକ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି କି ୱେବସାଇଟ୍‌ରେ ଦର୍ଶାଯାଇଥିବା ଫର୍ମ ପୂରଣ କରି ତାହା ସହିତ ଟ. ୫୦୦୦ଙ୍କା (ପାଞ୍ଚ ହଜାର ଟଙ୍କା ମାତ୍ର)ର ଅମାନତ ରାଶି ଯେକୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କର ବ୍ୟାଙ୍କ ଡ୍ରାଫ୍ଟ (Regional Transport Office, Bolangir payable at Bolangir) ସଂଲଗ୍ନ କରି ତା. 17.01.2019 ରିଖ ୨ ଘଟିକା ମଧ୍ୟରେ ଜଉମୁଦ ଲଫାପାରେ ପ୍ରତ୍ୟେକ ଯାନ ପାଇଁ ପୃଥକ୍ ଭାବେ ଦାଖଲ କରିବାକୁ ହେବ।

**ଆଞ୍ଚଳିକ ପରିବହନ ଅଧିକାରୀ, ବଲାଙ୍ଗୀର**

| Sl. No. | Vehicle No. | Type of Vehicle | Upset Price | Model | Place of availability of the vehicle |
|---|---|---|---|---|---|
| 01 | OR03E 0500 | AMBULANCE | Rs. 1,00,000/- | | In front of Bolangir Truck owner's association |
| 02 | Chasis No. 1967028315 | CRANE | Rs. 1,80,000/- | without any documents | In front of Bolangir Truck owner's association |

38029/11/0001/1819



ODISHA NEW OPPORTUNITIES — No. CAD-1209

**INDUSTRIAL PROMOTION AND INVESTMENT CORPORATION OF ODISHA LIMITED**
(An ISO 9001:2015 Certified State Level Nodal Agency)
IPICOL HOUSE, JANPATH, BHUBANESWAR – 751022. ODISHA, INDIA
(A Government of Odisha Undertaking )
Website :http://ipicolodisha.com&http://investodisha.gov.in

**Advertisement Inviting Applications for the posts of Asst. Managers, IPICOL, Bhubaneswar**

Industrial Promotion and Investment Corporation of Odisha Limited (IPICOL) is a State owned PSU and designated State Level ISO 9001:2015 Certified Nodal Agency for Investment Promotion and Industrial Facilitation. IPICOL intends to recruit technical professionals in the rank of Asst. Manager with the following qualifications / stipulations.

***Assistant Manager (Admn.) - 01***

**Category**–ST – 1

**Qualification** : Must have 1st Class Post Graduate (minimum 60% marks) with MBA/ Post Graduate Diploma in Management from an Institute recognized/ notified by State/ Central Government in PM/HR as preferable.

**Experience** : Minimum 3 years experience in handling Personnel, Administrative matters in a Company/ Institution of repute. Must have adequate exposure in computerized environment.

**Age Limit** : ST- Maximum 32 +5 Years

**Scale of Pay and Allowances (As per ORSP Rule-2017)** :Rs 44,900 - Level-10. The post carries D.A., C.P.F., H.R.A. etc.

***Assistant Manager (Accts.) – 02***

**Category**–SC – 1,UR – 1

**Qualification** : Must be a 1st class Graduate (minimum 60% marks) with ACA/ AICWA.

**Experience** :Minimum 3 years post qualification experience in a financial institution/ Company of repute . Must have adequate exposure in computerized environment.

**Age Limit:** UR-Maximum 32 years, SC- Maximum 32 +5 Years

**Scale of Pay and Allowances (As per ORSP Rule-2017)** :Rs. 44,900- Level-10. The post carries D.A., C.P.F., H.R.A. etc.

**Selection Procedure:** Shortlisted candidates meeting the stipulated qualification, experience and age limit will have to appear written test and a subsequent interview. Final selection will be made basing on the written test and interview. The selection procedure will be facilitated by Xavier University Bhubaneswar (XUB).

Interested applicants may send their resume along with two copies of recent photographs and copies of credentials / certificates addressed to **CAS (Career Advisory Services) office, Xavier City Campus, Plot No: 12 (A), Nijigada, Kurki, Harirajpur-752050, Dist-Puri, Odisha through Regd. post/ Speed post. The last Date of receiving application is 24.01.2019. Please superscribe the name of the position applied for on both the resume and envelope.** The management reserves the right to reject any or all the applications without assigning any reason whatsoever.

Sd/-General Manager (P&A)

14005/11/0061/1819


# ଆର୍ଥିକ ସ୍ଥିତି ଦୃଢ଼ୀକରଣ ପାଇଁ ଠିକ୍ ଯୋଜନା ଜରୁରୀ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER℠
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**▶▶ଆର୍ଥିକ ସ୍ୱାଧୀନତା ହାସଲ କରିବା ପାଇଁ କ'ଣ ସବୁ କରିବା ଆବଶ୍ୟକ। ବର୍ତ୍ତମାନ ତଥା ଭବିଷ୍ୟତର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ୨୦୧୯ରେ କେଉଁ ସବୁ ଆର୍ଥିକ ସଂକଳ୍ପ ନେବା ଆବଶ୍ୟକ। କେଉଁ କେଉଁ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ? ଏ ସମ୍ପର୍କରେ ପରାମର୍ଶ ଦେବାକୁ ଅନୁରୋଧ।**

**– ସବିତା ମିଶ୍ର, ଯାଜପୁର**

■ନୂଆ ବର୍ଷର ହାର୍ଦ୍ଦିକ ଶୁଭେଚ୍ଛା। ବର୍ଷ ଆରମ୍ଭରୁ ନିଜର ଆର୍ଥିକ ସ୍ଥିତିକୁ ତନ୍ନତନ୍ନ କରି ପରୀକ୍ଷା ଓ ସମୀକ୍ଷା କରିବା ପରେ ଆବଶ୍ୟକ ପଦକ୍ଷେପ ନେବାର ସମୟ ଆସିଛି। ଆର୍ଥିକ ସଂକଳ୍ପ କରି ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରାଯାଇ ପାରିବ। ଏଥିପାଇଁ ଏହା ହେଉଛି ଉତ୍କୃଷ୍ଟ ସମୟ।

ପ୍ରଥମେ ନିଜର ଆର୍ଥିକ ସ୍ଥିତି ତଥା ପୋର୍ଟଫୋଲିଓକୁ ସମୀକ୍ଷା କରିବା ଆବଶ୍ୟକ। ଏହା ହେଲେ ଆର୍ଥିକ ସ୍ଥିତିକୁ ନିୟନ୍ତ୍ରଣ କରି ପାରିବେ। ବର୍ଷ ଆରମ୍ଭରୁ ନିଜର ଆର୍ଥିକ ସଂକଳ୍ପ ପୃଷ୍ଠଭୂମି ପ୍ରସ୍ତୁତ କରିବା ଦ୍ୱାରା ଆପଣ ନିଜ ଜୀବନର ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ଲକ୍ଷ୍ୟ ସବୁକୁ ହାସଲ କରିପାରିବେ। ଏହା ଆପଣଙ୍କୁ ଅନେକ ମାତ୍ରାରେ ସହାୟତା କରି ପାରିବ।

ବ୍ୟାପକ ଆର୍ଥିକ ଯୋଜନାକୁ ହତାଦର କରନ୍ତୁ ନାହିଁ। ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବାକୁ ଆପଣଙ୍କ ଜୀବନର ଆର୍ଥିକ ରଣନୀତି (ଯାହା ୬୦-୭୦ ପୃଷ୍ଠାର ଲିଖିତ ରିପୋର୍ଟ ) ପ୍ରସ୍ତୁତ କରିବାକୁ ହେବ। ଏହା ଆପଣଙ୍କ ଜୀବନରେ ଅନେକ କିଛି ପ୍ରଭାବ ଆଣିବ। ବ୍ୟାପକ ଆର୍ଥିକ ଯୋଜନା ହେଉଛି ୯୫% ରଣନୀତି ଓ ୫% ସ୍କିମ। କୌଣସି ଆର୍ଥିକ ସଂକଳ୍ପ ବା ଦୃଢ ପ୍ରତିଜ୍ଞା ବିନା ନୂତନ ବର୍ଷକୁ ଅନୁଭବ କରି ପାରିବା ନାହିଁ।

### ଆର୍ଥିକ ସ୍ଥିତି ଦୃଢ଼ୀକରଣ ପାଇଁ...

◆ଅଧିକ ସଞ୍ଚୟ କରନ୍ତୁ। ଯଦି ଅଳ୍ପ ସଞ୍ଚୟ କରୁଛନ୍ତି ତେବେ ନିୟମିତ ସଞ୍ଚୟ କରନ୍ତୁ। ନିଜର ସଞ୍ଚୟ କରିବା କାର୍ଯ୍ୟଟି ସ୍ୱୟଂ ଚାଳିତ ହେବା ନିହାତି ଆବଶ୍ୟକ। ସଞ୍ଚୟ ଅଭ୍ୟାସ ସହ ନିଜକୁ ଓତପ୍ରୋତ ଭାବେ ଜଡିତ ରଖନ୍ତୁ।

◆ଅତ୍ୟଧିକ ସୁଧ ଦେଉଥିବା ଋଣ ସବୁକୁ ପରିଶୋଧ କରିବାକୁ ପଦକ୍ଷେପ ନିଅନ୍ତୁ। ଏଭଳି ଋଣ ପରିଶୋଧ କରିବାର କାର୍ଯ୍ୟଧାରାକୁ ସମୀକ୍ଷା କରନ୍ତୁ।

◆ନିଜର ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। କ୍ରେଡିଟ୍ ବା ଡେବିଟ୍ କାର୍ଡରେ ଅନ୍ୟାବଶ୍ୟକ ଖର୍ଚ୍ଚ କରନ୍ତୁ ନାହିଁ। ସର୍ବଦା 'ଭଲ ଋଣ' ଏବଂ 'ଖରାପ ଋଣ' ମଧ୍ୟରେ ତଫାତ୍ ବୁଝନ୍ତୁ। ସେହି ଅନୁସାରେ ଋଣ କରନ୍ତୁ କିମ୍ବା ଖର୍ଚ୍ଚ କରନ୍ତୁ। କ୍ରେଡିଟ୍ କାର୍ଡ କିମ୍ବା ବ୍ୟକ୍ତିଗତ ଋଣ କରି ଖର୍ଚ୍ଚ କରନ୍ତୁ ନାହିଁ। ଏହି ବର୍ଷ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ହେଉଛି ଏକ ପ୍ରମୁଖ ଆର୍ଥିକ ସଂକଳ୍ପ ବୋଲି ପ୍ରାୟତଃ ୧୫% ଲୋକ କହିଥାନ୍ତି।

◆ନିୟମିତ ମାସିକ ଖର୍ଚ୍ଚ ପାଇଁ ଏକ 'ବଜେଟ୍' ପ୍ରସ୍ତୁତ କରନ୍ତୁ। ବଜେଟ୍ ହେଉଛି ଆପଣଙ୍କ ଆର୍ଥିକ ଜୀବନର ରକ୍ତ କଣିକା। ଏହା ବିନା ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା କଷ୍ଟକର ହେବ।

◆'ବ୍ୟାପକ ଆର୍ଥିକ ଯୋଜନା' ପ୍ରସ୍ତୁତ କରିବା ପାଇଁ ପ୍ରାଧାନ୍ୟ ଦିଅନ୍ତୁ। ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରିବା ପାଇଁ ଏକ ବଳିଷ୍ଠ ଏବଂ କୌଶଳପୂର୍ଣ୍ଣ ରଣନୀତି ହିଁ ଏକାନ୍ତ ଆବଶ୍ୟକ।

◆ନିଜ ପରିବାରର ଆର୍ଥିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଜୀବନ ବୀମା ସୁରକ୍ଷା ନିଶ୍ଚିତ କିଣନ୍ତୁ। ଏହି ବର୍ଷ ଏ ନେଇ ସମୀକ୍ଷା କରନ୍ତୁ। ଯଦି ଯଥେଷ୍ଟ ଜୀବନ ବୀମା ସୁରକ୍ଷା ନାହିଁ ଆଉ ଅଧିକ ଜୀବନ ବୀମା ସୁରକ୍ଷା କିଣି ନିଅନ୍ତୁ। ଜୀବନ ବୀମା ସୁରକ୍ଷାକୁ ଅବହେଳା କରନ୍ତୁ ନାହିଁ।

◆ନିଜର ନିବେଶ ସମ୍ପର୍କିତ ସମସ୍ତ କାଗଜ ପତ୍ର ଗୋଟିଏ ଫାଇଲରେ ରଖନ୍ତୁ। ଯଦି ବୟସ ୬୦ରୁ ଅଧିକ ତେବେ ଏହା କରିବା ନିହାତି ଜରୁରୀ।

◆ଭଲ ସୁଧହାର ବା ଲାଭ ପାଇବା ପାଇଁ ଭୁଲ ସ୍କିମରେ ନିବେଶ କରନ୍ତୁ ନାହିଁ। ପ୍ରତ୍ୟେକ ସ୍କିମ ବିଷୟରେ ଭଲ ଭାବେ ବୁଝି ସାରିବା ପରେ ନିବେଶ କରନ୍ତୁ।

◆ନିଜ ନିବେଶ 'ପୋର୍ଟଫୋଲିଓ'ର ସମୀକ୍ଷା କରନ୍ତୁ। ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନିଅନ୍ତୁ। ନିବେଶ ପୋର୍ଟଫୋଲିଓର ଭଲ ଲାଭ ପାଇବା ପାଇଁ ପଦକ୍ଷେପ ନେବା ନିହାତି ଜରୁରୀ।

◆ବିଭିନ୍ନ ଆସେଟ୍ ଶ୍ରେଣୀ ମଧ୍ୟରେ ନିବେଶ ରାଶିର ବିବିଧକରଣ କରିବା ହିଁ ନିବେଶ କରିବାର ପ୍ରଥମ ପଦକ୍ଷେପ। ଆସେଟ୍ ଆଲୋକେଶନ ଅନୁସାରେ ନିବେଶ କରିବା ଉଚିତ ହେବ।

◆ଲିଖିତ ଆର୍ଥିକ ଯୋଜନା ବିନା ଏକ ଆର୍ଥିକ ଲକ୍ଷ୍ୟ ହେଉଛି ଇଚ୍ଛା କରିବା ସହ ସମାନ। ପ୍ରଥମେ ଲିଖିତ ରଣନୀତି ପ୍ରସ୍ତୁତ କରନ୍ତୁ। ନିୟମିତ ବ୍ୟବଧାନରେ ଏହାକୁ ସମୀକ୍ଷା କରନ୍ତୁ।

◆ଯଦି ଆର୍ଥିକ ଯୋଜନା କରିବାରେ ଆପଣ ନିଜେ ଅସମର୍ଥ ତେବେ ଜଣେ ଦକ୍ଷ ପରାମର୍ଶଦାତାଙ୍କୁ ସାକ୍ଷାତ କରନ୍ତୁ। ଅର୍ଥାତ ଜଣେ ସାର୍ଟିଫାଏଡ ଫାଇନାସିଆଲ ପ୍ଲାନର କିମ୍ବା ଚାର୍ଟାର୍ଡ ୱେଲଥ ମ୍ୟାନେଜରଙ୍କୁ ସାକ୍ଷାତ କରିପାରିବେ।

ଏହି ୨୦୧୯ ନୂତନ ବର୍ଷରେ ଆର୍ଥିକ ସଂକଳ୍ପକୁ ନିଜର କରି ନିଜ ଜୀବନର ଆର୍ଥିକ ଲକ୍ଷ୍ୟ ସବୁକୁ ହାସଲ କରନ୍ତୁ। ନୂତନ ବର୍ଷରେ ଏକ ବଳିଷ୍ଠ ପଦକ୍ଷେପ ନିଅନ୍ତୁ।

**▶▶ଆୟକର ଛାଡ଼ ସୁବିଧା ପାଇବା ପାଇଁ ବ୍ୟାଙ୍କ ସ୍ଥାୟୀ ଜମା ବ୍ୟବହାର କରି ହେବ କି? ସର୍ବାଧିକ କେତେ ଟଙ୍କା ଜମା କରି ହେବ? ପରାମର୍ଶ ଦେବାକୁ ଅନୁରୋଧ।**

**– ସୋମନାଥ ମାଝି, ବାରିପଦା**

■୫ ବର୍ଷିଆ ବ୍ୟାଙ୍କ ସ୍ଥାୟୀ ଜମା ସ୍କିମ୍ ଦ୍ୱାରା ଆୟକର ଛାଡ଼ ସୁବିଧା ହୋଇ ପାରିବ। ଏହି ସ୍କିମରେ ନିବେଶ କରି ଆୟକର ନିୟମ ୮୦ସି ଅନୁସାରେ ଆୟକର ଛାଡ଼ ପାଇଁ ଦାବି କରି ପାରିବେ। ଏହି ନିବେଶ ୫ ବର୍ଷ ପର୍ଯ୍ୟନ୍ତ ବନ୍ଧନଯୁକ୍ତ। ସ୍କିମରୁ ମିଳୁଥିବା ସୁଧରାଶି ବା ସୁଧ ଆୟ ଉପରେ ଆୟକର ଦେବାକୁ ପଡ଼ିବ।

**▶▶ପରିବାର ପାଇଁ ଏକ ସ୍ୱାସ୍ଥ୍ୟ ବୀମା ପଲିସି କ୍ରୟ କରିବାକୁ ଚାହୁଁଛି। କେଉଁ ପ୍ରକାରର ପଲିସି କିଣିବା ଉଚିତ ହେବ?**

**– ମନସ୍ୱିନୀ ରାଉତ, ନବରଙ୍ଗପୁର**

■ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଏକ ଫ୍ୟାମିଲି ଫ୍ଲୋଟର ପଲିସି କିଣିବା ଉଚିତ ହେବ। ଏହା ଦ୍ୱାରା ପ୍ରିମିୟମ କମ୍ ହେବା ସହିତ ପରିବାରର ସମସ୍ତ ସଦସ୍ୟ ସ୍ୱାସ୍ଥ୍ୟ ବୀମା ସୁରକ୍ଷା ଲାଭ କରି ପାରିବେ। ପ୍ରାୟତଃ ସମସ୍ତ ସ୍ୱାସ୍ଥ୍ୟ ବୀମା କମ୍ପାନୀ ଫ୍ୟାମିଲି ଫ୍ଲୋଟର ପଲିସି ପ୍ରଦାନ କରୁଛନ୍ତି।

# କୁଚ୍‌ବିହାର ଟ୍ରଫି: ଓଡ଼ିଶାର ଚମତ୍କାର ବିଜୟ

**କଟକ ଅଫିସ,୨।୧**

ବୋଷ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ବର୍ଷରୁ କମ୍ ବାଳକ କୁଚ୍ ବିହାର ଟ୍ରଫି କ୍ରିକେଟର ଏକ ମ୍ୟାଚ୍‌ରେ ଓଡ଼ିଶା ଦଳ ଆସାମ ବିପକ୍ଷରେ ଚମତ୍କାର ବିଜୟ ହାସଲ କରିଛି । ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଆସାମ ଦୃଢ଼ ସ୍ଥିତିରେ ଥିଲେ ମଧ୍ୟ ଓଡ଼ିଶା ବୋଲରଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ୫ରନ୍‌ରେ ଏହି ମ୍ୟାଚ୍‌କୁ ଜିତିଛି। ୬ ପଏଣ୍ଟ ପାଇ ଓଡ଼ିଶା ଏଲିଟ ଗ୍ରୁପ୍-ସି ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉଠିଛି । ୫ଟି ମ୍ୟାଚ ଖେଳି ୨ ବିଜୟ, ୨ ପରାଜୟ ଓ ଗୋଟିଏ ଡ୍ର ସହ ଓଡ଼ିଶା ୧୫ ପଏଣ୍ଟ ପାଇଛି ।

ଓଡ଼ିଶାର ପ୍ରଥମ ଇନିଂସ ୧୨୭ରନ୍ ଜବାବରେ ଆସାମ ୨୪୦ରନ୍ କରିଥିଲା । ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଦ୍ୱିତୀୟ ଇନିଂସ ବ୍ୟାଟିଂ କରୁଥିବା ଓଡ଼ିଶା ୫ ଉଇକେଟ ହରାଇ ୧୩୬ରନ୍ କରିଥିଲା । ୮୩ରନ୍‌ରେ ଅପରାଜିତ ଥିବା ସ୍ୱସ୍ତିକ ସାମଲ ବୁଧବାର ଶତକୀୟ ଇନିଂସ ଖେଳିଥିଲେ । ୧୪୧ବଲରୁ ସେ ୧୨୧ରନ୍ କରିଥିଲେ । ତେବେ ଓଡ଼ିଶାର ଦ୍ୱିତୀୟ ଇନିଂସ ୨୩୦ରନ୍‌ରେ ସୀମିତ ରହିଥିଲା । ଆସାମ ସମ୍ମୁଖରେ ମାତ୍ର ୧୧୭ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଦ୍ୱିତୀୟ ଓଭରରୁ ହିଁ ଓଡ଼ିଶା ବୋଲରମାନେ ଉଇକେଟ ନେବା ଆରମ୍ଭ କରିଥିଲେ । ୬୨ରନ୍‌ରେ ୩ଟି ଉଇକେଟ ପତନ ଘଟିଥିବା ବେଳେ ୧୧୨ରନ୍‌ରେ ଆସାମ ଅଲଆଉଟ ହୋଇଥିଲା । ପ୍ରଥମ ଇନିଂସ୍‌ରେ ୪ଟି ଲେଖାଏ ଉଇକେଟ ନେଇଥିବା ବିନୀତ କୁମାର ମହାନ୍ତି ଓ ଅଙ୍କିତକାର ଜୈସୱାଲ ଦ୍ୱିତୀୟ ଇନିଂସ୍‌ରେ ଯଥାକ୍ରମେ ୫ ଓ ୩ଟି ଲେଖାଏ ଉଇକେଟ ନେଇ ଦଳକୁ ଅବିଶ୍ୱସନୀୟ ବିଜୟ ଆଣି ଦେଇଥିଲେ । ବିଶ୍ୱଜିତ ମଲ୍ଲିକଙ୍କୁ ଗୋଟିଏ ଉଇକେଟ ମିଳିଥିଲା ।

# ଗୁରୁକୁଳ ୫୦କେ ର୍‍ୟାଙ୍କିଙ୍ଗ୍ ଟେନିସ୍: ଅଂଶୁ ସେମିରେ

**ଭୁବନେଶ୍ୱର, ୨।୧(କ୍ରୀଡ଼ା ପ୍ରତିନିଧି)**

ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଏଆଇଟିଏ-ଓଟିଏ ପୁରୁଷ ୫୦କେ ର୍‍ୟାଙ୍କିଙ୍ଗ ଟେନିସ୍ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଅଂଶୁ କୁମାର ଭୂୟାଁ। ଦ୍ୱିତୀୟ ସିଡ୍ ଅଂଶୁ ବୁଧବାର କ୍ୱାର୍ଟର ଫାଇନାଲରେ ତେଲେଙ୍ଗାନାର ସାଇ କାର୍ତ୍ତିକ ଆର. ଗନ୍ତାଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରିଛନ୍ତି। ତେବେ ଅନ୍ୟ ୩ ଓଡ଼ିଆ ଖେଳାଳି ଟପ୍ ସିଡ୍ ଚିନ୍ମୟ ପ୍ରଧାନ, ୪ର୍ଥ ସିଡ୍ ଆଦିତ୍ୟ ଶତପଥୀ ଓ ୮ମ ସିଡ୍ ଅମୃତଜୟ ମହାନ୍ତିଙ୍କ ଅଭିଯାନ କ୍ୱାର୍ଟରରୁ ଶେଷ ହୋଇଛି। ଚିନ୍ମୟ ପଶ୍ଚିମବଙ୍ଗର ଅନୁରାଗ ଅଗ୍ରୱାଲଙ୍କଠାରୁ ୨-୬, ୩-୬ ସେଟ୍‌ରେ ହାରିଥିବାବେଳେ ଆଦିତ୍ୟ ଦିଲ୍ଲୀର ରିତ୍‌ଭିକ୍ କାଶ୍ୟପଙ୍କଠାରୁ ୪-୬, ୦-୬ ଏବଂ ଅମୃତଜୟ ପଶ୍ଚିମବଙ୍ଗର ଆଦିତ୍ୟ ବର୍ଦ୍ଧନ ଆର. ଚୌଧୁରୀଙ୍କଠାରୁ ୪-୬, ୨-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଡବଲ୍ସରେ ଅଂଶୁ-ଚିନ୍ମୟ ଯୋଡ଼ି ଅନ୍ୟତମ ଓଡ଼ିଶା ଯୋଡ଼ି ସଂଗ୍ରାମ କୁମାର ପାତ୍ର ଓ ବିବେକ ମହାନନ୍ଦଙ୍କୁ ୬-୧, ୬-୨ ସେଟ୍‌ରେ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶାର ଆଶୁତୋଷ ଦାସ ଓ ସତୀର୍ଥ ପଟ୍ଟନାୟକ ଯୋଡ଼ି ମଧ୍ୟ ମହାରାଷ୍ଟ୍ରର ପୁନିତ ଧୋକେ ଓ ତାମିଲନାଡୁର ଭି. ରୋହିତ ଯୋଡ଼ିଙ୍କୁ ୭-୫, ୬-୧ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟତମ ଓଡ଼ିଶା ଯୋଡ଼ି ଆଦିତ୍ୟ ଶତପଥୀ-ସ୍ୱସ୍ତିକ ଏସ. ପ୍ରଧାନ ଏବଂ ସନ୍ତୋଷ ମଲିକ-ଅଭିଜିତ ପ୍ରଧାନଙ୍କ ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଯାଇଛି।

# ଟି୨୦ ଇତିହାସର ୩ୟ ଶ୍ରେଷ୍ଠ ବୋଲିଂ

ଅକ୍‌ଲାଣ୍ଡ,୨।୧- କେଣ୍ଟରବରି ପକ୍ଷରୁ ଖେଳୁଥିବା କାଏଲ ଜାମିସନ ଟି୨୦ ଇତିହାସର ୩ୟ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି। ଇଡେନ ପାର୍କଠାରେ ଅକ୍‌ଲାଣ୍ଡ ବିପକ୍ଷରେ ଖେଳାଯାଇଥିବା 'ସୁପର ସ୍ମାଶ' ମ୍ୟାଚ୍‌ରେ ସେ ୭ ରନ୍ ବ୍ୟୟ କରି ୬ ଉଇକେଟ ନେଇଛନ୍ତି। ଜାମିସନ ପ୍ରଥମ ସ୍ପେଲରେ ଇଂଲଣ୍ଡ ପକ୍ଷରୁ ଅନ୍ତର୍ଜାତୀୟ ସ୍ତରରେ ଖେଳୁଥିବା ଜେମ୍ସ ଭିନ୍ସ, ସିନ ସୋଲି ଓ ମାର୍କ ଚାପମ୍ୟାନଙ୍କ ଆଉଟ୍ କରିଥିଲେ। ପରବର୍ତ୍ତୀ ସ୍ପେଲରେ ରୋନି ହିରା, ମିଚେଲ ମ୍ୟାକଲେଘାନ ଓ ବେନ ଲିଷ୍ଟରଙ୍କ ଉଇକେଟ ନେଇଥିଲେ। ତାଙ୍କର ଏଭଳି ପ୍ରଦର୍ଶନ ଯୋଗୁ ଅକ୍‌ଲାଣ୍ଡ ୧୧୦ ରନ୍‌ରେ ସୀମିତ ରହିଥିଲା। ଟି୨୦ ଇତିହାସର ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ବାମହାତୀ ସ୍ପିନର ଅରୁଲ ସୁପିଙ୍କ ନାମରେ ରହିଛି। ସେ ୨୦୧୧ରେ ୫ ରନ୍ ବ୍ୟୟରେ ୬ ଉଇକେଟ ନେଇଥିଲେ। ତାଙ୍କ ପଛକୁ ରହିଛନ୍ତି ୬ ରନ୍ ଦେଇ ୬ ଉଇକେଟ ନେଇଥିବା ବାଂଲାଦେଶ ଅଲରାଉଣ୍ଡର ଶାକିବ ଅଲ ହାସନ।

# ୧୪ରୁ ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

**ଭଣ୍ଡାରିପୋଖରୀ, ୨।୧ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର ଖେଳପଡ଼ିଆଠାରେ ଆସନ୍ତା ୧୪ ତାରିଖରୁ ଆନ୍ତଃଜିଲା ଦ୍ୱାଦଶ ବାର୍ଷିକ ଅଦ୍ୱୈତ୍ୟ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବ। ଏଥିରେ ମୋଟ ୮ ଦଳ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ୍ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ଓ ବାଲେଶ୍ୱର ମଣିଙ୍ଗଷ୍ଟାର କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ। ୧୫ ତାରିଖରେ ବିଶ୍ୱଭାରତୀ କ୍ରିକେଟ ଟିମ୍ ସହିତ ଭୁବନେଶ୍ୱର କ୍ରାଉନ କ୍ଲବ, ୧୬ରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ସହିତ ଯାଜପୁର ଇଲେଭେନ ଷ୍ଟାର ଏବଂ ୧୭ରେ ଭୁବନେଶ୍ୱର ପାରମାଉଣ୍ଟ କ୍ଲବ ଓ ଯାଜପୁର ବିଏମ୍‌ସି ଗୋଲକୁଣ୍ଡ ମଧ୍ୟରେ ମ୍ୟାଚ୍ ହେବ। ୧୮ ତାରିଖରେ ପ୍ରଥମ ଓ ୧୯ରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ହୋଇ ୨୦ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ରଘୁନାଥପୁର କ୍ରିକେଟ କ୍ଲବ ସଭାପତି ବିଶ୍ୱନାଥ ମାଝୀ ସୂଚନା ଦେଇଛନ୍ତି।


## ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ, ପୁରୀ
## DIST. EMPLOYMENT EXCHANGE OFFICE, PURI

ODISHA SKILL DEVELOPMENT AUTHORITY

No. 58-KK

### ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା-୨୦୧୯
ସ୍ଥାନ : Govt. I.T.I. CAMPUS, PURI
ତା. ୦୯.୦୧.୨୦୧୯ରିଖ ଦିବା ୯ ଘଟିକା

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପୁରୀ ଜିଲ୍ଲାର ବେକାର ଯୁବକ ଓ ଯୁବତୀମାନଙ୍କୁ ଭାରତର ବିଭିନ୍ନ ବେସରକାରୀ ସଂସ୍ଥା (Company) ମାନଙ୍କରେ ନିଯୁକ୍ତି ପ୍ରଦାନ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ଚୁକ୍ତି ହୋଇଥିବା ପି.ଆଇ.ଏ.ଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଅଛି।

ଏଥି ନିମନ୍ତେ ଅଣକୁଶଳୀ, ଅର୍ଦ୍ଧକୁଶଳୀ (୫ମ ରୁ +୩ ପର୍ଯ୍ୟନ୍ତ) ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଜଣାଇ ଦିଆଯାଉଅଛି କି, ସେମାନେ ନିଜର ଶିକ୍ଷାଗତ ପ୍ରମାଣପତ୍ର (ଜେରକ୍ସ ଏବଂ ମୂଳକପି), ଦୁଇଗୋଟି ଫଟୋ ସହିତ Govt. I.T.I CAMPUS, PURI ପରିସରରେ ଉପରଲିଖିତ ତାରିଖରେ ଉପସ୍ଥିତ ରହି ବିଭିନ୍ନ କମ୍ପାନୀମାନଙ୍କ ସହିତ ସାକ୍ଷାତକାର ପରୀକ୍ଷାରେ ଭାଗ ନେଇପାରିବେ।

**ସବିଶେଷ ସୂଚନା ନିମନ୍ତେ**
ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ **(Dist. Employment Exchange Office)**
ପୁରୀଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ।
ଦୂରଭାଷ : (୦୬୭୫୨) ୨୨୨୭୫୭

ଜିଲ୍ଲା ନିୟୋଜନ ଅଧିକାରୀ, ପୁରୀ — 14052/11/0003/1819 — ଜିଲ୍ଲାପାଳ, ପୁରୀ



## TENDER NOTICE

**No. 721-E:-** The last date of receiving sealed tender by the undersigned for dietary and Miscellaneous articles to be supplied to Govt. T.B. Hospital, Uditnarayanpur, Dist.-Kalahandi for the year 2019-20, has been fixed to date 05.02.2019 at 4.00 PM.

The interested parties are required to apply their Tender papers to the undersigned prior to the date fixed for Tender along with earnest money of Rs. 150/- (Rupees One Hundred Fifty only).

*Yours faithfully,*
***Sd./- Medical Superintendent***
***Govt. T.B. Hospital, Uditnarayanpur***
***Dist.- Kalahandi***

10047/11/0001/1819



## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
O/o the DGM, E.H.T. (O&M) Division, Balasore, Dist: Balasore-19. CIN: U40102OR2004SGC007553

### NOTICE INVITING TENDER - 12/2018-19

Sealed tenders are invited from **Vehicle owners/Travel agencies having GST registration certificate and IT PAN Card** for hiring of diesel run commercial registered light vehicles (Bolero or Equivalent) on monthly contract basis at **EHT (O&M) Sub-division, Jaleswar & 220KV Line Sub-division, Balasore** under EHT (O&M) Division, Balasore. **The vehicle to be provided should not be manufactured before 01.04.2017. Cost of Tender Paper :** Rs 2,240/-, **EMD :** Rs.2,400/- for each tender is to be submitted in shape of Cash/DD drawn in favour of **DGM, EHT (O&M) Division, OPTCL, Balasore** payable at **Balasore** without which the tender shall be rejected. **Sale of tender documents :** from Dt.04.01.2019 to Dt. 14.01.2019. **The tenders shall be received :** up to 1 P.M. on Dt.15.01.2019 and will be opened at 3.00P.M on same date.

For details, please visit our website **www.optcl.co.in.**
**Corrigendum, if any, will be published in the website only.**

Sd/-
**Dy. General Manager**

Please connect us: optcl.odisha optcl_odisha energyodisha



## DIRECTORATE OF MEDICAL EDUCATION & TRAINING ODISHA
### NOTICE FOR SELECTION OF JR/SR/TUTORS

**No.12** **Dt. 01.01.2019**

**No.725-E:-** Applications are invited from eligible candidates for engagement for the Posts of Junior Residents/ Senior Residents/ Tutors in Govt. Medical Colleges on contractual/ deployment basis. The details of Posts, mode of recruitment, Remuneration, Qualifications, etc. is available in the website of DMET, Odisha i.e. www.dmetodisha.gov.in in recruitment of Govt. Medical College section.

**10016/11/0049/1819** **Sd./- Jt. DMET, Odisha**



## GOVERNMENT OF ODISHA
**OFFICE OF THE SUPERINTENDING ENGINEER**
**EASTERN MINOR IRRIGATION CIRCLE, KEONJHAR.**
**Tel No. (06766) 255453, e-Mail ID seemickeonjhar@yahoo.com**
### "e" Procurement Notice
### Identification No-07 EMIC (KJR/2018-19)

No. 1049-A: The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | |
|---|---|---|
| 1. | Name of the works: | Civil Construction work |
| 2. | Total No. of works: | 02 (Two) |
| 3. | Estimated Cost: | Varies from 220.87 to 369.60 Lakh (Detail list of work annexed) |
| 4. | Class of Contractor: | As mentioned against work |
| 5. | Period of completion: | As mentioned against work |
| 6. | Date & time of Availability of Bid Document in the Portal: | 04.01.2019 at 10.00 AM to 15.01.2019 up to 5.00 PM. |
| 7. | Last date/Time for receipt of Bid in the Portal: | 15.01.2019 up to 5.00 PM. |
| 8. | Date/Time of Opening of Technical Bid | 16.01.2019 at 10.30 AM. at Office of the S.E., E.M.I.C. Keonjhar. |
| 9. | Date/Time of Opening of Financial Bid | 19.01.2019 at 10.30 AM |
| 10. | Name & Address of the Officer Inviting the Bid: | Superintending Engineer., E.M.I. Circle, Keonjhar |
| 11. | Mode of Payment of Bid Cost & Bid Security | Online |
| 12. | Further details can be seen from the "e" Procurement Portal https://tendersorissa.gov.in | |

**Sd/- SUPERINTENDING ENGINEER**
**EASTERN MINOR IRRIGATION CIRCLE,**
**KEONJHAR**

32270/11/0010/1819



## ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର
ନଂ. ୧୭୯୬୨, ତା୨୪।୧୨।୨୦୧୮

### ବିଜ୍ଞାପନ
### ସରକାରୀ ବସ୍ ଭଡ଼ା ସୂତ୍ରରେ ଚଳାଇବା ନିମନ୍ତେ ବିଜ୍ଞପ୍ତି

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କେତେକ ମାର୍ଗର ବସ୍‌କୁ ଭଡ଼ାସୂତ୍ରରେ ଚଳାଚଳ କରିବା ନିମନ୍ତେ ଜଉମୁଦଦିଆ ଦରଖାସ୍ତ ଆହ୍ୱାନ କରୁଛନ୍ତି। ତଥ୍ୟାବଳୀ ତା୦୩।୦୧।୨୦୧୯ରୁ ତା୧୭।୦୧।୨୦୧୯ରିଖ ମଧ୍ୟରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ପୂର୍ବାହ୍ନ ୧୦ ଘଣ୍ଟା ଠାରୁ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପରିବହନ ନିଗମର ମୁଖ୍ୟ କାର୍ଯ୍ୟାଳୟ ତଥା ଶାଖା କାର୍ଯ୍ୟାଳୟମାନଙ୍କରେ ଟ.୧୫୦/- (ଏକଶତ ପଚାଶ ଟଙ୍କା) ମାତ୍ର ଜମା କରି କିମ୍ବା **www.osrtc.in** ରେ ଡାଉନଲୋଡ୍ କରି ଟେଣ୍ଡର ଫର୍ମ ସହ ଟ.୧୫୦/- (ଏକଶତ ପଚାଶ ଟଙ୍କା) ମାତ୍ର ମୂଲ୍ୟରେ I.P.O. ଯାହାକି G.P.O. ଭୁବନେଶ୍ୱରରୁ ଉଠାଣ ନିମନ୍ତେ ଗ୍ରହଣଯୋଗ୍ୟ ଏବଂ ଆବେଦିକ ଫିସ୍ ଟ.୧୦୦୦/- (ଏକ ହଜାର ଟଙ୍କା) ମାତ୍ର (ଯାହାକି ଫେରସ୍ତଯୋଗ୍ୟ ନୁହେଁ), ଯେ କୌଣସି ଜାତୀୟକରଣ ବ୍ୟାଙ୍କର Bank Draft, Accounts Officer, OSRTC ଭୁବନେଶ୍ୱରଙ୍କ ନାମରେ ଗ୍ରହଣଯୋଗ୍ୟ।

ସମସ୍ତ ଟେଣ୍ଡର ଫର୍ମ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ତା୧୭।୦୧।୧୯ରିଖ ଅପରାହ୍ନ ୫.୦୦ ଘଣ୍ଟା ମଧ୍ୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ସମୟ ଓ ତାରିଖ ପରେ କୌଣସି ଟେଣ୍ଡର ଫର୍ମ ଗ୍ରହଣ କରାଯିବ ନାହିଁ।

ଟେଣ୍ଡରର ସବିଶେଷ ସର୍ତ୍ତାବଳୀ ଟେଣ୍ଡର ପୁସ୍ତିକାରେ ତଥା **OSRTC Website: www.osrtc.in** ରେ ଉପଲବ୍ଧ।

ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶ କ୍ରମେ
**ସ୍ୱା./- ରୁଦ୍ର ପ୍ରସନ୍ନ ସାହୁ**
**ସାଧାରଣ ପରିଚାଳକ (ପ୍ରଶାସନ)**
**ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ, ଭୁବନେଶ୍ୱର**



## OFFICE OF THE EXECUTIVE ENGINEER, M.I. DIVISION, SUNDARGARH

No. 3056 Dated. 27.12.2018

**1st Corrigendum Notice to BID ID No. Online 07/ MID SNG/ 2018-19**

No. 1044-A: The Date and Time of availability of bid documents in BID ID No. Online 07/ MID SNG/ 2018-19 may be read as from 01.01.2019(10 AM) to 12.01.2019(5.00 PM) instead of 01.01.2019(10 AM) to 13.01.2019(5.00 PM) & last date/time of receipt of bids in the portal may be read as 12.01.2019(5.00 PM) instead of 13.01.2019 (5.00 PM). All other terms and conditions will remain unaltered.

**Sd/-27.12.2018**
**Executive Engineer**
**M.I. Division, Sundargarh**

32124/11/0008/1819



## କେନ୍ଦ୍ରୀୟ ପଣ୍ୟାଗାର ନିଗମ
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
**ଆଞ୍ଚଳିକ କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍ କମ୍ପ୍ଲେକ୍ସ**
ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-15,
ଫୋନ୍ ନଂ. 0674-2360189/2360542, ଫାକ୍ସ : 0674-2360990
ଇ-ମେଲ : **rmbbsr@cewacor.nic.in** | ୱେବ୍‌ସାଇଟ : **www.cewacor.nic.in**

### ଇ-ଟେଣ୍ଡର ଆମନ୍ତ୍ରଣ ସୂଚନା ସଂ. 02/18-19

ନିମ୍ନୋକ୍ତ କାର୍ଯ୍ୟ ପାଇଁ କେନ୍ଦ୍ରୀୟ ପଣ୍ୟାଗାର ନିଗମ ଠିକାଦାରଙ୍କ ଠାରୁ ଅନ୍‌ଲାଇନ୍ ଟେଣ୍ଡର ଆମନ୍ତ୍ରଣ କରୁଛି :

| କ୍ର. ସଂ. | କାର୍ଯ୍ୟର ନାମ | ଆକଳିତ ମୂଲ୍ୟ ଟଙ୍କାରେ (ଲକ୍ଷରେ) | ଟେଣ୍ଡର ଅନ୍‌ଲାଇନ୍ ଦାଖଲ କରିବାର ଅନ୍ତିମ ତାରିଖ |
|---|---|---|---|
| 1 | କେନ୍ଦ୍ରୀୟ ପଣ୍ୟାଗାର-ଯାଜପୁର ରୋଡ଼ (ଓଡ଼ିଶା)ର ଉନ୍ନତିମୂଳକ କାର୍ଯ୍ୟ । | 41,95,586.75/- | ତା. 02.02.2019 ରିଖ 15.00 ଘଟିକା ପର୍ଯ୍ୟନ୍ତ |

ବିସ୍ତୃତ ଟେଣ୍ଡରର ଚୁକ୍ତିର ସର୍ତ୍ତାବଳୀ ଏବଂ ଇ-ଟେଣ୍ଡର ଆମନ୍ତ୍ରଣ ସୂଚନାର ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.cewacor.nic.in** କିମ୍ବା ଇ-ଟେଣ୍ଡର ୱେବ୍‌ସାଇଟ୍ **www.tenderwizard.com/CWC** କିମ୍ବା **http://eprocure.gov.in/epublish/app** ରେ ଦୃଶ୍ୟମାନ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ ।

**ସ୍ୱା/- କାର୍ଯ୍ୟନିର୍ବାହୀ ଯନ୍ତ୍ରୀ**



## INTEGRATED TRIBAL DEVELOPMENT AGENCY, NABARANGPUR

**No.: 9442/2018** **Date: 31.12.2018**

### SHORT TENDER CALL NOTICE No. 04/17-18

Sealed tenders in plain paper are invited from the authorized dealers/manufacturers/reputed suppliers/ specific manufacturer/EPM rate contract holders for the supply of "10 Nos. of Sugarcane Crusher (Power Driven) Roller Size - 9" × 6" × 6" along with Accessories and 10 Nos. of 14 HP Diesel Enginee" as per the specification given on website. The details of the Tender Call Notice are available in the district website **http://nabarangpur.nic.in** from 4.00 P.M. of 01.01.2019 to 17.01.2019 upto 5.00 P.M. The bids shall be received in Regd. Post/ Speed Post only during office hours by 17.01.2019 and will be opened on 19.01.2019 at 11.00 A.M. in this office in the presence of the bidders or their authorized agents.

**Sd./- P.A. ITDA, Nabarangpur**



## Government of Odisha "e" procurement Notice.
**OFFICE OF THE EXECUTIVE ENGINEER**
**DHENKANAL (R&B) DIVISION DHENKANAL.**
**Bid Identification No. – 37 of 2018-2019**

No. 1081-B

| | | | |
|---|---|---|---|
| 1. | Name of the work | : | Road works – 01 No & Building Works – 3 Nos. |
| 2. | Estimate cost | : | Rs. 17,84,179.00 to Rs. 38,80, 771.00 |
| 3. | Period of completion | : | 04 (Four Calandar Months) |
| 4. | Date & time of availability of the Bid documents in the portal | : | 10.00 AM of 5.01.2019 to 5.00 PM of 15.01.2019 |
| 5. | Last date / Time of receipt of the bid in Portal. | : | 15.01.2019 up to 5.00 PM. |
| 6. | Date of Opening | : | 16.01.2019 at 11.00 AM. |
| 7. | Name and Address of the Office | : | Office of the Executive Engineer Dhenkanal (R&B) Division, Dhenkanal. |

Further details can be seen from the e – procurement Portal "https://tendersorissa.gov.in

**Executive Engineer**
**Dhenkanal (R&B) Division.**

34016/11/0031/1819



## GOVERNMENT OF ODISHA
## "e"-PROCUREMENT NOTICE
## WORKS DEPARTMENT
**E-mail: pwdoff_khd@yahoo.com**

**No.1082-B:-** **Tender Call Notice No. 28/2018-19**

| | | | |
|---|---|---|---|
| 1. | The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in Double cover system in ONLINE MODE form eligible contractors for ROAD works Civil as detailed below: | | |
| 2. | Nature of Work | : | Road works |
| 3. | No of Work | : | 01 No. |
| 4. | Tender Cost | : | Rs.10000.00/Each (Online) |
| 5. | Class of Contractor | : | "B" & "A" Class Contractor |
| 6. | Available of Bid documents in the web site. | : | From Dt 03.1.2019 10.30 AM to Dt 18.1.2019 at 5.00 PM |
| 7. | Date of opening of Bids | : | Dt 19.1.2019 at 11.30 AM |
| 8. | Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any information regarding Addendum / Corrigendum / Cancellation of tender can be available in the said website. | | |

**Sd./- Executive Engineer,**
**Khurda (R&B) Division, Khurda**

**34095/11/0020/1819**



**GOVERNMENT OF ODISHA**
**RURAL WATER SUPPLY & SANITATION ORGANISATION**
## OFFICE OF THE EXECUTIVE ENGINEER RWS&S DIVISION, ANGUL
**At-Talcher, At: Baghuabole, PO: Hatatota, Talcher, Dist: Angul, Pin: 759100, (Ph. No./Fax: 06760-240762, E-mail: eerwssang@gmail.com**
**National Competitive Bidding through e-procurement**
**Bid Identification No. 18/EE/RWSS/ANGUL/2018-19 Dt. 26.12.2018 (DMF)**

**No.1291-O:-** The Executive Engineer, RWS&S Division, Angul, At-Talcher on behalf of Governor of Odisha invites Item Rate/Percentage bid through e-procurement in double/single cover system according to norm of e-Procurement system in on-line mode.
Nature of Work: Rural Piped Water Supply Schemes.

| | | | |
|---|---|---|---|
| 1. | No. of Tenders | : | 13 Nos. |
| 2. | Tender Paper Cost | : | Rs. 6,000 to Rs. 10,000.00 |
| 3. | Value of work | : | Rs. 94.79 Lakhs to Rs. 15.66 Lakhs |
| 4. | Class of Contractor | : | "D", "C", "B" & "A" Class |
| 5. | Date & time of availability of bid document in portal | : | 05.01.2019 at 17.00 hours to 15.01.2018 upto 17.00 hours |
| 6. | Date & time of seeking tender clarification | : | 11.01.2019 upto 17.00 hours |
| 7. | Date & time of opening of tender & verification of original document | : | 16.01.2019 at 15.00 hours in the office of the Executive Engineer, RWS&S Division, Angul, At-Talcher |
| 8. | Time of completion | : | 2 (Two) to 6 (Six) Calendar Months |
| 9. | The bidders have to participate in online bidding only. Further details can be seen from the website https://www.tendersodisha.gov.in. | | |
| 10. | Corrigendum if any shall be published in the above website only. | | |

**Sd./- Executive Engineer,**
**RWS&S Division, Angul, At-Talcher**

**25019/11/0027/1819**



## DIVISIONAL FOREST OFFICE, BARGARH

**No. 130-MM:-** **NOTICE NO. 5121 DATE. 29.12.2018**

1. Sealed tenders are invited from licensed Electrical Contractors having valid HT license granted by the ELBO, Odisha for electricity connection to Eco-tourism complex at Nrusinghnath (Near Guthani) under Eco-tourism Scheme as mentioned in the Tender scheduled for the financial year 2018-19 under Bargarh Forest Division.

| Sl. No. | Name of Site | Description of Material | Unit | Quantity | Tender Value of the work (in Rs.) |
|---|---|---|---|---|---|
| 1 | Eco-tourism Complex, Nrusinghnath At-Nrusinghnath | Cost of 63 KVA 11/0.4 KV Star Rated Transformer | No. | 1 | 125971.00 |
| 2 | | 8mtr X 150 X 150 Kg RS Joist Pole for LT line (30 mtr. Span) | No. | 27 | 429624.00 |
| i. | | **Total Material cost (A)** | | | **555595.00** |
| ii. | | Stock, Storage & Insurance @ 3% | | 3% | 16667.85 |
| iii. | | **Sub Total** | | | **572262.85** |
| iv. | | T&P @ 2% of C | | 2% | 11445.26 |
| v. | | Contingency @ 3% of C | | 3% | 17167.89 |
| vi. | | Transportation @ 7.5 % of C+ GST on transportation cost | | 7.5% | 48070.08 |
| vii. | | Erection charges @ 5% of C + GST on erection charge | | 5% | 32046.72 |
| viii. | | **Total** | | | **680992.79** |
| | | **PART – B** | | | |
| 3. | Eco-tourism Complex, Nrusinghnath At-Nrusinghnath | LT 31/2 core 9 mtr long 50 $mm^2$ PVC cable | No. | 1 | 3402.00 |
| 4 | | Socket and other cable accessories | | LS | 400.00 |
| 5 | | LT Dist Box with MCCB and Bus Bar Arrangement | No. | 1 | 23014.40 |
| 6 | | Construction of 3-ph 35 $mm^2$ AB cable on 8 mtr X 150 X 150 Kg RS Joist pole for LT line (30 mtr span) (Excluding pole) | Km | 0.8 | 227290.56 |
| 7 | | Earthing | No. | 3 | 5823.00 |
| i. | | **Total Material cost (A)** | | | **259929.96** |
| ii. | | Stock, storage & Insurance @ 3% | | 3% | 7797.90 |
| iii. | | **Sub Total** | | | **267727.86** |
| iv. | | T&P @2% | | 2% | 5354.56 |
| v. | | Contingency @ 3% | | 3% | 8031.84 |
| vi. | | Transportation @ 7.5 % of C + GST on transportation cost | | 7.5% | 22489.14 |
| vii. | | Erection charges @ 10 % of C + GST on erection charge | | 10% | 29985.52 |
| viii. | | **Total of Part B** | | | **333588.91** |
| 8 | | **TOTAL PART A + PART B = C** | | | **1014581.71** |

2. Tender documents will be available for sale in Divisional Forest Office, Bargarh from 1st January, 2019 to 15th January, 2019 from 11.00 AM to 4.00 P.M. at the cost of Rs. 500/- per one copy.
3. Intending Empanelled Contractors under WESCO Utility can apply for the works.
4. Terms and Conditions:
   - i) Sealed tender documents should reach/ be dropped in the Tender Box of the Divisional Forest Office, Bargarh on or before 15/01/2019 up to 4.00 PM having superscribed "Electricity connection to Eco-tourism complex at Nrusinghnath (Near Guthani)" under Eco-tourism Scheme.
   - ii) The sealed tender papers will be opened on 15/01/2019 at 4.30 PM in the office of the Divisional Forest Officer, Bargarh in presence of the bidders or their authorized representatives and Executive Engineer (Electrical) (WESCO), Bargarh and Bargarh West Electrical Division, Bargarh.
   - iii) The sealed tender must be accompanied with the copies of valid electrical contractor license issued from ELBO, Odisha, up to date Income Tax clearance certificate, GST clearance certificate, PF registration certificate and ESI certificate with labour license.
   - iv) The E.M.D. should be submitted in shape of a Bank Draft in favour of Divisional Forest Officer, Bargarh drawn in any Nationalized Bank.
   - v) The bidder must have annual turnover of Rs.30.00 lakhs or more in the last financial year 2017-18. Documentary evidence must be attached.
   - vi) Other details can be seen in the bidding documents.
   - vii) Before awarding the work order an agreement for execution and supervision of the work will be made.
   - viii) The work should be completed within forty five days from the date of opening of the tender.
   - ix) The undersigned reserves all the rights to reject any or all the tenders received without assigning any reason thereof. For such decision the undersigned shall not be subject to question by any tenderer and shall bear no liability whatsoever concerning upon such a decision.

08057/11/0003/1819 ***Divisional Forest Officer, Bargarh Forest Division***

## ସଂକ୍ଷେପରେ

### 'ଆଫ୍ରିଦୀ ମୋତେ ଜାତୀୟ ଦଳକୁ ଫେରିବାକୁ ଦେଇ ନ ଥିଲେ'

କରାଚୀ,୨।୧- ପାକିସ୍ତାନ ଦଳର ପୂର୍ବତନ ଅଧିନାୟକ ସଲମାନ ବଟ୍ଟ ଦାବି କରିଛନ୍ତି ଯେ, ବାସନ୍ଦାଦେଶ ଭୋଗି ସାରିଥିଲେ ମଧ୍ୟ ଶାହିଦ ଆଫ୍ରିଦୀଙ୍କ ଯୋଗୁ ସେ ଜାତୀୟ ଦଳକୁ ଫେରିପାରି ନ ଥିଲେ। ୨୦୧୦ ସ୍ପଟ୍ ଫିକ୍ସିଂ ସ୍କାଣ୍ଡଲ ଯୋଗୁ ବଟ୍ଟଙ୍କୁ ୫ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶ ସମୟ ଅତିକ୍ରମ କରିବା ପରେ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେ ଭାରତରେ ଖେଳାଯାଇଥିବା ୨୦୧୬ ଟି୨୦ ବିଶ୍ୱକପ୍ ଲାଗି ଜାତୀୟ ଦଳରେ ସ୍ଥାନ ପାଇବାର ନିକଟତର ହୋଇଥିଲେ। ମାତ୍ର ବଟ୍ଟଙ୍କ ଚୟନକୁ ଆଫ୍ରିଦୀ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ମୋତେ ନ୍ୟାଶନାଲ କ୍ରିକେଟ ଏକାଡେମୀ ମୁଖ୍ୟ କୋଚ୍ ୱାକର ୟୁନିସ ଓ ବ୍ୟାଟିଂ କୋଚ୍ ଗ୍ରାଣ୍ଟ ଫ୍ଲାୱର ଡକାଇଥିଲେ। ସେଠାରେ ମୁଁ ନେଟ୍ସରେ ବ୍ୟାଟିଂ କରିବା ସହ ଫିଟ୍‌ନେସ ଟେଷ୍ଟ ଦେଇଥିଲି। ମାତ୍ର ଆଫ୍ରିଦୀ ମନା କରିବା ପରେ ମୋତେ ଦଳରେ ସ୍ଥାନ ମିଳି ନ ଥିଲା। କେଉଁ କାରଣରୁ ଜାତୀୟ ଦଳକୁ ମୋ ଫେରିବା ପଥ ଅଟକାଇଲେ ସେ ସମ୍ପର୍କରେ ମୋତେ କିଛି ଜଣାନାହିଁ।

# ଦେବାଶିଷଙ୍କ ଶତକ, ମ୍ୟାଚ୍ ଡ୍ର



ଦେବାଶିଷ ସାମନ୍ତରାୟ

**କଟକ ଅଫିସ,୨।୧**

ନୂଆଦିଲ୍ଲୀ ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ରଣ୍‌ଜୀ ମ୍ୟାଚ୍‌କୁ ଡ୍ର ରଖିବାରେ ସଫଳ ହୋଇଛି ଓଡ଼ିଶା। ଚଳିତ ସିଜନରେ ଓଡ଼ିଶା ପକ୍ଷରୁ ପ୍ରଥମ ପଦାର୍ପଣ କରିଥିବା ଦେବାଶିଷ ସାମନ୍ତରାୟଙ୍କ ସାହସିକ ଇନିଂସ ପାଇଁ ଏହା ସମ୍ଭବ ହୋଇ ପାରିଛି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସରେ ସେ କ୍ୟାରିୟରର ପ୍ରଥମ ଶତକ(୧୦୨ରନ୍) ହାସଲ କରି ମ୍ୟାଚ୍ ବଞ୍ଚାଇବା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଦେବାଶିଷଙ୍କ ସ୍ମରଣୀୟ ଶତକ ସହାୟତାରେ ଓଡ଼ିଶା ୪ର୍ଥ ତଥା ଅନ୍ତିମ ଦିବସ ଖେଳ ଶେଷବେଳକୁ ୫ ଉଇକେଟ ବିନିମୟରେ ୨୫୬ରନ୍ କରିବାକୁ ସକ୍ଷମ ହୋଇଥିଲା। ପ୍ରଥମ ଇନିଂସ୍‌ରେ ଓଡ଼ିଶା ୧୭୭ରନ୍ କରିଥିବାବେଳେ ସର୍ଭିସେସ ଏହାର ପ୍ରଥମ ଇନିଂସକୁ ୪୧୭/୮ରେ ଘୋଷଣା କରିଥିଲା। ତେଣୁ ପ୍ରଥମ ଇନିଂସ ଅଗ୍ରଣୀ ଦୃଷ୍ଟିରୁ ସର୍ଭିସେସ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ସର୍ଭିସେସ ବୋଲରଙ୍କ ଆଶାରେ ପାଣିଭରି ଓଡ଼ିଶା ୧ ପଏଣ୍ଟ ହାସଲ କରିଛି।

ଅସମାପ୍ତ ଦ୍ୱିତୀୟ ଇନିଂସ ୬୫/୧ରୁ ଅନ୍ତିମ ଦିବସ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦଳୀୟ ସ୍କୋରରେ ଆଉ ୨୦ରନ୍ ଯୋଗ ହେବା ପରେ ଦ୍ୱିତୀୟ ଉଇକେଟ ହରାଇଥିଲା। ଶୁଭ୍ରାଂଶୁ ସେନାପତି ୧୨ରନରେ ରନ୍‌ଆଉଟ ହୋଇଥିଲେ । ୩୫ରନ୍‌ରେ ଅପରାଜିତ ଥିବା ଦେବାଶିଷ ସାମନ୍ତରାୟ ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାରଙ୍କ ସହ ମିଶି

**ରଣ୍‌ଜୀ ଟ୍ରଫି**

୩ୟ ଉଇକେଟ ଭାଗୀଦାରିରେ ୪୮ରନ୍ ସଂଗ୍ରହ କରିଥିଲେ। ଇତି ମଧ୍ୟରେ ୧୩୨ବଲରୁ ଦେବାଶିଷ ଅର୍ଦ୍ଧଶତକ ପୂରଣ କରି ସାରିଥିଲେ। ମାତ୍ର ଲଞ୍ଚ୍‌ବ୍ରେକ ପରବର୍ତ୍ତୀ ଓଭରରେ ହିଁ ଗୋବିନ୍ଦଙ୍କ ଉଇକେଟ ସର୍ଭିସେସ ହାସଲ କରିଥିଲା। ୨୩ରନ୍ କରିଥିବା ବେଳେ ରବି ଚୌହ୍ୱାନଙ୍କ ବଲରେ ଗୋବିନ୍ଦ ଷ୍ଟମ୍ପିଂ ହୋଇ ପ୍ୟାଭିଲିୟନ ଫେରିଥିଲେ। ଓପନିଂ ଦାୟିତ୍ୱରୁ ଖସି ମଧ୍ୟକ୍ରମ ସମ୍ଭାଳୁଥିବା ଅନୁରାଗ ଷଡ଼ଙ୍ଗୀ ଓ ଦେବାଶିଷଙ୍କ ମଧ୍ୟରେ ୪ର୍ଥ ଉଇକେଟ ଭାଗୀଦାରିରେ ୭୮ରନ୍ ଯୋଗ ହୋଇଥିଲା। ଏହି ଦୁଇ ବାମହାତୀ ବ୍ୟାଟ୍ସମ୍ୟାନ ଦୀର୍ଘ ସମୟ ଧରି ସର୍ଭିସେସ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ବ୍ୟାଟ୍ସମ୍ୟାନ ଧିମା ବ୍ୟାଟିଂ କରି ଓଡ଼ିଶା ପାଇଁ ମ୍ୟାଚ୍ ବଞ୍ଚାଇବା ଆଶା ଉଜ୍ଜୀବିତ କରିଥିଲେ। ଚଳିତ ସିଜନ୍‌ରେ ବେଙ୍ଗଲ ବିପକ୍ଷରେ ପଦାର୍ପଣ କରିଥିବା ଦେବାଶିଷ ଏଠାରେ କ୍ୟାରିୟରର ପ୍ରଥମ ଶତକୀୟ ଇନିଂସ ଖେଳିଥିଲେ। ୨୫୫ଟି ବଲ ସମ୍ମୁଖୀନ ହୋଇ ୧୩ ଚୌକା ବଳରେ ସେ ତିନିଅଙ୍କ ସ୍ପର୍ଶ କରିଥିଲେ। ଚୌକା ସହାୟତାରେ ଶତକ ପୂରଣ କରିବାର ୩ଟି ବଲ ପରେ ଅରୁଣ ବାମଲ ଦେବାଶିଷଙ୍କୁ କ୍ଲିନ ବୋଲ୍ଡ କରିଥିଲେ। ପରେ କ୍ରିଜକୁ ଆସିଥିବା ଅଧିନାୟକ ବିପ୍ଳବ ସାମନ୍ତରାୟ(୨ରନ୍) ମଧ୍ୟ ବାମଲଙ୍କ ବଲରେ ଉଇକେଟ କିପର ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ଅମ୍ପାୟର ଖେଳ ଶେଷ କରିବାକୁ ନିଷ୍ପତ୍ତି ନେବାବେଳକୁ ଅନୁରାଗ ୧୪୪ବଲରୁ ୪୬ ଓ ଅଭିଷେକ ରାଉତ ୨୨ବଲରୁ ୨୦ରନ୍ କରି ଅପରାଜିତ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୭୭।
ସର୍ଭିସେସ ପ୍ରଥମ ଇନିଂସ- ୪୧୭/୮ (ଇନିଂସ ଘୋଷଣା)।
ଓଡ଼ିଶା ଦ୍ୱିତୀୟ ଇନିଂସ୍: ୨୫୬/୫ (ଦେବାଶିଷ-୧୦୨, ଅନୁରାଗ-୪୬*, ଶାନ୍ତନୁ ମିଶ୍ର-୩୦, ଗୋବିନ୍ଦ ପୋଦ୍ଦାର-୨୩, ଅରୁଣ ବାମଲ-୨/୫୮, ମୁଜାଫରୁଦ୍ଦିନ ଖଲିଦ-୧/୭୮, ରବି ଚୌହାନ-୧/୯)।

### ୨୦ ପଏଣ୍ଟ ସହ ୪ର୍ଥ ସ୍ଥାନରେ ଓଡ଼ିଶା

ସର୍ଭିସେସ ବିପକ୍ଷ ମ୍ୟାଚ ଡ୍ର ରଖିବାପରେ ଓଡ଼ିଶା ଗ୍ରୁପ 'ସି' ପଏଣ୍ଟ ଟେବୁଲର ୪ର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ଦଳ ୮ ମ୍ୟାଚରୁ ୩ ବିଜୟ, ୩ ପରାଜୟ ଓ ୨ ଡ୍ର ସହ ୨୦ ପଏଣ୍ଟ ପାଇଛି। ରାଜସ୍ଥାନ ୬ ବିଜୟ ଓ ୨ ଡ୍ର ସହ ୪୪ ପଏଣ୍ଟ ସହ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଉତ୍ତର ପ୍ରଦେଶ ୩୮ ଓ ଝାଡ଼ଖଣ୍ଡ ୩୩ ପଏଣ୍ଟ ପାଇ ପରବର୍ତ୍ତୀ ୨ ସ୍ଥାନରେ ରହିଛନ୍ତି। ଓଡ଼ିଶା ସମକକ୍ଷ ୨୦ ପଏଣ୍ଟ ପାଇଥିଲେ ହେଁ ଆସାମ ୩ ବିଜୟ ୪ ପରାଜୟ ଓ ୧ ଡ୍ର ପାଇଁ ଟେବୁଲର ୫ମ ସ୍ଥାନରେ ରହିଛି। ଜମ୍ମୁ କଶ୍ମୀର ଓ ସର୍ଭିସେସ ୧୯ ପଏଣ୍ଟ ଲେଖାଏ ପାଇଛନ୍ତି। ହରିୟାଣା(୧୬), ତ୍ରିପୁରା(୧୧) ଓ ଗୋଆ(୬) ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଅନୁରାଗ ଷଡ଼ଙ୍ଗୀ, ଶୁଭ୍ରାଂଶୁ ସେନାପତି, ବିପ୍ଳବ ସାମନ୍ତରାୟ, ଅଭିଷେକ ରାଉତଙ୍କ ପରେ ଓଡ଼ିଶାର ୫ମ ବ୍ୟାଟ୍ସମ୍ୟାନଭାବେ ଦେବାଶିଷ ସାମନ୍ତରାୟ ଚଳିତ ରଣଜୀ ସିଜନରେ ଶତକ ହାସଲ କରିଛନ୍ତି।

# ଆଜିଠାରୁ ଚତୁର୍ଥ ଟେଷ୍ଟ

**ସିଡ୍‌ନୀ, ୨।୧(ପି.ଟି.)**

ସ୍ଥାନୀୟ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଗୁରୁବାରଠାରୁ ଭାରତ ଓ ଘରୋଇ ଅଷ୍ଟ୍ରେଲିଆ ମଧ୍ୟରେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବ। ୪ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଭାରତ ୨-୧ରେ ଅଗ୍ରଣୀ ହାସଲ କରିଥିବାରୁ ଉଭୟ ଦଳ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତ ଅତିକମ୍‌ରେ ଏହି ମ୍ୟାଚ୍ ଡ୍ର ରଖିପାରିଲେ କିମ୍ବା ଜିତିଲେ ସିରିଜ ବିଜୟୀ ହୋଇ ଇତିହାସ ସୃଷ୍ଟି କରିବ। ଅନ୍ୟପଟେ ସିରିଜ ନ ହାରିବା ପାଇଁ ଅଷ୍ଟ୍ରେଲିଆକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇପଡିଛି।

ଅଷ୍ଟ୍ରେଲିଆ ମାଟିରେ ଭାରତ ୧୯୪୭-୪୮ରୁ ଟେଷ୍ଟ ସିରିଜ ଖେଳିଆସୁଛି। ୩ଥର ଭାରତ ସିରିଜ୍‌କୁ ଡ୍ର ରଖିବାକୁ ସକ୍ଷମ ହୋଇଥିବା ବେଳେ ବାକି ସିରିଜଗୁଡିକରେ ପରାଜୟ ବରଣ କରିଛି। ଭାରତ ୧୯୮୦- ୮୧, ୧୯୮୫-୮୬, ୨୦୦୩-୦୪ରେ ସିରିଜ ଆମୀମାଂସିତ ରଖିଥିଲା। ତେବେ ୧୯୬୭-୬୮, ୧୯୭୭-୭୮, ୧୯୯୧-୯୨, ୧୯୯୯-୨୦୦୦, ୨୦୦୭-୦୮, ୨୦୧୧-୧୨ ଓ ୨୦୧୪-୧୫ରେ ଭାରତ ଅଷ୍ଟ୍ରେଲିଆରେ ସିରିଜ ପରାଜୟ ବରଣ କରିଥିଲା।

ଏଭଳି ସ୍ଥିତିରେ ବିରାଟ କୋହଲି ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆରେ ଅନ୍ତିମ ଟେଷ୍ଟ ପୂର୍ବରୁ ସିରିଜ ଅଗ୍ରଣୀ ହାସଲ କରିବାର ଗୌରବମୟ ସ୍ଥିତିରେ ରହିଛନ୍ତି। ତେଣୁ ଭାରତ ଏହି ସିରିଜରେ ବିଜୟ ହାସଲ କଲେ କୋହଲି ରେକର୍ଡ ବହିରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବେ। ସେ ଏକମାତ୍ର ଭାରତୀୟ ଅଧିନାୟକ ଭାବେ ଅଷ୍ଟ୍ରେଲିଆ ମାଟିରେ ଟେଷ୍ଟ ସିରିଜ ଜିତିବାର ଅସାଧାରଣ ସଫଳତା ଅର୍ଜନ କରିବେ। ଯଦିଓ ବଲ୍ ଟ୍ୟାମ୍ପରିଂ ଘଟଣା ଓ ଏ ନେଇ ବାସନ୍ଦାଦେଶ ଯୋଗୁ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍, ଉପଅଧିନାୟକ ଡେଭିଡ ୱାର୍ନରଙ୍କ ଅନୁପସ୍ଥିତି ଅଷ୍ଟ୍ରେଲିଆ ବ୍ୟାଟିଂ ଲାଇନକୁ ଦୁର୍ବଳ କରିଦେଇଛି। ଏହି ଦୁଇ ଖେଳାଳିଙ୍କ ଅନୁପସ୍ଥିତି ଭାରତ ପାଇଁ ସୁଯୋଗ ସୃଷ୍ଟି କରିଛି। ତେଣୁ ଭାରତ ଏହି ସୁଯୋଗ ହାତଛଡ଼ା କରିବ ନାହିଁ।

**ଇତିହାସ ସୃଷ୍ଟି ଲକ୍ଷ୍ୟରେ ଭାରତ**

ଚତୁର୍ଥ ଟେଷ୍ଟରେ ଫେଭରାଇଟ୍ ବିବେଚିତ ହେଉଥିଲେ ହେଁ ଭାରତ ପାଇଁ ଏକାଧିକ ସମସ୍ୟା ରହିଛି। ଇଞ୍ଜୁରି ଯୋଗୁ ଦୁଇ ଅଭିଜ୍ଞ ଦ୍ରୁତ ବୋଲର ଭାରତୀୟ ଦଳରୁ ବାଦ୍ ପଡିଛନ୍ତି। ତାରକା ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ବରିଷ୍ଠ ଦ୍ରୁତ ବୋଲର ଇଶାନ୍ତ ଶର୍ମା ଇଞ୍ଜୁରି କାରଣରୁ ୧୩ଜଣିଆ ଭାରତୀୟ ଦଳରୁ ବାଦ୍ ପଡିଛନ୍ତି। ତେଣୁ ଟିମ୍ କମ୍ବିନେଶନ ନେଇ କୋହଲି ଦ୍ୱନ୍ଦ୍ୱରେ ରହିଛନ୍ତି। ଇଞ୍ଜୁରି ସମସ୍ୟାରୁ ଅଶ୍ୱିନ ସମ୍ପୂର୍ଣ୍ଣ ମୁକୁଳି ପାରିନାହାନ୍ତି।

ସିଡ୍‌ନୀରେ ସ୍ପିନରମାନେ ପାରମ୍ପରିକ ଭାବେ ବିଶେଷ ସହାୟତା ଲାଭ କରିଥାନ୍ତି। ତେଣୁ ଅଶ୍ୱିନଙ୍କ ଆଘାତ ସମସ୍ୟା ନେଇ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତିତ ରହିଛି। ତଳିପେଟ ଯନ୍ତ୍ରଣାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିନାହାନ୍ତି। ସେ ଆଡିଲେଡ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଆହତ ହୋଇଥିଲେ। ବାମ ପଞ୍ଜରାରେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତେଣୁ ଅନ୍ତିମ ଟେଷ୍ଟରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ରିସ୍କ ନେବାକୁ ଚାହୁଁନାହିଁ।

ଅଶ୍ୱିନ ପର୍ଥ ଓ ମେଲବୋର୍ନ ଟେଷ୍ଟ ଖେଳି ନ ଥିଲେ। ଇଞ୍ଜୁରି ସତ୍ତ୍ୱେ ସେ ଇଂଲଣ୍ଡରେ ନଟିଂହାମ ଓ ସାଉଥାମ୍ପ୍‌ଟନ ଖେଳିଥିଲେ। ଦୁଇଟି ବିଦେଶ ଗସ୍ତରେ ଅଶ୍ୱିନ ଆହତ ହେବା ଦୁର୍ଭାଗ୍ୟଜନକ ବୋଲି କୋହଲି କହିଛନ୍ତି। ଟେଷ୍ଟ ପାଇଁ ସେ ବହୁତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେ ୧୦୦ ପ୍ରତିଶତ ଫିଟ୍ ହେବା ନିହାତି ଜରୁରୀ। ଠିକଣା ସମୟରେ ଫିଟ୍‌ନେସ ହାସଲ କରିପାରି ନ ଥିବାରୁ ଅଶ୍ୱିନ ମଧ୍ୟ ଦୁଃଖିତ ବୋଲି କୋହଲି କହିଛନ୍ତି।






ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜାନୁୟାରୀ ୩/୨୦୧୯ Sambalpur, Thursday, January 3/ 2019

## ସଂକ୍ଷେପରେ


ଯୋଗୀରାମ ଖମାରୀ । (ଫାଇଲ୍ ଫଟୋ)

### ଖବରଦାତାଙ୍କ ପିତୃବିୟୋଗ

ବଙ୍ଗୋମୁଣ୍ଡା,୨।୧(ଡି.ଏନ.ଏ.): ବଙ୍ଗୋମୁଣ୍ଡା ନିବାସୀ ଯୋଗୀରାମ ଖମାରୀଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ବର୍ଷ ହୋଇଥିଲା । ସେ ଗତ କିଛିଦିନ ତଳେ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁଅ ଅମୂଲ୍ୟ ଖମାରୀ, ଅଶୋକ ଖମାରୀ, ଅନିଲ ଖମାରୀଙ୍କ ସମେତ ବୋହୂ,ଝିଅ,ଜ୍ୱାଇଁ ଓ ନାତିନାତୁଣୀଙ୍କ ସହ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ସେବା ସମବାୟ ସମିତିର ସଭାପତି ଦାୟିତ୍ୱରେ ଥିବା ଯୋଗୀରାମ ତେନ୍ତୁଳିଖୁଣ୍ଟିର ଗଉଁନ୍ତିଆ ଥିଲେ। ବଙ୍ଗୋମୁଣ୍ଡାର ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ବଡ଼ପୁଅ ଅମୂଲ୍ୟ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ବଙ୍ଗୋମୁଣ୍ଡା ଧରିତ୍ରୀ ଖବରଦାତା ଅଶୋକ ଖମାରୀଙ୍କ ସେ ବାପା ଅଟନ୍ତି ।

### ଭିମ୍ସାର ଡାକ୍ତର ଡ୍ୟୁଟି ସମୟରେ ପ୍ରାଇଭେଟ୍ ପ୍ରାକ୍ଟିସ୍ କରିପାରିବେନି

ଚିପିଲିମା,୨।୧(ଡି.ଏନ.ଏ.): ସମ୍ବଲପୁର ଜିଲା ବୁର୍ଲା ମେଡିକାଲ (ଭିମ୍ସାର)ରେ ଏମ୍ଆର୍ମାନଙ୍କ ଅବାଧ ପ୍ରବେଶ ଉପରେ ରୋକ୍ ଲାଗିବା ପରେ ଡାକ୍ତରମାନଙ୍କ ଉପରେ ମଧ କଟକଣା ଲାଗିଛି। ଏଠାରେ କାର୍ଯ୍ୟରତ କେତେକ ଡାକ୍ତର ଡ୍ୟୁଟି ସମୟରେ ବାହାରର ଘରୋଇ ମେଡିକାଲକୁ ଯାଇ ଟଙ୍କା ରୋଜଗାର କରୁଛନ୍ତି। ଏଣୁ ଡ୍ୟୁଟି ସମୟରେ କୌଣସି ଡାକ୍ତର ଏଣିକି ଆଉ ପ୍ରାଇଭେଟ ପ୍ରାକ୍ଟିସ କରିପାରିବେ ନାହିଁ। ଅନ୍ୟଥା ସରକାରଙ୍କ ଗାଇଡ୍ ଲାଇନ ଅନୁସାରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମେଡିକାଲ ଡିନ୍ ତଥା ଅଧକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କୀତ ଏକ ନୋଟିସ ଜାରି କରାଯାଇଛି।

### ଖଳାରେ ନିଆଁଲାଗି ଧାନ ଗଦା ଭସ୍ମୀଭୂତ

ବ୍ରଜରାଜନଗର,୨।୧(ଡି.ଏନ୍.ଏ.) ବୁଧବାର ଅପରାହ୍ନରେ ରାଜପୁର ଗ୍ରାମର ତରୁଣ ବିଶ୍ୱାଳଙ୍କ କ୍ଷେତ ନିକଟରେ ଥିବା ଖଳାରେ ନିଆଁ ଲାଗି ଦୁଇଟି ବଡ଼ ଧାନଗଦା ଭସ୍ମୀଭୂତ ହୋଇଛି। ତରୁଣଙ୍କର ସରଲାମୁଣ୍ଡାଠାରେ ୨ ଏକ ଚାଷଜମି ରହିଛି। ଧାନ ଅମଳ କରି ସେ ଖଳାରେ ଗଦା ମାରିଥିଲେ। ହଠାତ୍ ସେଥିରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଫଳରେ ଉଭୟ ଧାନଗଦା ପୋଡ଼ି ପାଉଁଶ ହୋଇଯାଇଛି। ରାଜପୁର ସମିତିସଭ୍ୟ ଗଣେଶରାମ ବାଗ ଘଟଣାସ୍ଥଳରେ ପହଞ୍ଚି ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଇ ତରୁଣଙ୍କୁ କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଜିଏମ୍ୟୁ ସମାବର୍ତ୍ତନ ଉତ୍ସବରେ ଗାଉନ୍‌କୁ ନା

ସମ୍ବଲପୁର,୨।୧(ବ୍ୟୁରୋ)


ବୁଧବାର ସମ୍ବଲପୁର ଜିଏମ୍ୟୁ ସମାବର୍ତ୍ତନ ଉତ୍ସବର ମେଡାଲ ଓ ସାର୍ଟିଫିକେଟ ଉନ୍ମୋଚନ କରୁଛନ୍ତି ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ) ପ୍ରଥମ ସମାବର୍ତ୍ତନ ଉତ୍ସବ ଚଳିତ ମାସ ୫ ତାରିଖ ଅମୃତ ବିହାର ପରିସରରେ ଅନୁଷ୍ଠିତ ହେବ । ହେଲେ ଅତିଥିମାନେ ପାରମ୍ପରିକ ଗାଉନ ପିନ୍ଧିବେନି ବୋଲି ନିଷ୍ପତ୍ତି ନିଆଯାଇଛି। ଗାଉନର ଜାଗା ନେବ ସମ୍ବଲପୁରୀ ଗାମୁଛା ଓ ସମ୍ବଲପୁରୀ ଜ୍ୟାକେଟ୍। ୨୦୧୬ରୁ ୨୦୧୮ ମସିହାର ଶ୍ରେଷ୍ଠ ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ଏମଫିଲ୍‌ର ୧୦୩ ଜଣ ଛାତ୍ରୀଛାତ୍ରଙ୍କୁ ମେଡାଲ ପ୍ରଦାନ କରାଯିବ । ଏଥି ମଧ୍ୟରୁ ୨୧ ଜଣଙ୍କୁ ଜିଏମ୍ୟୁ ସ୍ୱତନ୍ତ୍ର ମେଡାଲ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ବୁଧବାର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅତନୁ କୁମାର ପତି ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ।

ଅମୃତ ବିହାର ପରିସରସ୍ଥ ଅଧ୍ୟାପନା ପ୍ରକୋଷ୍ଠ-୧ରେ ସେ ଖବରଦାତାଙ୍କୁ ସୂଚନା ଦେଇ କହିଥିଲେ ଯେ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ନିଆରା ଢଙ୍ଗରେ ପାଳନ କରାଯିବ। ଅତିଥି ଓ ଛାତ୍ରୀଛାତ୍ରଙ୍କୁ ଚିରାଚରିତ ଗାଉନ୍ ଓ ଟୋପି ପିନ୍ଧିବାକୁ ପଡିବ ନାହିଁ। ଗାଉନ୍ ବଦଳରେ ଛାତ୍ରମାନେ ଧଳା ସାର୍ଟ, ପ୍ୟାଣ୍ଟ ପିନ୍ଧିବେ। ବେକରେ ପଡିବ ସମ୍ବଲପୁରୀ ଗାମୁଛା। ଛାତ୍ରୀମାନେ ମଧ କ୍ରିମ୍ ରଙ୍ଗର ଶାଢ଼ି ପିନ୍ଧି କେବଳ ଗାମୁଛା ପରିଧାନ କରିବେ । ସେହିପରି ଅତିଥିମାନେ ମଧ ଧଳା ରଙ୍ଗର ପୋଷାକ ସହ ସମ୍ବଲପୁରୀ ଜ୍ୟାକେଟ୍ ପିନ୍ଧିବାକୁ ସ୍ଥିର କରାଯାଇଛି । ଏହି ଅବସରରେ ସ୍ୱଭାବ କବିଙ୍କ ଜନ୍ମ ମାଟି ବରପାଲିର କୃତୀ ସନ୍ତାନ ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ସମ୍ମାନସୂଚକ ଡିଲିଟ୍ ପ୍ରଦାନ କରାଯିବ। ୫ ତାରିଖ ସାଢ଼େ ୩ଟାରେ ଉତ୍ସବ ଅନୁଷ୍ଠିତ ହେବ। ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ସେହିପରି ଓଡିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସମାବର୍ତ୍ତନ ଉତ୍ସବରେ ଅଧକ୍ଷତା କରିବେ ବୋଲି କୁଳପତି ସୂଚନା ଦେଇଛନ୍ତି । କୁଳସଚିବ ଗିରୀଶ ଚନ୍ଦ୍ର ସିଂ, ଉପକୁଳସଚିବ ଉମାଚରଣ ପତି, ପିଜି କାଉନସିଲ ଅଧକ୍ଷ ଡ. ସଦନ ପଲ୍, ପରୀକ୍ଷା ନିୟନ୍ତ୍ରକ ହେମ କୁମାର ନାୟକ, ବିତ୍ତୀୟ ନିୟନ୍ତ୍ରକ ଡ. ଶ୍ୟାମଚରଣ ଆଚାର୍ଯ୍ୟ ଖବରଦାତା ସମ୍ମିଳନୀରେ ସମାବର୍ତ୍ତନ ଉତ୍ସବର ବିଭିନ୍ନ ଦିଗ ଉପରେ ସୂଚନା ଦେଇଥିଲେ ।

- ଛାତ୍ରୀଛାତ୍ର ପକାଇବେ ସମ୍ବଲପୁରୀ ଗାମୁଛା
- ଅତିଥି ପିନ୍ଧିବେ ସମ୍ବଲପୁରୀ ଜ୍ୟାକେଟ
- ୧୦୩ ଜଣ ପାଇବେ ମେଡାଲ
- ବାନ୍ଧଶିଳ୍ପୀ ସୁରେନ୍ଦ୍ର ମେହେରଙ୍କୁ ଡିଲିଟ୍

### ବେଆଇନ ପାଉଁଶ ପୋଖରୀ: ଖାତରେ ପଡ଼ି ଯୁବକ ମୃତ

ଝାରସୁଗୁଡ଼ା ଅଫିସ,୨।୧

ଶିଳ୍ପ ପାଉଁଶ ପକାଇବାକୁ ଦଲାଲ ମାଲମାଲ। ଲୋକଙ୍କ ଅସୁବିଧା ଏବଂ ପରିବେଶ ସମସ୍ୟାକୁ ଖାତିର ନାହିଁ। ଏଥିପାଇଁ ମଙ୍ଗଳବାର ଜଣେ ଯୁବକଙ୍କ ଜୀବନ ମଧ ଚାଲିଯାଇଛି। ଶିଳ୍ପ ପାଉଁଶ ପକାଇବାକୁ ଖୋଳାଯାଇଥିବା ଖାତରେ ଜମିଥିବା ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ସରବାହାଲ କୁମ୍ଭାରପଡ଼ାର ରମେଶ ପଟେଲଙ୍କ ପୁଅ କିଶୋର ପଟେଲ (୩୦)। କିଶୋରଙ୍କ ମୃତଦେହ ଉଦ୍ଧାର ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ବଡ଼ମାଲ ଥାନା ଅଧୀନ ବେହେରାପାଲି ଅଞ୍ଚଳରେ ପାଉଁଶ ପକାଇବାକୁ ଏକ ଘରୋଇ ସଂସ୍ଥା ମାଟି ଖୋଳି ଗଭୀର ଅସମତଳ ଖାତ ସୃଷ୍ଟି କରିଥିଲା। ଲୋକଙ୍କ ବିରୋଧ ପରେ ଠିକାସଂସ୍ଥା ସ୍ଥାନ ଛାଡ଼ି ଚାଲିଯାଇଥିଲା। ବର୍ଷାଦିନେ ଏଠାରେ ପାଣି ଜମି ରହିଥିଲା। ମଙ୍ଗଳବାର ନୂଆବର୍ଷ ପାଳନ କରିବାକୁ ସରବାହାଲର କେତେକ ଯୁବକ ବେହେରାପାଲି ଅଞ୍ଚଳକୁ ଯାଇଥିଲେ। ଭୋଜିଭାତ ଶେଷ ହେବା ପରେ ରୋଷେୟା ଏବଂ ସହଯୋଗୀ ବାସନ ମାଜିବାକୁ ନିକଟସ୍ଥ ଖାତକୁ ଯାଇଥିଲେ। ଗୋଟିଏ ବାସନ ଭାସିଯିବାରୁ କିଶୋର ବାସନ ଆଣିବାକୁ ପୋଖରୀ ଭିତରକୁ ଯାଇଥିଲେ। ହଠାତ୍ ପୋଖରୀରେ ଫସିଯାଇ କିଶୋରଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ଅଗ୍ନିଶମ ବିଭାଗ ମୃତଦେହ ଉଦ୍ଧାର କରିବା ପରେ ବ୍ୟବଚ୍ଛେଦ କରାଯାଇଥିବା ଥାନା ଅଧିକାରୀ ଅମିତାଭ ପଣ୍ଡା କହିଛନ୍ତି।

ମହିଳାଙ୍କୁ ଗଣବଳାତ୍କାର ମାମଲା

# ଧରାପଡ଼ିଲେ ନାବାଳକଙ୍କ ସହ ୨ ଅଭିଯୁକ୍ତ

ଝାରସୁଗୁଡ଼ା ଅଫିସ,୨।୧

ଝାରସୁଗୁଡ଼ା ଟାଉନଥାନା ଅଞ୍ଚଳରେ ଜିରୋ ନାଇଟରେ ଜଣେ ମହିଳାଙ୍କୁ କରାଯାଇଥିବା ଗଣଦୁଷ୍କର୍ମ ମାମଲାରେ ପୋଲିସ ହାତରେ ଧରାପଡ଼ିଛନ୍ତି ଜଣେ ନାବାଳକ ସହ ଦୁଇ ଅଭିଯୁକ୍ତ। ଅଭିଯୁକ୍ତ ସନାତନ କିଷାନ (୨୦)ଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ରାଉରକେଲାସ୍ଥିତ ବାଳସୁଧାର ଗୃହ ପଠାଇ ଦିଆଯାଇଥିବା ପୋଲିସ କହିଛି। ବଳାତ୍କାରର ପୀଡ଼ିତା ମହିଳାଙ୍କୁ ସାମୟିକ ଥଇଥାନ ପାଇଁ ସ୍ୱାଭିମାନ ହୋମ୍‌କୁ ପଠାଯାଇଛି। ଏ ସମ୍ପର୍କରେ ଟାଉନଥାନାରେ ଏକ ମାମଲା (ନଂ.-୩/୧୯) ରୁଜୁ କରାଯାଇଛି।


ସନାତନ କିଷାନ।

କୋଲାବିରା ବ୍ଲକ ଅଞ୍ଚଳର ସମ୍ପୃକ୍ତା ମହିଳା ଜଣକ ଝାରସୁଗୁଡ଼ା ବ୍ଲକର ଏକ ଗାଁରେ ବିବାହ କରିଥିଲେ। ତାଙ୍କର ଦୁଇ ସନ୍ତାନ ରହିଥିବାବେଳେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ବିଚ୍ଛେଦ ହୋଇସାରିଛି। ସୋମବାର ସେ ଦୁଇ ସନ୍ତାନଙ୍କୁ ଦେଖିବାକୁ ଝାରସୁଗୁଡ଼ା ଆସିଥିଲେ । ତେବେ ସନ୍ଧ୍ୟା ହୋଇଯିବାରୁ ଘରକୁ ଫେରି ପାରି ନ ଥିଲେ । ସୋମବାର ରାତିରେ ପୂର୍ଣ୍ଣାରେ ଜିରୋ ନାଇଟ୍ ପାଳନ ହେଉଥିଲା । ସେଠାରେ ଯୁବକମାନେ ନାଚଗୀତରେ ମସଗୁଲ୍ ଥିଲେ । ଅଭିଯୁକ୍ତ ଦ୍ୱୟ ରାସ୍ତାରେ ମହିଳାଙ୍କୁ ଏକାକୀ ପାଇ ଜୋରଜବରଦସ୍ତ ଉଠାଇ ନେଇ ତାଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ସକାଳେ ମହିଳା ଜଣକ ଏ ସମ୍ପର୍କରେ ଝାରସୁଗୁଡ଼ା ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ବୁଧବାର ଦୁଇ ଅଭିଯୁକ୍ତଙ୍କୁ ଉଠାଇ ନେଇଛି ।

# ଭିମ୍ସାରରେ ଏମ୍ଆର୍ମାନଙ୍କ ପ୍ରବେଶ ଉପରେ ଲଗାମ ଲାଗିଲା

ସମ୍ବଲପୁର,୨।୧(ବ୍ୟୁରୋ)-ବିଭିନ୍ନ ସରକାରୀ ଡାକ୍ତରଖାନାରେ ମେଡିଶିନ ରିପ୍ରେଜେଣ୍ଟେଟିଭ (ଏମ୍ଆର୍)ମାନେ ଗହଳି ଲଗାଉଛନ୍ତି। ଡ୍ୟୁଟି ସମୟରେ ଡାକ୍ତରମାନଙ୍କୁ ଭେଟି ନିଜ କମ୍ପାନୀର ଔଷଧ ଲେଖିବାକୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ରୋଗୀ ଚିକିତ୍ସାରେ ଡାକ୍ତରମାନଙ୍କ ଧ୍ୟାନ ଭଙ୍ଗ ହେଉଛି। ପ୍ରଭାବିତ ହେଉଛନ୍ତି ରୋଗୀ। ଅନେକ ଡାକ୍ତର ଅବଶ୍ୟ ମେଡିଶିନ ବାବଦକୁ କମିଶନ ପାଉଛନ୍ତି। ହେଲେ କିଛି ଡାକ୍ତର ଡ୍ୟୁଟି ସମୟରେ ଏମ୍ଆର୍ମାନଙ୍କ ବାଧାସୃଷ୍ଟି କରିବାକୁ ଆଦୌ ପସନ୍ଦ କରନ୍ତିନି। ରାଜ୍ୟ ସରକାର ମଧ ଏ ନେଇ କଡା ଚେତାବନୀ ଦେଇଛନ୍ତି। ମନଇଚ୍ଛା ଏମ୍ଆର୍ମାନେ ସରକାରୀ ଡାକ୍ତରମାନଙ୍କୁ ଡ୍ୟୁଟି ସମୟରେ ଭେଟି ପାରିବେନି ବୋଲି ହୁକୁମ୍ ରହିଛି। ହେଲେ ସରକାରଙ୍କ ଏ ଛାଟ ଏମ୍ଆରମାନଙ୍କୁ କାଟୁ କରୁନି। ବୁର୍ଲା ମେଡିକାଲ (ଭିମ୍ସାର)ରେ କିନ୍ତୁ ଏମ୍ଆର୍ମାନଙ୍କ ଅବାଧ ପ୍ରବେଶ ଉପରେ କଟକଣା ଲାଗିଛି। ମେଡିକାଲ ଡିନ୍ ଓ ଅଧକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ଭିମ୍ସାରର କୌଣସି ବି ବିଭାଗର ଓପିଡିରେ ଏଣିକି ଏମ୍ଆର୍ମାନେ ମନଇଚ୍ଛା ପ୍ରବେଶ କରି କାର୍ଯ୍ୟରତ ଡାକ୍ତରମାନଙ୍କୁ ଭେଟି ପାରିବେନି। ଯଦି ଏହା ନଜରକୁ ଆସେ ତେବେ ସମ୍ପୃକ୍ତ ବିଭାଗର ମୁଖ୍ୟଙ୍କୁ ଏଥିଲାଗି ଦାୟୀ ରହିବାକୁ ପଡିବ ବୋଲି ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ଡ୍ୟୁଟି ସମୟରେ ଏମ୍ଆର୍ମାନେ କାମରେ ବାଧା ଦେଉଥିବାରୁ କେତେକ ଦାୟିତ୍ୱସମ୍ପନ୍ନ ଡାକ୍ତର ଦୀର୍ଘ ଦିନରୁ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ଏ ନେଇ ନିକଟରେ ଡାକ୍ତର ଶଙ୍କର ରାମଚନ୍ଦାନୀ, ହିମାଂଶୁ ଦାଶ, ସରୋଜ ମହାନ୍ତି ଓ ତୁଷାର ପ୍ରଧାନ ମେଡିକାଲ ପ୍ରଶାସନିକ ଅଧିକାରୀ ନିହାର ରଞ୍ଜନ ଦାସଙ୍କୁ ଭେଟି ଅଭିଯୋଗ କରିଥିଲେ। ଏମ୍ଆର୍ମାନଙ୍କ ଉପରେ ଲଗାମ ରଖିବାକୁ ଏହି ପ୍ରତିନିଧି ଦଳ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଶେଷରେ ପ୍ରକୃତ ସମସ୍ୟା ଜଣାପଡିବା ପରେ ଏମ୍ଆର୍ମାନଙ୍କ ଉପରେ ଡିନ୍ ତଥା ଅଧକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବାଧ ପ୍ରବେଶ ଉପରେ ରୋକ୍ ଲଗାଯାଇଛି।

# ସିସିଟିଭି ନଜରରେ ରହିବେ ଭିମ୍ସାର ପିଜି ପରୀକ୍ଷାର୍ଥୀ

ଚିପିଲିମା,୨।୧(ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲା ମେଡିକାଲ (ଭିମ୍ସାର) କଲେଜରେ ପିଜି ପରୀକ୍ଷା ଦେବାକୁ ଥିବା ଡାକ୍ତରୀ ଛାତ୍ରୀଛାତ୍ର ପରୀକ୍ଷା ସମୟରେ ସିସିଟିଭି ନଜରରେ ରହିବେ। ଆସନ୍ତା ଏପ୍ରିଲ/ମେ ମାସରେ ଭିମ୍ସାରରେ ଏହି ଡାକ୍ତରୀ ପିଜି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାକୁ ବ୍ୟବସ୍ଥିତ କରିବାକୁ ହଲ୍‌ରେ ସିସିଟିଭି ବ୍ୟବସ୍ଥା କରାଯିବ। ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପରୀକ୍ଷା ପରିଚାଳନା ତଥା ତଦାରଖ କରିବ ବୋଲି ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହିତ ସହବନ୍ଧନ ବା ଆଫିଲିଏଶନ ପାଇଁ ଭିମ୍ସାର କର୍ତ୍ତୃପକ୍ଷ ବିଶ୍ୱବିଦ୍ୟାଳୟକୁ ପ୍ରଥମେ ୭ ଲକ୍ଷ ଓ ପରେ ୪୧ ଲକ୍ଷ ଟଙ୍କାକୁ ମିଶାଇ ମୋଟ ୪୮ ଲକ୍ଷ ଟଙ୍କା ପଇଠ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଜଣାପଡିଛି।

ଜାନୁୟାରୀରେ ୩ ‘ଏନ୍’ ହେଭିୱେଟ୍‌ଙ୍କ ସମାବେଶ

# ବଲାଙ୍ଗୀରରେ ଗର୍ଜିବେ ନରେନ୍ଦ୍ର, ନବୀନ, ନରସିଂହ

ବଲାଙ୍ଗୀର ଅଫିସ,୨।୧


ନରେନ୍ଦ୍ର ମୋଦି।


ନବୀନ ପଟ୍ଟନାୟକ।


ନରସିଂହ ମିଶ୍ର।

- ବାଜିବ ୨୦୧୯ ନିର୍ବାଚନ ବିଗୁଲ
- ୬ରେ କଂଗ୍ରେସର ବିରାଟ ଚାଷୀ ସମାବେଶ
- ୧୬ରେ ପ୍ରଧାନମନ୍ତ୍ରୀଙ୍କ ବଲାଙ୍ଗୀର ଗସ୍ତ
- ୨୧ରେ ଆସିବେ ମୁଖ୍ୟମନ୍ତ୍ରୀ

୨୦୧୯ ନିର୍ବାଚନକୁ ନେଇ ଚାରିଆଡ଼େ ଆଲୋଚନା, ପର୍ଯ୍ୟାଲୋଚନା ଜୋର ଧରିଲାଣି। ନିର୍ବାଚନ ପୂର୍ବରୁ ତିନି ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଓ କଂଗ୍ରେସ ବଲାଙ୍ଗୀରକୁ ଫୋକସ୍ କରିଥିବା ଜଣାପଡ଼ିଛି। ଜାନୁୟାରୀ ମାସରେ ୩ଦଳର ‘ଏନ୍’ ହେଭିୱେଟ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିରୋଧୀଦଳ ନେତା ନରସିଂହ ମିଶ୍ର ବଲାଙ୍ଗୀରରେ ମୁହାଁମୁହିଁ ହେବା ଏକପ୍ରକାର ସ୍ଥିର ହୋଇଛି। ତିନି ପ୍ରମୁଖ ରାଜନୈତିକ ଦଳର ଏହି ୩ ହେଭିୱେଟ୍ ବଲାଙ୍ଗୀରରୁ ନିର୍ବାଚନୀ ବିଗୁଲ ବଜାଇବେ ବୋଲି ସ୍ପଷ୍ଟ ହୋଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ରେ କ୍ଷମତାକୁ ଫେରିବା ପରେ କଂଗ୍ରେସର ମନୋବଳ ଢେର ବଢ଼ିଥିବା ଓ ପ୍ରଧାନମନ୍ତ୍ରୀ ମୋଦିଙ୍କ କ୍ରେଜ୍ ଢେର କମିଥିବା ଖୋଲାଖୋଲି ଚର୍ଚ୍ଚା ହେଉଛି। ଭାଜପାର ବରିଷ୍ଠ ନେତା ମଧ ଆଉ କଂଗ୍ରେସ ମୁକ୍ତ ଭାରତ ନାରା କଥା ଉଠାଉନାହାନ୍ତି। ଏଭଳି ସମୟରେ ଓଡ଼ିଶା କଂଗ୍ରେସରେ ନେତାମାନଙ୍କ ଢେର ଆତ୍ମବିଶ୍ୱାସ ବଢ଼ିଥିବା ପରିଲକ୍ଷିତ ହେଉଛି। ୨୦୧୪ ନିର୍ବାଚନରେ ଭାଜପାର ମୋଦି କ୍ରେଜ୍ ଓ ବିଜେଡିର ନବୀନ କ୍ରେଜ୍‌କୁ ଏଡ଼ାଇ ତଥା ୧୪ ବର୍ଷ ଧରି କ୍ଷମତା ଦଖଲ କରିଆସିଥିବା ମୁଖ୍ୟମନ୍ତ୍ରୀଙ୍କ ବନ୍ଧୁ ଅନଙ୍ଗ ଉଦୟ ସିଂଦେଓଙ୍କୁ ଭଲ ଭୋଟ୍ ବ୍ୟବଧାନରେ ପରାସ୍ତ କରି ବଲାଙ୍ଗୀର ବିଧାନସଭା ଆସନ ଅକ୍ତିଆର ସହ ବିରୋଧୀଦଳ ନେତା ପଦବୀ ପାଇଥିଲେ ବରିଷ୍ଠ କଂଗ୍ରେସ ନେତା ତଥା ବିଶିଷ୍ଟ ଆଇନଜ୍ଞ ନରସିଂହ ମିଶ୍ର। ୨୦୧୯ରେ ପୁଣି ଥରେ ନିର୍ବାଚନ ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିବା ପରେ କଂଗ୍ରେସ କର୍ମୀଙ୍କ ମନୋବଳ ବହୁଗୁଣିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦି ଓ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ବଲାଙ୍ଗୀର ଗସ୍ତ ପୂର୍ବରୁ ନିଜ ଆସନରୁ ଶକ୍ତି ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଛନ୍ତି ନରସିଂହ। ହତାଶ ଚାଷୀକୁଳର ଆକ୍ରୋସକୁ ପାଥେୟ କରି ଆସନ୍ତା ୬ ତାରିଖରେ ବିରାଟ ଚାଷୀ ସମାବେଶ ଜରିଆରେ ଉଭୟ ଭାଜପା (କେନ୍ଦ୍ର) ଓ ବିଜେଡି (ରାଜ୍ୟ) ସରକାରକୁ ହଲଚଲ କରିବାକୁ ଚେଷ୍ଟା କରୁଛନ୍ତି । ନିଜ କାର୍ଯ୍ୟକାଳ ଭିତରେ ହୋଇଥିବା ମେଡିକାଲ କଲେଜ, ଲକ୍ଷ୍ମୀଯୋର ପ୍ରକଳ୍ପ, ରିଂ ରୋଡ୍ ଓ ଅନ୍ୟାନ୍ୟ ଉନ୍ନତୀମୂଳକ ପ୍ରକଳ୍ପର ଉପଲବ୍ଧି ସହ ଜିଲାରେ ଚଳିତବର୍ଷର ମରୁଡ଼ି, ପେଥାଇ ଜନିତ କ୍ଷତିପୂରଣ ଓ ଫସଲବୀମା ପ୍ରସଙ୍ଗକୁ ଉଠାଇ ସେ ଉଭୟ ମୋଦି ଓ ନବୀନଙ୍କୁ ଟାର୍ଗେଟ ଯୋଜନା କରିଛନ୍ତି।

ଜାନୁୟାରୀ ୧୬ରେ ପ୍ରଧାନମନ୍ତ୍ରୀ ମୋଦି ବଲାଙ୍ଗୀର ଆସି ନିର୍ବାଚନୀ ବିଗୁଲ ବଜାଇବେ ବୋଲି ରାଜ୍ୟ ସଭାପତି ବସନ୍ତ ପଣ୍ଡା ସୂଚନା ଦେଇଛନ୍ତି। ମୋଦିଙ୍କ ଆଗମନ ଭାଜପା କର୍ମୀ ଓ ନେତାଙ୍କୁ ଚଳଚଞ୍ଚଳ କରିବ ଓ ଆଗାମୀ ନିର୍ବାଚନରେ ଏହାର ସୁଫଳ ସିଧାସଳଖ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ଯିବ ବୋଲି ଚର୍ଚ୍ଚା ହେଲାଣି। ବଲାଙ୍ଗୀରରେ ତିଆରି ହୋଇଥିବା ମେଡିକାଲ କଲେଜ, ନିରତାର ସେଣ୍ଟର, ନିର୍ମାଣାଧୀନ ବଟଲିଂ ପ୍ଲାଣ୍ଟ, ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପରେ କେନ୍ଦ୍ରୀୟ ଅନୁଦାନ କଥା ଉଠାଇ ପ୍ରଧାନମନ୍ତ୍ରୀ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ବ୍ୟତୀତ ସେ ଆଉ କିଛି ଘୋଷଣ କରିପାରନ୍ତି ବୋଲି ଆଶା କରାଯାଉଛି। ବିରୋଧୀଦଳ ନେତା ଓ ପ୍ରଧାନମନ୍ତ୍ରୀଙ୍କ ସଭା ଚୂଡ଼ାନ୍ତ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଚୂଡ଼ାନ୍ତ ହୋଇ ନ ଥିବା ଜଣାପଡ଼ିଛି। ତେବେ ସେ ଜାନୁୟାରୀ ୨୧ରେ ବଲାଙ୍ଗୀର ଆସି ରାଜ୍ୟ ସରକାରଙ୍କ ବିଭିନ୍ନ ଉପଲବ୍ଧି, ବହୁଚର୍ଚ୍ଚିତ କାଳିଆ ଯୋଜନା, ବଲାଙ୍ଗୀର ମେଡିକାଲ କଲେଜ ଓ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ସହ ଦୀର୍ଘ ୧୯ ବର୍ଷର ବିଜେଡି ସରକାରର ନିରନ୍ତର ଉପଲବ୍ଧି ଓ ସଫଳତା କହି ସେ ବଲାଙ୍ଗୀରରୁ ନିର୍ବାଚନୀ ବିଗୁଲ ବଜାଇବେ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ପ୍ରତିପକ୍ଷ କଂଗ୍ରେସର ଚାଷୀ ସମାବେଶ ଓ ପ୍ରଧାନମନ୍ତ୍ରୀଙ୍କ ସମାବେଶର ଉଚିତ ଜବାବ ରଖି ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବେ ବୋଲି କୁହାଯାଉଛି। ଜାନୁୟାରୀ ମାସରେ ବଲାଙ୍ଗୀର ଏହି ତିନି ‘ଏନ୍’ ହେଭିୱେଟ୍‌ଙ୍କ ସମାବେଶରେ ଉଷ୍ମ ହୋଇଉଠିବ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୩ ଜାନୁୟାରୀ, ୨୦୧୯



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସାନିଟାରୀ ନାପକିନ୍‌ର ଶୁଭାରମ୍ଭ

**ପଦ୍ମପୁର, ୨।୧ (ଡି.ଏନ.ଏ):** ପଦ୍ମପୁର ବ୍ଲକ କଂସର ଗ୍ରାମପଞ୍ଚାୟତର କଂସରଠାରେ ବୁଧବାର ବ୍ଲକସ୍ତରୀୟ ଉଜ୍ଜ୍ୱଳା ସାନିଟାରୀ ନାପ୍‌କିନ୍ ଯୋଜନାର ଶୁଭାରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ସିଏସସି ଜିଲା ମ୍ୟାନେଜର ସୁକାନ୍ତ ସାହୁ ସଚେତନତା ସଭା ପରିଚାଳନା କରିଥିବା ବେଳେ ଏଡିଏନଓ ପ୍ରକାଶ ଚନ୍ଦ୍ର ବେହେରା, ସାମାଜିକ କର୍ମୀ ଜ୍ୟୋସ୍ନା କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପଦ୍ମପୁର ବ୍ଲକର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ନାପ୍‌କିନ୍ ତିଆରି କରୁଥିବା ସଂସ୍ଥାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସାନିଟାରୀ ନାପ୍‌କିନ୍ କର୍ମୀ ସବିତା ବେହେରା, ଆବାଶିନୀ ବେହେରା, ଗୀତାଞ୍ଜଳି ବିଶ୍ୱାଳ, ସବିତା ବାଗ, ବୈଦେହୀ ବେହେରା, ଶାନ୍ତି ବରିହା ପ୍ରମୁଖ ନିଜ ତିଆରି ନାପ୍‌କିନ୍ ପ୍ରଦର୍ଶନ କରିଥିଲେ । ରାଜେଶ ସାହୁ, କୈଳାଶ ଚନ୍ଦ୍ର ବେହେରା, ଆନନ୍ଦ କୁମାର ବେହେରା, ସୁଶାନ୍ତ ନାଥ, ରାକେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ କଂସର ସିଏସସି କୈଳାଶ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଜାମଟିକ୍ରାରେ ଛତରଯାତ୍ରା

**ଜାମଟିକ୍ରା, ୨।୧ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ଜାମଟିକ୍ରା ଗ୍ରାମରେ ବୁଧବାର ଉମା ମାହେଶ୍ୱରୀଙ୍କ ଛତରଯାତ୍ରା ପାରମ୍ପରିକ ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି । ଡୁମ୍ବାଲ ସମ୍ପ୍ରଦାୟର ଇଷ୍ଟଦେବୀ ମାଁ ଉମା ମାହେଶ୍ୱରୀଙ୍କ ଶଲକାବାଡି, ଛତର ଓ ବାଉତି ନିଶାନକୁ ଦେହେରୀମାନେ ପୂଜା କରିଥିଲେ। ଏହି ଛତରଯାତ୍ରାରେ ଦେବୀଙ୍କ ବରୁଆ ଆବିର୍ଭାବ ହୋଇଥିଲେ। ମାଁଙ୍କ ନିକଟରେ ମେଣ୍ଢା ବଳି ଦିଆଯାଇଥିଲା। ନିଜର ମନସ୍କାମନା ପୂରଣ ପାଇଁ ଲୋକମାନେ ଅଧିଆ ପଡିଥିଲେ । ଅଙ୍ଗଦ ମହାକାର ପୂଜା ପରିଚାଳନା କରିଥିଲେ । ସନ୍ତୋଷ ଦେହରୀ, ଜଗେଇ ଦେହରୀ, ଆକବାର ଦେହରୀ, ହରେକୃଷ୍ଣ ଦେହରୀ ପ୍ରମୁଖ ସହଯୋଗ କରିଥିଲେ । ଜାମଟିକ୍ରା ଗ୍ରାମର ଡୁମ୍ବାଲ ସମ୍ପ୍ରଦାୟର ଲୋକେ ଏହି ପୂଜାର ଆୟୋଜନ କରିଥିଲେ ।

### ବିଶ୍ୱଶାନ୍ତି ହୋମଯଜ୍ଞ ପାଳିତ

**ବରପାଲି, ୨।୧ (ଡି.ଏନ.ଏ):** ବରଗଡ଼ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସନ୍ଥ କବି ଭୀମଭୋଇ ମହିମା ସଂଘ ଆନୁକୂଲ୍ୟରେ ସତ୍ୟ ମହିମା ଧର୍ମ ଆଶ୍ରମ ସତରଖଣ୍ଡ ମୌଜାର କନବାରଠାରେ ନୂତନ ବର୍ଷ ପାଳନ କରାଯାଇଛି । ଏହି ଅବସରରେ ବିଶ୍ୱଶାନ୍ତି ଘୃତାହୃତି ହୋମଯଜ୍ଞ ସହ ପୂର୍ଣ୍ଣ କଳସ ସ୍ଥାପନ ଓ ପୂଜାର୍ଚ୍ଚନା ହୋଇଥିଲା। ପରେ ବିଶ୍ୱର କଲ୍ୟାଣ ନିମିତ୍ତ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସନ୍ୟାସୀ ବାବା ପାଣ୍ଡବ ଚରଣ ଦାସଙ୍କ ଆବାହକତ୍ୱରେ ଅଞ୍ଚଳର ସାଧୁସନ୍ଥ ମହିମା ଧର୍ମୀ ଓ ନେତୃ ସ୍ଥାନୀୟ ବ୍ୟକ୍ତି ଯୋଗ ଦେଇଥିଲେ ।

### ଘୁଚାପାଲି ଧନୁଯାତ୍ରାର ତୃତୀୟ ଦିବସ

**ଝାରବନ୍ଧ, ୨।୧ (ଡି.ଏନ.ଏ);** ବରଗଡ଼ ଜିଲା ଝାରବନ୍ଧ ବ୍ଲକର ଘୁଚାପାଲି ଓ ଛୋଟଅନକି କମିଟି ଦ୍ୱାରା ଆୟୋଜିତ ଧନୁଯାତ୍ରା ମହୋତ୍ସବ ବୁଧବାର ୩ୟ ଦିବସରେ ପଦାର୍ପଣ କରିଛି । ଏହି ଦିବସରେ ଧନୁଯାତ୍ରାର ବିଭିନ୍ନ ଦୃଶ୍ୟାଭିନୟ ମଞ୍ଚସ୍ଥ ହୋଇଥିଲା । ମୁଖ୍ୟ ନାୟକ କଂସ ଭୂମିକାରେ ଗୋପ ସାହୁ, କୃଷ୍ଣ କୃଷ୍ଣ ସାହୁ, ବଳରାମ ଦୀପକ ସୋନୀ, ରାଧା ଅଳକା ସୋନୀ ଅଭିନୟ କରୁଥିବା ବେଳେ ବସୁଦେବ ଓ ଦେବକୀ ଭୂମିକାରେ ଯଥାକ୍ରମେ ଧନୀରାମ ସାହୁ ଓ ଉଷାବତୀ ସାହୁ ଅଭିନୟ କରୁଛନ୍ତି। ଏହି ଧନୁଯାତ୍ରାକୁ କମିଟି ସମ୍ପାଦକ ସତ୍ୟମ ପ୍ରଧାନ ଉଦଘାଟନ କରିଥିବା ବେଳେ ବିଭିନ୍ନ ଦିବସରେ ଅତିଥି ଭାବେ ଯୁବନେତା ରାଜୁ ଘିବେଲା, ବିଧାୟକ ପ୍ରଦୀପ ପୁରୋହିତ ଯୋଗଦାନ କରିଥିଲେ । କମିଟି ସଭାପତି ସୁରେନ୍ଦ୍ର ଗଡତିଆ, ଶିବ ପ୍ରସାଦ ସାହୁ, ଭୀଷ୍ମଦେବ ସାହୁ, ଜୟକୁମାର ସାହୁ, ତପନ ପ୍ରଧାନ, କୃପାନନ୍ଦ ପ୍ରଧାନ, ଅନନ୍ତ ପ୍ରଧାନ, ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରୁଛନ୍ତି ।

■ ଜୀରାନଦୀକୁ ପଶୁଛି ନର୍ଦ୍ଦମା ପାଣି

# ରାସ୍ତାକୁ ଓହ୍ଲାଇଲେ ମହିଳା

**ବରଗଡ଼ ଅଫିସ୍, ୨।୧**

ବରଗଡ଼ ସହର ଉପକଣ୍ଠରେ ବହି ଯାଇଥିବା ଜୀରାନଦୀକୁ ସହରରୁ ନିଷ୍କାସିତ ମଇଳା ପାଣି ପଶୁଛି । ଫଳରେ ନଦୀପାଣି ପ୍ରଦୂଷିତ ହେଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଜନା ବିହୀନ ଡ୍ରେନେଜ ବ୍ୟବସ୍ଥା ଯୋଗୁ ସେଭଳି ସମସ୍ୟା ଉପୁଜିଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ବୁଧବାର ସ୍ଥାନୀୟ ୱାର୍ଡ଼ ନଂ-୧, ୨ ଏବଂ ୧୭ର ମହିଳାମାନେ ପିଲାଛୁଆ ଧରି ଜୀରାନଦୀର ଫେୟାର ୱେଦର ରାସ୍ତା ଅବରୋଧ କରିଥିଲେ । ଫଳରେ ବରଗଡ଼ ସହର-ଅମ୍ବାପାଲି ରାସ୍ତାରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ପରେ ତହସିଲଦାର ସବ୍ୟସାଚୀ ପଣ୍ଡା ଏବଂ ପୌର କର୍ମଚାରୀମାନେ ସେଠାକୁ ପହଞ୍ଚିଥିଲେ। ଡ୍ରେନେଜ ପାଣି ଯେଭଳି ନଦୀକୁ ପଶିବ ନାହିଁ, ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ ବୋଲି ଅଧିକାରୀମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଫଳରେ ଅପରାହ୍ନ ପ୍ରାୟ ୩ଟାରୁ ଚାଲିଥିବା



ପିଲାଛୁଆ ଧରି ମହିଳାମାନେ ରାସ୍ତାରୋକୋ କରିଛନ୍ତି ।

ରାସ୍ତାରୋକୋ ସନ୍ଧ୍ୟା ୬ଟାରେ ହଟିଥିଲା ।

ସହର ଉପକଣ୍ଠରେ ବହିଯାଇଥିବା ଜୀରାନଦୀ ଉପରେ ଉପରୋକ୍ତ ୱାର୍ଡ଼ର ଲୋକେ ନିର୍ଭର କରିଥାନ୍ତି । ଲୋକେ ସ୍ନାନଠାରୁ ଆରମ୍ଭ କରି ନଦୀରେ ବାଲିଚୁଆ ଖୋଳି ପାଣି ସଂଗ୍ରହ କରିଥାନ୍ତି ଏବଂ ସେହି ପାଣିକୁ ପାନୀୟ ଭାବେ ବ୍ୟବହାର କରିବା ସହିତ ସେଥିରେ ରନ୍ଧାବଢ଼ା ମଧ୍ୟ କରିଥାନ୍ତି । ସେହିପରି ପିଏଚ୍‌ଡ଼ି ଜୀରାନଦୀରୁ

**ବରଗଡ଼ ସହର**

■ ଜୀରାନଦୀରେ ଥିବା ପାଣିଟାଙ୍କିକୁ ପଶୁଛି ନର୍ଦ୍ଦମା ପାଣି

■ ନର୍ଦ୍ଦମା ପାଣିର ବିକଳ୍ପ ବ୍ୟବସ୍ଥା ପାଇଁ ମହିଳାଙ୍କ ଦାବି

ପାଇପ୍ ଯୋଗେ ବରଗଡ଼ ସହରକୁ ପାଣି ଯୋଗାଉଛି । ଅନେକ ସମୟରେ ସେହି ନର୍ଦ୍ଦମା ପାଣି ଜୀରାନଦୀରେ ରହିଥିବା ପିଏଚ୍‌ଡ଼ିର ପାଣିଟାଙ୍କିକୁ ପଶୁଥିବା ସହରବାସୀ ଅଭିଯୋଗ କରିଛନ୍ତି । ଜୀରାନଦୀକୁ ପଶୁଥିବା ନର୍ଦ୍ଦମା ପାଣିର ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ ଅଞ୍ଚଳରେ ଦେଖାଯାଇଥିବା ଅସନ୍ତୋଷ ଆନ୍ଦୋଳନ ରୂପ ନେଇଥିଲା । ରମେଶ ମହାପାତ୍ର, ଭବାନୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ରାସ୍ତାରୋକୋ ଆନ୍ଦୋଳନ ହୋଇଥିଲା ।

## ବଦଳି ପ୍ରତିବାଦ: ଧାରଣାରେ ବସିଲେ ବିଦ୍ୟୁତ୍ କର୍ମଚାରୀ

**ବରଗଡ଼ ଅଫିସ୍, ୨।୧**

ବରଗଡ଼ ବିଦ୍ୟୁତ ଡିଭିଜନ ଅନ୍ତର୍ଗତ ଭଟଲି ସେକ୍ସନରେ କାର୍ଯ୍ୟରତ ଜଣେ ଟେକ୍ନିକାଲ କର୍ମଚାରୀଙ୍କୁ ଡେପୁଟେଶନରେ ଅନ୍ୟତ୍ର ବଦଳି ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ହୀରାଖଣ୍ଡ ବିଦ୍ୟୁତ କର୍ମଚରୀ ସଂଘ, ବରଗଡ଼ ସର୍କଲର କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ବୁଧବାର ୱେସ୍କୋର ସ୍ଥାନୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ । ଭଟଲି ସେକ୍ସନର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଅନୁମୋଦନ ପଦବୀ ଅନୁସାରେ ୨ଜଣ ଟେକ୍ନିକାଲ କର୍ମଚାରୀ ଏବଂ ୧୪ଜଣ ହେଲପର ଆବଶ୍ୟକ। କିନ୍ତୁ ଏଠାରେ ୨ଜଣ ଟେକ୍ନିକାଲ କର୍ମଚାରୀ ଏବଂ ୧୦ଜଣ ଦିନ ହେଲପର କାର୍ଯ୍ୟ କରୁଛନ୍ତି । ତେବେ ସେମାନଙ୍କ ମଧ୍ୟରୁ ଜଣେ ଟେକ୍ନିକାଲ କର୍ମଚାରୀଙ୍କୁ ୱେସ୍କୋର ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ ଏମଆରଟି ଡିଭିଜନକୁ ବଦଳି କରିଥିଲେ । ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘ ବିରୋଧ କରିବା ପରେ ସେହି ବଦଳି ଆଦେଶକୁ ସ୍ଥଗିତ ରଖାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ପୁଣି ସେହି କର୍ମଚାରୀଙ୍କୁ ଡେପୁଟେଶନରେ ସେଠାକୁ ବଦଳି କରାଯାଇଛି । ଏହା ଜାଣିବା ପରେ ହୀରାଖଣ୍ଡ ବିଦ୍ୟୁତ କର୍ମଚାରୀ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ମାତ୍ର ସେଥିପ୍ରତି କିଛି ପଦକ୍ଷେପ ନିଆଯାଇ ନ ଥିବା ଯୋଗୁ ସଂଘର କର୍ମକର୍ତ୍ତା, ସଭ୍ୟବୃନ୍ଦ ଧାରଣାକୁ ଓହ୍ଲାଇଥିଲେ । ସଂଘର ବରଗଡ଼ ସର୍କଲର କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ପାଣ୍ଡେ, ଉପସଭାପତି ବିଶ୍ୱମ୍ଭର ସାହୁ, ଡେପୁଟି ସମ୍ପାଦକ ଆତିସ ପଣ୍ଡା, ମଣ୍ଟୁ ବେହେରା, ଚୌବର୍ଗ ସାହୁ, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ ମାହାଣା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ ।



ୱେସ୍କୋ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଆଗରେ ବିଦ୍ୟୁତ୍ କର୍ମଚାରୀମାନେ ଧାରଣା ଦେଇଛନ୍ତି ।

## କ୍ରିକେଟ: ଉପରବାହାଲ ଚାମ୍ପିୟନ

**ପଦ୍ମପୁର, ୨।୧ (ଡି.ଏନ.ଏ)**

ବରଗଡ଼ ଜିଲା ପଦ୍ମପୁର ନିକଟସ୍ଥ ମହୁଲପାଲି ସ୍କୁଲ ପଡିଆରେ ଚାଲିଥିବା ୧୭ତମ କ୍ରିଷ୍ଣା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମହୁଲପାଲିକୁ ହରାଇ ଉପରବାହାଲ ଦଳ ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚରେ ଉପରବାହାଲ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୨୦୧ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ମହୁଲପାଲି ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୫୬ ରନ କରି ପରାଜିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଝସକେତନ ସାହୁ ମୁଖ୍ୟଅତିଥି, ବିରେନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ




ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

କରିଥିଲେ । ମହୁଲପାଲିର ପ୍ରଶାନ୍ତ ମ୍ୟାନ ଅଫ୍ ଦି ସିରିଜ ଓ ଉପରବାହାଲର ଜିତୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିର ମ୍ୟାଚ୍‌ରେ ମଳୟ ଓ ମତିଲ ଅମ୍ପାୟାର ଓ ସୁଶୀଲ ସ୍କୋରିଂ କରିଥିଲେ । ଦେବାଶିଷ ଓ ଅନୀଲ ଧାରା ବିବରଣୀ ପ୍ରଦାନ କରିଥିଲେ । ଦିଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଗୋବନ୍ଧ୍ୟା ନିରାକରଣ, କୃମିନାଶକ ଶିବିର

**ଅତାବିରା, ୨।୧ (ଡି.ଏନ.ଏ)**

ସମ୍ବଲପୁର ସମଲେଶ୍ୱରୀ ଆଞ୍ଚଳିକ ଦୁଗ୍ଧସଂଘ ଚାରପାଲି ଦୁଗ୍ଧମାର୍ଗ ସ୍ଥିତ କର୍ଣ୍ଣପାଲି ଦୁଗ୍ଧ ଉତ୍ପାଦକ ସମିତି ଓ ରିଲାଏନ୍ସ ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ କର୍ଣ୍ଣପାଲିଠାରେ ଏକ ଗୋବନ୍ଧ୍ୟା ନିରାକରଣ ଓ କୃମିନାଶକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି । ଅବସରପ୍ରାପ୍ତ ସିଡିଭିଓ କେ. କୁଳପତି ରାଓ, ପ୍ରାଣୀ ନିରୀକ୍ଷକ ବୀରେନ୍ଦ୍ର ଅଦାବର, ତାଲିମପ୍ରାପ୍ତ ପ୍ରାଣୀଧନ ନିରୀକ୍ଷକ ରବିନ୍ଦ୍ର ବାଗ, ଟ୍ରାଇଜେମ୍ ପ୍ରାଣୀଧନ ନିରୀକ୍ଷକ ହୃଷିକେଶ ଖମାରୀ, ଅତାବିରା ଓ ଟିପିଲିମା ଦୁଗ୍ଧମାର୍ଗ ପରିଦର୍ଶିକା ଆରତୀ ମିଶ୍ର, କର୍ଣ୍ଣପାଲି ଦୁଗ୍ଧ ଉତ୍ପାଦକ ସମିତି ସମ୍ପାଦକ ମାନସ କର୍ଣ୍ଣ, ଅଶୋକ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ୫୬ଟି ଗାଈ, ବାଛୁରୀଙ୍କ ଚିକିତ୍ସା କରାଯାଇଥିଲା ।

## ଗଛକୁ ପିଟିଲା ଯାତ୍ରୀବାହୀ ବସ୍

**ବରଗଡ଼ ଅଫିସ୍, ୨।୧**

ବରଗଡ଼-ବରପାଲି ରାସ୍ତାର ଏକାମ୍ର ଛକ ନିକଟରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ଏକ ଯାତ୍ରୀବାହୀ ବସ୍ (ନଂ.ଓଆର୦୫ଆର୍/୮୨୯୩) ଦୁର୍ଘଟଣାଗ୍ରସ୍ତ ହୋଇଛି । ବରଗଡ଼ ସହରରୁ ବରପାଲି ପଟକୁ ଯାଉଥିବାବେଳେ ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାକଡରେ ଥିବା ଏକ ମହୁଲ ଗଛରେ ପିଟି ହୋଇଥିଲା । ଫଳରେ ବସ୍‌ରେ ଥିବା ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟିପାଲି ଗ୍ରାମର ପବିତ୍ର ବାଗ(୩୦) ବିକାଶ ବାଗ(୧୮), କଏରୁ ସେଠ(୨୧) ଏବଂ ସିଂହେନପାଲି ଗ୍ରାମର କକୟା(୪୫)ଙ୍କ ସମେତ ପ୍ରାୟ ୧୫ଜଣ ଯାତ୍ରୀ ଆହତ ହୋଇଥିଲେ । ଆହତଙ୍କୁ ଚିକିତ୍ସା ପାଇଁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ଜଣକୁ ଭୀମ୍‌ସାର, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି । ବରଗଡ଼ ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଯାତ୍ରୀବାହୀ ବସ୍‌କୁ ଜବତ କରିଛି । କୌଶଳ କ୍ରମେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି । ଏ ନେଇ ପୋଲିସ ଏକ ମାମଲା (ନଂ.୪/୧୯) ରୁଜୁ କରିବା ସହିତ ଫେରାର ଡ୍ରାଇଭରଙ୍କୁ ଗିରଫ କରିବା ପାଇଁ ତନାଘନା ଚଳାଇଛି ।




ଦୁର୍ଘଟଣାଗ୍ରସ୍ତ ହୋଇଥିବା ଯାତ୍ରୀବାହୀ ବସ୍ ।

## ତାରପଲିନ ତଳେ ବିତୁଛେ ଜୀବନ୍

**ଅତାବିରା, ୨।୧ (ଡି.ଏନ.ଏ.)**

ସାଧାରନ ନିରବାଚନ୍ ଯେତ୍‌କି ପାଖେଇ ଆସୁଛେ କେନ୍ଦ୍ର ଆର ରାଏଜ୍ ସରକାର ତହଁକି ତହଁକି ଗୁଟେ ପରେ ଗୁଟେ ନୂଆଁ ଯୋଜ୍‌ନାର ଘୋଷନା କରୁଛନ୍। ହେଲେ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ଆଗରୁ ଚାଲୁ ରଖିଥିବାର ଯୋଜ୍‌ନାର ଯେ ବହୁତ୍ ଜାଗାରେ ବାଟ୍‌ବନା ହେଇଯାଉଛେ ସେଥିର ଉପରେ କାହାରି ନିଘା ନାଇଁ। ଏନ୍‌ତା ଗୁଟେ ଘଟ୍‌ନା ଦେଖିବାକେ ମିଲିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁଚେତ ଉଦେପୁର ଗାଁରେ। ୬ ମାସ ତଲେ ଝରି ବର୍ଷାରେ ଲୁକ୍‌କର ଘରଦୁଆର ଭାଂଗି ଗଲା। ସେଥିରେ ଗାଁର ଶାନ୍ତି ସେଟକଁର ବି ଘର ଭାଂଗି ଯାଇଥିଲା। ସେ ସମିଆରେ ଥାନୀୟ ନେତା, ସରକାରୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଗାଁ ବୁଲି ଦେଖିଥିଲେ। ଲୁକ୍‌କୁ କଥା ଦେଇଥିଲେ ଯେତେ ଜଲ୍‌ଦି ହେବା ଘରଭଂଗା ଟଁକା ଆର ବିଜୁ ପକ୍କାଘର ହେଉ କି ମୋ କୁଡ଼ିଆ ଯୋଜ୍‌ନାରେ ଘର ଯୁଗେଇ ଦିଆଯିବା। ସେନ୍‌ତା ମହାନଦୀର ବଢ଼ି ପାଏନ୍‌ରେ ଯେନ୍‌ମାନକର ଡଂଗା ଉହୁଲି ଯାଇଛେ ସେମାନକୁ ବି ସାହାଯ୍ ଯୁଗେଇ ଦେବାକେ କଥା ଦେଇଥିଲେ। ହେଲେ ଆଏଜ୍‌କେ ଇ ଘଟନାକେ ୬ ମାସ ବିତି ଯାଇଛେ, ଏହେଦେ ବି ଗାଁବାସୀ ସରକାରୀ ସାହାଯ୍ ପାଏବାର ଲାଗି ଅଁଫାରି ରହିଛନ୍। ବର୍ଷାରେ ଗାଁର ଅନେକ ପରିବାରର ଘର ଭାଂଗି ଯାଇଥିବାର ଲାଗି କିଏ ପାଖ୍ ପଡ଼ିଶା ଘରେ ତ ଆର କିଏ କ୍ଲବ୍, ସ୍କୁଲ ବାରନ୍ଡ଼ାରେ ଆଶ୍‌ରେ ନେଇଛନ୍। ସେନ୍‌ତା ଶାନ୍ତି ସେଟକଁର ୫ ଝନିଆଁ କୁଟୁମ୍ ଏହେଦେ ଭଂଗା ଘରେ ତାରପଲିନ ଟାନି ରହୁଛନ୍। ଇ ବାବ୍‌ଦେ ଭେଡ଼େନ ତହସିଲଦାର ସବିତା ସୀମାକୁଲୁ ଆର ଦେଶଭଟିଲି ଆରଆଇ ପିଅନ ମିର୍ଦ୍ଧାକୁଁ ପଚରାଲାରୁ ଘରଭଂଗା ସାହାଯ୍ ଆସିଯାଇଛେ। ବହୁତ୍ ଜଲଦି ଲୁକ୍‌କୁ ବଁଟା ଯିବା ବଲି ସେମାନେ କହିଥିଲେ।

## ମାହେଶ୍ୱରୀ ଦେବୀଙ୍କ ଶାଳକା ବାଡି ପହଞ୍ଚିଲା

**ଅତାବିରା/ ଟିପିଲିମା, ୨।୧ (ଡି.ଏନ.ଏ)**

ଡୁମ୍ବାଲ ସମାଜର ଆରାଧ୍ୟା ଉମା ମାହେଶ୍ୱରୀ ଦେବୀଙ୍କ ଶାଳକା ବାଡିବିରାଟ ଏକ ବିଶାଳ ଶୋଭାଯାତ୍ରାରେ ସମ୍ବଲପୁର ଜିଲା ଚାରପାଲି ଗ୍ରାମରେ ପହଞ୍ଚିଛି । ଏଡି ଶୋଭାଯାତ୍ରା ବରଗଡ଼ ଜିଲା କୁରୁଆଁ ଗ୍ରାମର ଉମା ମାହେଶ୍ୱରୀଙ୍କ ମନ୍ଦିରୁ ବାହାରିଥିଲା । ଏଥିରେ ଓଁଙ୍କାର ଛୁରିଆ କର୍ତ୍ତା ଦାୟିତ୍ୱ ବହନ କରିଥିଲେ। ଆନନ୍ଦ ମହାକୁର, ଜଗି ଦେହୁରୀ, ସତ୍ୟାନନ୍ଦ ଦେହେରୀ, ହରେକୃଷ୍ଣ ଦେହେରୀ, ଶ୍ରୀକୃଷ୍ଣ ଦେହେରୀ, ଅଶୋକ ମହାକୁର, ଦିନେଶ ଠାଠୀ, ଗଙ୍ଗାଧର ବଘାର, ଶ୍ରଦ୍ଧାକର ମେଣ୍ଡଲି ପ୍ରମୁଖ ସହଯୋଗ କରିଥିଲେ ।

## ଟ୍ରକ୍ ଧକ୍କାରେ ଭାଙ୍ଗିଲା ଟ୍ରାଫିକ ପୋଷ୍ଟ

**ବରଗଡ଼ ଅଫିସ୍, ୨।୧**

ବରଗଡ଼ ସହରର ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡ ସମ୍ମୁଖରୁ ଗାନ୍ଧୀଛକ ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ରୋଡ୍ ଡିଭାଇଡର ଦିଆଯାଇଛି । ତେବେ ବୁଧବାର ରାତ୍ରି ପ୍ରାୟ ୯ଟା ୪୫ମିନିଟ୍‌ରେ ସମ୍ବଲପୁର ପଟୁ ଦ୍ରୁତବେଗରେ ଆସୁଥିବା ଏକ ଟ୍ରକ ରୋଡ୍ ଡିଭାଇଡର୍‌କୁ ଧକ୍କା ଦେଇ ଖସିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଟ୍ରକ ଧକ୍କାରେ ଟ୍ରାଫିକ ପୋଷ୍ଟ ଓ ରୋଡ୍ ଡିଭାଇଡର୍‌ର ଗୋଟିଏ ପାର୍ଶ୍ୱ ଛିନ୍ନଛତ୍ର ହୋଇ ଯାଇଥିଲା ଏବଂ ଏହାକୁ ଦେଖି ଲୋକେ ଭୟଭୀତ ହୋଇ ପଡ଼ିଥିଲେ । ଏଥିରେ କାହାରି କିଛି କ୍ଷତି ହୋଇନାହିଁ ।



ରୋଡ ଡିଭାଇଡର ନିକଟ ଟ୍ରାଫିକ ପୋଷ୍ଟ ଭାଙ୍ଗି ଯାଇଛି ।

## କ୍ରିକେଟ: ସେମିରେ ଦେକୁଲବା ଏକାଦଶ

**ଭେଡ଼େନ, ୨।୧ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅରେଇଗୁଡ଼ିଠାରେ ବୁଧବାର ମହେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଏହି ଉଦଘାଟନୀ ଦିବସରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚରେ ଦେକୁଲବା ଏକାଦଶ ପଧାନପାଲି ଦଳକୁ ୯ ଉଇକେଟରେ ପରାସ୍ତ କରି ସେମିଫାଇନାଲକୁ ପ୍ରବେଶ କରିଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ପଧାନପାଲି ଦଳ ନିର୍ଦ୍ଧାରିତ ୭ ଓଭରରେ ୪ ଉଇକେଟ ହରାଇ ୭୮ ରନ କରିଥିଲା । ଏହାର ଜବାବରେ ଦେକୁଲବା ଦଳ ୫.୨ ଓଭରରେ ଗୋଟିଏ ଉଇକେଟ ହରାଇ ୭୯ ରନ କରି ମ୍ୟାଚ୍ ଜିତି ସେମିଫାଇନାଲକୁ ପ୍ରବେଶ କରିଛି। ପୂର୍ବାହ୍ନରେ ଖେଳାଯାଇଥିବା ପ୍ରଥମ ମ୍ୟାଚରେ ପଧାନପାଲି ଦଳ କଟାପାଲିକୁ ପରାସ୍ତ କରିଥିଲା। କଟାପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬



ଉଦ୍‌ଘାଟନୀ ମ୍ୟାଚ୍‌ରେ ଉପସ୍ଥିତ ଖେଳାଳିମାନେ ।

ଉଇକେଟ ହରାଇ ୯୭ ରନ କରିଥିଲା। ଏହାର ଜବାବରେ ପଧାନପାଲି ଦଳ ୮.୨ ଓଭରରେ ବିନା କୌଣସି ଉଇକେଟ ହରାଇ ୯୯ ରନ କରି ମ୍ୟାଚ ଜିତି କ୍ୱାର୍ଟରଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଦେକୁଲବା ଦଳ କୁମ୍ଭାରୀକୁ ପରାସ୍ତ କରିଥିଲା। ଦେକୁଲବା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୦୩ ରନ କରିଥିଲା । ଏହାର ଜବାବରେ କୁମ୍ଭାରୀ ଦଳ ୮ ଓଭରରେ ୫ ଉଇକେଟ ହରାଇ ୮୨ ରନ କରିବାକୁ ସମର୍ଥ ହୋଇଥିଲା। ବୁଧବାର ମ୍ୟାଚ୍‌ରେ ରମେଶ କୁମାର କର୍ଣ୍ଣ ମୁଖ୍ୟଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ । ସରପଞ୍ଚ ସୁନୀଲ କୁମାର ମେହେର ଏବଂ ଖେଳ ଶିକ୍ଷକ ଶ୍ୟାମ ସୁନ୍ଦର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅମ୍ପାୟାର ଅରବିନ୍ଦ ବିଶ୍ୱାଳ, ସୁରେନ୍ଦ୍ର ବିଶି, ସୁଶାନ୍ତ ବିଶି ଏବଂ ଅକ୍ଷୟ ସାହୁ ଖେଳ ପରିଚାଳନା କରିଥିଲେ । ସୁବ୍ରତ ବିଶି ଓ ମହେନ୍ଦ୍ର ନାଇକ ସ୍କୋରର ଏବଂ ସାଗର ଛନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ ।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଉଲୁଣ୍ଡା,୨।୧ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଦରଠାରୁ ୨ କି.ମି. ଦୂର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତା ମାଟିଖାଇ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ସେହେଲେ ବିନିକା ଥାନା ଆଖିଦାଦର ଗ୍ରାମର ଶୁରେସ ବାରିକ(୨୫)। ସୁରେଶ ଏକ ବାଇକ (ନଂ.ଓଡି୧୭ବି-୦୩୧୨)ଯୋଗେ ଉଲୁଣ୍ଡା ଆସୁଥିବା ବେଳେ ମାଟିଖାଇ ଛକ ନିକଟରେ ଅଟକି ରହିଥିବା ଟ୍ରକ ପଛପଟେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଉଲୁଣ୍ଡା ଥାନାରେ ଏକ ମାମଲା (ନଂ.୧/୧୯) ରୁଜୁ କରି ତଦନ୍ତ ଚାଲିଥିବା ଏସ୍ଆଇ ଏସ୍.କେ. ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ରାଣିପାଲିରେ ହାତୀ ଉପଦ୍ରବ

**ଉଲୁଣ୍ଡା ୨।୧(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତ ରାଣିପାଲିରେ ହାତୀ ଉପଦ୍ରବ ଦେଖାଦେଇଛି। ଗ୍ରାମକୁ ଏକ ହାତୀ ପଶିଆସି ଧାନ, ପନିପରିବା, କଦଳୀ ଗଛ ଆଦି ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ ଏକ ହାତୀ ଗାଁରେ ପଶିଆସି ଗ୍ରାମର ଅରୁଣ କୁମ୍ଭାର, ପବିତ୍ର ସୁରୁଜାଲ, ମିଥୁନ ଭୋଇ, ରୁଧୁ ମହାନନ୍ଦଙ୍କ ଫଳସ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଥିଲେ। ପରେ ଗ୍ରାମବାସୀ ଏକଠି ହୋଇ ହାତୀକୁ ଘଉଡାଇଥିଲେ। ବନ ବିଭାଗ କ୍ଷୟକ୍ଷତିର ଆକଳନ କରି ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଯକ୍ଷ୍ମା ଚିକିତ୍ସା କେନ୍ଦ୍ର ଉଦ୍‌ଘାଟିତ

**ସୋନପୁର,୨।୧(ନି.ପ୍ର.):** ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ଔଷଧ ପ୍ରତିରୋଧି ଯକ୍ଷ୍ମା ଚିକିତ୍ସା କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ଏମଡିଆର ଚିକିତ୍ସା ଏହି କେନ୍ଦ୍ରରେ ମିଳିବ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଜୟଲକ୍ଷ୍ମୀ ଗୁରୁ, ଡାକ୍ତର ପ୍ରଦୀପ ଗୁରୁ, ଡାକ୍ତର ଦୈତ୍ୟନାରାୟଣ ପାଢୀ, ଡାକ୍ତର ନବ କିଶୋର ବେହେରା, ଡିଟିଓ ଡାକ୍ତର ପଦ୍ମହଂସା ଦୋରା, ଏନଏଚଏମ ଡିପିଏମ ମୌସୁମୀ ମିଶ୍ର, ପ୍ରଦ୍ୟୁମ୍ନ ସାହୁ, ତାରିଣୀ ପାତ୍ର, ଅବିନାଶ ହୋତା ଓ ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ଦୁଇ ଗୋଡ କଟିଲା

**ବଲାଙ୍ଗୀର ଅଫିସ, ୨।୧:** ବଲାଙ୍ଗୀର ସୁଦପଡାଠାରେ ବୁଧବାର ଏକ ଟ୍ରେନ୍ ଧକ୍କାରେ ରବି ପଧାନ ନାମକ ଜଣେ ଯୁବକଙ୍କ ଦୁଇ ଗୋଡ କଟିଯାଇଛି। ମିଳିଥିବା ସୂଚନା ମୁତାବକ, ରବି ରେଲଲାଇନ୍ ପାଖରେ ଶୌଚ କରୁଥିବା ବେଳେ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ରବିଙ୍କ ଦୁଇ ଗୋଡ କଟି ଯିବା ସହ ଗୁରୁତର ଆହତ ହୋଇଛନ୍ତି।






ବୌଦ୍ଧ ମହୋତ୍ସବ ଉଦ୍‌ଘାଟନୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ସହରରେ ସାଂସ୍କୃତିକ ଶୋଭାଯାତ୍ରା ଚାଲିଛି ।

ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

# ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସହର

**ବୌଦ୍ଧ, ୨।୧( ସ୍ୱ.ପ୍ର)**

ବୌଦ୍ଧ ଜିଲା କଚେରି ପଡିଆଠାରେ ବୁଧବାର ବୌଦ୍ଧ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ କୃଷି ମହୋତ୍ସବ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି । ବାଚସ୍ପତି ପ୍ରଦୀପ କୁମାର ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲାର କଣ୍ଟାମାଳ ବ୍ଲକ ରେଘାମୁଣ୍ଡା ଭାଇବୋହୁ ପାହାଡ, ବୌଦ୍ଧ ବ୍ଲକର ଚାରିଶମ୍ଭୁ ଓ ହରଭଙ୍ଗା ବ୍ଲକର ମା' ଭୈରବୀ ମନ୍ଦିରରୁ ମଶାଲ ଆଣି ରାଜବାଟୀ ନିକଟସ୍ଥ ଭୂମିସ୍ପର୍ଶ ମୁଦ୍ରାରେ ଥିବା ବୁଦ୍ଧ ପ୍ରତିମା ନିକଟରେ ସ୍ଥାପନ କରାଯାଇଥିଲା । ସେଠାରେ ପୂଜାର୍ଚ୍ଚନା ପରେ ବାଚସ୍ପତି ମଶାଲ ଲଗାଇ ଏହି ସାଂସ୍କୃତିକ ମହାମେଳାର ଶୁଭାରମ୍ଭ କରିଥିଲେ । ଜିଲାପାଳ ସୀତାଂଶୁ କୁମାର ରାଉତ, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ, ଉପଜିଲାପାଳ ଏନ୍‌ସି ଜ୍ୟୋତିରଞ୍ଜନ ନାଏକ ସାଂସ୍କୃତିକ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଜିଲାର ତିନୋଟି ବ୍ଲକରୁ ଆସିଥିବା କଳାକାର ବିଭିନ୍ନ ପାରମ୍ପରିକ ବେଶରେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ଯିବାବେଳେ ସହର ରାସ୍ତାଘାଟ କମ୍ପି ଉଠିଥିଲା । ସନ୍ଧ୍ୟାରେ ଜିଲାପାଳ ତଥା ଜିଲା ମହୋତ୍ସବ କମିଟି ଅଧ୍ୟକ୍ଷ ରାଉତଙ୍କ ଅଧ୍ୟକ୍ଷତାରେ ଏକସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବାଚସ୍ପତିଅମାତ ମୁଖ୍ୟଅତିଥି, କଣ୍ଟାମାଳ ବିଧାୟକ ମହୀଧର ରଣା, ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ହାଡିବନ୍ଧୁ ମହାକୁଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଦିବସର ପ୍ରଥମ ସନ୍ଧ୍ୟାରେ ନୃତ୍ୟଶ୍ରୀ ଭୁବନେଶ୍ୱର କଳାକାରଙ୍କ ଦ୍ୱାରା ଓଡିଶୀ ଦଶାବତାର, ଜାଗରଣ ଦେବଗଡ ଦ୍ୱାରା ବାରମାସର ତେର ପର୍ବ, ସାଧୁଚରଣ ହାଇସ୍କୁଲ ବୀରନରସିଂହପୁର ପକ୍ଷରୁ ରାଧା ମାଜିଷ୍ଟ୍ରେଟ, ଜିଲା କଳାପରିଷଦ ବଲାଙ୍ଗୀର ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଜିଲା କଳା ପରିଷଦ ଅନୁଗୋଳ ଦ୍ୱାରା ଦଣ୍ଡନୃତ୍ୟ ଓ ବିକେଏସଏସ ହରଭଙ୍ଗା ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷିତ ହୋଇଥିଲା । ମହୋତ୍ସବ ପଡିଆରେ ୧୧୨ଟି ମଣ୍ଡପରେ ପଲ୍ଲିଶ୍ରୀ ମେଳା, ୩୨ଟି ମଣ୍ଡପରେ ଖାଦ୍ୟ ସାମଗ୍ରୀ ଓ ୩୯ଟି ମଣ୍ଡପରେ ଜିଲାର ବିଭିନ୍ନ ସରକାରୀ ବିଭାଗର ବିକାଶର ଝଲକ ପ୍ରଦର୍ଶିତ ହୋଇଛି ।

### ତରଭାରେ ହିନ୍ଦୁ ଜାଗରଣ ପଦଯାତ୍ରା

**ତରଭା,୨।୧(ଡି.ଏନ.ଏ.)**

ହିନ୍ଦୁ ଜାଗରଣ ନେଇ ସ୍ୱାମୀ ଜୀବନ ମୁକ୍ତା ନନ୍ଦ ସରସ୍ୱତୀ ପୁରୀ ଶ୍ରୀକ୍ଷେତ୍ରରୁ ବାହାରିଥିବା ପଦଯାତ୍ରା ବୁଧବାର ତରଭା ସହରରେ ପହଞ୍ଚିଥିଲା । ତରଭା ପ୍ରବେଶ ପଥରେ ହିନ୍ଦୁ ସଂସ୍କୃତି ସୁରକ୍ଷା ମଞ୍ଚର ସଭାପତି ରାମନାରାୟଣ ବେଜଙ୍କ ନେତୃତ୍ୱରେ ମାଙ୍ଗେଲାଲ ଅଗ୍ରୱାଲ, ଡ. ରମେଶ ପତ୍ରୀ, ରାଜୁ ଶର୍ମା, ପ୍ରବିର ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଜନସାଧାରଣ ସ୍ୱାମୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପଦଯାତ୍ରା ସହର ପରିକ୍ରମା ପରେ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସରସ୍ୱତୀ ଶିଶୁ ମନ୍ଦିରରେ ପହଞ୍ଚିଥିଲା। ଏହି ଅବସରରେ ସ୍ୱାମୀ ଜୀବନମୁକ୍ତା ନନ୍ଦ ଆଧ୍ୟାତ୍ମିକ ଚେତନା ବାଣୀ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ସରସ୍ୱତୀ ଶିଶୁ ମନ୍ଦିରରୁ ପଦ ଯାତ୍ରାରେ ବାହାରି ତରଭା ରଥପଡା ଛକଠାରେ ହିନ୍ଦୁ ସଂସ୍କୃତି ପ୍ରବଚନ ପ୍ରଦାନ କରିଥିଲେ।

### ୧୯୭୧ ବ୍ୟାଚର ବନ୍ଧୁ ମିଳନ

**ଗୁଡ଼ଭେଲା,୨।୧(ଡି.ଏନ୍.ଏ.)**

ତୁଷୁରା ହାଇସ୍କୁଲର ୧୯୭୧ ବ୍ୟାଚର ଏକ ବନ୍ଧୁ ମିଳନ ଛତିଶଗଡର ଚନ୍ଦ୍ରହାସିନିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଅଞ୍ଚଳକୁ ସ୍ୱଚ୍ଛ କରିବା ସହ ଜନହିତକର କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ ପାଇଥିଲା। ମୁକୁନ୍ଦ ମିଶ୍ର, ନବୀନ ବଗାର, ଅଚ୍ୟୁତ ରଣା, ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ଥାନୀୟ କଳାକାରଙ୍କୁ ଉପେକ୍ଷା ଅଭିଯୋଗ

## ମିଳିତ କଳାକାର ମଞ୍ଚର ବିକ୍ଷୋଭ

**ବୌଦ୍ଧ,୨।୧( ସ୍ୱ.ପ୍ର)**

**ବୌଦ୍ଧ ଜିଲା ଗଠନର ରୌପ୍ୟ ଜୟନ୍ତୀ**

ବୌଦ୍ଧ ଜିଲା ଗଠନକୁ ୨୫ବର୍ଷ ପୂରିଛି। ଏହି ଅବସରରେ ବୌଦ୍ଧ ସତ୍ୟସାଇ ମନ୍ଦିର ନିକଟସ୍ଥ ଖୋଲା ପ୍ରାଙ୍ଗଣରେ ବୁଧବାର ଆୟୋଜିତ ଉତ୍ସବରେ ରୌପ୍ୟ ଜୟନ୍ତୀ କମିଟି ଆବାହକ ବିଶ୍ୱେଶ୍ୱର ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ର, ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଉତ୍ସବରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାଶ ସଭା ସଂଯୋଜନା ଏବଂ ସତ୍ୟନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆକର୍ଷଣୀୟ ଆତସବାଜି ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଅନ୍ୟପକ୍ଷେ ରୌପ୍ୟ ଜୟନ୍ତୀ ମହୋତ୍ସବରେ ଜିଲାର କଳାକାରମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ଜିଲା ମିଳିତ କଳାକାର ମଞ୍ଚ ପକ୍ଷରୁ ଜିଲାପାଳଙ୍କ ପାଖରେ ଗତ ମଙ୍ଗଳବାର ଲିଖିତ ଅଭିଯୋଗ କରାଯାଇଥିଲା। ବୁଧବାର ମିଳିତ କଳାକାର ମଞ୍ଚ ସଭାପତି ସ୍ୱାଧୀନ କୁମାର ପରିଡାଙ୍କ ନେତୃତ୍ୱରେ ତିନୋଟି ବ୍ଲକର ଶତାଧିକ କଳାକାର ବୌଦ୍ଧ ରଘୁନାଥ ମନ୍ଦିର ନିକଟରୁ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ସେଠାକୁ ପହଞ୍ଚି କଳାକାରମାନଙ୍କ ସହିତ ଆଲୋଚନା କରିଥିଲେ । ଉପଜିଲାପାଳ ନାଏକ କଳାକାରମାନଙ୍କ ଦାବି ଶୁଣିବା ପରେ ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ସହିତ ଆଲୋଚନା କରି ସ୍ଥାନୀୟ କଳାକାରମାନଙ୍କୁ ମହୋତ୍ସବ ମଞ୍ଚରେ କଳା ପ୍ରଦର୍ଶନର ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।



କଳାକାରମାନେ ବୌଦ୍ଧ ଜିଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଶିଶୁଭବନ ଡାକ୍ତରଙ୍କୁ ଠକେଇ ଅଭିଯୋଗ

## ୧୮ ଲକ୍ଷ ସହ ଧରାପଡ଼ିଲେ ବିଦେଶୀ

**ଅନୁଗୋଳ ଅଫିସ, ୨।୧**

- ଷ୍ଟେଶନରୁ କାବୁ କଲା ଅନୁଗୋଳ ପୋଲିସ
- ମେଶିନ କିଣିବା ବାହାନାରେ ନେଇଥିଲେ ଟଙ୍କା
- ପର୍ଯ୍ୟଟନ ଭିଜାରେ ଘାନାରୁ ଆସିଥିଲେ





ଗିରଫ ଘାନା ନାଗରିକ କଜବି ନିକୋଲାସ ଓ ଜବତ ହୋଇଥିବା ଟଙ୍କା।

ମେଶିନ କିଣିଦେବା ବାହାନାରେ କଟକ ଶିଶୁ ଭବନରେ କାର୍ଯ୍ୟରତ ଡାକ୍ତର ମଙ୍ଗଳ ଚରଣ ମୁର୍ମୁଙ୍କ ଠାରୁ ୧୮ ଲକ୍ଷରୁ ଅଧିକ ଟଙ୍କା ନେଇ ଚମ୍ପଟ ମାରିବାକୁ ଉଦ୍ୟମ କରିବା ଅଭିଯୋଗରେ ଅନୁଗୋଳ ପୋଲିସ ଘାନାର ନାଗରିକ କଜବି ନିକୋଲାସ୍ (୪୪)ଙ୍କୁ ବୁଧବାର ଗିରଫ କରିଛି। ଅନୁଗୋଳ ରେଲୱେ ଷ୍ଟେଶନରୁ ତାଙ୍କୁ ଗିରଫ କରାଯାଇଥିବା ଏସ୍‌ଡିପିଓ ହରିହର ପାଣି ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନିକୋଲାସ୍‌ଙ୍କଠାରୁ ପୋଲିସ ୧୮.୫ ଲକ୍ଷ ଟଙ୍କା ଓ ପାର୍ସପୋର୍ଟ ଜବତ କରିଛି। ଏ ସଂକ୍ରାନ୍ତରେ ନଂ. ୬/୧୯ରେ ଏକ ମାମଲା ରୁଜୁ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଏସ୍‌ଡିପିଓ କହିଛନ୍ତି।

ପୋଲିସ କହିଛି, କଜବି ବ୍ୟବସାୟିକ ଭିଜାରେ ୨୦୧୮ ଅକ୍ଟୋବର ୨୩ରେ ଭାରତ ଆସିଥିଲେ। ଏହାପରେ ସେ ଶିଶୁଭବନ ଡାକ୍ତର ମୁର୍ମୁଙ୍କ ସହ ଇଣ୍ଟରନେଟ୍ ଓ ଫୋନରେ ସମ୍ପର୍କ ବଢ଼ାଇଥିଲେ। ଡାକ୍ତର ମୁର୍ମୁ ତଳତେଲଙ୍ଗା ବଜାରରେ ଏକ କ୍ଲିନିକ ପାଇଁ ଯନ୍ତ୍ରପାତି କିଣିବାକୁ ଚାହୁଁଥିଲେ। ବାହାରେ ଉକ୍ତ ଯନ୍ତ୍ରାଂଶର ମୂଲ୍ୟ ୨୫ରୁ ୩୦ ଲକ୍ଷ ହୋଇଥିବା ବେଳେ କଜବି ତାଙ୍କୁ ୨୦ ଲକ୍ଷ ଟଙ୍କାରେ କିଣାଇ ଦେବା ସହ ବର୍ଷକ ପାଇଁ ରକ୍ଷଣାବେକ୍ଷଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଡାକ୍ତର ମୁର୍ମୁ କଜବିଙ୍କୁ କଟକରେ ଭେଟିବା ସହ ୫ ଲକ୍ଷ ଟଙ୍କା ଆଡଭାନ୍ସ ଦେଇଥିଲେ। କିଛିଦିନ ପରେ କଜବି ଡାକ୍ତରଙ୍କୁ ଫୋନ କରି ବାକି ଟଙ୍କା ମାଗିବାରୁ ଗତ ୨୯ ତାରିଖରେ କଟକ ଆସିବା ପାଇଁ ଡାକ୍ତର କହିଥିଲେ। ପାଖରେ ଏତେ ଟଙ୍କା ନ ଥିବାରୁ ବୌଦ୍ଧ ଯାଇ ଟଙ୍କା ଆଣିବା ପାଇଁ ଡାକ୍ତର ପ୍ରସ୍ତାବ ଦେଇଥିଲେ। ଏଥିରେ ସେ ରାଜି ହେବା ସହ ଡାକ୍ତରଙ୍କ ସହ ବୌଦ୍ଧରେ ଥିବା ସମ୍ପର୍କୀୟଙ୍କ ପାଖକୁ ଯାଇଥିଲେ। ସେଠାରେ ୧୩ ଲକ୍ଷ ୫୦ ହଜାର ଟଙ୍କା ପାଇବା ପରେ କଜବି ଟିକେ ଆସୁଛି କହି ଚମ୍ପଟ ମାରିଥିଲେ। ଡାକ୍ତର ଓ ତାଙ୍କ ସମ୍ପର୍କୀୟ ସେଠାରେ ଖୋଜା ଖୋଜି କରିବା ପରେ ପାଇ ନ ଥିଲେ। ଅଟୋରେ ଜଣେ ବିଦେଶୀ ଷ୍ଟେଶନ ଯାଉଥିବା ଖବର ପାଇ ଡାକ୍ତର ମୁର୍ମୁ ଓ ସମ୍ପର୍କୀୟ ରେଢ଼ାଖୋଲ ଷ୍ଟେଶନ ଆସି ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ପରେ ଡାକ୍ତର ଏ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ମଧ୍ୟ ସହରରେ କଜବିଙ୍କୁ ଖୋଜା ଖୋଜି କରୁଥିଲା। ତେବେ ସନ୍ଧ୍ୟାରେ ଷ୍ଟେଶନ ନିକଟରେ ବୁଲୁଥିବା ଦେଖି ପୋଲିସ ତାଙ୍କୁ କାବୁ କରିଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି। ପଚରା ଉଚରା ସମୟରେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଡି-୨ ବଗିରେ ସେ ଅନୁଗୋଳରେ ଓହ୍ଲାଇଥିବା କହିଥିଲେ। ଅନୁଗୋଳ ପୋଲିସଠାରୁ ଖବରପାଇ ଠକେଇର ଶିକାର ହୋଇଥିବା ଡାକ୍ତର ମୁର୍ମୁ ପହଞ୍ଚି ଚିହ୍ନଟ କରିବା ପରେ ପୋଲିସ କଜବିଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସମସ୍ତ ଟଙ୍କା ଜବତ କରାଯାଇଛି।

## ରେକ୍‌ଡୋଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ: ଜାମୁଟି କ୍ୱାର୍ଟର ଫାଇନାଲରେ

**ଘଣ୍ଟାପଡା, ୨।୧ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମପଞ୍ଚାୟତ ଅଧୀନ ରେକଡୋଲର କୁପେନଡୁଙ୍ଗୁରୀ ଖେଳ ପଡିଆରେ ମାଁ ଖଜୁରଗୁରେନ୍ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ୧୬ଟି କ୍ରିକେଟ ଦଳ ଭାଗନେବାର କାର୍ଯ୍ୟକ୍ରମ ରହିଛି । ଏହା ୬ ତାରିଖରେ ଉଦ୍‌ଯାପିତ ହେବ । ମ୍ୟାଚ୍‌କୁ ମୁଖ୍ୟଅତିଥି ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ପାତ୍ର ଉଦଘାଟନ କରିଥିଲେ। ସାମାଜିକ କର୍ମୀ ପୁରନ୍ଦର ମହାକୁଡ, ବୁଧୁ ରଣା, ବରୁଣ ଭୋଇ, ଖେତ୍ରୁ ନାଗ, ବସନ୍ତ କଅଁର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ୍ ଲୋଇସିଂ ଓ ନୂଆଁପାଲି ମଧ୍ୟରେ ଖେଳା ଯାଇଥିଲା । ଏଥିରେ ଲୋଇସିଂ ୫୫ ରନରେ ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲା। ସେହିପରି ଅନ୍ୟ ମ୍ୟାଚରେ ଜାମୁଟ ଓ ଆମ୍ବଗାଁ ମଧ୍ୟରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଜାମୁଟ ଦଳ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ ମ୍ୟାଚ ଲୋଇସିଂ ସହିତ ଖେଳିଥିଲା । ୧୦ ଓଭର ବିଶିଷ୍ଟ ଏହି ମ୍ୟାଚରେ ଜାମୁଟ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ଲୋଇସିଂ ଦଳ ୮.୪ ଓଭରରେ ସମସ୍ତ ଉଇକେଟ ହରାଇ ୪୪ ରନ କରି ପରାସ୍ତ ହୋଇଥିଲା। ରାହାସ ବିଭାର, ଯଦୁମଣି ନାଗ ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ବିଭାର ଧାରା ବିବରଣୀ ଓ ଦୁର୍ମନ ବିଭାଗ ଓ ମହେନ୍ଦ୍ର କୁଅଁର ସ୍କୋରର ଥିଲେ ।

## ଉଲୁଣ୍ଡା ଧନୁଯାତ୍ରାର ଦଶମ ଦିନ

**ଉଲୁଣ୍ଡା,୨।୧(ଡି.ଏନ.ଏ.)**



କଂସ ଦରବାରରେ ଉପସ୍ଥିତ ଅତିଥି।

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଦ୍ୱାଦଶତମ ବିରାଟ ଧନୁଯାତ୍ରା ଅବସରରେ ବୁଧବାର ଦଶମ ରାତିରେ ନାଟ୍ୟାଭିନୟ ଆନନ୍ଦ ଓ ଶୋକ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ପୌରାଣିକ କଥାବସ୍ତୁରୁ ଆସନ୍ନ ମୃତ୍ୟୁକୁ ଭୟ କରୁଥିବା ତ୍ରିପୁର ବିଜୟୀ କଂସ ନାରଦମୁନିଙ୍କ ପରାମର୍ଶରେ ଧନୁଯଜ୍ଞ ପାଇଁ ବ୍ୟାପକ ବ୍ୟବସ୍ଥା କରିବା ସହ କୃଷ୍ଣ, ବଳରାମଙ୍କୁ ଆଣିବା ପାଇଁ ମନ୍ତ୍ରୀ ଅକ୍ରୁରଙ୍କୁ ଗୋପପୁର ପ୍ରେରଣ, ଅକ୍ରୁର ଗୋପପୁର ଗମନ ବେଳେ କୃଷ୍ଣଙ୍କ ପଦଚିହ୍ନ ଦର୍ଶନ, ନନ୍ଦରାଜାଙ୍କୁ କଂସର ଚିଟାଉ ପ୍ରଦାନ ଏବଂ କୃଷ୍ଣ, ବଳରାମଙ୍କୁ ସଙ୍ଗରେ ଧରି ମଥୁରା ପ୍ରତ୍ୟାବର୍ତ୍ତନ ପରିବେଷଣ ବେସ୍ ଜୀବନ୍ତ ହୋଇପାରିଥିଲା। ଅନୁଷ୍ଠାନର ସଭାପତି ରଷିକୁମାର ପଟେଲଙ୍କ ସଭାପତିତ୍ୱରେ ଚାଲିଥିବା ଧନୁଯାତ୍ରାର କଂସ ଦରବାରରେ ବୁଧବାର ବଲିଉଡ୍ ଜଗତର ହାସ୍ୟାଭିନେତା ଯୁନିୟର ଜେ.ଜୋନି ଲିବର, ଓଲିଉଡ ଜଗତର ନାୟକ ସୁନିଲ କୁମାର ଏବଂ ନାୟିକା ଅନୁଭା ସୁରିଆ ପ୍ରମୁଖ ଯୋଗଦେଇ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲେ। ସେହିପରି ମଙ୍ଗଳବାର ରାତିରେ ଅନୁଷ୍ଠିତ ରାଜଦରବାରରେ ବିଡିସିସି ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପିସିସି ସଭ୍ୟ ରାଧାକାନ୍ତ ମହାକୁର ପ୍ରମୁଖ ରାଜକୀୟ ଅତିଥି ଭାବରେ ଯୋଗଦେଇଥିଲେ।

ପଏଁରୀ ତିହାରର ଦ୍ୱିତୀୟ ସନ୍ଧ୍ୟା

## ପାରମ୍ପରିକ ନୃତ୍ୟଗୀତରେ ଦୁଲୁକିଲା ମଞ୍ଚ

**ସୋନପୁର,୨।୧(ନି.ପ୍ର)**






ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି ବୃନ୍ଦ(ବାମ) । ବରଗଡ କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ପଞ୍ଚରସୀ ନୃତ୍ୟ ପରିବେଷଣ କରୁଛନ୍ତି ।

ପଶ୍ଚିମ ଓଡିଶାର ପାରମ୍ପରିକ ଲୋକନୃତ୍ୟ ଓ ଗୀତର ତାଳେ ତାଳେ ବୁଧବାର ପଏଁରୀ ତିହାର ଦ୍ୱିତୀୟ ସନ୍ଧ୍ୟାର ମଞ୍ଚ ଦୁଲୁକି ଉଠିଛି । ଢୋଲ, ନିଶାନ୍ ଓ ବଂଶୀ ସ୍ୱରର ତାଳେ ତାଳେ ସୋନପୁର ଭୀମଭୋଇ କଳାମଣ୍ଡପରେ କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ଓ ଗୀତ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମୁଗ୍ଧ କରିଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକମାନେ ପଞ୍ଚରସୀ, ଡାଲଖାଇ, ଜାଇଫୁଲ ଓ ଢାପ୍ ଭଳି ନୃତ୍ୟରେ ଝୁମିଥିଲେ । ଜାତୀୟସ୍ତରର ଏହି ସାଂସ୍କୃତିକ ସଭାରେ ପଏଁରୀର ସଭାପତି ଲଡୁକିଶୋର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ନଗର ଉନ୍ନୟନ ଓ ଜଳସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଶ୍ଚିମ ଓଡିଶା ବିଶେଷ କରି ସୁବର୍ଣ୍ଣପୁରର ଲୋକକଳା, ସଂସ୍କୃତି ଓ ଲୋକବାଦ୍ୟ ମହାନ ବୋଲି କହିଥିଲେ। ଲୁପ୍ତ ପାଇବାକୁ ବସିଥିବା ଏହି କଳାକୁ ବଞ୍ଚାଇ ରଖିବାକୁ ପଏଁରୀର ପ୍ରୟାସକୁ ସେ ପ୍ରଶଂସା କରିଥିଲେ । ଖବରଦାତା ମନୋରଞ୍ଜନ ଯୋଶୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକ ସଂସ୍କୃତି ଲୋକକଳା ଅଞ୍ଚଳର ପ୍ରଗତି ସହିତ ଜଡିତ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ପଦ୍ମନାଭ ପଧାନ, ସେଣ୍ଟ ଆନିସ୍ କନଭେଣ୍ଟ ସ୍କୁଲର ଅଧ୍ୟକ୍ଷ ସିଷ୍ଟର ଜିନ ଯୋଶେପ, ଡାକ୍ତର ଆଭାସ ବାବୁ, ପଏଁରୀର ଉପଦେଷ୍ଟା ଅଭିମନ୍ୟୁ କୁଶଳ ଓ ଶ୍ରୀବତ୍ସ ମଲ୍ଲିକ ପ୍ରମୁଖ ଯୋଗଦେଇ ସଂସ୍କୃତି ବଞ୍ଚିବାର ସ୍ପନ୍ଦନ । ଭାଷା, ସଂସ୍କୃତି ଓ କଳାର ସଂରକ୍ଷଣ ଏବଂ ପ୍ରସାର ପାଇଁ ୧୯ବର୍ଷ ଧରି ପଏଁରୀର ଉଦ୍ୟମକୁ ଅତିଥି ବୃନ୍ଦ ପ୍ରଶଂସା କରିଥିଲେ। ସମ୍ପାଦକ ଚୌଧୁରୀ ବିଭାର ଓ ସୁଶାନ୍ତ ସାହୁ ସଭା ସଂଯୋଜନା କରିଥିଲେ । ବାସୁଦେବପୁରର ଗୁରୁ ଗୋକୁଳ ମାଝି ଓ ସାଥିଙ୍କ ଧୁପ ଖେଳ, ପଏଁରୀର ଜାଇଫୁଲ, ବରଗଡ କଳାଜୀବୀ ସାଂସ୍କୃତିକ ଅନୁଷ୍ଠାନ ପଞ୍ଚରସୀ, ଟିଟିଲାଗଡ ଜୁରବେଣୀ କଳା ପରିଷଦର ଢାପ, କଟକ କଳା ପରିଷଦ କେନ୍ଦ୍ରର ଦେଶୀ ମାଦଳ ଓ ମଧ୍ୟପ୍ରଦେଶ ଦର୍ଶନ ଲୋକ କଳା ସଂସ୍ଥାନର ଲୋକନୃତ୍ୟ ପରିବେଷଣ ହୋଇଥିଲା ।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ବିଦ୍ୟୁତ୍ ସଂଯୋଗ ପାଇଁ ଉପଜିଲାପାଳଙ୍କୁ ଭେଟିଲେ ଡମ୍‌ପଡାବାସୀ

ରେଢ଼ାଖୋଲ,୨।୧(ଡି.ଏନ.ଏ.)- ରେଢ଼ାଖୋଲ ଏନ୍ଏସି ୧୧ ନଂ ୱାର୍ଡର କୁରୁମକିରା ନିକଟରେ ଥିବା ଡମପଡାକୁ ବିଦ୍ୟୁତ ସଂଯୋଗ କରାଯିବାକୁ ପଡାବସୀ ଦାବି କରିଛନ୍ତି। ପଡାର ଫଗୁ ବେହେରା, ମୋହନ ବେହେରା, କପିଳ ବେହେରା, ଖିର ବେହେରା, ତପ ବେହେରାଙ୍କ ସମେତ ପଡାବାସୀ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ବୁଧବାର ତାଙ୍କ ସରକାରୀ ବାସଭବନରେ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୧୨ଟି ପରିବାର ୭ ବର୍ଷ ହେବ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଗାଁ ଓ ପଡାକୁ ମାଗଣାରେ ବିଦ୍ୟୁତ ସଂଯୋଗ କରୁଥିବା କହୁଥିଲେ ମଧ ଏନ୍ଏସିରେ ଥାଇ ମଧ ସେମାନେ ବିଦ୍ୟୁତ୍‌ରୁ ବଞ୍ଚିତ। ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଉଥିଲେ ମଧ ବିଦ୍ୟୁତ ସଂଯୋଗ ପାଇଁ କୌଣସି ପଦକ୍ଷେପ ନିଆଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି।

# ଅନକାମରା ଗାଁରେ ହାତୀ: ଫସଲ ନଷ୍ଟ

ଖପ୍ରାଖୋଲ,୨।୧(ଡି.ଏନ.ଏ.)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ମଟିଆଭଟା ପଞ୍ଚାୟତ ଅନକାମରା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ପଲ ପହଞ୍ଚି ବ୍ୟାପକ ଫସଲ ନଷ୍ଟ କରିଥିବା ଜଣାଯାଇଛି । ଚାଷୀମାନେ ଧାନ କାଟି ଖଳାରେ ଜମା କରିଥିବାବେଳେ ଅନେକ ଅମଳ କରି ବସ୍ତାରେ ଭରି ଖଳାରେ ରଖିଛନ୍ତି। ତେବେ ଅପ୍ରତ୍ୟାସିତ ଭାବେ ହାତୀ ପଲ ରାତିରେ ପହଞ୍ଚିଥିଲେ। ହେଲେ ଖଳାରେ ଚାଷୀମାନେ ନ ଥିବାରୁ ଏକ ପ୍ରକାର ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି । ପ୍ରକାଶ ଯେ, ହାତୀ ପଲ ଦୁଇ ଦିନ ତଳେ ବରଗଡ ଜିଲା ପଦମପୁର ଉପଖଣ୍ଡ ଦହିଗାଁ ଧାନ ମଣ୍ଡିରେ ପଶି ଧାନ ନଷ୍ଟ କରିଥିଲେ। ଏହି ହାତୀ ପଲ ମଙ୍ଗଳବାର ବିଳମ୍ବିତ ରାତିରେ ବରଦାବାହାଲ ଦେଇ ଅନକମରା ଗାଁର ଚାଷୀଙ୍କ ଜମିରେ ପହଞ୍ଚିଥିଲେ । ପରେ କେତେକ ଚାଷୀଙ୍କ ଧାନ ବିଲରେ ଥିବାବେଳେ ତାକୁ ଦଳି ଦେବା ସହ ଖଳାରେ ଥିବା ଅମଳ ଉପ ଯୋଗି ଧାନ ଓ ବସ୍ତାରେ ଥିବା ଧାନକୁ ଖାଇବା ସହ



ହାତୀପଲ ନଷ୍ଟ କରିଦେଇଥିବା ଚାଷ ଜମି।

ପିଙ୍ଗି ଦେଇ ନଷ୍ଟ କରିଥିବା ଜଣାପଡିଛି । ହାତୀ ପଲରେ ୨୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଗ୍ରାମବାସୀ କହୁଥିବାବେଳେ ଶ୍ରମ ବିଭାଗ ୮ ରୁ ୧୦ଟି ହାତୀ ଥିବା ଅନୁମାନ କରୁଛି । ହାତୀ ପଲରେ ଛୋଟ ହାତୀ ଛୁଆ ମଧ ଥିବା ଅନୁମାନ କରାଯାଉଛି । ବୁଧବାର ସକାଳୁ ହାତୀ ପଲ ଧଉଳିବାହାଲ ଦେଇ ଗନ୍ଧମାର୍ଦ୍ଦନ ପାହାଡ ପଟ ବରଗଡ ଜିଲା ଅଞ୍ଚଳକୁ ଚାଲିଯାଇଥିବା ଜଣାଯାଇଛି । ଗାଁରେ ଚାଷୀ ଧାନ ନଷ୍ଟ ପରେ ଅନକାମରା ଗାଁରେ ଭୟର ବାତାବରଣ ଦେଖାଦେଇଛି। ପୂର୍ବରୁ ଗାଁକୁ ହାତୀ ଆସୁ ନ ଥିବାବେଳେ ପ୍ରଥମ କରି ଗାଁକୁ ଆସି ବ୍ୟାପକ ଫସଲ ନଷ୍ଟ ଗାଁ ଲୋକଙ୍କୁ ଭୟ ଦ୍ୱିଗୁଣିତ କରିଛି । ଏ ନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରାଙ୍କୁ ପଚାରିବାରୁ ଅନକାମରା ଗାଁକୁ ହାତୀ ପଲ ଆସିବା ସହ ଧାନ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ବନରକ୍ଷୀ ଡିଲେଶ୍ୱର ହୋତାଙ୍କୁ ପଠାଇ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯାଇଛି। ବର୍ତ୍ତମାନ ହାତୀପଲ ଆମ ହରିଶଙ୍କର ରେଞ୍ଜ ବାହାରେ ପଦମପୁର ରେଞ୍ଜ ଅଞ୍ଚଳରେ ଥିବା ସୂଚନା ମିଳିଛି । ଏ ନେଇ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଥିବା ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ, ଏହି ହାତୀ ପଲ ବରଗଡ ଜିଲା ଗାଇସିଲାଟ ବ୍ଲକ ଓ ବଲାଙ୍ଗିର ଜିଲା ପାଟଣାଗଡ ବ୍ଲକ ସୀମାନ୍ତ ଜଙ୍ଗଲରେ ଦୀର୍ଘ ଦିନ ହେବ ରହିଆସୁଥିଲେ ବି ମଝିରେ ମଝିରେ ଏହି ହାତୀପଲ ବିଭିନ୍ନ ଅଞ୍ଚଳକୁ ଯାଇ ଏଭଳି କ୍ଷୟକ୍ଷତି କରି ଆସୁଛନ୍ତି।

# ଉଦ୍ୟୋଗୀ ତାଲିମ ଶିବିର

ସଇଁତଲା,୨।୧(ଡି.ଏନ୍.ଏ.)

ସଇଁତଲା ବ୍ଲକ ପରିସରରେ ଥିବା ଏମ୍ଏସ୍ଏମ୍ଇ କାର୍ଯ୍ୟାଳୟର ସଭା ଗୃହରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଉଦ୍ୟୋଗୀ ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଏହି ଶିବିର ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ବଲାଙ୍ଗୀର ଜିଲା ଶିଳ୍ପ ବିକାଶର ସାଧାରଣ ପରିଚାଳକ ପ୍ରଭୁ ପ୍ରସାଦ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ପରିଚାଳକ ଶରତ ଜେନା, ଅତିରିକ୍ତ ବିଡିଓ ପ୍ରଦୀପ ପଟ୍ଟନାୟକ, ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ ଯୋଗଦେଇଥିଲେ। ଶିବିରରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ଶିଳ୍ପ ଭିତ୍ତିକ ତାଲିମ ଦେବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି ପରିଚାଳକ ଚୌଧୁରୀ କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ଲୁଲୁମ୍ବ ସିଂ ଧରୁଆ ପରିଚାଳନା କରିଥିବା ବେଳେ ସରପଞ୍ଚ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ୩୦ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି।




ଉଦ୍ୟୋଗୀ ତାଲିମ ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

# ଭାଲେର ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

## କଂସ ଭୂମିକାରେ ଅଭିନୟ କରିବେ ରବୀନ୍ଦ୍ର ସାହୁ

ବଲାଙ୍ଗୀର ଅଫିସ, ୨।୧

ବଲାଙ୍ଗୀର ନିକଟସ୍ଥ ଭାଲେର ଗାଁର ପ୍ରସିଦ୍ଧ ଧନୁଯାତ୍ରା ସକାଶେ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ୯୯ ବର୍ଷରେ ପଦାର୍ପଣ କରିଥିବା ଏହି ଧନୁଯାତ୍ରାକୁ ନେଇ ଗ୍ରାମବାସୀ ଓ ଅଞ୍ଚଳବାସୀ ମଧ୍ୟରେ ଉତ୍ସାହ ଦେଖାଯାଇଛି । ମଙ୍ଗଳବାର ଧନୁଯାତ୍ରା କମିଟି ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ଗ୍ରାମର ସମଲେଶ୍ୱରୀ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଧନୁଯାତ୍ରା ମଣ୍ଡପରେ ବିଧି ଅନୁଯାୟୀ ପୂଜା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ । ପୂଜକ ହିମାଂଶୁ ଶେଖର ପୂଜା ପରିଚାଳନା କରିଥିବାବେଳେ ଧନୁଯାତ୍ରା କମିଟି ସଭାପତି ବ୍ରହ୍ମାନନ୍ଦ ନାଏକ କର୍ତ୍ତା ଭାବେ ପୂଜା କାର୍ଯ୍ୟ କରିଥିଲେ। ଆସନ୍ତା ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଭାଲେର ଧନୁଯାତ୍ରା ଅନୁଷ୍ଠିତ ହେବ ଓ ଚଳିତ ବର୍ଷ କଂସ ଭୂମିକାରେ ପ୍ରଖ୍ୟାତ୍ ଅଭିନେତା ରବୀନ୍ଦ୍ର ସାହୁ ଅଭିନୟ କରିବେ ବୋଲି ପୂଜା କମିଟି ସୂଚନା ଦେଇଛନ୍ତି ।

# ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ନବବର୍ଷ ପାଳନ

ବଲାଙ୍ଗୀର ଅଫିସ, ୨।୧

ନବବର୍ଷ ଅବସରରେ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ମଙ୍ଗଳବାର ସନ୍ଧ୍ୟାରେ ନବବର୍ଷ ପାଳନ ସକାଶେ ଏକ ଭବ୍ୟ ସମାବେଶ ଆୟୋଜନ କରାଯାଇଥିଲା। ସମାବେଶରେ ଯୋଗଦେଇ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଖ୍ରୀଷ୍ଟିୟ ଭଉଣୀଭାଇଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ବଲାଙ୍ଗୀରର ସର୍ବାଙ୍ଗୀନ ବିକାଶ କରିବାକୁ ହେଲେ ସମସ୍ତ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ଭିତରେ ଏକତାଭାବ ନିହାତି ଜରୁରୀ ବୋଲି କହିଥିଲେ । ସମ୍ବିଧାନ ଆମ ଦେଶକୁ ଏକ ଧର୍ମନିରପକ୍ଷେ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛି ଓ ଦେଶ ଭିତରେ ରହୁଥିବା ସମସ୍ତ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାରେ ସ୍ୱାଧୀନତା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ଧର୍ମାଞ୍ଚଳର ଧର୍ମଯାଜକ ଆଚାର୍ଯ୍ୟ ପିନୁଏଲ ଦୀପ ସଭାପତିତ୍ୱ କରିଥିଲେ । ସଭାରେ ପାଳକ ଲଳିତ ଦୀପ, ରୁବେନ ଛତ୍ରିଆ, ସେଣ୍ଟ୍ରାଲ ଚର୍ଚ୍ଚ ସମ୍ପାଦକ ପ୍ରଦୀପ ତାଣ୍ଡି, କୋଷାଧକ୍ଷ ଶୈଳେସ ପାଲ ଓ ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ବର୍ଷର ଆବାହନ କରାଯାଇଥିଲା। ନୂଆବର୍ଷ ଯେପରି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଭାପତି ତ୍ରିଲୋଚନ ନନ୍ଦ, ସୁଧୀର କୁମାର ନାଏକ, ସୋନୁ ନାଗ, ବିଦ୍ୟୁତ ନାଗ, ବୁଲୁ ଦାନୀ, ବ୍ରଜ ବିହାରୀ ନାଗ, ହେବଲ ବାଗ, ପ୍ରଫେସର ପ୍ରମୋଦ ବାଗଙ୍କ ସହ ଖ୍ରୀଷ୍ଟୀୟ ଧର୍ମାନୁଷ୍ଠାନର ସହସ୍ରାଧିକ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।




ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ଅନୁଷ୍ଠିତ ନବ ବର୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

# କ୍ରିକେଟର ଦ୍ରୋଣାଚାର୍ଯ୍ୟ




ଦୁଇ ଶିଷ୍ୟ ସଚିନ ତେନ୍ଦୁଲକର ଓ ବିନୋଦ କାମ୍ବଲିଙ୍କ ସହ ଆଚରେକର।

ମୁମ୍ବାଇ, ୨।୧(ପି.ଟି.)

ମାଷ୍ଟରବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ଜଣେ ମହାନ୍ କ୍ରିକେଟର ଭାବେ ଗଢ଼ି ତୋଳିବାରେ ଗୁରୁଦାୟିତ୍ୱ ତୁଲାଇଥିବା କିମ୍ବଦନ୍ତୀ କ୍ରିକେଟ୍ କୋଚ୍ ତଥା ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ରମାକାନ୍ତ ଆଚରେକରଙ୍କ ବିୟୋଗ ଘଟିଛି। ବାର୍ଦ୍ଧକ୍ୟଜନିତ କାରଣ ଯୋଗୁ ବୁଧବାର ସନ୍ଧ୍ୟାରେ ମୁମ୍ବାଇରେ ୮୭ ବର୍ଷ ବୟସରେ ଆଚରେକର ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ତାଙ୍କ ପରିବାର ସଦସ୍ୟ ରଶ୍ମି ଡଲ୍‌ଭି କହିଛନ୍ତି। ସଚିନଙ୍କ ପିଲାଦିନର କୋଚ୍ ଭାବେ ସାରା ବିଶ୍ୱରେ ଖ୍ୟାତି ଅର୍ଜନ କରିଥିବା ଆଚରେକର ଭାରତୀୟ କ୍ରିକେଟକୁ ଅତୁଳନୀୟ ଅବଦାନ ଲାଗି ୧୯୯୦ରେ ସମ୍ମାନଜନକ ଦ୍ରୋଣାଚାର୍ଯ୍ୟ ପୁରସ୍କାର ମଧ ଜିତିଛନ୍ତି। ସେହିଭଳି ୨୦୧୦ରେ ସେ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର ‘ପଦ୍ମଶ୍ରୀ’ ହାସଲ କରିଥିଲେ। ସଚିନ୍‌ଙ୍କ ବ୍ୟତୀତ ଆଚରେକର ଜଣାଶୁଣା କ୍ରିକେଟର ବିନୋଦ କାମ୍ବଲୀ, ପ୍ରବୀଣ ଆମ୍ରେ, ସମୀର ଦିଘେ, ଅଜିତ୍ ଅଗରକର, ସଞ୍ଜୟ ବାଙ୍ଗର, ରମେଶ ପାଓ୍ୱାର ଓ ବଲବିନ୍ଦର ସିଂ ସାନ୍ଧୁଙ୍କ ମଧ କୋଚ୍ ରହିଥିଲେ।

୧୯୩୨ରେ ଜନ୍ମଗ୍ରହଣ କରିଥିବା ଆଚରେକର ମୁମ୍ବାଇ ଦାଦରସ୍ଥିତ ଶିବାଜୀ ପାର୍କ କମଥ ମେମୋରିଆଲ କ୍ରିକେଟ କ୍ଲବରେ ଯୁବ କ୍ରିକେଟରଙ୍କୁ କୋଚିଂ ପ୍ରଦାନ କରିଥାନ୍ତି। ସେ କୋଚିଂ ପ୍ରଦାନ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ସଚିନ କ୍ରିକେଟ ଇତିହାସରେ ଜଣେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନଭାବେ ପରିଚୟ ସୃଷ୍ଟି କରିପାରିଥିଲେ। ସଚିନଙ୍କ ପିଲାଦିନର କ୍ୟାରିୟରକୁ ଗଢ଼ି ତୋଳିବାରେ ଆଚରେକର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ୧୯୮୯ରେ ପଦାର୍ପଣ କରିଥିବା ସଚିନ ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୧୦୦ ଶତକ, ଦିନିକିଆରେ ପ୍ରଥମ ଦ୍ୱିଶତକ ହାସଲ କରିଥିଲେ। ସେହିଭଳି ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ସଚିନ ୨୦୦ ଟେଷ୍ଟ ମ୍ୟାଚ୍ ଖେଳିବାର ବିରଳ କୃତିତ୍ୱ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ୍ (୩୪, ୩୫୭) ସଂଗ୍ରହ କରିଥିବା ସଚିନ କ୍ରିକେଟରେ ହାସଲ କରିଥିବା ସମସ୍ତ ସଫଳତାର ଶ୍ରେୟ ଆଚରେକରଙ୍କୁ ପ୍ରଦାନ କରିଛନ୍ତି। ଆଚରେକରଙ୍କୁ ଗୁରୁ ଭାବେ ଅଭିହିତ କରିଥିବା ସଚିନ ପ୍ରତିବର୍ଷ ଗୁରୁଦିବସରେ ତାଙ୍କ ଘରକୁ ଯାଇ ଆଶୀର୍ବାଦ ଗ୍ରହଣ କରିଥାନ୍ତି।



ପୂର୍ବତନ ରାଷ୍ଟ୍ରପତି ପ୍ରତିଭା ପାଟିଲଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

## କ୍ରିକେଟର ଏବିସିଡି ତାଙ୍କଠାରୁ ଶିଖିଥିଲି: ସଚିନ

ମୁମ୍ବାଇ, ୨।୧(ପି.ଟି.)- ମୋ ଜୀବନ ତଥା କ୍ୟାରିୟରରେ ଆର୍ଚେକର ସାର୍‌ଙ୍କ ଅବଦାନ ଅତୁଳନୀୟ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ପିଲାବେଳର କୋଚ୍ ଆର୍ଚେକରଙ୍କ ଦେହାନ୍ତ ପରେ ଭାବପ୍ରବଣ ହୋଇ ସଚିନ ଏହି କଥା କହିଛନ୍ତି। ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟଗତ କାରଣରୁ ଆର୍ଚେକର ୮୭ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି। କ୍ରିକେଟର ଏବିସିଡି ମୁଁ ତାଙ୍କଠାରୁ ହିଁ ଶିକ୍ଷା କରିଥିଲି। ମୋ ଜୀବନ ପ୍ରତି ତାଙ୍କ ଅବଦାନ ଭାଷାରେ ବ୍ୟାଖ୍ୟା କରିହେବ ନାହିଁ। ସେ ତିଆରି କରିଥିବା ଆଧାର ଉପରେ ମୁଁ ଆଜି ଠିଆ ହେବା ସହ ସଫଳତା ହାସଲ କରିଛି।

ଗତମାସ ମୁଁ ତାଙ୍କୁ ଭେଟିଥିଲି। ସାର ଓ କେତେଜଣ ଛାତ୍ରଙ୍କ ସହ ମୁଁ କିଛି ସମୟ ବିତାଇଥିଲି। ପୁରୁଣା କଥା ମନେପକାଇ ଆମେ ବେଶ୍ ହସିବା ସହ ମଜା କରିଥିଲୁ। ସିଧାସଳଖ ଖେଳିବା ସହ ଜୀବନ ବିତାଇବାକୁ ସେ ଶିକ୍ଷା ଦେଇଥିଲେ। ଆମକୁ ତାଙ୍କ ଜୀବନର ଅଂଶବିଶେଷ ବନାଇଥିବାରୁ ତାଙ୍କ ନିକଟରେ ମୁଁ ଚିରକୃତଜ୍ଞ ବୋଲି ସଚିନ କହିଛନ୍ତି। ୱେଲ୍ ପ୍ଲେଡ ସାର୍, ଯେଉଁଠାରେ ରୁହନ୍ତୁ ପଛେ ଆପଣ ଏମିତି ପ୍ରଶିକ୍ଷଣ ଦିଅନ୍ତୁ ବୋଲି ସଚିନ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ କହିଛନ୍ତି।



ସଚିନଙ୍କୁ ବ୍ୟାଟିଂ ଟିପ୍ସ ପ୍ରଦାନ କରିବା ଅବସରରେ ଆଚରେକର।

## ଆଚରେକରଙ୍କ ସହ ସଚିନଙ୍କୁ ଭାଇ ଅଜିତ୍ ପରିଚିତ କରିଥିଲେ

ସ୍କୁଲ ସମୟରେ ସଚିନଙ୍କୁ ରମାକାନ୍ତ ଆଚରେକରଙ୍କ ସହ ତାଙ୍କ ଭାଇ ଅଜିତ୍ ତେନ୍ଦୁଲକର ପରିଚିତ କରାଇଥିଲେ। ସଚିନଙ୍କ ଟ୍ୟାଲେଣ୍ଟକୁ ଚିହ୍ନିପାରି ଆଚରେକର ନ୍ୟୁ ଇଂଲିଶ ସ୍କୁଲରୁ ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲକୁ ପରିବର୍ତ୍ତନ ପାଇଁ ସଚିନଙ୍କୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ହାଇସ୍କୁଲ କ୍ରିକେଟ ପାଇଁ ବେଶ୍ ପରିଚିତ ଥିଲା। ୧୯୮୮ ହାରିସ ସିଲ୍‌ଡ ଟ୍ରଫିରେ ଏହି ଶ୍ରଦ୍ଧାଶ୍ରମ ବିଦ୍ୟାମନ୍ଦିର ସ୍କୁଲ ତରଫରୁ ପ୍ରତିନିଧିତ୍ୱ କରି ସେଣ୍ଟ ଜାଭିୟର ବିପକ୍ଷରେ ସଚିନ ସାଥୀ ଖେଳାଳି ବିନୋଦ କାମ୍ବଲୀଙ୍କ ସହ ମିଶି ୬୬୪ ରନ୍‌ର ବିଶ୍ୱରେକର୍ଡ ପାର୍ଟନରଶିପ୍ କରିଥିଲେ। ଏହାର ଗୋଟିଏ ବର୍ଷ ପରେ ସଚିନ ଭାରତ ପକ୍ଷରୁ ପାକିସ୍ତାନ ବିପକ୍ଷରେ କରାଚୀ ଟେଷ୍ଟରେ ପଦାର୍ପଣ କରିଥିଲେ। ଆଚରେକର ନିଜ ସ୍କୁଟରରେ ସଚିନଙ୍କୁ ବସାଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ମ୍ୟାଚ୍ ଖେଳିବାକୁ ସାଥିରେ ନେଇ ଯାଉଥିଲେ। ସଚିନଙ୍କ ଉପରେ ଆଧାରିତ ଚଳଚ୍ଚିତ୍ର ‘ସଚିନ: ଏ ବିଲିୟନ ଡ୍ରିମ୍ସ’ରେ ଗୁରୁ ଆଚରେକରଙ୍କ ଭୂମିକାକୁ ମଧ ଦର୍ଶାଯାଇଛି।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ବିଦ୍ୟୁତ୍ ସଂଯୋଗ ପାଇଁ ଉପଜିଲାପାଳଙ୍କୁ ଭେଟିଲେ ଡମ୍‌ପଡାବାସୀ

**ରେଢ଼ାଖୋଲ,୨।୧(ଡି.ଏନ.ଏ.)**- ରେଢ଼ାଖୋଲ ଏନଏସି ୧୧ ନଂ ୱାର୍ଡର କୁରୁମଟିକିରା ନିକଟରେ ଥିବା ଡମପଡାକୁ ବିଦ୍ୟୁତ ସଂଯୋଗ କରାଯିବାକୁ ପଡାବସୀ ଦାବି କରିଛନ୍ତି। ପଡାର ଫଗୁ ବେହେରା, ମୋହନ ବେହେରା, କପିଳ ବେହେରା, ଖିର ବେହେରା, ତପ ବେହେରାଙ୍କ ସମେତ ପଡାବାସୀ ଉପଜିଲାପାଳ ବିଶିକେଶନ ଦେହୁରୀଙ୍କୁ ବୁଧବାର ତାଙ୍କ ସରକାରୀ ବାସଭବନରେ ଭେଟି ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏମାନେ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୧୨ଟି ପରିବାର ୭ ବର୍ଷ ହେବ ସ୍ଥାୟୀ ଭାବେ ବସବାସ କରୁଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଗାଁ ଓ ପଡାକୁ ମାଗଣାରେ ବିଦ୍ୟୁତ ସଂଯୋଗ କରୁଥିବା କହୁଥିଲେ ମଧ ଏନଏସିରେ ଥାଇ ମଧ ସେମାନେ ବିଦ୍ୟୁତ୍‌ରୁ ବଞ୍ଚିତ। ବାରମ୍ବାର ବିଦ୍ୟୁତ ବିଭାଗକୁ ଜଣାଉଥିଲେ ମଧ ବିଦ୍ୟୁତ ସଂଯୋଗ ପାଇଁ କୌଣସି ପଦକ୍ଷେପ ନିଆଯାଉନି ବୋଲି ସେମାନେ ଅଭିଯୋଗ କରିଛନ୍ତି।







ଧନୁଯାତ୍ରା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ ମଞ୍ଚାସୀନ। ଶୋଭାଯାତ୍ରାରେ ପରିକ୍ରମା କରୁଛନ୍ତି କଂସ ମହାରାଜ।

### କୋଶଲୀ ଧନୁଯାତ୍ରା ଉଦ୍‌ଘାଟିତ

# ଦେବୀ ପୂଜା କରି ମଥୁରା ବିଜେ କଲେ କଂସ ମହାରାଜ

**ନୂଆପଡା ଅଫିସ,୨।୧**

ନୂଆପଡାର ବହୁ ପ୍ରତୀକ୍ଷିତ କୋଶଲୀ ଧନୁଯାତ୍ରା ବୁଧବାର ବହୁ ଆଡମ୍ବରରେ ଉଦ୍‌ଘାଟିତ ହୋଇଯାଇଛି। ସନ୍ଧ୍ୟାରେ ଆରମ୍ଭହୋଇଥିବା କାର୍ଯ୍ୟକ୍ରମରେ ମହରାଜ କଂସାସୁର ଦେବୀ ମା' ବସ୍ତ୍ରାୟଣୀଙ୍କୁ ପୂଜା କରି ସିର୍ଡୋଲ ପରିଭ୍ରମଣ କରିବା ପରେ ଶୋଭାଯାତ୍ରାରେ ବୁଲି ମଥୁରାକୁ ବିଜେ କରିଥିଲେ। ମଥୁରା ଦରବାରରେ ଧନୁଯାତ୍ରା କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ ହୋଇଥିଲା।

ବୁଧବାର ସନ୍ଧ୍ୟାରେ କଂସାସୁରଙ୍କ ସହ ପୂଜା କମିଟି କର୍ମକର୍ତ୍ତା ନୂଆପଡାର ସିର୍ଡୋଲ ବସ୍ତିରେ ଠୁଳ ହୋଇଥିଲେ। ସେଠିକାର ମା' ବସ୍ତ୍ରାୟଣୀ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ମହାରାଜ କଂସ ବସ୍ତି ପରିକ୍ରମା କରିଥିଲେ। ପରେ ହାତୀରେ ବସି ଏକ ବିଶାଳ ଶୋଭାଯାତ୍ରାରେ ବାହାରି ମଥୁରା ଅଭିମୁଖେ ବାହାରିଥିଲେ। ସାଙ୍ଗରେ ତାଙ୍କର ମନ୍ତ୍ରୀପାରିଷଦ । ଢୋଲମହୁରୀ, ବାଜା ରୋଷଣୀ ସହ ଆତସବାଜୀରେ ସାରା ସହର ପ୍ରକମ୍ପିତ ହେଉଥିଲା। ଏଥିରେ ସ୍ଥାନୀୟ ଗନିୟାରୀର ଶ୍ରୀକୃଷ୍ଣ ଡ୍ୟାନସ ଗ୍ରୁପ, ସଲଙ୍ଗିପଡାର ସଂକୀର୍ତ୍ତନ୍ୟ ଦଳ ଆଦି ସାମିଲ ଥିଲେ। ଯାତ୍ରା କମିଟି ସଭାପତି ପ୍ରସନ୍ନ କୁମାର ପାଢୀ, ସମ୍ପାଦକ ଟିଟୁ ପଣ୍ଡାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ସାମିଲ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ପଣ୍ଡା, ସୁରଜିତ ସୁଂ ମହାରଥା, ଯାଜ୍ଞସେନୀ ମହାପାତ୍ର, ହେମନ୍ତ ଦଣ୍ଡସେନା, ସଞ୍ଜୟ କୁମାର ପାଢୀ, ଲୋକନାଥ ରଥ ପ୍ରମୁଖ ସାମିଲ ଥିଲେ। ରାତିରେ ଯାତ୍ରା କମିଟି ସଭାପତି ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଅତିରିକ୍ତ ଜିଲାପାଳ ସୀତାରାମ ପଟେଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟୁ ପଣ୍ଡା ଯୋଗଦେଇଥିଲେ। ବରିଷ୍ଠ ନାଗରିକ ସଂଘ ତରଫରୁ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ଭାଗିରଥୀ ପାଢୀ, ରାମେଶ୍ୱର ମୁଣ୍ଡା, ଲୋକନାଥ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଦିନର ସାଂସ୍କୃତିକ କାର୍ଯ୍ୟକ୍ରମରେ ଧନୁଯାତ୍ରା କ୍ରମରେ ମହାରାଜ ଉଗ୍ରସେନଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାବେଳେ ମୀନା ବଜାର, ବିଭିନ୍ନ ବଜାର ଦର୍ଶକଙ୍କ ମନମୋହିଥିଲା। ତେବେ କାର୍ଯ୍ୟକ୍ରମରେ କଂସ ଭୂମିକାରେ ଅଭିନୟ କରିଥିବା ମଧୁସୂଦନ ପାଣିଗ୍ରାହୀ କୋଶଲୀ ଧନୁଯାତ୍ରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ଏହା କୋଶଲୀ ଆନ୍ଦୋଳନ ବୋଲି କହିଥିଲେ। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

### ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

**ସମ୍ବଲପୁର, ୨।୧ (ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଖବରଦାତା ନୃସିଂହ ଗୁରୁଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି । ବୁଧବାର ଅପରାହ୍ନରେ ସମ୍ବଲପୁର ସହର ଉପକଣ୍ଠ ମନ୍ଦଲିଆ ମହାଣସ୍ଥିତ ନୃସିଂହଗୁରୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସମ୍ବଲପୁର ଏମ୍‌ପି ନଗେନ୍ଦ୍ର କୁମାର ପ୍ରଧାନ, ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ପ୍ରଫେସର ଶଙ୍କର ପ୍ରସାଦ ପତି, ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର, ଖବରଦାତା ହେମନ୍ତ କୁମାର ମହାପାତ୍ର, ଲାଲା ଲଜପତ ରାୟ ଆଇନ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା, ସଂସ୍କୃତି ଗବେଷକ ଡ. ଶ୍ୟାମ ସୁନ୍ଦର ଧର, ଆଇନଜୀବି ଦିନଦୟାଲ ଅଗ୍ରୱାଲ ଓ ଗୋବିନ୍ଦ ନାରାୟଣ ଅଗ୍ରୱାଲ, ଅବସରପ୍ରାପ୍ତ ଡେପୁଟି ଲେବର କମିଶନର ବିଜୟ କୁମାର ମହାପାତ୍ର, ଚାଷୀନେତା ଶଶୀଭୂଷଣ ତ୍ରିପାଠୀ, ପୂର୍ବତନ କାଉନସିଲର ବିହାରୀଲାଲ ପନସାରୀ, ବିଜେପି ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ସମଲେଶ୍ୱରୀ କଲେଜ ଅଧ୍ୟକ୍ଷ ସୁମନ୍ତ କୁମାର ପତିଙ୍କ ସମେତ କର୍ମଚାରୀ ଓ ଛାତ୍ରୀଛାତ୍ର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

# ମା'ଙ୍କ ସ୍ୱପ୍ନ ସାକାର କଲେ ପୁଅ

**ବାଲିଶଙ୍କରା, ୨।୧ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଦର ପଞ୍ଚାୟତର ତେଲିଯୋର ଗ୍ରାମରେ ଜଣେ ଯୁବକ ତାଙ୍କ ମା'ଙ୍କ ସ୍ୱପ୍ନ ସାକାର କରିପାରିଛନ୍ତି। ତାଙ୍କ ମା'ଙ୍କ ସ୍ୱପ୍ନ ଥିଲା ଉନ୍ନତ ପନିପରିବା ଚାଷ କରିବା। ପୁଅ ଶିକ୍ଷକ ଚାକିରି କରି ମଧ୍ୟ ସଫଳ ପନିପରିବା ଚାଷୀ ହୋଇପାରିଛନ୍ତି। ଯାହାକୁ ଦେଖି ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ୩୧ ତାରିଖରେ ଜିଲାପାଳ ତେଲିଯୋର ଗସ୍ତ କରି ସିମିଲା ମିର୍ଚ୍ଚ, ପନିପରିବା, ଆମ୍ବ, ମାଛ ଚାଷ କରିଥିବା ତେଲିଯୋର ଗ୍ରାମର ହରିପ୍ରିୟା ନାଏକ ଓ ତାଙ୍କ ପୁଅ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କୁ ସାକ୍ଷାତ କରିଥିଲେ। ସଫଳ

**ତେଲିଯୋର**
- ଶିକ୍ଷକ କାର୍ଯ୍ୟ ସହ ସଫଳ ପନିପରିବା ଚାଷୀ
- ଜିଲାପାଳ ଉନ୍ନତ ଚାଷ ଦେଖି କଲେ ପ୍ରଶଂସା

ଚାଷୀ ଭାବେ ପ୍ରଶଂସା କରିଛନ୍ତି। ଗତ ୨୦୧୫-୧୬ ମସିହାରୁ ସିମିଲା ମିର୍ଚ୍ଚ ୧ ଏକର, ୨୫୦ କଲମୀ ଆମ୍ବ, ମାଛ ଚାଷ କରି ବର୍ଷକରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଆୟକରି ସେ ଲାଭବାନ ହେଉଛନ୍ତି। ଶିକ୍ଷକ କାର୍ଯ୍ୟ ତୁଲାଇ ଅତ୍ୟନ୍ତ କଠିନ ପରିଶ୍ରମ, ଧୈର୍ଯ୍ୟ ଧରି ଆଜି ସେ ସଫଳ ପନିପରିବା ଚାଷୀ ଭାବେ ଉଦାହରଣ ସୃଷ୍ଟି କରିପାରିଛନ୍ତି। ମା' ହରିପ୍ରିୟା ନାଏକ ଅଞ୍ଚଳରେ ସିମିଲା ମିର୍ଚ୍ଚ, ଆମ୍ବ ଓ ମାଛର ଅଭାବ ହେତୁ ନିଜ ଖର୍ଚ୍ଚରେ ପ୍ରଥମେ ଏହା ଆରମ୍ଭ କରିଥିଲେ। ଅଭାବ ଅନାଟନ ଭିତରେ ଜର୍ଜରିତ ହୋଇ ପୁଅ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କୁ ଏହା କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିରେ ପ୍ରମୋଦ ନିଜ ମା'ଙ୍କ ସ୍ୱପ୍ନସାକାର କରିବା ପାଇଁ ଅଣ୍ଟା ଭିଡିଲେ ଓ ଶେଷରେ ସଫଳ ହେଲେ। ସୁନ୍ଦରଗଡ ଜିଲାପାଳ ଚାଷୀଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସେ ଉଦ୍ୟାନ ବିଭାଗ ଓ କୃଷି ବିଭାଗର ଅଧିକାରୀମାନଙ୍କୁ ଏହି ସଫଳ ଚାଷୀଙ୍କୁ ତୁରନ୍ତ ସରକାରୀ ପ୍ରୋତ୍ସାହନ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତରେ ଉଦ୍ୟାନ ବିଭାଗର ସହକାରୀ ଅଧିକାରୀ ଗୀତିକ୍ରିଷ୍ଣା ନାଏକ, ଉପସହକାରୀ ଅଧିକାରୀ ହରେକ୍ରିଷ୍ଣା ନାଏକ ଓ ଗ୍ରାମ୍ୟ ରୋଜଗାର ସେବକ ସାମସନ୍ ଏକ୍କା ଉପସ୍ଥିତ ଥିଲେ।



ଜିଲାପାଳ ଓ ଉଦ୍ୟାନ ବିଭାଗର ଅଧିକାରୀ ଚାଷ ଦେଖୁଛନ୍ତି।

# ମିସ୍‌କଲରୁ ପ୍ରେମ: ଶେଷରେ ହତ୍ୟା

**ନୂଆଗାଁ, ୨।୧ (ଡି.ଏନ.ଏ)**

- ମହିଳାଙ୍କୁ ତଣ୍ଟିକାଟି ହତ୍ୟା ଘଟଣାରେ ୩ ଯୁବକ ଗିରଫ
- ବିବାହ ଲାଗି ବାଧ କରିବାରୁ ଘଟିଥିଲା ହତ୍ୟାକାଣ୍ଡ
- ଫୋନକଲ ଯାଞ୍ଚ କରିବାରୁ ଘଟଣାର ପର୍ଦ୍ଦାଫାଶ
- ସ୍କୁଟି, ମୋବାଇଲ ଫୋନ ଜବତ କଲା ପୋଲିସ





ମହିଳାଙ୍କ ହତ୍ୟା ଘଟଣାରେ ଗିରଫ ୩ ଯୁବକ।

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଚୁଆଁବାହାଲ ଗ୍ରାମର ଜନୈକା ୩୩ବର୍ଷ ବୟସ୍କା ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ମହିଳାଙ୍କ ସହିତ ମୋବାଇଲ ଫୋନ ମିସ୍‌କଲରୁ ହୋଇଥିଲା ପ୍ରେମ। ବିବାହ ଲାଗି ବାଧ୍ୟ କରିବାରୁ ଶେଷରେ ଘଟିଥିଲା ହତ୍ୟାକାଣ୍ଡ। ବୁଧବାର ଏହି ଘଟଣାରେ ହାତୀବାରି ଥାନା ପୋଲିସ ୩ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ମୃତ ମହିଳାଙ୍କ ମୋବାଇଲ ଫୋନ, ଯୁବକମାନେ ବ୍ୟବହାର କରିଥିବା ଏକ ସ୍କୁଟିକୁ ଜବତ କରିଛି। ମୋବାଇଲ ଫୋନ କଲ ଯାଞ୍ଚ କରି ପୋଲିସ ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଯୁବକମାନେ ହେଲେ ତଳସେରା ଦେଓବାହାଲ ଅଞ୍ଚଳର ଜ୍ୟୋତି ଟେଟେ (୨୫), ଦେଓବାହାଲ ଜିତିଆପଡାର ରାହୁଲ କୁଲୁ (୨୪) ଓ ବୀରମିତ୍ରପୁର ବାରଟାପୁଟୁ ଗ୍ରାମର ସୁନୀଲ ତିର୍କୀ(୨୩)।

ଚୁଆଁବାହାଲ ଗ୍ରାମର ଉକ୍ତ ମହିଳା ୮ବର୍ଷ ପୂର୍ବେ ସବ୍‌ଡେଗା ବ୍ଲକ ଦେଓଗାଁରେ ପ୍ରେମ ବିବାହ କରିଥିଲେ। କୌଣସି କାରଣବଶତଃ ସେ ୨ ରୁ ୩ ବର୍ଷ ହେବ ନିଜ ବାପଘର ଚୁଆଁବାହାଲକୁ ଆସି ରହୁଥିଲେ। ଏହା ଭିତରେ ତଳସେରା ଦେଓବାହାଲ ଅଞ୍ଚଳର ଜ୍ୟୋତି ଟେଟେଙ୍କ ସହ ମୋବାଇଲ ଫୋନ୍ ମିସକଲ୍ ମାଧ୍ୟମରେ ଜଣାଶୁଣା ହେବା ସହ ତାଙ୍କ ସହ ଧୀରେ ଧୀରେ ପ୍ରେମ ବଢ଼ିଥିଲା। ଜ୍ୟୋତି ଝାରସୁଗୁଡା ଅଞ୍ଚଳରେ ଡ୍ରାଇଭର ଭାବରେ କାମ କରୁଥିବାରୁ ମହିଳା ଜଣଙ୍କ ମଝିରେ ମଝିରେ ସେଠାକୁ ଯାଇ ରହୁଥିଲେ। ମିଳାମିଶାରୁ କୁଆଡେ ମହିଳା ଜଣକ ୩/୪ ମାସ ପୂର୍ବରୁ ଗର୍ଭବତୀ ହୋଇଥିବା ଜ୍ୟୋତିଙ୍କୁ କହିଥିଲେ ଓ ତାଙ୍କୁ ଶୀଘ୍ର ବିବାହ କରିବାକୁ ମଧ ବାଧ୍ୟ କରିଥିଲେ। ଜ୍ୟୋତି ଏହା ଜାଣିବା ପରେ ସେ ମହିଳାଙ୍କ ଅତୀତ କଥା ବିଷୟରେ ଅନୁସନ୍ଧାନ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଜ୍ୟୋତି ଜାଣିବାକୁ ପାଇଲେ ଯେ, ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡି ବାପ ଘରକୁ ଆସି ରହୁଛନ୍ତି। ଏସବୁ ଜାଣିସାରିଲା ପରେ ସେ ମହିଳାଙ୍କୁ ରାସ୍ତାରୁ ହଟାଇବାକୁ ଚିନ୍ତା କଲେ। ସେ ରାହୁଲ ଓ ସୁନୀଲଙ୍କୁ ଏ ବିଷୟରେ କହି ସାହାଯ୍ୟ ମାଗିଥିଲେ। ଡିସେମ୍ବର ୨୬ ସନ୍ଧ୍ୟାରେ ସମ୍ପୃକ୍ତ ୩ ଯୁବକ ଏକ ସ୍କୁଟିରେ ଆସି ଚୁଆଁବାହାଲ ଗ୍ରାମକୁ ଯାଇଥିଲେ। ରାହୁଲ ସ୍କୁଟି ସହ ଅଳ୍ପଦୂରରେ ଛିଡା ହୋଇଥିବାବେଳେ ଜ୍ୟୋତି ଓ ସୁନୀଲ ମହିଳାଙ୍କ ଘରଠାରୁ କିଛି ଦୂରରେ ଠିଆହୋଇ ଫୋନଯୋଗେ ଡାକିଥିଲେ। ମହିଳା ଜଣକ ଆସିବା ପରେ ଜ୍ୟୋତି ଓ ସୁନୀଲ ମାଡି ବସି ତଣ୍ଟିଚିପି ହତ୍ୟା କରିଥିଲେ। ପରେ ସୁନୀଲ ଏକ ବ୍ଲେଡରେ ମହିଳାଙ୍କ ତଣ୍ଟିକୁ କାଟି ପକାଇଥିଲେ। ପରେ ସେ ଘୋଡେଇ ହୋଇଥିବା ଶାଲଟିରେ ଏକ ପଥର ସହ ମହିଳାଙ୍କୁ ବାନ୍ଧି ନିକଟସ୍ଥ କୂଅରେ ଫିଙ୍ଗିଦେଇଥିଲେ। ଘଟଣା ଘଟାଇ ସେମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଘର ଲୋକେ ୨୭ ତାରିଖ ସକାଳେ ତାଙ୍କୁ ଚାରିଆଡେ ଖୋଜିଥିଲେ ହେଁ ପାଇ ନ ଥିଲେ। ସନ୍ଧ୍ୟାରେ ଏକ କୂଅରେ ଚପଲ ଭାସୁଥିବା ଦେଖି ସନ୍ଦେହରେ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ନାଏକଙ୍କୁ ଜଣାଇଥିଲେ। ସନ୍ଧ୍ୟା ହୋଇଯିବାରୁ କୂଅ ଭିତରୁ ଦମକଳ ବାହିନୀ ଉଦ୍ଧାର କରିପାରି ନ ଥିଲେ। ୨୮ ତାରିଖ ସକାଳେ ପୋଲିସ ଓ ଦମକଳ ବାହିନୀ ଉକ୍ତ କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ ପ୍ରେମ ସମ୍ପର୍କ ଥିବା ସେତେବେଳେ ହିଁ ପୋଲିସ ଅନୁମାନ କରିଥିଲା। ଏନେଇ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଏକ ହତ୍ୟା ମାମଲା (ନଂ. ୮୪/୨୦୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଘଟଣା ଘଟିବାର ୬ଦିନ ପରେ ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଯୁବକମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଘଟଣାକୁ ସ୍ୱୀକାର କରିଛନ୍ତି।

# ଉଦ୍ୟୋଗୀ ତାଲିମ ଶିବିର

**ସଇଁତଲା,୨।୧(ଡି.ଏନ୍.ଏ.)**

ସଇଁତଲା ବ୍ଲକ ପରିସରରେ ଥିବା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟାଳୟର ସଭା ଗୃହରେ ବୁଧବାର ପୂର୍ବାହ୍ନ ୧୦ଟାରେ ଏକ ଉଦ୍ୟୋଗୀ ତାଲିମ ଶିବିର ଆରମ୍ଭ ହୋଇଯାଇଛି। ଏହି ଶିବିର ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ବଲାଙ୍ଗିର ଜିଲା ଶିଳ୍ପ ବିକାଶର ସାଧାରଣ ପରିଚାଳକ ପ୍ରଭୁ ପ୍ରସାଦ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ପରିଚାଳକ ଶରତ ଜେନା, ଅତିରିକ୍ତ ବିଡିଓ ପ୍ରଦୀପ ପଟ୍ଟନାୟକ, ସଇଁତଲା ସରପଞ୍ଚ ଭୀମସେନ ସ୍ୱାଇଁ ଯୋଗଦେଇଥିଲେ। ଶିବିରରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କୁ ସରକାରଙ୍କ ପକ୍ଷରୁ ଶିଳ୍ପ ଭିତ୍ତିକ ତାଲିମ ଦେବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି ପରିଚାଳକ ଚୌଧୁରୀ କହିଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ଶିଳ୍ପ ବିକାଶ ଅଧିକାରୀ ଲୁଲୁମ୍ବ ସିଂ ଧରୁଆ ପରିଚାଳନା କରିଥିବା ବେଳେ ସରପଞ୍ଚ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ୩୦ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଉଛନ୍ତି।

# କଂସ ଭୂମିକାରେ ଅଭିନୟ କରିବେ ରବୀନ୍ଦ୍ର ସାହୁ

**ବଲାଙ୍ଗୀର ଅଫିସ, ୨।୧**

**ଭାଲେର ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ**

ବଲାଙ୍ଗୀର ନିକଟସ୍ଥ ଭାଲେର ଗାଁର ପ୍ରସିଦ୍ଧ ଧନୁଯାତ୍ରା ସକାଶେ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ୯୯ ବର୍ଷରେ ପଦାର୍ପଣ କରିଥିବା ଏହି ଧନୁଯାତ୍ରାକୁ ନେଇ ଗ୍ରାମବାସୀ ଓ ଅଞ୍ଚଳବାସୀ ମଧ୍ୟରେ ଉତ୍ସାହ ଦେଖାଯାଇଛି । ମଙ୍ଗଳବାର ଧନୁଯାତ୍ରା କମିଟି ସମସ୍ତ ସଦସ୍ୟ ତଥା ଗ୍ରାମବାସୀ ଗ୍ରାମର ସମଲେଶ୍ୱରୀ ମନ୍ଦିରଠାରୁ ଶୋଭାଯାତ୍ରାରେ ବାହାରି ଧନୁଯାତ୍ରା ମଣ୍ଡପରେ ବିଧି ଅନୁଯାୟୀ ପୂଜା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ । ପୂଜକ ହିମାଂଶୁ ଶେଖର ପୂଜା ପରିଚାଳନା କରିଥିବାବେଳେ ଧନୁଯାତ୍ରା କମିଟି ସଭାପତି ବ୍ରହ୍ମାନନ୍ଦ ନାଏକ କର୍ତ୍ତା ଭାବେ ପୂଜା କାର୍ଯ୍ୟ କରିଥିଲେ। ଆସନ୍ତା ୧୬ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଭାଲେର ଧନୁଯାତ୍ରା ଅନୁଷ୍ଠିତ ହେବ ଓ ଚଳିତ ବର୍ଷ କଂସ ଭୂମିକାରେ ପ୍ରଖ୍ୟାତ୍ ଅଭିନେତା ରବୀନ୍ଦ୍ର ସାହୁ ଅଭିନୟ କରିବେ ବୋଲି ପୂଜା କମିଟି ସୂଚନା ଦେଇଛନ୍ତି ।

# ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ନବବର୍ଷ ପାଳନ

**ବଲାଙ୍ଗୀର ଅଫିସ, ୨।୧**

ନବବର୍ଷ ଅବସରରେ ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ମଙ୍ଗଳବାର ସନ୍ଧ୍ୟାରେ ନବବର୍ଷ ପାଳନ ସକାଶେ ଏକ ଭବ୍ୟ ସମାବେଶ ଆୟୋଜନ କରାଯାଇଥିଲା। ସମାବେଶରେ ଯୋଗଦେଇ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଖ୍ରୀଷ୍ଟିୟ ଭଉଣୀଭାଇଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇବା ସହ ବଲାଙ୍ଗୀରର ସର୍ବାଙ୍ଗୀନ ବିକାଶ କରିବାକୁ ହେଲେ ସମସ୍ତ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ଭିତରେ ଏକତାଭାବ ନିହାତି ଜରୁରୀ ବୋଲି କହିଥିଲେ । ସମ୍ବିଧାନ ଆମ ଦେଶକୁ ଏକ ଧର୍ମନିରପକ୍ଷେ ରାଷ୍ଟ୍ର ଭାବେ ସ୍ୱୀକୃତି ଦେଇଛି ଓ ଦେଶ ଭିତରେ ରହୁଥିବା ସମସ୍ତ ଧର୍ମାବଲମ୍ବୀଙ୍କ ଧାର୍ମିକ ଭାବନାରେ ସ୍ୱାଧୀନତା ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମରେ ସମ୍ବଲପୁର ଧର୍ମାଞ୍ଚଳର ଧର୍ମଯାଜକ ଆଚାର୍ଯ୍ୟ ପିନୁଏଲ ଦୀପ ସଭାପତିତ୍ୱ କରିଥିଲେ । ସଭାରେ ପାଳକ ଲଳିତ ଦୀପ, ରୁବେନ ଛତ୍ରିଆ, ସେଣ୍ଟ୍ରାଲ ଚର୍ଚ୍ଚ ସମ୍ପାଦକ ପ୍ରଦୀପ ତାଣ୍ଡି, କୋଷାଧ୍ୟକ୍ଷ ଶୈଳେସ ପାଲ ଓ ଅନ୍ୟତମ ଅତିଥି ଭାବେ ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରା ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନୂତନ ବର୍ଷର ଆବାହନ କରାଯାଇଥିଲା। ନୂଆବର୍ଷ ଯେପରି ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବ ସେ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଅତିଥିମାନେ କହିଥିଲେ । କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ଅନୁସୂଚିତ ଜାତି ବିଭାଗ ସଭାପତି ତ୍ରିଲୋଚନ ନନ୍ଦ, ସୁଧୀର କୁମାର ନାଏକ, ସୋନୁ ନାଗ, ବିଦ୍ୟୁତ ନାଗ, ବୁଲୁ ଦାନୀ, ବ୍ରଜ ବିହାରୀ ନାଗ, ହେବଲ ବାଗ, ପ୍ରଫେସର ପ୍ରମୋଦ ବାଗଙ୍କ ସହ ଖ୍ରୀଷ୍ଟୀୟ ଧର୍ମାନୁଷ୍ଠାନର ସହସ୍ରାଧିକ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।





ବଲାଙ୍ଗୀର ସେଣ୍ଟ୍ରାଲ ଚର୍ଚ୍ଚରେ ଅନୁଷ୍ଠିତ ନବ ବର୍ଷ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଅନକାମରା ଗାଁରେ ହାତୀ: ଫସଲ ନଷ୍ଟ

**ଖପ୍ରାଖୋଲ,୨।୧(ଡି.ଏନ.ଏ.)**

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ମଟିଆଭଟା ପଞ୍ଚାୟତ ଅନକାମରା ଗାଁରେ ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ପଲ ପହଞ୍ଚି ବ୍ୟାପକ ଫସଲ ନଷ୍ଟ କରିଥିବା ଜଣାଯାଇଛି । ଚାଷୀମାନେ ଧାନ କାଟି ଖଳାରେ ଜମା କରିଥିବାବେଳେ ଅନେକ ଅମଳ କରି ବସ୍ତାରେ ଭରି ଖଳାରେ ରଖିଛନ୍ତି। ତେବେ ଅପ୍ରତ୍ୟାସିତ ଭାବେ ହାତୀ ପଲ ରାତିରେ ପହଞ୍ଚିଥିଲେ। ହେଲେ ଖଳାରେ ଚାଷୀମାନେ ନ ଥିବାରୁ ଏକ ପ୍ରକାର ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି । ପ୍ରକାଶ ଯେ, ହାତୀ ପଲ ଦୁଇ ଦିନ ତଳେ ବରଗଡ ଜିଲା ପଦମପୁର ଉପଖଣ୍ଡ ଦହିଗାଁ ଧାନ ମଣ୍ଡିରେ ପଶି ଧାନ ନଷ୍ଟ କରିଥିଲେ। ଏହି ହାତୀ ପଲ ମଙ୍ଗଳବାର ବିଳମ୍ବିତ ରାତିରେ ବରଦାବାହାଲ ଦେଇ ଅନକମରା ଗାଁର ଚାଷୀଙ୍କ ଜମିରେ ପହଞ୍ଚିଥିଲେ । ପରେ କେତେକ ଚାଷୀଙ୍କ ଧାନ ବିଲରେ ଥିବାବେଳେ ତାକୁ ଦଳି ଦେବା ସହ ଖଳାରେ ଥିବା ଅମଳ ଉପ ଯୋଗି ଧାନ ଓ ବସ୍ତାରେ ଥିବା ଧାନକୁ ଖାଇବା ସହ ଫିଙ୍ଗି ଦେଇ ନଷ୍ଟ କରିଥିବା ଜଣାପଡିଛି । ହାତୀ ପଲରେ ୨୦ରୁ ଊର୍ଦ୍ଧ୍ୱ ହାତୀ ଥିବା ଗ୍ରାମବାସୀ କହୁଥିବାବେଳେ ଶ୍ରମ ବିଭାଗ ୮ ରୁ ୧୦ଟି ହାତୀ ଥିବା ଅନୁମାନ କରୁଛି । ହାତୀ ପଲରେ ଛୋଟ ହାତୀ ଛୁଆ ମଧ ଥିବା ଅନୁମାନ କରାଯାଉଛି । ବୁଧବାର ସକାଳୁ ହାତୀ ପଲ ଧଉଳିବାହାଲ ଦେଇ ଗନ୍ଧମାର୍ଦ୍ଦନ ପାହାଡ ପଟ ବରଗଡ ଜିଲା ଅଞ୍ଚଳକୁ ଚାଲିଯାଇଥିବା ଜଣାଯାଇଛି । ଗାଁରେ ଚାଷୀ ଧାନ ନଷ୍ଟ ପରେ ଅନକାମରା ଗାଁରେ ଭୟର ବାତାବରଣ ଦେଖାଦେଇଛି। ପୂର୍ବରୁ ଗାଁକୁ ହାତୀ ଆସୁ ନ ଥିବାବେଳେ ପ୍ରଥମ କରି ଗାଁକୁ ଆସି ବ୍ୟାପକ ଫସଲ ନଷ୍ଟ ଗାଁ ଲୋକଙ୍କୁ ଭୟ ଦ୍ୱିଗୁଣିତ କରିଛି । ଏ ନେଇ ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବସ୍ତ କୁମୁରାଙ୍କୁ ପଚାରିବାରୁ ଅନକାମରା ଗାଁକୁ ହାତୀ ପଲ ଆସିବା ସହ ଧାନ ଫସଲ ନଷ୍ଟ କରିଥିବା ସୂଚନା ମିଳିଛି। ବନରକ୍ଷୀ ଡିଲେଶ୍ୱର ହୋତାଙ୍କୁ ପଠାଇ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରାଯାଇଛି। ବର୍ତ୍ତମାନ ହାତୀପଲ ଆମ ହରିଶଙ୍କର ରେଞ୍ଜ ବାହାରେ ପଦମପୁର ରେଞ୍ଜ ଅଞ୍ଚଳରେ ଥିବା ସୂଚନା ମିଳିଛି । ଏ ନେଇ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଥିବା ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟ, ଏହି ହାତୀ ପଲ ବରଗଡ ଜିଲା ଗାଇସିଲାଟ ବ୍ଲକ ଓ ବଲାଙ୍ଗିର ଜିଲା ପାଟଣାଗଡ ବ୍ଲକ ସୀମାନ୍ତ ଜଙ୍ଗଲରେ ଦୀର୍ଘ ଦିନ ହେବ ରହିଆସୁଥିଲେ ବି ମଝିରେ ମଝିରେ ଏହି ହାତୀପଲ ବିଭିନ୍ନ ଅଞ୍ଚଳକୁ ଯାଇ ଏଭଳି କ୍ଷୟକ୍ଷତି କରି ଆସୁଛନ୍ତି।



ହାତୀପଲ ନଷ୍ଟ କରିଦେଇଥିବା ଚାଷ ଜମି।



ଅନ୍ୟର ନିନ୍ଦା କରିବାରେ ପଟୁତା, ନିଜ କାର୍ଯ୍ୟ ପ୍ରତି ଅବହେଳା ଓ ଭଲ ଲୋକଙ୍କ ସହିତ ଶତ୍ରୁତା-ଏ ତିନୋଟି ଅବସ୍ଥା ମଣିଷର ପତନର କାରଣ।
- ଚାଣକ୍ୟ



## ସଂକ୍ଷେପରେ

### ରାଶନ କାର୍ଡ ଦାବିରେ ବ୍ଲକ ଅଫିସ ସମ୍ମୁଖରେ ଧାରଣା

**ବଲାଙ୍ଗୀର ଅଫିସ, ୨୧୧:** ବଲାଙ୍ଗୀର ଭିଲେଜର୍ସ ଇଣ୍ଡିଆ ପାର୍ଟି, ଆଦିବାସୀ ଅଧିକାର ମହାସଂଘ, ଆଦିବାସୀ, ଦଳିତ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଏକତା ପରିଷଦ, ପଶ୍ଚିମ ଓଡିଶା ଲକ୍ଷେ ଘର ଗଣ୍ଡା ସମାଜ ବିକାଶ ମହାସଂଘ, କନ୍ଧ ସମାଜ ମହାସଂଘ, ସଦାଇପାଲି ଗ୍ରାମପଞ୍ଚାୟତ ୱାର୍ଡ ମେମ୍ବର ସଂଘ, ସଦାଇପାଲି ମହିଳା ସ୍ୱଂୟ ସହାୟିକା ଗୋଷ୍ଠୀ ମିଳିତ ଆନୁକୂଲ୍ୟରେ ବୁଧବାର ରାଶନ କାର୍ଡରୁ ବାଦ୍ ପଡିଥିବା ଶତାଧିକ ମହିଳା ଓ ପୁରୁଷ ବଲାଙ୍ଗୀର ସହର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସଦାଇପାଲି ୱାର୍ଡ ମେମ୍ବର ମୀନା ସାଏ, ଦ୍ରୋପଦୀ ସେଠ, ଗନ୍ଧରେଲ ୱାର୍ଡ ମେମ୍ବର ସୁକାନ୍ତ ନନ୍ଦ, ଆଦିବାସୀ ଅଧିକାର ମହାସଂଘ ଅଧକ୍ଷ ଦ୍ୱିଜ ଦଳପତି, ଦଳିତ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଏକତା ପରିଷଦ ରାତୁ କାଲସାଏ, ପୂର୍ବ ସରପଞ୍ଚ ନୃତ କୁଅଁର, ଗୀତା ପଟେଲ, ନବଲତା ସେଠ ଉପସ୍ଥିତ ଥିଲେ । ରାଶନ୍ କାର୍ଡ ଯୋଜନାର ବାଦ୍ ପଡିଥିବା ଲୋକଙ୍କୁ ତୁରନ୍ତ ରାଶନ କାର୍ଡ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ । ବଲାଙ୍ଗୀର ବ୍ଲକ ଅଧକ୍ଷ ଗୋଲାପ ବାଗ ଓ ବିଡିଓ ଏଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଧାରଣାରେ ସଦାଇପାଲି, ପଥରଚେପା, ଗନ୍ଧରେଲ, ଧୁମାମରା, ଲାଲଟିକ୍ରା, ଚମାରଟିକ୍ରା, ଲର୍କିପାଲି, ଡୁଡୁକାଶିରା, ଗେଡାବାଞ୍ଜି, ଗୋପବନ୍ଧୁ ନଗର, ଶାନ୍ତିପଡା, ଆଲୋକ ନଗର, ଆମପଡା, ବିଷ୍ଣୁମୁଣ୍ଡା, ଖଲିଆପାଲି, ଇନ୍ଦିରାନଗର, ମାଲପଡା, କଦମପଡା, ମାଲଗୋଦାମର ଲୋକେ ଯୋଗଦାନ କରିଥିଲେ ।

### ଟ୍ରେନ୍ ଧକ୍କାରେ ଯୁବକଙ୍କ ଦୁଇ ଗୋଡ କଟିଲା

**ବଲାଙ୍ଗୀର ଅଫିସ, ୨୧୧:** ବଲାଙ୍ଗୀର ସୁଦପଡାଠାରେ ବୁଧବାର ଏକ ଟ୍ରେନ୍ ଧକ୍କାରେ ରବି ପଧାନ ନାମକ ଜଣେ ଯୁବକଙ୍କ ଦୁଇ ଗୋଡ କଟିଯାଇଛି। ମିଳିଥିବା ସୂଚନା ମୁତାବକ, ରବି ରେଲଲାଇନ୍ ପାଖରେ ଶୌଚ କରୁଥିବା ବେଳେ ବଲାଙ୍ଗୀର-ଭୁବନେଶ୍ୱର ଇଣ୍ଟରସିଟି ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ରବିଙ୍କ ଦୁଇ ଗୋଡ କଟି ଯିବା ସହ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଲାଙ୍ଗୀର ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥାଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ନିଆଯାଇଥିବା ଜଣାପଡିଛି।

### ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଉଲୁଣ୍ଡା,୨୧୧ (ଡି.ଏନ୍.ଏ.):** ଉଲୁଣ୍ଡା ବ୍ଲକ ସଦରଠାରୁ ୨ କି.ମି. ଦୂର ସୋନପୁର-ସମ୍ବଲପୁର ମୁଖ୍ୟରାସ୍ତା ମାଟିଖାଇ ଛକ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି। ସେହେଲେ ବିନିକା ଥାନା ଆଖିଦାଦର ଗ୍ରାମର ସୁରେଶ ବାରିକ(୨୫)। ସୁରେଶ ଏକ ବାଇକରେ ଉଲୁଣ୍ଡା ଆସୁଥିବା ବେଳେ ମାଟିଖାଇ ଛକ ନିକଟରେ ଅଟକି ରହିଥିବା ଟ୍ରକ ପଛପଟେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋନପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

■ ଭଇଁଷାପାଲି ଷ୍ଟେସନ୍ ନାଁ ବଦଳାଇବାକୁ ଦାବି

# ନବନିର୍ମିତ ରେଳଷ୍ଟେଶନ୍‌ରେ ବିକ୍ଷୋଭ

**ବଲାଙ୍ଗୀର ଅଫିସ,୨୧୧**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ବଲାଙ୍ଗୀର ପଟରୁ ୧୫ କି.ମି. ଦୂର ଭଇଁଷାପାଲି ରେଲଷ୍ଟେସନ୍ ପର୍ଯ୍ୟନ୍ତ ରେଳପଥ ସମ୍ପୂର୍ଣ୍ଣ ହୋଇଛି । ଆସନ୍ତା ୧୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏହି ରେଳପଥକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ରେଳପଥରେ ରେଳ ଚାଲିବା ପୂର୍ବରୁ ଏକ ବିବାଦ ମୁଣ୍ଡ ଟେକିଲାଣି । ବଲାଙ୍ଗୀରରୁ ୧୫ କିଲୋମିଟର ଦୂର ଏକମାତ୍ର ରେଳଷ୍ଟେଶନ୍ ନିର୍ମାଣ ହୋଇ ଏହାର ନାମକରଣ ପାଖରେ ଥିବା ଗାଁ ଭଇଁଷାପାଲି ନାଁ ଅନୁସାରେ ରଖାଯାଇଛି। ତେବେ ଏଭଳି ନାମକରଣକୁ ସ୍ଥାନୀୟ ୨ରୁ ୩ଟି ଗାଁର ଲୋକେ ବିରୋଧୀ କରି ଏହି ରେଳଷ୍ଟେଶନ୍ ନାଁକୁ ବଦଳାଇବାକୁ ଦାବି କରିଛନ୍ତି । ଭଇଁଷାପାଲି ପରିବର୍ତ୍ତେ ବିଛୁପାଲି କିମ୍ବା ଝାରବଲାଙ୍ଗୀର ଷ୍ଟେସନ୍ ନାଁ ରଖାଯିବାକୁ ଦାବି କରି ବୁଧବାର ନିର୍ମାଣ ସରିଥିବା ରେଳ ଷ୍ଟେସନ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହା ସହିତ ତୁରନ୍ତ ଷ୍ଟେଶନ୍ ନାଁ ପରିବର୍ତ୍ତନ କରିବାକୁ ଜିଲାପାଳଙ୍କୁ ଦାବିପତ୍ର ଦେଇଥିବା ଜଣାପଡିଛି । ବୁଧବାର ଝାରବଲାଙ୍ଗୀର, ଖରଜୁରା ଓ ରାଘବପାଲି ଗାଁର ଶତାଧିକ ମହିଳା ଓ ପୁରୁଷ ଭଇଁଷାପାଲି ରେଲଷ୍ଟେସନ୍‌କୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ଭଇଁଷାପାଲି ଷ୍ଟେଶନ୍‌ର ନାଁ ବଦଳାଇ ବିଛୁପାଲି କିମ୍ବା ଝାରବଲାଙ୍ଗୀର କରାଯିବାକୁ ଦାବି କରିଥିଲେ। ଏହି ସମୟରେ ପରୀକ୍ଷାମୂଳକ ଭାବେ ଯାଇଥିବା ଏକ ବଗିର ଇଞ୍ଜନ ସମ୍ମୁଖରେ ମହିଳା ଓ ପୁରୁଷମାନେ ନାରାବାଜି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଯେଉଁ ସ୍ଥାନରେ ରେଳଷ୍ଟେସନ୍ ନିର୍ମାଣ ହୋଇଛି ତାହା ଭଇଁଷାପାଲି ଗ୍ରାମ ପରିସୀମାରେ ଯାଉନାହିଁ ଓ ଏହା ବିଛୁପାଲି ରାଜସ୍ୱ ଗ୍ରାମ ଅନ୍ତର୍ଭୁକ୍ତ ବୋଲି କହିଥିଲେ । ତେବେ ବିଛୁପାଲି ଏକ ବେଛପରି ଗାଁ ହୋଇଥିବାରୁ ଓ ଏଠାକାର ପ୍ରାୟ ସମସ୍ତ ଜମି ମାଲିକ ନିକଟସ୍ଥ ଝାରବଲାଙ୍ଗୀର ଗାଁରେ ରହୁଥିବାରୁ ଭଇଁଷାପାଲି ପରିବର୍ତ୍ତେ ଏହି ରେଳଷ୍ଟେଶନ୍‌ର ନାମକରଣ ବିଛୁପାଲି କିମ୍ବା ଝାରବଲାଙ୍ଗୀ ଷ୍ଟେସନ ଭାବେ ଘୋଷଣା କରାଯିବାକୁ ଦାବି କରିଥିଲେ । ଉକ୍ତ ରେଳବଗିରେ ଭଇଁଷାପାଲି ରେଳଷ୍ଟେଶନ୍ ଯାଇଥିବା ରେଳବିଭାଗ ଚିପ୍ ଅପରେଟିଂ ମେନେଜର ଦେବରାଜ ପଣ୍ଡା ଲୋକଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ । ରେଳଷ୍ଟେଶନ୍ ନାମକରଣ ଓ ପରିବର୍ତ୍ତନ ଏହା ରେଳବିଭାଗ ଅନ୍ତର୍ଭୁକ୍ତ ନୁହେଁ ଓ ଏହା ଜିଲା ପ୍ରଶାସନ ପରିସରଭୁକ୍ତ ବୋଲି କହି ଏହି ଦାବିପତ୍ରକୁ ପ୍ରଶାସନକୁ ହସ୍ତାନ୍ତର କରିବେ ବୋଲି କହିଥିଲେ। ଆନ୍ଦୋଳନରେ ଲଳିତ ମୋହନ ମିଶ୍ର, ଟୁନା ମହାନ୍ତି, ମାଲେ ପାତ୍ର, କ୍ଷମାନିଧି ମାଝି, ରେଙ୍ଗଟୁ ବାଗ, ତ୍ରିଲୋଚନ ଦୀପ, ପ୍ରଭାତ ମିଶ୍ର, ଶ୍ରୀଧର ମିଶ୍ର, ଲିଙ୍ଗରାଜ ମିଶ୍ର, ଯଜ୍ଞେଶ୍ୱର ମିଶ୍ର ଓ ଅନ୍ୟ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ । ପରେ ଏହି ବିକ୍ଷୋଭକାରୀଙ୍କ ମଧ୍ୟରୁ କେତେଜଣ ବଲାଙ୍ଗୀର ଆସି ଜିଲାପାଳଙ୍କ ଭେଟି ଭଇଁଷାପାଲି ଷ୍ଟେଶନ ନାମକରଣ ତୁରନ୍ତ ପରିବର୍ତ୍ତନ କରିବାକୁ ଦାବି କରିଥିବା ଜଣାପଡିଛି।



ଭଇଁଷାପାଲି ରେଳଷ୍ଟଶନରେ ଆନ୍ଦୋଳନକାରୀମାନେ ନାରାବାଜି କରି ବିକ୍ଷୋଭ କରୁଛନ୍ତି।



ରାଜ୍ୟସ୍ତରୀୟ ଟାଏକୋଣ୍ଡୋ କରାଟେ ଚାମ୍ପିୟନଶିପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର।

ରାଜ୍ୟସ୍ତରୀୟ ଟାଏକୋଣ୍ଡୋ କରାଟେ ଚାମ୍ପିୟନଶିପ୍

## ବଡ଼ମାଳର ୩ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣପଦକ

**ସଇଁତଲା,୨୧୧(ଡି.ଏନ୍.ଏ.)**

ପଶ୍ଚିମବଙ୍ଗ ଆସାନସୋଲଠାରେ ହୋଇଥିବା ରାଜ୍ୟସ୍ତରୀୟ ଟାଏକୋଣ୍ଡୋ କରାଟେ ଚାମ୍ପିୟନଶିପରେ ସଇଁତଲା ବଡ଼ମାଳର ୩ଜଣ ଛାତ୍ରୀଛାତ୍ର ସ୍ୱର୍ଣ୍ଣପଦକ ପାଇ ରାଜ୍ୟ ତଥା ବଲାଙ୍ଗୀର ଜିଲା ପାଇଁ ଗୌରବ ଆଣିଛନ୍ତି। ବଡ଼ମାଳରେ ଟାଏକୋଣ୍ଡୋ ଶିକ୍ଷା ନେଉଥିବା ମାମୁନୀ ଚୌହାନ, ଅବନ୍ତିକା ବେହେରା, ଜୟନ୍ତୀ ଖଣ୍ଡିତ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ କରାଟେ ଚାମ୍ପିୟନଶିପରେ ଭାଗ ନେଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଏହା ସହ ବର୍ଷା ମହାନନ୍ଦ ବ୍ରୋଞ୍ଜ ପଦକ ପାଇଛନ୍ତି। ଓଡ଼ିଶା ଟାଏକୋଣ୍ଡୋ ଜେନେରାଲ ସେକ୍ରେଟାରୀ ଆନନ୍ଦ କୁମାର ସୁନାଙ୍କ ନେତୃତ୍ୱରେ ଯାଇଥିବା ଏହି ଦଳ ଆସାନସୋଲଠାରେ ନିଜ ଖେଳ ପ୍ରଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ସେକ୍ରେଟାରୀ ବୁଲୁ ବେହେରା, ପ୍ରଶିକ୍ଷକ ଦେବାନନ୍ଦ ଚୌହାନ ଉପସ୍ଥିତ ଥିଲେ।

ଦୋକାନ ଷ୍ଟଲ ନିର୍ମାଣ ଦାବି

## ଉଠାଦୋକାନୀଙ୍କ ରାସ୍ତାରୋକୋ ଆନ୍ଦୋଳନ

**ଗୁଡ଼ଭେଲା,୨୧୧(ଡି.ଏନ୍.ଏ.)**

ତୁଷୁରା କେନ୍ଦ୍ରରେ ଥିବା ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯିବାର ପ୍ରାୟ ଏକମାସ ବିତିଯାଇଥିଲେ ମଧ୍ୟ ଏନ୍ଏସି ପକ୍ଷରୁ ନୂତନ ଦୋକାନ ଷ୍ଟଲ ନିର୍ମାଣ ପାଇଁ କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଇ ନ ଥିବାରୁ ବୁଧବାର ସଚେତନ ଯୁବକ ଓ ଉଠା ଦୋକାନୀମାନେ ପ୍ରାୟ ୩ଘଣ୍ଟା ଧରି ତୁଷୁରା ମିଳନ ଛକଠାରେ ରାସ୍ତା ଅବରୋଧ କରିଥିଲେ। ଫଳରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ ଘଟଣାସ୍ଥଳରେ ପହଞ୍ଚି ଅନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହ ୨ରୁ ୩ ଦିନ ମଧ୍ୟରେ ଦୋକାନ ଷ୍ଟଲ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ଶ୍ରୀକାନ୍ତ ବାଗ, ଲକ୍ଷ୍ମୀନାରାୟଣ ଦାସ, ଲିସନ ପ୍ରଧାନ, ବନବିହାରୀ ଭୋଇ, ରାମଚନ୍ଦ୍ର ସାହୁ, ମିକୁ ବାଗ, ଟିକୁ ବାଗ, ଶଙ୍କର ପ୍ରଧାନଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।



ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଛନ୍ତି।

ଟିଟିଲାଗଡ଼ ଜିଲା ଦାବି, ୬୩ ଦିନରେ ଆନ୍ଦୋଳନ

## ଦାବି ପୂରଣ ନ ହେବା ଯାଏ ଚାଲୁରହିବ

**ଟିଟିଲାଗଡ, ୨୧୧ (ଡି.ଏନ.ଏ)**

ଟିଟିଲାଗଡ଼ ଜିଲା ଦାବିକୁ ନେଇ ବୁଧବାର ଆନ୍ଦୋଳନ ୬୩ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁଷ୍ଠିତ ହୋଇଥିଲା। ବୈଠକରେ କ୍ରିୟାନୁଷ୍ଠାନ କମିଟି ଆବାହକ କୃଷ୍ଣଚନ୍ଦ୍ର ସାହୁ, ପ୍ରବକ୍ତା ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ ଆଗାମୀ କାର୍ଯ୍ୟପନ୍ଥା ଉପରେ କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏପରି କି ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି କୁହାଯାଇଛି। ବୈଠକରେ କ୍ରିୟାନୁଷ୍ଠାନ କମିଟି ଯୁଗ୍ମ ଆବାହକ ଲଳିତ ମୋହନ ତାଣ୍ଡି, ପୂର୍ବତନ ବାର ସଂଘ ସଭାପତି ସଞ୍ଜୟ ବେହେରା, ମୁରିବାହାଲ ଓକିଲ ସଂଘ ସଭାପତି ବିଶ୍ୱନାରାୟଣ ବହିଦାର, ସଇଁତଲା ଓକିଲ ସଂଘ ସଭାପତି ଦେବରାଜ ପଣ୍ଡା, ବଙ୍ଗୋମୁଣ୍ଡା ଓକିଲ ସଂଘ କୋଷାଧକ୍ଷ ସୁନ୍ଦରଲାଲ ଶର୍ମା, ବଲାଙ୍ଗୀର ଜିଲା କାର୍ଯ୍ୟକାରୀ ସଭାପତି ଭବାନୀ ପ୍ରସାଦ ହୋତା, ରାଜ୍ୟ ବିଜେଡି ପରିଷଦ ସଦସ୍ୟ ପ୍ରମୋଦ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକରୁ, ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା କଂଗ୍ରେସ ଉପସଭାପତି ତୁଳସି ସାହୁ, କୋଶଲ ସମନ୍ୱୟ ସମିତି ରାଜ୍ୟ ସଭାନେତ୍ରୀ ରଞ୍ଜୁ ରାଏମନ, ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି ବିଶିକେଶନ ଜାନୀ, ଉପଖଣ୍ଡ ଯାଦବ ମହାସଂଘ ସଭାପତି ଘିନୁ ଆଉୟୁଆଡ ପ୍ରମୁଖଙ୍କ ସହ ବିଭିନ୍ନ ସଂଗଠନର କର୍ମକର୍ତ୍ତା ସାମିଲ ହୋଇଥିଲେ। ଏପରି କି ମାର୍ଲାଡ ପଞ୍ଚାୟତର ଶତାଧିକ ଜନସାଧାରଣ ଆନ୍ଦୋଳରେ ସାମିଲ ହୋଇଥିଲେ।



ବୈଠକରେ ଉପସ୍ଥିତ ଜିଲା କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

## ନବବର୍ଷ ଉପଲକ୍ଷେ ଭଜନ ସନ୍ଧ୍ୟା

**ଗୁଡ଼ଭେଲା,୨୧୧(ଡି.ଏନ୍.ଏ.)**

ତୁଷୁରା ତହସିଲ କଲୋନୀ ପରିଷରରେ ନବବର୍ଷ ଉପଲକ୍ଷେ ଏକ ଆଧାତ୍ମିକ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଡିଓ ରାମବିଲାଶ ମଙ୍ଗରାଜ ମା' ସରସ୍ୱତୀଙ୍କ ଏକ ଭଜନଗାନ କରିବା ସହ ବ୍ୟକ୍ତି ପାଖରେ ଧୈର୍ଯ୍ୟ ଓ ସାହସ ଥିଲେ ସବୁ କରିବା ସମ୍ଭବ ବୋଲି ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ଶାସନପାଲି ଭଜନମଣ୍ଡଳୀ ଦ୍ୱାରା ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଧାତ୍ମିକ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ଉପସ୍ଥିତ ଦର୍ଶକ ମନଭରି ଉପଭୋଗ କରିଥିଲେ।

### ୧୯୭୧ ବ୍ୟାଚର ବନ୍ଧୁ ମିଳନ

**ଗୁଡ଼ଭେଲା,୨୧୧(ଡି.ଏନ୍.ଏ.):** ତୁଷୁରା ହାଇସ୍କୁଲର ୧୯୭୧ ବ୍ୟାଚର ଏକ ବନ୍ଧୁ ମିଳନ ଛତିଶଗଡର ଚନ୍ଦ୍ରହାସିନିଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଅଞ୍ଚଳକୁ ସ୍ୱଚ୍ଛ କରିବା ସହ ଜନହିତକର କାର୍ଯ୍ୟ କରିବା ପାଇଁ ମତ ପ୍ରକାଶ ପାଇଥିଲା। ମୁକୁନ୍ଦ ମିଶ୍ର, ନବୀନ ବଗାର, ଅଚ୍ୟୁତ ରଣା, ସୁବାସ ଚନ୍ଦ୍ର ମିଶ୍ର, ସୁଧାଂଶୁ ସାହୁ, ରଣଜିତ ସାହୁ, ସଚ୍ଚିଦାନନ୍ଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟସ୍ତରୀୟ ମା' ଘଣ୍ଟେଶ୍ୱରୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ

**ଟିଟିଲାଗଡ଼,୨୧୧(ଡି.ଏନ.ଏ.)**

ଅଗ୍ରଗାମୀ ସାଂସ୍କୃତିକ ସଂସଦ(ସଙ୍ଗୀତ ମହାବିଦ୍ୟାଳୟ) ଟିଟିଲାଗଡ଼ ଆନୁକୂଲ୍ୟରେ ଅଷ୍ଟାଦଶ ଜାତୀୟସ୍ତରୀୟ ମା ଘଣ୍ଟାସୁନୀ ସଙ୍ଗୀତ ସମାରୋହ ସ୍ଥାନୀୟ ମହାବୀର ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜିକ କର୍ମୀ ଆରତି ସାହୁ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମୁଖ୍ୟ ରେଶ୍ମା ନନ୍ଦ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ କୋଲକତାରୁ ଆସିଥିବା ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ ମନାଲି ଘୋଷ, ଶୁଭ୍ରାଂଶୁ ଶେଖର ମିଶ୍ର ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ବାଦ୍ୟଯନ୍ତ୍ରରେ ସୁଧେନ୍ଦୁ ହଳଧର(ସାରଙ୍ଗୀ), ଅବୀର ମୁଖାର୍ଜୀ(ତବଲା), ବୀରଦୀପ ସରକାର(ସନ୍ତୁର) ପ୍ରମୁଖ ରହିଥିଲେ। ଦର୍ଶକ ଏହାକୁ ମନଭରି ଉପଭୋଗ କରିଥିଲେ। ଅନୁଷ୍ଠାନର ସଭାପତି ଡ. ଛାୟାକାନ୍ତ ଷଡଙ୍ଗୀ, ସମ୍ପାଦକ ପ୍ରବୀଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜକିଶୋର ପାଢୀ, କୁଳମଣି ମିଶ୍ର, ହରିନାରାୟଣ ବିର୍ତ୍ତିଆ, ରୂପଧର ଝାଙ୍କର, ପ୍ରହ୍ଲାଦ ପାଣିଗ୍ରାହୀ, ବାବୁଲି ଷଡଙ୍ଗୀ, ଦେବରାଜ ଭୋଇ, ପ୍ରତାପ ତ୍ରିପାଠୀ, ପ୍ରମୋଦ ରଥ, ବୁଲୁ ଦାସ, ଶୁଭ୍ରାଂଶୁ ମିଶ୍ର, ସରୋଜ ବେହେରା, ନିହାର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ୧୯୬୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନ

**ବଲାଙ୍ଗୀର ଅଫିସ, ୨୧୧**

ବଲାଙ୍ଗୀର ସହର ଉପକଣ୍ଠରେ ଥିବା ବାଗଭାଡିସ୍ଥିତ ଆଇଡିଏମ୍ ପବ୍ଲିକ ସ୍କୁଲପରିସରରେ ପୃଥ୍ୱୀରାଜ ହାଇସ୍କୁଲ ଓ ଟାଉନ ବାଳକ ହାଇସ୍କୁଲର ୧୯୬୨ ମାଟ୍ରିକ ବ୍ୟାଚ ବନ୍ଧୁମାନଙ୍କ ଏକ ବାର୍ଷିକ ଭେଟ୍‌ଘାଟ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆଇଡିଏମ୍ ପବ୍ଲିକ ସ୍କୁଲ ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୨ ଜଣ ଯୋଗଦାନ କରିଥିଲେ । ସମ୍ବଲପୁରରୁ ନରସିଂହ ବାବୁ, ଭବାନୀପାଟଣାରୁ ହୃଦାନନ୍ଦ ସାହୁ, ରାମପୁରରୁ ଉଦୟ ବଡପଣ୍ଡା, ନଅଗାଁରୁ ଲଳିତ ସାହୁ ଯୋଗ ଦେଇଥିଲେ । ବୈଠକର ପ୍ରାରମ୍ଭରେ ସମସ୍ତଙ୍କୁ ନବବର୍ଷ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଦିବଙ୍ଗତ ବନ୍ଧୁ ସବ୍ୟସାଚି ସାହୁ, ଡା. କୃଷ୍ଣଚନ୍ଦ୍ର ହୋତା, ପର୍ଶୁରାମ ପାଣ୍ଡେଙ୍କ ସ୍ମୃତିଚାରଣ କରାଯାଇ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବନ୍ଧୁମିଳନ କାର୍ଯ୍ୟକ୍ରମରେ ସଭାପତି ଅବସରପ୍ରାପ୍ତ ବରିଷ୍ଠ ବିଶେଷଜ୍ଞ ଡା. ପରମେଶ୍ୱର ରଥ, ଡା. ଜୟକୃଷ୍ଣ ଦାଶ ଶର୍ମା, ଆହ୍ଲାଦ କୁମାର ପୂଝାରୀ, ହୃଦାନନ୍ଦ ଜେନା, ଶରତ ଚନ୍ଦ୍ର ଦୀକ୍ଷିତ, ସୁଧାନିଧି ହୋତା, ରବି ନାରାୟଣ ମହାନ୍ତି, ଶଙ୍କର୍ଷଣ ହୋତା, କପିଳ ପତି, ରାଜୀବ ଲୋଚନ ବହିଦାରଙ୍କ ସହ ଅନ୍ୟ ବନ୍ଧୁ ଉପସ୍ଥିତ ଥିଲେ । ୧୯୬୨ ବ୍ୟାଚର ବାର୍ଷିକ ଭେଟଘାଟ କାର୍ଯ୍ୟକ୍ରମ ବିଗତ ୫୬ ବର୍ଷ ଧରି ଚଲାଇ ଆସୁଥିବାରୁ ଏହା ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଦିନ ଭାବେ ଗଣାଯାଉଛି ବୋଲି ବନ୍ଧୁମାନେ କହିଥିଲେ।




୧୯୬୨ ମାଟ୍ରିକ୍ ବ୍ୟାଚ୍ ବନ୍ଧୁମିଳନରେ ଉପସ୍ଥିତ ସଦସ୍ୟମାନେ।

## କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ: ୪୭ ଦିନରେ ଧାରଣା

**କଣ୍ଟାବାଞ୍ଜି,୨୧୧(ଡି.ଏନ୍.ଏ.)**

କଣ୍ଟାବାଞ୍ଜି ଜିଲା ଦାବିରେ ବୁଧବାର ଆନ୍ଦୋଳନ ୪୭ଦିନରେ ପହଞ୍ଚିଛି। ନରେନ୍ଦ୍ର ସୁନା, ରାମଚନ୍ଦ୍ର ସାହୁ, ଗୁଣନିଧି ରାଉତରାଏ, ଅମରଚନ୍ଦ୍ର ଶର୍ମା, ସତ୍ୟନାରାୟଣ ରାଏ, ପ୍ରେମ ବାଗ, ବିଜୟ ପୁଟେଲ, ଏସ୍. ବନଛୋର, କୁବିହାରି ବେହେରା, ପଦ୍ମମୁଖ ଶତପଥୀ, ରମେଶ ବାଗ, ବୃନ୍ଦାବନ ରାଉତଙ୍କ ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ଜନସାଧାରଣ ଜିଲା ଦାବିକୁ ସମର୍ଥନ କରି ବୁଧବାର ଧାରଣାରେ ବସିଥିଲେ। ଅନ୍ୟପକ୍ଷେ ଆନ୍ଦୋଳନକାରୀଙ୍କ ପକ୍ଷରୁ ଜିଲା ଦାବି ନେଇ ବଲାଙ୍ଗୀର ଜିଲାପାଳ, ରାଜ୍ୟପାଳ, ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏପରି କି ସମସ୍ତ ପ୍ରକାର ଭିତ୍ତିଭୂମି ଥିବା ବେଳେ ତୁରନ୍ତ କଣ୍ଟାବାଞ୍ଜିଙ୍କୁ ଜିଲା ମାନ୍ୟତା ଦାବି କରାଯାଇଛି। ଦାବି ପୂରଣ ନ ହେବା ଯାଏ କଣ୍ଟାବାଞ୍ଜି ତହସିଲ ଅଫିସ ସମ୍ମୁଖରେ ଧାରଣା ଚାଲୁ ରହିବ ବୋଲି ଜିଲା ସଂଘର୍ଷ ସମିତି ବୁଧବାର ଏକ ବୈଠକରେ ନିଷ୍ପତ୍ତି ନେଇଛି। ହେଲେ ଜନସାଧାରଣଙ୍କୁ ଦୃଷ୍ଟିରେ ରଖି ଗୁରୁବାରଠାରୁ ଅର୍ଥନୈତିକ ଅବରୋଧ ସହିତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, କେନ୍ଦ୍ର ସରକାରଙ୍କ ଟେଲିଫୋନ ଅଫିସ, ପୋଷ୍ଟ ଅଫିସ, ରେଲବାଇ ଅଫିସ, କୋର୍ଟ ଖୋଲା ଯିବ ବୋଲି ଜିଲା ସଂଘର୍ଷ ସମିତି ପକ୍ଷରୁ କୁହାଯାଇଛି। ଜିଲା ସଂଘର୍ଷ ସମିତି ସଭାପତି ଶେଷଦେବ ପୁଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସଂଘର୍ଷ ସମିତିର ସମ୍ପାଦକ ଦୁଃଖିଶ୍ୟାମ ଗୁରୁ, କଣ୍ଟାବାଞ୍ଜି ପୌରାଞ୍ଚଳର ସମସ୍ତ ସଂଗଠନ, ବୁଦ୍ଧିଜୀବୀଙ୍କ ସହିତ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର ପ୍ରତିନିଧିମାନଙ୍କ ନିଷ୍ପତ୍ତି କ୍ରମେ ଅର୍ଥନୈତିକ ଅବରୋଧକୁ ସ୍ଥଗିତ କରି ଅଫିସ କାର୍ଯ୍ୟାଳୟଗୁଡିକ ଗୁରୁବାରଠାରୁ ଖୋଲା ଯିବାର ନିଷ୍ପତ୍ତି ନିଆଯାଇଛି। ହେଲେ ଜିଲା ଗଠନ ଦାବି ପୂରଣ ନ ହେବା ଯାଏ ତହସିଲ ଅଫିସ ସମ୍ମୁଖରେ ଧାରଣା ଜାରି ରହିବ ବୋଲି ସଂଘର୍ଷ ସମିତି ସଭାପତି ପୁଟେଲ ଓ ସମ୍ପାଦକ ଗୁରୁ ମତବ୍ୟକ୍ତ କରିଛନ୍ତି।




ବୁଧବାର ଜିଲା ଦାବିରେ ସାମିଲ ହୋଇଥିବା ଜନସାଧାରଣ ଏବଂ ସଂଘର୍ଷ ସମିତି କର୍ମକର୍ତ୍ତା।

- ■ ଦାବି ପୂରଣ ନ ହେବା ଯାଏ ଚାଲିବ ଧାରଣା
- ■ ଅର୍ଥନୈତିକ ଅବରୋଧକୁ କୋହଳ
- ■ ଗୁରୁବାରରୁ ଖୋଲିବ ସମସ୍ତ ସରକାରୀ କାର୍ଯ୍ୟାଳୟ



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



## ସଂକ୍ଷେପରେ

### ମାଣିକେଶ୍ୱରୀଙ୍କ ଛତ୍ରିଆଙ୍କ ପରଲୋକ

**ଲାଞ୍ଜିଗଡ଼,୨।୧ (ଡି.ଏନ୍.ଏ.)-** କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କ ଛତରକୁ ଜେନାଖାଲରୁ ବୋହି ମନ୍ଦିରକୁ ଆଣିବାରେ ନିୟୋଜିତ ଥିବା ମାଣିକେଶ୍ୱରୀଙ୍କ ଛତ୍ରିଆ ଲାଞ୍ଜିଗଡର ମଧୁସୂଦନ ଦଣ୍ଡସେନାଙ୍କ ବିୟୋଗ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା ଓ ସେ କିଛି ଦିନ ଧରି ରୋଗାକ୍ରାନ୍ତ ହୋଇ ଘରେ ଥିଲେ। ମଙ୍ଗଳବାର ରାତି ୧୦ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ମୃତ୍ୟୁରେ ଲାଞ୍ଜିଗଡ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ୮ରେ ଦେଶ ବ୍ୟାପି ଧର୍ମଘଟ

**ସମ୍ବଲପୁର,୨।୧(ବ୍ୟୁରୋ)-** ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ସଂପୂର୍ଣ୍ଣ ଭାବେ ଜନ, ଶ୍ରମିକ ଓ ଦେଶ ବିରୋଧୀ କାର୍ଯ୍ୟ କରୁଛି। ଏଣୁ ଭାଜପାର ଏଭଳି ନୀତି ବିରୋଧରେ ଚଳିତ ମାସ ୮ ଓ ୯ ତାରିଖ ଦୁଇ ଦିନ ଦେଶ ବ୍ୟାପି ଧର୍ମଘଟ କରାଯିବାକୁ ନିଷ୍ପତି ହୋଇଛି । ତେଣୁ ସମ୍ବଲପୁରରେ ମଧ ଯାନବାହାନ, ଟ୍ରେନ ଚଳାଚଳ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଦପ୍ତର, ବ୍ୟାଙ୍କ, ବୀମା ଅଫିସ ବନ୍ଦ କରାଯିବ । ବୁଧବାର ସମ୍ବଲପୁର କାଳୀବାଡି ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମିଳିତ ଶ୍ରମିକ ସଂଗଠନ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଶ୍ରମିକ ନେତା ବିଜୟ କୁମାର ମହାନ୍ତି, ଗଦାଧର କୁଅଁର, ସିଟୁର ମହେଶ୍ୱର ଷଣ୍ଢ, ଏଚଏମଏସର ଗୋକୁଳ ମେହେର, ଆଇଏନଟିୟୁସିର ବବିତା ବଡପଣ୍ଡା, ଲଳିତ କୁମାର ପଟ୍ଟନାୟକ, ଇନ୍ଦ୍ରଜିତ ତାଣ୍ଡି, ପ୍ରଣୟ କୁମାର ନାୟକ, ବିଶ୍ୱନାଥ ବେହେରା, ଶିବପ୍ରସାଦ ମହାରଣା, ଅଜୟ ସେନାପତି ପ୍ରମୁଖ ଧର୍ମଘଟ ବିଷୟରେ ସୂଚୀତ କରିଥିଲେ ।

ଜିଲା ଓ ସଦରମହକୁମା ମାନ୍ୟତା ଦାବି

# ଜୁନାଗଡ଼ ଖୋଜୁଛି ପୂର୍ବ ପରିଚୟ

**ଜୁନାଗଡ,୨।୧(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡକୁ ଜିଲା ମାନ୍ୟତା ଦାବି ନେଇ ଗତ କିଛି ଦିନ ହେବ ଚର୍ଚ୍ଚା ଜୋର ଧରିଛି। ଗତ ଡିସେମ୍ବର ୨୭ତାରିଖ ଗୁରୁବାର ଏ ନେଇ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ମଧ ଦିଆଯାଇଥିଲା। ଉକ୍ତ ଦିନ ସନ୍ଧ୍ୟାରେ ରାଜ୍ୟପାଳ ଗଣେଶି ଲାଲଙ୍କୁ ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ସାକ୍ଷାତ କରି ଜୁନାଗଡକୁ ଜିଲା ଓ ସଦରମହକୁମା ଦାବି ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପ୍ରକାଶ ଯେ, ଗତ ୩୦୧ବର୍ଷ ତଳେ କଳାହାଣ୍ଡିର ରାଜଧାନୀ ଜୁନାଗଡ ରହିଥିଲା। ଯାହାକି ସେତେବେଳେ ଜେନାବଳୀପାଟଣା ନାମରେ ପରିଚିତ ଥିଲା। ଏହା ଜୁନାଗଡସ୍ଥିତ ଦଧିବାମନ ମନ୍ଦିରରେ ଥିବା ଶିଳାଲିପିରେ ଲେଖା ହୋଇଥିବା ଅକ୍ଷରରୁ ଜଣାପଡେ। ପରବର୍ତ୍ତୀ ସମୟରେ ୧୮୪୯ରେ କଳାହାଣ୍ଡି ମହାରାଜା ଫତେ ନାରାୟଣ ଦେଓଙ୍କ ସମୟରେ କଳାହାଣ୍ଡିର ରାଜଧାନୀକୁ

## କଳାହାଣ୍ଡିର ପୁରୁଣା ରାଜଧାନୀ ଅବହେଳିତ

ଭବାନୀପାଟଣାକୁ ସ୍ଥାନାନ୍ତରିତ କରାଯାଇଥିଲ। ଜୁନାଗଡ ସହର ହଜାରେ ବର୍ଷର ସହର ହୋଇଥିବାବେଳେ ଛଅକୋଡି ବନ୍ଧ ନଅକୋଡି ତୋଟା ଏବେ ମଧ ଅବସ୍ଥିତ। ସେହିପରି ଜିଲାର ମନ୍ଦିରମାଳିନୀ ସହର ମଧ ଜୁନାଗଡକୁ କୁହାଯାଏ। ଜୁନାଗଡ ବ୍ଲକ ଓ ଏନଏସିର ଲୋକସଂଖ୍ୟା ୧ଲକ୍ଷ ୮୧ହଜାର ୬୪୯। ଜୁନାଗଡ ଏନ୍ଏସି ୧୯୭୦ରେ ପ୍ରତିଷ୍ଠା ହୋଇଥିଲା। ରାଜ୍ୟର ସର୍ବଶ୍ରେଷ୍ଠ ଏନ୍ଏସି ଭାବେ ଲଗାତାର ୩ଥର ଜୁନାଗଡ ଏନଏସି ପୁରସ୍କୃତ ହୋଇଛି। ଜୁନାଗଡ ସହର ୭ବ୍ଲକର ମଧ ଭାଗରେ ଅବସ୍ଥିତ। ଧର୍ମଗଡ ବ୍ଲକ ଓ ଏନ୍ଏସିର ଲୋକସଂଖ୍ୟା ୧ଲକ୍ଷ ୮ହଜାର୧୧୦। ଏହା ଜୁନାଗଡରୁ ମାତ୍ର ୧୮କିମି ଦୂରତା। ଗୋଲାମୁଣ୍ଡା ବ୍ଲକର ଲୋକସଂଖ୍ୟା ୭୮ହଜାର ୨୧୪। ଜୁନାଗଡରୁ ଏହାର ଦୁରତା ୩୫କିମି। ଜୟପାଟଣା ବ୍ଲକର ଲୋକସଂଖ୍ୟା ୧ଲକ୍ଷ ୯୦ହଜାର ୭୯୯। ଜୁନାଗଡରୁ ଏହାର ଦୁରତା ୫୪କିମି। କୋକସରା ବ୍ଲକର ଲୋକସଂଖ୍ୟା ୧ଲକ୍ଷ ୫୮ହଜାର ୭୪୨। ଜୁନାଗଡରୁ ଏହାର ଦୁରତା ୩୫କିମି। କଳମପୁର ବ୍ଲକର ଲୋକସଂଖ୍ୟା ପାଖାପାଖି ୬୯ହଜାର। ଜୁନାଗଡରୁ ଏହାର ଦୂରତା ୩୧କିମି। ସେହିପରି ଥୁଆମୁଲରାମପୁର ବ୍ଲକର ଲୋକସଂଖ୍ୟା ପ୍ରାୟ ୭୭ହଜାର। ଜୁନାଗଡରୁ ଏହାର ଦୁରତା ୫୦କିମି। ଜୁନାଗଡକୁ ଉଭୟ ଜାତୀୟ ରାଜପଥ ଓ ରେଳପଥ ସଂଯୋଗ କରୁଛି। ବର୍ତ୍ତମାନ ଜୁନାଗଡରୁ ନବରଙ୍ଗପୁର ୧୨୫କିମି ରେଳପଥକୁ ଅନୁମୋଦନ ଦେଇ ଓଆରଇଡିଏଲ ତଥା ଓଡିଶା ରେଳ ଇନଫ୍ରାଷ୍ଟ୍ରକଚର ଡେଭଲପମେଣ୍ଟଲିମିଟେଡ ସରକାରୀ ସଂସ୍ଥାକୁ ନିର୍ମାଣ କାର୍ଯ୍ୟ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜୁନାଗଡ ବ୍ଲକରେ ଇନ୍ଦ୍ରାବତୀ ବାମ, ଡାହାଣ କେନାଲ ଓ ଭତରାଜୋର କେନାଲ ଯୋଗୁ ଜୁନାଗଡ ଅଞ୍ଚଳରେ ଦୁଇଫସଲି ଚାଷ ହେଉଛି। ବ୍ୟବସାୟୀ କ୍ଷେତ୍ରରେ ମଧ ଜୁନାଗଡ ଆଗରେ ଥିବାବେଳେ ଏଠାକୁ ଧର୍ମଗଡ, ଭବାନୀପାଟଣା, କଳମପୁର, କୋକସରା, ଥୁଆମୁଲରାମପୁର, ଗୋଲାମୁଣ୍ଡା ବ୍ଲକ ତଥା ଜିଲା ବାହାରର ଲୋକେ ଏଠାକୁ ବ୍ୟବସାୟ କରିବାକୁ ଆସିଥାନ୍ତି। ଜୁନାଗଡ କଳା, ସାଂସ୍କୃତିକ, ରାଜନୈତିକ, ବ୍ୟବସାୟିକ ତଥା ସମସ୍ତ କ୍ଷେତ୍ରରେ ଆଗରେ ରହିଛି। ତେଣୁ ଏହି ସମସ୍ତ ଭିତ୍ତିଭୂମି ରହିଥିବାରୁ ଜୁନାଗଡ ବ୍ଲକ ଓ ଏନଏସି, ଧର୍ମଗଡ ବ୍ଲକ ଓ ଏନଏସି, କଳମପୁର, କୋକସରା, ଜୟପାଟଣା, ଗୋଲାମୁଣ୍ଡା ଓ ଥୁଆମୁଲରାମପୁର ବ୍ଲକର ୧୫ଟି ପଞ୍ଚାୟତକୁ ନେଇ ଜୁନାଗଡକୁ ଜିଲା ଓ ସଦରମହକୁମା ପାଇଁ ଦାବି କରାଯାଉଛି। ଜୁନାଗଡରେ ପ୍ରାୟ ୩୦୧ବର୍ଷ ତଳେ ଥିବା ରାଜଧାନୀକୁ ପୁଣି ଥରେ ଫେରେଇ ଆଣି ତା'ର ପୂର୍ବ ପରିଚୟ ଦେବା ପାଇଁ ଜୁନାଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଦାବି ହୋଇଛି। ସରକାର ଯଦି ଏହି ପୁରାତନ ରାଜଧାନୀକୁ ଜିଲା ଓ ସଦରମହକୁମାର ମାନ୍ୟତା ନ ଦିଅନ୍ତି ତାହା ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଜୁନାଗଡ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି।



ବିଶ୍ୱ କଲ୍ୟାଣ ପାଇଁ ସମିତି ପକ୍ଷରୁ ନଗର କୀର୍ତ୍ତନ ଓ ଦେବଦେବୀ ପୀଠରେ ପ୍ରାର୍ଥନା।

# ସମାଜ ପାଇଁ ଭଲକାମ କରିବା ଲକ୍ଷ୍ୟ

**ସେରଗଡ଼,୨।୧(ଡ଼ି.ଏନ୍.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡ ଶ୍ରୀଜଗନ୍ନାଥ ଚେତନା ସେବା ସମିତି ପକ୍ଷରୁ ପ୍ରତିବର୍ଷ ଭଳି ଶ୍ରୀଜଗନ୍ନାଥ ମନ୍ଦିରରେ ନୂଆବର୍ଷ ୨୦୧୯ଅବସରରେ ଦୀପଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି । ରାତିରେ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସହ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ନୂଆବର୍ଷରେ ମିଳିମିଶି ସତ୍‌ପଥରେ ଯିବା ସହ ଗାଁ, ଦେଶ ତଥା ସମାଜ ପାଇଁ ଭଲକାମ କରିବା ଆମ ସମସ୍ତଙ୍କ ଲକ୍ଷ୍ୟ ବୋଲି ସମିତିର ସଭାପତି ମନୁହର ପୋଡ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସମିତିର ବରିଷ୍ଠ ସଦସ୍ୟ ଭୋଜରାଜ ସାହୁ, ନାଥ ଭୋଇ, ଉପାସୁ ସରାପ, ବବୃବାହାନ ପଧାନ, ସମ୍ପାଦକ କୁମୁଦ ମାଝୀ, ତପନ ଭୋଇ, ସନ୍ତୋଷ ମାଝୀ, ରାଜ କିଶୋର ଭୋଇ, ପିତାମ୍ବର ବାରିକ, ଲୋଚନ ସାହୁ, ରାଜ ଭୋଇ ପ୍ରମୁଖ ପରିଚାଳନା କରିଥିଲେ ।

# କୋଲାବିରାରେ ଧାନକିଣା ଆରମ୍ଭ

**କୋଲାବିରା,୨।୧(ଡି.ଏନ.ଏ.)**

ଝାରସୁଗୁଡା ଜଲା କୋଲାବିରା ବ୍ଲକରେ ଚଳିତ ଖରିଫ ଚାଷ ପାଇଁ ଧାନ କିଣା ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ କୋଲାବିରା ସମାସିଂହା, ପରମାଣପୁର ଏବଂ ଝିଲ୍ଲାପାଲି ସମବାୟ ସମିତି ଜରିଆରେ କ୍ରୟ କରାଯାଇଛି। ଧାନକିଣାର ପ୍ରଥମ ଦିବସରେ କୋଲାବିରା ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଶୁଭ ଦିଆଯାଇ ଧାନ କିଣା ଆରମ୍ଭ କରାଯାଇଥିଲା। କୋଲାବିରା ଏବଂ ତରେଇକେଲା ଅଞ୍ଚଳରୁ ଚିତ୍ତରଞ୍ଜନ ରାଉତ, ଉମାକାନ୍ତ ରଣା, ସରୋଜ କୁମାର ସାହୁ, ଦୁର୍ଯ୍ୟୋଧନ ବାଗ, ସମରେନ୍ଦ୍ର ରାଏ ଏବଂ ଶୈଳେନ୍ଦ୍ର ରାୟ ପ୍ରମୁଖ ୬ ଜଣ ଚାଷୀଙ୍କଠାରୁ ୧୭୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସେହିପରି ସମାସିଂହା ସମବାୟ ସମିତିରେ ୬୨୦ଜଣ ଚାଷୀଙ୍କଠାରୁ ସର୍ବାଧିକ ୨୩୨୦ କୁଇଣ୍ଟାଲ, ପରମାଣପୁରଠାରେ ୭ଜଣ ଚାଷୀଙ୍କଠାରୁ ୧୮୦ କୁଇଣ୍ଟାଲ ଏବଂ ଝିଲ୍ଲାପାଲି ସମବାୟ ସମିତ ପକ୍ଷରୁ ୩୫ ଜଣ ଚାଷୀଙ୍କଠାରୁ ୨ହଜାର କୁଇଣ୍ଟାଲ ଧାନ କିଣାଯାଇଥିବାର ସୂଚନା ମିଳିଛି। ତେବେ ଧାନ ଯଦି ଏଫଏକ୍ୟୁ ମାନର ନ ହୁଏ କିନ୍ତୁ ଭଲ ଧାନ ବାହାରି ଥାଏ ତେବେ କୁଇଣ୍ଟାଲ ପ୍ରତି ୨.୫ କିଲୋଗ୍ରାମ କଟନୀ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ଧାନର ମାନ ଅତ୍ୟନ୍ତ ଖରାପ ଥିଲେ ଚାଷୀ ଓ ମିଲର ପ୍ରତିନିଧିଙ୍କ ମାଧ୍ୟମରେ ଆଲୋଚନା କରାଯାଇ ଧାନ କଟନୀର ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି। ଚାଷୀଙ୍କ ଧାନ କେବଳ ସୋସାଇଟିରେ ଓଜନ ହେବ।

# ରିଷିଡ଼ା କ୍ରିକେଟ କପ୍: ଖରଝୁରା ଚାମ୍ପିୟନ

**ରିଷିଡା,୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ବାପୁଜୀ ମିନି ଷ୍ଟାଡିୟମଠାରେ ଆରଏସଏ ପକ୍ଷରୁ ଦିନିକିଆ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୮ଟି ଦଳ ଭାଗ ନେଇଥିବାବେଳେ ଫାଇନାଲ ଖେଳରେ ଖରଝୁରା ଦଳ ପୌରାକେଲା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ସୁବୋଧ ରଣା, ଲଳିତମୋହନ ସାହୁ, ଲଳିତମୋହନ ଦାସ, ପୂର୍ବତନ କ୍ରିକେଟ ଖେଳାଳି ବିଭୁତିଭୂଷଣ ସେଠ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଖେଳ ପରିଚାଳନା ଧର୍ମାନନ୍ଦ ରଣା, ରଶ୍ମିରଞ୍ଜନ ଲେଙ୍କା, ଲୋଚନ ଭୋଇ, ରଞ୍ଜନ ନାଏକ, ଭୂପିନ୍ଦ୍ର ଭୋଇ ଓ ସର୍ବେଶ୍ୱର ନାଏକ କରିଥିବା ବେଳେ ସ୍କୋରର ଥିଲେ ଡିଟୁ ନାଏକ, ଜିତୁ ରଣା, ପ୍ରଦୀପ ମଲ୍ଲିକ, ପରକ୍ଷୀତ ବଗର୍ତ୍ତି । ଧାରାବିବରଣୀ ପ୍ରଦାନ କରିଥିଲେ କମ୍ବୁପାଣି ସାହୁ, ସୁଶାନ୍ତ କୁମାର ଦୀପ, ମାର୍କଣ୍ଡ ସାହୁ ।



ଚାମ୍ପିୟନ ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି ।

ଘଟନାକେ ଗୁରୁତ୍ ଦେଲେ ବିଧାୟକ

# ବାସୁଦେବଙ୍କୁ ମିଲ୍‌ଲା ଭତା, ରାଶନ କାର୍ଡ

**ଜୁନାଗଡ,୨।୧ (ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ୍ ଆଟିଗାଁ ପଁଚେତ୍ ମିଚାଗାଁ(ନୂଆପଡ଼ା)ର ବାସୁଦେବ ନାଏକ(୬୪)। ରାଶନ କାର୍ଡ ଖଁଡ଼େ ନାଇଁଥିବାର ଲାଗି ଫିଦିନ୍ ଭିଖ୍ ମାଗି ଚଲୁଥିଲେ। ଯେନ୍‌ଦିନ ଭିଖ୍ ମିଲ୍‌ଲା ଭଲ ନାଇଁ ହେଲେ ଖାଡ଼ା ଉପାସରେ ରହୁଥିଲେ। ତାହାକୁ ୬୪ ବଛର ହେଇଥିଲେ ବି ଆଏଜ୍‌ତକ୍ ବୁଢ଼ାବୁଢ଼ୀ ଭତା ପାଏବାରୁ ବଁଚିତ ଥିଲେ। ସେନ୍‌ତା ଘର ଅଭାବୁ ଆଶ୍ରେ ନେବାର ଲାଗି ଇ ଗାଁ ସେ ଗାଁ ଘୂରି ବୁଲୁଥିଲେ। ଏଭେ ଦିନାକେତେ ହେଲା ଆଟିଗାଁ ମଣ୍ଡିରେ ଆଶ୍ରେ ନେଇ ଅସାହା ଜୀବନ୍ ବିତଉଥିଲେ। ଇ ବାବ୍‌ଦେ ବୁଧବାର 'ଧରିତ୍ରୀ' ସମ୍ବଲପୁର ସଂସ୍କରଣରେ 'ଘର ନାଇଁ, ମଣ୍ଡିରେ ବିତୁଛେ ବୁଢୁଧ୍‌କଁର ଜୀବନ୍' ଶୀରଷକ୍‌ରେ ଖବର ବାହାରଲାରୁ କଥାଟା ଲୁକ୍‌କର ନଜରକେ ଆସିଥିଲା। ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଘଟନାକେ ଗୁରୁତ୍ ଦେଇ ଦଖଲ ଦେଲାରୁ ପରଶାସନ ବୁଢୁଧ୍ ବାସୁଦେବକୁଁ ଅନ୍ନପୂର୍ଣ୍ଣା ଯୋଜ୍‌ନାରେ ସାମିଲ କରି ୧୦ କେ.ଜି. ଚାଉଲ ଦେଇଛେ। ଏଥରକ ବୁଢୁଧ୍ ବାସୁଦେବକୁଁ ଫିମାସ ମାହାଲିଆ ୧୦ କେ.ଜି. ଚାଉଲ ଦିଆଯିବା। ବେଲବୁଡ଼େ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ବୁଢୁଧ୍ ବାସୁଦେବକଁର ପାସେ ପୁହୁଁଚି ନୂତନ ଭତା ଦେଇଥିଲେ। ବହୁତ୍ ଜଲ୍‌ଦି ବାସୁଦେବକୁଁ ଗୁଟେ ବିଜୁ ପକ୍କାଘର ବି ଯୁଗେଇ ଦିଆଯିବା ବଲି ବିଧାୟକ କଥା ଦେଇଥିଲେ। ବୁଢୁଧ୍ ବାସୁଦେବ ଗୁଟେ ଦିନେ ରାଶନ କାର୍ଡ ଆର ୩୦୦ ଟଁକା ଭତା ପାଇଥିବାର ଲାଗି ସେ ଖୁସ୍ ଥିବାର ଦେଖିବାକେ ମିଲିଥିଲା। ଏନ୍‌ତା ଜନହିତକର କାଯ୍ ଲାଗି ଥାନୀୟ ବିଧାୟକକୁଁ ଲୋକ୍ ପରଶଁସା କରିଥିଲେ।



ଧରିତ୍ରୀ ପ୍ରଭାବ

ବୁଢୁଧ୍ ବାସୁଦେବକୁଁ ଜୁନାଗଡ଼ ବିଧାୟକ ନୂତନ ଭତା ଦେଉଛନ୍।

# ୧୨ରେ କୁଶୁର୍ଲା ମକର ମେଳା

**ପଲମ,୨।୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧିନ ଯୋରାଡବରା ପଞ୍ଚାୟତସ୍ଥିତ କୁଶୁର୍ଲା ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ଚଳିତ ମାସ୧୨ ରୁ ୧୮ତାରିଖ ପର୍ଯ୍ୟନ୍ତ ମକରମେଳା ହେବା ପାଇଁ ୫୪ଖଣ୍ଡ ଗ୍ରାମର ଲୋକଙ୍କୁ ନେଇ ସ୍ଥିର ହୋଇଛି । ଏହି ମକରମେଳା ୬୯ତମ ବର୍ଷ ହେବ ମହାସମାରୋହରେ ପାଳିତ ହୋଇଆସୁଛି । ଆଜିଠାରୁ ମନ୍ଦିର ପରିସରରେ ଶହ ଶହ ଦୋକାନ ବସିବା ପାଇଁ କୁଡିଆ ମଧ ଆରମ୍ଭ କରାଯାଉଛି । ଏହି ମକର ମେଳାରେ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ଫୁଲବାଣି, ଛତିଶଗଡ, ସମ୍ବଲପୁର, ରାୟଗଡା, କନ୍ଧମାଳ ଆଦି ଜିଲାରୁ ଦୋକାନୀମାନେ ଆସି ଦୋକାନ ସବୁ ଲଗାଇଥାନ୍ତି । ଉକ୍ତ ମେଳାରେ ଅନେକ ଭକ୍ତ ଆସି ପୂଜାର୍ଚ୍ଚନା କରିଥାନ୍ତି । ଭକ୍ତମାନଙ୍କ ରହିବା ପାଇଁ ସୁବ୍ୟବସ୍ଥା କରାଯାଇଥାଏ। ରାତିରେ ମନୋରଞ୍ଜନ ପାଇଁ ଅନେକ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ କମିଟି ଦାୟିତ୍ୱରେ ଆୟୋଜନ କରାଯାଇଥାଏ । ମ. ରାମପୁର ଥାନା କର୍ମଚାରୀଙ୍କ ଦ୍ୱାରା ସମ୍ପୂର୍ଣ୍ଣଭାବେ ସୁରକ୍ଷା ଦିଆଯିବାର ବ୍ୟବସ୍ଥା ଅଛି ।

## ସେମାନେ କୁହନ୍ତି



"ଆଜକୁ ୬୯ବର୍ଷ ହେବ ଅନେକ ପ୍ରକାର ସୁବ୍ୟବସ୍ଥାରେ ମକରମେଳା ପରିଚାଳିତ ହୋଇଆସୁଛି । ଚଳିତ ବର୍ଷ ମଧ ସୁଚାରୁରୂପେ ପରିଚାଳିତ ହେବ ବୋଲି ସ୍ଥିର କରାଯାଇଛି ।
**-ନିରାକାର ସାହୁ, ସଭାପତି, ମକରମେଳା**



"ମକରମେଳା ଅନେକ ବର୍ଷ ହେବ ପାଳିତ ହୋଇ ଆସୁଥିଲେ ହେଁ ଜନସାଧାରଣଙ୍କ ମତାମତ କ୍ରମେ ଏହି ବର୍ଷ ଅନେକ ସୁବ୍ୟବସ୍ଥା କରାଯିବା ପାଇଁ ସ୍ଥିର କରିଛୁ ।
**-କଂସାସୁର ଜାନୀ, ସମ୍ପାଦକ, ମକରମେଳା**



"ପ୍ରତ୍ୟେକ ବର୍ଷ ଯେପରି ଭାବେ ପୂଜା ପରିଚାଳିତ ହୋଇଆସୁଛି ସେପରି ଭାବେ ପୂଜାର୍ଚ୍ଚନା ପାଇଁ ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ସୁବିଧା ଦେବା ପାଇଁ ବ୍ୟବସ୍ଥା ରହିଛି ।
**-କମ୍ବୁପାଣି ବଡମାଲି, ମନ୍ଦିର ପୂଜକ**

# କ୍ରିକେଟ ଟୁର୍ନାମେଣ୍ଟ : ସାନଡୁଙ୍ଗୁରୀଗୁଡ଼ା ଚାମ୍ପିୟନ

**ରିଷିଡା,୨।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବଡଡୁଙ୍ଗୁରୀଗୁଡାଠାରେ ଚାଲିଥିବା ବିଦୁଭୁଷଣ ମେମୋରିଆଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସାନଡୁଙ୍ଗୁରୀଗୁଡା ୮ଉଇକେଟରେ ତେରେସିଂହା ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଫାଇନାଲ ଖେଳରେ ପ୍ରଥମେ ବ୍ୟାଟିଂ କରି ତେରେସିଂହା ଦଳ ନିର୍ଦ୍ଧାରିତ ୧୪ଓଭରରେ ସମସ୍ତ ଉଇକେଟ ହରାଇ ୫୭ରନ ସଂଗ୍ରହ କରିଥିଲେ। ଏହି ଦଳର ବନ ସର୍ବାଧିକ ୧୫ରନ ଓ ବୁଲୁ ୪ଉଇକେଟ ନେଇଥିଲେ। ଏହାର ଜବାବରେ ସାନଡୁଙ୍ଗୁରୀ ଗୁଡା ଦଳ ୨ଉଇକେଟରେ ନିର୍ଦ୍ଧାରିତ ରନ ସଂଗ୍ରହ କରିନେଇଥିଲେ । ଏହି ଦଳର କୁନୁ ସର୍ବାଧିକ ୩୨ରନ କରିଥିଲେ । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ଭାବେ ସାମାଜିକକର୍ମୀ ମନୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଗ୍ରାମ୍ୟ କମିଟିର ସଦସ୍ୟମାନେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦ ସିରିଜ କୁନୁ, ମ୍ୟାନ ଅଫ୍ ଦି ମ୍ୟାଚ ସୁଶାନ୍ତ, ବେଷ୍ଟ ସିକ୍ସର ଟି ବୁଲୁ, ବେଷ୍ଟ ବୋଲର୍ ରାହୁଲଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ଖେଳକୁ ସୁନୀଲ ସାହୁ, ଅରବିନ୍ଦ ଗହୀର ପରିଚାଳନା କରିଥିବାବେଳେ ଦେବାଶିଷ ବେହେରା, ବିବେକ ମିଶ୍ର, ସୁମନ୍ତ ବଡ଼େଇ ଧାରା ବିବରଣୀ ପ୍ରଦାନ କରିଥିଲେ । ସ୍କୋରର ଥିଲେ ଦୟାନିଧି ଗହୀର ଓ ପିତାମ୍ବର ସା ।





ଚାମ୍ପିୟନ ସାନଡୁଙ୍ଗୁରୀଗୁଡା ଦଳର ଖେଳାଳି ।

## ଖବରଦାତାଙ୍କ ବିୟୋଗରେ ଶୋକ

**ଲାଞ୍ଜିଗଡ଼,୨।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲାର ବରିଷ୍ଠ ଖବରଦାତା ସୁରେଶ ପାଢୀଙ୍କ ଚିକିତ୍ସାଧୀନ ଭାବେ ମୃତ୍ୟୁ ଘଟିଛି । ତାଙ୍କ ବିୟୋଗରେ ଲାଞ୍ଜିଗଡ ପ୍ରେସ୍ କ୍ଲବ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି । ଏ ନେଇ କ୍ଲବ ପକ୍ଷରୁ ଏକ ଶୋକସଭାର ଆୟୋଜନ କରାଯାଇଥିବାବେଳେ ପ୍ରେସ୍ କ୍ଲବର ସଭାପତି କୈଳାସ ସାହୁ, ଉପସଭାପତି ବି.ତ୍ରିପତି ପାତ୍ର, ସାଧାରଣ ସମ୍ପାଦକ ସୁଶୀଲ ବାଗ, କୋଷାଧ୍ୟକ୍ଷ ପରେଶ ନାୟକ, ସଦସ୍ୟ ଏମ୍.ଚନ୍ଦ୍ରଶେଖର, କ୍ଷମାନିଧି ମହାକୁଡ, ପଦ୍ମଲୋଚନ ସାହୁ, ଶଙ୍କର ସାହୁ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପାଢୀଙ୍କ ସ୍ମୃତିଚାରଣ କରିଥିଲେ।

# ଅସକୁରା ହେଇ ପଡ଼ିଛେ ପଲମ ଅଙ୍ଗନୱାଡି କେନ୍ଦ୍ର

**ପଲମ, ୨।୧ (ଡି.ଏନ.ଏ)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ପଲମ ପଁଚେତ୍‌ର ପଲମ ଅଙ୍ଗନୱାଡି କେନ୍ଦ୍ର ୨ ବଛର ହେଲା ଅସକୁରା ହେଇ ପଡ଼ିରହିଛେ। ଆଏଜ୍‌କେ ୨୫ ବଛର ତଲେ ଇ ଅଙ୍ଗନୱାଡି କେନ୍ଦ୍ରର ଥାପନା କରାଯାଇଥିଲା। ହେଲେ ଦେଖିରେଖ୍ ଆର ମରାମତି ଅଭାବୁ ଏହେଦେ କେନ୍ଦ୍ରଟା ବେଭାର କରବାର ଅବସ୍‌ତାରେ ନାଁଇଁ। ଯେନଥିରଲାଗି ଶିଶୁ ବିକାଶ କାଯ୍‌ରେ ବଡ଼ଭାରି ଅସ୍‌ବିଧା ଦେଖାଦେଇଛେ। ଏହେଦ୍‌କା ଅସ୍‌ଥାଇ ହିସାବେ ପଲମ ମାଉସୀ ଗୁଡ଼ିରେ ଅଙ୍ଗନୱାଡିର ଫିଦିନିଆଁ କାଯ୍ ଚାଲୁଛେ। ଇ ବାବ୍‌ଦେ କେନ୍ଦ୍ରର ଦାଇତିଅରେ ଥିବାର ଅଙ୍ଗନୱାଡି କରମୀ ଦଶମୀ ବାଗକୁ ପଚରାଲାରୁ ମୁଇଁ କେନ୍ଦ୍ରର ଦୁରାବସ୍‌ତା ବାବ୍‌ଦେ ବିଭାଗୀୟ ଅଧିକାରୀକୁଁ ଜନେଇଛେଁ ବଲି କହିଥିଲେ। ସେନ୍‌ତା ଇ ଅଙ୍ଗନୱାଡି କେନ୍ଦ୍ରର ଦାଇତିଅରେ ଥିବାର ସୁପରଭାଇଜର କୁନ୍ତଳା କୁମାରୀ ନାଏକକୁଁ ପଚରାଲାରୁ ଇ ବିଷେରେ ଉଚ ଅଧିକାରୀମାନକର ସଂଗେ କଥା ହେଇଛେଁ ଆର ମୋର ଜାନବାରେ ଚଲତି ବଛର ଘର ତିଆରି କାମ୍ ମୂଲ ହେବା ବଲି କହିଥିଲେ। ଇ ଦିଗେ ଜିଲା ପରଶାସନ ଦ୍ରୁଷ୍ଟି ଦେଇ ଉଚିତ ପଦକ୍ଷେପ ନେବାକେ ପଲମବାସୀ ଦାବି କରିଛନ୍।



ପଲମ ଅଙ୍ଗନୱାଡି କେନ୍ଦ୍ର।



“ ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ। ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।
- ପଣ୍ଡିତ ନୀଳକଣ୍ଠ ଦାସ



## ସଂକ୍ଷେପରେ

### ‘ଦୁଲଦୁଲି’ରେ ଭାଗ ନେଲେ ଦିବ୍ୟାଙ୍ଗ କଳାକାର

ଝାରସୁଗୁଡା ଅଫିସ,୨୧-ଜିଲା ମହୋତ୍ସବ ‘ଦୁଲଦୁଲି’ରେ ବୁଧବାର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଭାଗ ନେଇ ‘ବିଶ୍ୱ ଦେଖ ମଧୁମୟ’ ଶୀର୍ଷକ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବୁରୋମାଲସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ, ବୃନ୍ଦାମାଲର ଉତ୍କଳ କଲ୍ୟାଣ ସେବା ସଂଘ ଏବଂ ଦୀପୁପଡାର ଆଶା କିରଣ ଅନୁଷ୍ଠାନର ଅନ୍ତେବାସୀ ବେଶ୍ ଚିତ୍ତାକର୍ଷକ ଏବଂ ମନମୁଗ୍ଧକର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରିଥିଲେ। ଅତିଥି ଭାବେ ତାପସ ରାୟଚୌଧୁରୀ, ପ୍ରଜ୍ୱଳ ପଟେଲ, ଡା. ପ୍ରକାଶ ରଣା ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପିଣ୍ଟୁ ପାଢ଼ି ଓ ରାହାସ ବିହାରୀ ଦାସ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଚଞ୍ଚଳ ଦୁଆ, ପ୍ରିୟଙ୍କା ପାଣ୍ଡେ, ସାଇମନ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

### କୋଲାବିରାରେ ଧାନକିଣା ଆରମ୍ଭ

କୋଲାବିରା,୨୧(ଡି.ଏନ.ଏ.)-ଝାରସୁଗୁଡା ଜଲା କୋଲାବିରା ବ୍ଲକରେ ଚଳିତ ଖରିଫ ଚାଷ ପାଇଁ ଧାନ କିଣା ଆରମ୍ଭ ହୋଇଛି। ବୁଧବାର ପ୍ରଥମ ଦିନରେ କୋଲାବିରା ସମାସିଂହା, ପରମାଣପୁର ଏବଂ ଝିଲ୍ଲାପାଲି ସମବାୟ ସମିତି ଜରିଆରେ କ୍ରୟ କରାଯାଇଛି। ଧାନକିଣାର ପ୍ରଥମ ଦିବସରେ କୋଲାବିରା ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଶୁଭ ଦିଆଯାଇ ଧାନ କିଣା ଆରମ୍ଭ କରାଯାଇଥିଲା। କୋଲାବିରା ଏବଂ ତରେଇକେଲା ଅଞ୍ଚଳରୁ ଚିତ୍ତରଞ୍ଜନ ରାଉତ, ଉମାକାନ୍ତ ରଣା, ସରୋଜ କୁମାର ସାହୁ, ଦୁର୍ଯ୍ୟୋଧନ ବାଗ, ସମରେନ୍ଦ୍ର ରାଏ ଏବଂ ଶୈଳେନ୍ଦ୍ର ରାୟ ପ୍ରମୁଖ ୬ ଜଣ ଚାଷୀଙ୍କଠାରୁ ୧୭୩ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। ସେହିପରି ସମାସିଂହା ସମବାୟ ସମିତିରେ ୬୨୦ଜଣ ଚାଷୀଙ୍କଠାରୁ ସର୍ବାଧିକ ୨୩୨୦ କୁଇଣ୍ଟାଲ, ପରମାଣପୁରଠାରେ ୭ଜଣ ଚାଷୀଙ୍କଠାରୁ ୧୮୦ କୁଇଣ୍ଟାଲ ଏବଂ ଝିଲ୍ଲାପାଲି ସମବାୟ ସମିତ ପକ୍ଷରୁ ୩୫ ଜଣ ଚାଷୀଙ୍କଠାରୁ ୨ହଜାର କୁଇଣ୍ଟାଲ ଧାନ କିଣାଯାଇଥିବାର ସୂଚନା ମିଳିଛି। ତେବେ ଧାନ ଯଦି ଏଫଏକ୍ୟୁ ମାନର ନ ହୁଏ କିନ୍ତୁ ଭଲ ଧାନ ବାହାରି ଥାଏ ତେବେ କୁଇଣ୍ଟାଲ ପ୍ରତି ୨.୫ କିଲୋଗ୍ରାମ କଟନୀ ହେବ ବୋଲି ଘୋଷଣା କରାଯାଇଛି। ସେହିପରି ଧାନର ମାନ ଅତ୍ୟନ୍ତ ଖରାପ ଥିଲେ ଚାଷୀ ଓ ମିଲର ପ୍ରତିନିଧିଙ୍କ ମାଧମରେ ଆଲୋଚନା କରାଯାଇ ଧାନ କଟନୀର ନିର୍ଦ୍ଧାରଣ କରାଯିବ ବୋଲି କୁହାଯାଇଛି। ଚାଷୀଙ୍କ ଧାନ କେବଳ ସୋସାଇଟିରେ ଓଜନ ହେବ। ବିନା ଓଜନରେ ଚାଷୀଙ୍କ ଧାନ ମିଲକୁ ଯିବନାହିଁ ବୋଲି ଚାଷୀ ପ୍ରତିନିଧି ଓ ଅଧିକାରୀ ସହମତି ଜଣାଇଛନ୍ତି।

# ମିସ୍‌କଲରୁ ପ୍ରେମ: ଶେଷରେ ହତ୍ୟା

ନୂଆଗାଁ, ୨୧ (ଡି.ଏନ.ଏ)

■ମହିଳାଙ୍କୁ ତଣ୍ଟିକାଟି ହତ୍ୟା ଘଟଣାରେ ୩ ଯୁବକ ଗିରଫ
■ବିବାହ ଲାଗି ବାଧ କରିବାରୁ ଘଟିଥିଲା ହତ୍ୟାକାଣ୍ଡ
■ଫୋନକଲ ଯାଞ୍ଚ କରିବାରୁ ଘଟଣାର ପର୍ଦ୍ଦାଫାଶ
■ସ୍କୁଟି, ମୋବାଇଲ ଫୋନ ଜବତ କଲା ପୋଲିସ

ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଚୁଆଁବାହାଲ ଗ୍ରାମର ଜନୈକା ୩୩ବର୍ଷ ବୟସ୍କା ମହିଳାଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ମହିଳାଙ୍କ ସହିତ ମୋବାଇଲ ଫୋନ ମିସ୍‌କଲରୁ ହୋଇଥିଲା ପ୍ରେମ। ବିବାହ ଲାଗି ବାଧ୍ୟ କରିବାରୁ ଶେଷରେ ଘଟିଥିଲା ହତ୍ୟାକାଣ୍ଡ। ବୁଧବାର ଏହି ଘଟଣାରେ ହାତୀବାରି ଥାନା ପୋଲିସ ୩ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ମୃତ ମହିଳାଙ୍କ ମୋବାଇଲ ଫୋନ, ଯୁବକମାନେ ବ୍ୟବହାର କରିଥିବା ଏକ ସ୍କୁଟିକୁ ଜବତ କରିଛି। ମୋବାଇଲ ଫୋନ କଲ ଯାଞ୍ଚ କରି ପୋଲିସ ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଯୁବକମାନେ ହେଲେ ତଳସେରା ଦେଓବାହାଲ ଅଞ୍ଚଳର ଜ୍ୟୋତି ଟେଟେ (୨୫), ଦେଓବାହାଲ ଜିତିଆପଡାର ରାହୁଲ କୁଲୁ (୨୪) ଓ ବୀରମିତ୍ରପୁର ବାରଟାପୁଟୁ ଗ୍ରାମର ସୁନୀଲ ତିର୍କୀ(୨୩)।

ଚୁଆଁବାହାଲ ଗ୍ରାମର ଉକ୍ତ ମହିଳା ୮ବର୍ଷ ପୂର୍ବେ ସବ୍‌ଡେଗା ବ୍ଲକ ଦେଓଗାଁରେ ପ୍ରେମ ବିବାହ କରିଥିଲେ। କୌଣସି କାରଣବଶତଃ ସେ ୨ ରୁ ୩ ବର୍ଷ ହେବ ନିଜ ବାପଘର ଚୁଆଁବାହାଲକୁ ଆସି ରହୁଥିଲେ। ଏହା ଭିତରେ ତଳସେରା ଦେଓବାହାଲ ଅଞ୍ଚଳର ଜ୍ୟୋତି ଟେଟେଙ୍କ ସହ ମୋବାଇଲ ଫୋନ୍ ମିସକଲ୍ ମାଧମରେ ଜଣାଶୁଣା ହେବା ସହ ତାଙ୍କ ସହ ଧୀରେ ଧୀରେ ପ୍ରେମ ବଢ଼ିଥିଲା। ଜ୍ୟୋତି ଝାରସୁଗୁଡା ଅଞ୍ଚଳରେ ଡ୍ରାଇଭର ଭାବରେ କାମ କରୁଥିବାରୁ ମହିଳା ଜଣଙ୍କ ମଝିରେ ମଝିରେ ସେଠାକୁ ଯାଇ ରହୁଥିଲେ। ମିଳାମିଶାରୁ କୁଆଡେ ମହିଳା ଜଣକ ୩/୪ ମାସ ପୂର୍ବରୁ ଗର୍ଭବତୀ ହୋଇଥିବା ଜ୍ୟୋତିଙ୍କୁ କହିଥିଲେ ଓ ତାଙ୍କୁ ଶୀଘ୍ର ବିବାହ କରିବାକୁ ମଧ ବାଧ୍ୟ କରିଥିଲେ। ଜ୍ୟୋତି ଏହା ଜାଣିବା ପରେ ସେ ମହିଳାଙ୍କ ଅତୀତ କଥା ବିଷୟରେ ଅନୁସନ୍ଧାନ ଆରମ୍ଭ କରିଥିଲେ। କୌଣସି ସୂତ୍ରରୁ ଜ୍ୟୋତି ଜାଣିବାକୁ ପାଇଲେ ଯେ, ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡି ବାପ ଘରକୁ ଆସି ରହୁଛନ୍ତି। ଏସବୁ ଜାଣିସାରିଲା ପରେ ସେ ମହିଳାଙ୍କୁ ରାସ୍ତାରୁ ହଟାଇବାକୁ ଚିନ୍ତା କଲେ। ସେ ରାହୁଲ ଓ ସୁନୀଲଙ୍କୁ ଏ ବିଷୟରେ କହି ସାହାଯ୍ୟ ମାଗିଥିଲେ। ଡିସେମ୍ବର ୨୬ ସନ୍ଧ୍ୟାରେ ସମ୍ପୃକ୍ତ ୩ ଯୁବକ ଏକ ସ୍କୁଟିରେ ଆସି ଚୁଆଁବାହାଲ ଗ୍ରାମକୁ ଯାଇଥିଲେ। ରାହୁଲ ସ୍କୁଟି ସହ ଅଳ୍ପଦୂରରେ ଛିଡା ହୋଇଥିବାବେଳେ ଜ୍ୟୋତି ଓ ସୁନୀଲ ମହିଳାଙ୍କ ଘରଠାରୁ କିଛି ଦୂରରେ ଠିଆହୋଇ ଫୋନଯୋଗେ ଡାକିଥିଲେ। ମହିଳା ଜଣକ ଆସିବା ପରେ ଜ୍ୟୋତି ଓ ସୁନୀଲ ମାଡି ବସି ତଣ୍ଟିଚିପି ହତ୍ୟା କରିଥିଲେ। ପରେ ସୁନୀଲ ଏକ ବ୍ଲେଡରେ ମହିଳାଙ୍କ ତଣ୍ଟିକୁ କାଟି ପକାଇଥିଲେ। ପରେ ସେ ଘୋଡେଇ ହୋଇଥିବା ଶାଲଟିରେ ଏକ ପଥର ସହ ମହିଳାଙ୍କୁ ବାନ୍ଧି ନିକଟସ୍ଥ କୂଅରେ ଫିଙ୍ଗି ଦେଇଥିଲେ। ଘଟଣା ଘଟାଇ ସେମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଘର ଲୋକେ ୨୭ ତାରିଖ ସକାଳେ ତାଙ୍କୁ ଚାରିଆଡେ ଖୋଜିଥିଲେ ହେଁ ପାଇ ନ ଥିଲେ। ସନ୍ଧ୍ୟାରେ ଏକ କୂଅରେ ଚପଲ ଭାସୁଥିବା ଦେଖି ସନ୍ଦେହରେ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ନାଏକଙ୍କୁ ଜଣାଇଥିଲେ। ସନ୍ଧ୍ୟା ହୋଇଯିବାରୁ କୂଅ ଭିତରୁ ଦମକଳ ବାହିନୀ ଉଦ୍ଧାର କରିପାରି ନ ଥିଲେ। ୨୮ ତାରିଖ ସକାଳେ ପୋଲିସ ଓ ଦମକଳ ବାହିନୀ ଉକ୍ତ କୂଅରୁ ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏହି ହତ୍ୟାକାଣ୍ଡ ପଛରେ ପ୍ରେମ ସମ୍ପର୍କ ଥିବା ସେତେବେଳେ ହିଁ ପୋଲିସ ଅନୁମାନ କରିଥିଲା। ଏନେଇ ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ଏକ ହତ୍ୟା ମାମଲା (ନଂ. ୮୪/୨୦୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଘଟଣା ଘଟିବାର ୬ଦିନ ପରେ ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ୩ ଯୁବକମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଅଭିଯୁକ୍ତମାନେ ଘଟଣାକୁ ସ୍ୱୀକାର କରିଛନ୍ତି।




ମହିଳାଙ୍କ ହତ୍ୟା ଘଟଣାରେ ଗିରଫ ୩ ଯୁବକ।

### ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଲହୁଣୀପଡା, ୨୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରାଜାମୁଣ୍ଡା ଲହୁଣୀପଡା ରାସ୍ତାର ସତ୍‌ସଙ୍ଗ କେନ୍ଦ୍ର ନିକଟରେ ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ ରୁଗୁଡା ଗ୍ରାମର ବାମିଆ ମୁଣ୍ଡା (୧୮) ଶରଧାପୁର ଭିଣୋଇ ଘରୁ ନିଜ ଘରକୁ ବାଇକ ଓଆର୍ ୦୬ ଜି-୧୨୧୧ ଯୋଗେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ଫଳରେ ବାଇକ୍‌ର ସମ୍ମୁଖ ଭାଗ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ବାମିଆ ମୁଣ୍ଡା ଗୁରୁତର ଆହତ ହୋଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ ଗୁରୁତର ଅବସ୍ଥା ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି। ପୋଲିସ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି।

■ ‘ଦୁଲ୍‌ଦୁଲି’ର ଦ୍ୱିତୀୟ ସନ୍ଧ୍ୟା

## ଦର୍ଶକଙ୍କୁ ବିମୋହିତ କଲା ନୃତ୍ୟର ଯୁଗଳବନ୍ଦୀ

ଝାରସୁଗୁଡା ଅଫିସ,୨୧

ଝାରସୁଗୁଡା ଜିଲା ମହୋତ୍ସବ ‘ଦୁଲ୍‌ଦୁଲି’ର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ପାରମ୍ପରିକ ଶାସ୍ତ୍ରୀୟ ନୃତ୍ୟ, ଲୋକନୃତ୍ୟର ଯୁଗଳବନ୍ଦୀ ଦର୍ଶକଙ୍କୁ ବିମୋହିତ କରିଛି। ଅତିଥି ଭାବେ ବ୍ରଜରାଜନଗର ବିଧାୟିକା ରାଧାରାଣୀ ପଣ୍ଡା, ଅତିରିକ୍ତ ଜିଲାପାଳ ତିଲୋଚନ ମାଝି, ଟିଆରଏଲ୍ ମାନବସମ୍ବଳ ବିଭାଗ(ଭିପି) ତାରାପଦ ଦାଶ, ଏସ୍‌ଏମ୍‌ସି ଇଡି ଲକ୍ଷ୍ମୀନାରାୟଣ ପୂର୍ତ୍ତି, ସିଡବ୍ଲୁସି ଅଧକ୍ଷା ଆନନ୍ଦିନୀ ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ବ୍ରଜରାଜନଗରର ମାଧବ ସଙ୍ଗୀତ ବିଦ୍ୟାଳୟର ଓଡ଼ିଶୀ, ମହିମା ସାଂସ୍କୃତିକ ଅନୁଷ୍ଠାନର ବାସନ୍ତୀ ଝୁମେର୍, ଛତିଶଗଡି ନୃତ୍ୟ, ରାଇଁଝାଇଁର ଡଙ୍ଗର ତଲେ ରଜା ବିହା, ଜଟଣୀ ଯୋଗମାୟା ପାଇକ ଆଖଡା ଅନୁଷ୍ଠାନର ପାଇକ ଆଖଡା ଦର୍ଶକ ମନଭରି ଉପଭୋଗ କରିଥିଲେ।



ନୃତ୍ୟ ପରିବେଷଣ କରୁଛନ୍ତି କଳାକାର।

### ବିଦେଶୀ ମଦ ଦୋକାନରୁ ଚୋରି ଅଭିଯୋଗ

ଲହୁଣୀପଡା, ୨୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ଜୁନିଆନିଠାରେ ଥିବା ବିଦେଶୀ ମଦ ଦୋକାନରୁ ମଙ୍ଗଳବାର ବିଳମ୍ବିତ ରାତିରେ କବାଟ ଭାଙ୍ଗି ବିପୁଳ ପରିମାଣର ବିଭିନ୍ନ ପ୍ରକାରର ବିଦେଶୀ ମଦ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନ ବନ୍ଦ କରି ମ୍ୟାନେଜର ଘରକୁ ଯାଇଥିଲେ । ବୁଧବାର ସକାଳୁ ସ୍ଥାନୀୟ ଲୋକମାନେ ମଦ ଦୋକାନ କବାଟ ଭାଙ୍ଗି ଚୋରି ହୋଇଥିବା ଖବର ଦେବାରୁ ମ୍ୟାନେଜର ଦେଖିଥିଲେ। ମାଲିକ ସଞ୍ଜୟ ରାୟ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

■ କିର୍ମିରା ଭାଜପାର ସାଂଗଠାନିକ ବୈଠକ

## ୨୦୧୯ ପାଇଁ କ୍ଷେତ୍ର ସଜାଡିବା ଆରମ୍ଭ କଲେ ଆନନ୍ଦ ପ୍ରଧାନ

କିର୍ମିରା, ୨୧ (ଡି.ଏନ.ଏ)

୨୦୧୯ରେ ହେବାକୁ ଥିବା ସାଧାରଣ ନିର୍ବାଚନ ଝାରସୁଗୁଡା ବିଧାନସଭା ମଣ୍ଡଳୀ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି। ଦୁଇ ଦୁଇ ଥର ନିଜ ପ୍ରତିଦ୍ୱନ୍ଦୀ ବିଜେଡିର କିଶୋର ମହାନ୍ତିଙ୍କୁ ପରାଜିତ କରି ନବ ଦାସ ନିଜ ଦବଦବା କାୟମ ରଖିଛନ୍ତି । ତେବେ ୨୦୧୯ ନିର୍ବାଚନ ନବଙ୍କ ପାଇଁ ସେତେଟା ସୁଗମ ହୋଇ ନ ପାରେ ବୋଲି ଚର୍ଚ୍ଚା ହେଉଛି । ନବ ବାବୁ ଦୁଇଥର ବିଧାୟକ ହୋଇଥିବା ବେଳେ ୨୦୧୪ ପରଠାରୁ ଆଖିଦୃଶିଆ ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି । ପରିବର୍ତ୍ତନ ଶୀଳ ଯୁଗରେ ଲୋକେ ନୂଆ ଚେହେରାକୁ ୨୦୧୯ରେ ଅଧିକ ଗୁରୁତ୍ୱ ଦେବା ପାଇଁ ଚିନ୍ତା କରୁଛନ୍ତି । ପୁଣି ନବ ଦାସଙ୍କ ଦଳ ଡିଆଁ ଗୁଜବ ପ୍ରସଙ୍ଗ ଭୋଟରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି । ଏହିପରି ସମୟରେ ଭାଜପା ଝାରସୁଗୁଡା ବିଧାନସଭା ଆସନ ଅକ୍ତିଆର କରିବା ନେଇ ଆଶାବାଦି ହୋଇପଡିଛି । ଭାଜପାର ଆଶାୟୀ ବିଧାୟକ ପ୍ରାର୍ଥୀ ଆନନ୍ଦ ପ୍ରଧାନ ଏଥିପାଇଁ ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବାରେ ଲାଗି ପଡିଲେଣି। ବୁଧବାର କିର୍ମିରାର ବେହେରାମାଲ ଠାରେ ବୁଥସ୍ତରୀୟ କର୍ମୀଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନନ୍ଦ ପ୍ରଧାନଙ୍କ ସମେତ ଜିଲା ଟାଉନ ସଭାପତି ନେତାଜୀ ପଟ୍ଟନାୟକ, ମଣ୍ଡଳ ଉପସଭାପତି ରାଜକୁମାର ପଣ୍ଡା ଯୋଗଦେଇ ୨୦୧୯ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ । ଏହି ଅବସରରେ ରାଜଲାଲ ସା, କିଶୋର ସାହୁ, ବିରଞ୍ଚି ବାଗ, ରସିକ ଆଢ଼େ, ବନମାଳି ପଟେଲ, ଯୁଗେଶ ବାଗ, ବିଶାଖା ପ୍ରଧାନ, ଗିରିଧାରି ପାଣ୍ଡେ, ଅଶୋକ କିଶାନ, ରାଜ କୁମାର ମହାନନ୍ଦ, ଦେବେନ୍ଦ୍ର ମାଝୀଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ପ୍ରାଥମିକ ବିଦ୍ୟାଳୟର ଛାତର ପ୍ଲାଷ୍ଟର ଖସିଲା

ସୁନ୍ଦରଗଡ଼, ୨୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ସଦର ବ୍ଲକ ଭସ୍ମା ଥାନା ଅନ୍ତର୍ଗତ କଇଁତରା ପ୍ରାଥମିକ ବିଦ୍ୟାଳୟର ଛାତର ପ୍ଲାଷ୍ଟର ବୁଧବାର ଖସିଥିଲା। ହେଲେ କୌଣସି ଛାତ୍ରୀଛାତ୍ର ଆହତ ହୋଇନାହାନ୍ତି। ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ ସଂଯୋଜକ ଅମୂଲ୍ୟ କୁମାର ପ୍ରଧାନ କହିଛନ୍ତି, ଉକ୍ତ ବିଦ୍ୟାଳୟକୁ ବିପଦସଙ୍କୁଳ ଘୋଷଣା କରାଯାଇଛି। ନୂତନ ବିଦ୍ୟାଳୟ କୋଠା ହେବା ପରେ ସେଠାରେ ପଢାହେବ। ବର୍ତ୍ତମାନ ସେଠିକାର ପିଲାମାନଙ୍କୁ ନିକଟସ୍ଥ ବିଦ୍ୟାଳୟରେ ଶିକ୍ଷାଦାନ କରାଯିବ।



ଚିକିଲାପାଲିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଆୟୋଜକ।

## ଚିକିଲାପାଲିରେ ସାଂସ୍କୃତିକ କାର୍ଯ୍ୟକ୍ରମ

ଲଖନପୁର,୨୧(ଡି.ଏନ୍.ଏ.)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଭିକମପାଲି ପଞ୍ଚାୟତ ଚିକିଲାପାଲି ଗ୍ରାମରେ ନବବର୍ଷ ଉପଲକ୍ଷେ ଓମ୍ କ୍ଲବ୍ ତରଫରୁ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋବର୍ଦ୍ଧନ ନାଥ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ପୂର୍ବତନ ବାଚସ୍ପତି କିଶୋରଚନ୍ଦ୍ର ପଟେଲ, ପୂର୍ବତନ ବ୍ଲକ୍ ଅଧକ୍ଷ ସନତ ସିଂହ, ସରପଞ୍ଚ କୃଷ୍ଣ କାଲୋ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଆଲୋକ ତ୍ରିପାଠୀ, ପ୍ରମୋଦ ପଣ୍ଡା, ରାମଚନ୍ଦ୍ର ମେହେର ଓ ଦେବଦତ ନାଥ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡ୍ୟାନ୍ସ, ସଙ୍ଗୀତ, ମ୍ୟୁଜିକ୍ ଚେୟାର, ରଙ୍ଗୋଲି ଓ ସମ୍ବଲପୁରୀ ନୃତ୍ୟର ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଆରତୀ ଧୁରୁଆ, ସତ୍ୟଭାମା ଖଡିଆ, ସରିତା ବାରିକ, ସଞ୍ଜୁ ଗଣ୍ଡ, ତସୋନୀ ବାରିକ, ସକୁନ୍ତଳା ଧୁରୁଆ, ଭାରତୀ ଧୁରୁଆ, ଈଶ୍ୱରଚନ୍ଦ୍ର ପଟେଲ, ଅନିଲ ପଟେଲ, ପ୍ରମୋଦ ପଟେଲ, ସୁଧୀର ପଟେଲ, ମହେଶ ଭୋଇ, ସୁବ୍ରତ ଧୁରୁଆ, ଦେବେଶ ଗଣ୍ଡ, ନିତ୍ୟାନନ୍ଦ ଗଣ୍ଡ ପ୍ରମୁଖ ସହଯୋଗ କରିଥିଲେ।

## ଆକର୍ଷିତ କଲା କବିଙ୍କ କବିତାପାଠ

ଝାରସୁଗୁଡା ଅଫିସ,୨୧

ଜିଲା ମହୋତ୍ସବ ପଡିଆରେ ବୁଧବାର ପୂର୍ବାହ୍ନରେ କବିତା ଆସର ଆୟୋଜନ ହୋଇଥିଲା। ଜିଲାର କୋଣ ଅନୁକୋଣରୁ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠୋତ୍ସବରେ ପ୍ରଫେସର ଧ୍ରୁବରାଜ ନାଏକ, ସାହିତ୍ୟ ଏକାଡେମୀ ସଦସ୍ୟା ମନ୍ଦାକିନୀ ଶତପଥୀ, ଗୌଣ୍ଟିଆ ତଥା କବି ମହମ୍ମଦ ଜମିଉଲ୍ଲା, ଡ. ଗୌରୀଦାସ ପ୍ରଧାନ, ପୂର୍ବତନ ଏକାଡେମୀ ସଦସ୍ୟ ଜୟନାରାୟଣ ତ୍ରିପାଠି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଏକାଡିମୀ ଦ୍ୱାରା ସମ୍ବର୍ଦ୍ଧିତ ସାହିତ୍ୟିକ ସୀତାରାମ ବିର୍ତ୍ତିଆଙ୍କ ଗଳ୍ପ ସଙ୍କଳନ ‘ଅଶାନ୍ତ ବଳନ’ ଏବଂ କବି ମୀନକେତନ ମିଶ୍ରଙ୍କ କବିତା ସଙ୍କଳନ ‘କବିର କଲମ’ ଉନ୍ମୋଚନ କରାଯାଇଥିଲା। କବି ବିବେକାନନ୍ଦ ମିଶ୍ର, ରାଧାରମଣ ବିର୍ତିଆ, ଡା. ଏମ୍‌ଜେ ଦୋରା, ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ, ରାଜଶ୍ରୀ ମେହେର, ବ୍ୟାସଦେବ ପଣ୍ଡା, ସଂଯୁକ୍ତା ହୋତା, ନଳିନୀ ପ୍ରଧାନ, କଳା କାହ୍ନୁ, ଶିବପ୍ରିୟା ମିଶ୍ର, ନିବେଦିତା ମିଶ୍ର, ସ୍ୱର୍ଣ୍ଣଲତା କୁସୁମ, କୀର୍ତ୍ତିଚନ୍ଦ୍ର ବହିଦାର, ହେମନ୍ତ ପଟେଲ, ପ୍ରଫେସର ଲଳିତ ମୋହନ ଦାଶ, ଅନନ୍ତରାମ ସାହୁ, ପ୍ରେମସାଗର ଦିହିରିଆ, ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ରାଧାମୋହନ ପାଣ୍ଡେ ଓ ଜ୍ୟୋତିର୍ମୟୀ ବେହେରାଙ୍କ ସମେତ ୭୦ରୁ ଅଧିକ କବି ଯୋଗଦେଇ କବିତା ପାଠ କରିଥିଲେ।

## ବେକରେ ଶାଢ଼ି ବାନ୍ଧି ମହିଳାଙ୍କ ଆତ୍ମହତ୍ୟା

ଲହୁଣୀପଡା, ୨୧ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ରୁଗୁଡା ଗ୍ରାମର ଜଣେ ବିବାହିତା ମହିଳା ମଙ୍ଗଳବାର ସନ୍ଧ୍ୟାରେ ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଛନ୍ତି। ରୁଗୁଡା ଗ୍ରାମର ଉତ୍ତମ ଶୁକୁରିଆ ନୂଆବର୍ଷ ପାଇଁ ସାଙ୍ଗମାନଙ୍କ ସହିତ ଭୋଜି କରିବା ପାଇଁ ବାହାରିଲା ବେଳେ ତାଙ୍କ ସ୍ତ୍ରୀ ଚୁମୁକି କାଲୋ (୧୯) ମନା କରିଥିଲେ। ଫଳରେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଝଗଡା ହୋଇଥିଲେ ମଧ ଉତ୍ତମ ଭୋଜି କରିବା ପାଇଁ ଯାଇଥିଲେ। ଚୁମୁକି ଏକୁଟିଆ ଘରେ ରହିଥିଲେ। ଚୁମୁକିଙ୍କ ଶାଶୁ ଶ୍ୱଶୁର ଓ ତାର ମାଆ ଅନ୍ୟ ଘରେ ଭୋଜି କରୁଥିଲେ । ଭୋଜି କରି ଆସି ଚୁମୁକିକୁ ଖୋଜିଥିଲେ। ନ ପାଇ ଘର ଭିତରେ ପଶିଲା ବେଳେ ଚୁମୁକି ବେକରେ ଶାଢ଼ୀ ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିଥିଲେ। କିନ୍ତୁ ବଞ୍ଚିଥିବା ଆଶାକରି ବଣେଇ ଡାକ୍ତରଖାନା ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡା ପୋଲିସ ଡାକ୍ତରଖାନାକୁ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡିନାହିଁ।

## ମା’ଙ୍କ ସ୍ୱପ୍ନ ସାକାର କଲେ ପୁଅ

ବାଲିଶଙ୍କରା, ୨୧ (ଡି.ଏନ.ଏ)

**ତେଲିଯୋର**
■ଶିକ୍ଷକ କାର୍ଯ୍ୟ ସହ ସଫଳ ପନିପରିବା ଚାଷୀ
■ଜିଲାପାଳ ଉନ୍ନତ ଚାଷ ଦେଖି କଲେ ପ୍ରଶଂସା

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସଦର ପଞ୍ଚାୟତର ତେଲିଯୋର ଗ୍ରାମରେ ଜଣେ ଯୁବକ ତାଙ୍କ ମା’ଙ୍କ ସ୍ୱପ୍ନ ସାକାର କରିପାରିଛନ୍ତି। ତାଙ୍କ ମା’ଙ୍କ ସ୍ୱପ୍ନ ଥିଲା ଉନ୍ନତ ପନିପରିବା ଚାଷ କରିବା। ପୁଅ ଶିକ୍ଷକ ଚାକିରି କରି ମଧ୍ୟ ସଫଳ ପନିପରିବା ଚାଷୀ ହୋଇପାରିଛନ୍ତି। ଯାହାକୁ ଦେଖି ସୁନ୍ଦରଗଡ ଜିଲାପାଳ ସୁରେନ୍ଦ୍ର କୁମାର ମୀନା ସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ୩୧ ତାରିଖରେ ଜିଲାପାଳ ତେଲିଯୋର ଗସ୍ତ କରି ସିମିଲା ମିର୍ଚ୍ଚ, ପନିପରିବା, ଆମ୍ବ, ମାଛ ଚାଷ କରିଥିବା ତେଲିଯୋର ଗ୍ରାମର ହରିପ୍ରିୟା ନାଏକ ଓ ତାଙ୍କ ପୁଅ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କୁ ସାକ୍ଷାତ କରିଥିଲେ। ସଫଳ ଚାଷୀ ଭାବେ ପ୍ରଶଂସା କରିଛନ୍ତି। ଗତ ୨୦୧୫-୧୬ ମସିହାରୁ ସିମିଲା ମିର୍ଚ୍ଚ ୧ ଏକର, ୨୫୦ କଲମୀ ଆମ୍ବ, ମାଛ ଚାଷ କରି ବର୍ଷକରେ ୪ଲକ୍ଷରୁ ଊର୍ଦ୍ଧ୍ୱ ଆୟକରି ସେ ଲାଭବାନ ହେଉଛନ୍ତି। ଶିକ୍ଷକ କାର୍ଯ୍ୟ ତୁଲାଇ ଅତ୍ୟନ୍ତ କଠିନ ପରିଶ୍ରମ, ଧୈର୍ଯ୍ୟ ଧରି ଆଜି ସେ ସଫଳ ପନିପରିବା ଚାଷୀ ଭାବେ ଉଦାହରଣ ସୃଷ୍ଟି କରିପାରିଛନ୍ତି। ମା’ ହରିପ୍ରିୟା ନାଏକ ଅଞ୍ଚଳରେ ସିମିଲା ମିର୍ଚ୍ଚ, ଆମ୍ବ ଓ ମାଛର ଅଭାବ ହେତୁ ନିଜ ଖର୍ଚ୍ଚରେ ପ୍ରଥମେ ଏହା ଆରମ୍ଭ କରିଥିଲେ। ଅଭାବ ଅନାଟନ ଭିତରେ ଜର୍ଜରିତ ହୋଇ ପୁଅ ଶିକ୍ଷକ ପ୍ରମୋଦ କୁମାର ନାଏକଙ୍କୁ ଏହା କରିବାକୁ ପ୍ରବର୍ତ୍ତାଇଥିଲେ। ଏଥିରେ ପ୍ରମୋଦ ନିଜ ମା’ଙ୍କ ସ୍ୱପ୍ନସାକାର କରିବା ପାଇଁ ଅଣ୍ଟା ଭିଡିଲେ ଓ ଶେଷରେ ସଫଳ ହେଲେ। ସୁନ୍ଦରଗଡ ଜିଲାପାଳ ଚାଷୀଙ୍କୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସେ ଉଦ୍ୟାନ ବିଭାଗ ଓ କୃଷି ବିଭାଗର ଅଧିକାରୀମାନଙ୍କୁ ଏହି ସଫଳ ଚାଷୀଙ୍କୁ ତୁରନ୍ତ ସରକାରୀ ପ୍ରୋତ୍ସାହନ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଜିଲାପାଳଙ୍କ ଗସ୍ତରେ ଉଦ୍ୟାନ ବିଭାଗର ସହକାରୀ ଅଧିକାରୀ ଗୀତିକ୍ରିଷ୍ଣା ନାଏକ, ଉପସହକାରୀ ଅଧିକାରୀ ହରେକ୍ରିଷ୍ଣା ନାଏକ ଓ ଗ୍ରାମ୍ୟ ରୋଜଗାର ସେବକ ସାମସନ୍ ଏକ୍କା ଉପସ୍ଥିତ ଥିଲେ।



ଜିଲାପାଳ ଓ ଉଦ୍ୟାନ ବିଭାଗର ଅଧିକାରୀ ଚାଷ ଦେଖୁଛନ୍ତି।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

## ସଂକ୍ଷେପରେ

### ୫ରେ ପରମହଂସ ଯୋଗାନନ୍ଦଙ୍କ ଜନ୍ମ ଉତ୍ସବ

**ରାଉରକେଲା ଅଫିସ,୨।୧**-ଜଗଦାଠାରେ ଥିବା କ୍ରିୟାଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ଆସନ୍ତା ୫ରେ ପରମହଂସ ଯୋଗାନନ୍ଦଙ୍କ ଜନ୍ମ ଉତ୍ସବ ପାଳନ ନେଇ ପ୍ରସ୍ତୁତି ଶେଷ ହୋଇଛି। ସକାଳ ସାଢେ ୬ରୁ ସେଦିନ ବାଟଗଣେଶ ପୂଜନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଏହା ପରେ ହନୁମାନଙ୍କ ପୂଜୋତ୍ସବ, ତ୍ରିଶୂଳ ପୂଜନ , ଶିବ ପୂଜନ ଓ ଗୁରୁ ପୂଜନ ଆଦି କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ଅନୁଷ୍ଠିତ ହେବ। ଏହି ଅବସରରେ କ୍ରିୟାଯୋଗ ଦୀକ୍ଷାଦାନ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଉଠା ଦୋକାନୀ ହଇରାଣ

**ବ୍ରଜରାଜନଗର,୨।୧(ଡି.ଏନ୍.ଏ.)-** ବ୍ରଜରାଜନଗରରେ ଅସାମାଜିକଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ରାସ୍ତା କଡ଼ ଉଠା ଦୋକାନୀଙ୍କ ଉପରେ ଏହାର ପ୍ରଭାବ ପଡୁଛି। ଅସାମାଜିକଙ୍କ ଭୟରେ ଉଠା ଦୋକାନୀମାନେ ସନ୍ଧ୍ୟା ୭ରୁ ୮ଟା ଭିତରେ ଦୋକାନ ବନ୍ଦ କରିବାକୁ ବାଧ ହେଉଛନ୍ତି। ଅଭିଯୋଗ ଅନୁଯାୟୀ ଅସାମାଜିକମାନେ ୮ଟା ପରେ ହାତରେ ମାରଣାସ୍ତ୍ର ଧରି ଖୁଲମଖୁଲା ବୁଲୁଛନ୍ତି। ଦୋକାନୀ ଯାହା ଖାଦ୍ୟ ତିଆରି କରି ବିକ୍ରି ଉଦ୍ଦେଶ୍ୟରେ ରଖିଥାନ୍ତି ଜୋରଜବରଦସ୍ତ ଖାଇ ଦେଉଛନ୍ତି।

# ଠିକା ଶ୍ରମିକଙ୍କୁ ନ୍ୟାୟ ମିଳୁ ନାହିଁ

**କଳା ଦିବସ ପାଳିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା**

- ୧୯୯୪ରୁ ଆରଏସ୍‌ପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଜୀବନ ଜୀବିକା ଦୁର୍ବିସହ
- ଠିକା କର୍ମଚାରୀଙ୍କୁ ବୋନସ ଦିଆଯାଉନି
- ହାଜିରା କାର୍ଡ ମାଗିଲେ ଗେଟ ପାସ୍ ବନ୍ଦ ଧମକ ମିଳୁଛି

**ରାଉରକେଲା ଅଫିସ,୨।୧**

ହିନ୍ଦ୍ ମଜଦୁର ସଭା ସହବନ୍ଧିତ ସୁନ୍ଦରଗଡ଼ ଶିଳ୍ପାଞ୍ଚଳ ଶ୍ରମିକ ସଭା କଳା ଦିବସ ପାଳନ କରିଛି । ଗତ ୩୧ ତାରିଖରେ ବିଶ୍ରାରୋଡସ୍ଥିତ କାର୍ଯ୍ୟାଳୟରେ ସଭାପତି ଶିବଚରଣ ବୋଇତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ଦିବସକୁ ଶ୍ରମିକ ସଭା ପକ୍ଷରୁ କଳା ଦିବସ ରୂପେ ପାଳନ କରାଯାଇଥିଲା। କାରଣ ୧୯୯୪ ଡିସେମ୍ବର ୩୧ରେ ଆରଏସ୍‌ପି କର୍ତ୍ତୃପକ୍ଷ ସ୍ଥାୟୀ କାମ ପାଇଁ ନିଯୁକ୍ତ ୩୮୩୭ ଠିକା ଶ୍ରମିକଙ୍କୁ ଅନ୍ୟାୟ ଭାବେ କାମରୁ ଛଟେଇ କରିଥିଲେ। ଅନ୍ୟପକ୍ଷେ ୧୦ବର୍ଷ ଲଗାତର କାମରେ ନିୟୋଜିତ ଠିକା ଶ୍ରମିକଙ୍କୁ ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ବାହାନାରେ ଚଞ୍ଚକତା କରି ସ୍ଥାୟୀ ଶ୍ରମିକ ଭାବେ ନିଯୁକ୍ତି ପ୍ରଦାନ କରିଥିଲେ। ଏପରି ଅବସ୍ଥାରେ ପ୍ରକୃତ ହକ୍‌ଦାର ଥିବା ଶ୍ରମିକ ନ୍ୟାୟ ପାଇଲେ ନାହିଁ। ପରେ ନିରାଶ ଶ୍ରମିକଙ୍କ ମଧ୍ୟରୁ କେତେକ ଆତ୍ମହତ୍ୟା କଲେ ତ ଆଉ କେତେକ ସହର ଛାଡି ସବୁ ଦିନ ପାଇଁ ଚାଲିଯିବାକୁ ବାଧ ହେଲେ। ଅନ୍ୟମାନେ ଆଜି ବି ଦୁର୍ଦ୍ଦିନ ମଧ୍ୟରେ ସଂଘର୍ଷ କରୁଛନ୍ତି ବୋଲି କହିଥିଲେ ସଭାପତି ବୋଇତି।

୧୯୯୪ରୁ ଇସ୍ପାତ କାରଖାନାରେ କାର୍ଯ୍ୟରତ ଠିକା ଶ୍ରମିକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇ ପଡିଛି। ୧୯୯୬ରେ ଠିକା ଶ୍ରମିକଙ୍କୁ ନେଇ ଯେଉଁ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି ଏଥିପାଇଁ ତାହା ସମ୍ପୂର୍ଣ୍ଣ ଦାୟୀ। ଏଥିରେ ବ୍ୟବସ୍ଥା ରହିଛି ଯେ ଠିକାଦାର ନିଜ ଇଚ୍ଛାମତେ କର୍ମଚାରୀ ନିଯୁକ୍ତି ଦେଇ ପାରିବେ। କିନ୍ତୁ ୧୯୭୮ରେ ରାଉରକେଲା ମଜଦୁର ସଭା ତ୍ରିପାକ୍ଷିକ ଚୁକ୍ତିନାମା ବଳରେ ଠିକାଦାର ପରିବର୍ତ୍ତନ ହେଲେ ମଧ ଶ୍ରମିକ ଉକ୍ତ କାମରେ ରହି ପାରିବ ବୋଲି ବ୍ୟବସ୍ଥା କରିଥିଲା। ଦୀର୍ଘ ୧୦ବର୍ଷ କାଳ ଯେଉଁମାନେ ଠିକା କାମରେ ନିଯୁକ୍ତି ଥିବେ ସେମାନଙ୍କୁ ସ୍ଥାୟୀ କରିବାକୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଥିବାବେଳେ ମଜଦୁର ସଭା ସେତେବେଳେ ମାତ୍ର ୩ ମାସ ଠିକା ଶ୍ରମିକ ଭାବେ କାର୍ଯ୍ୟ କରିଥିବା ଲୋକଙ୍କୁ ସ୍ଥାୟୀ ଶ୍ରମିକ ଭାବେ ନିଯୁକ୍ତି ଦେବାରେ ସକ୍ଷମ ହୋଇଥିଲା। ମଜଦୁର ସଭା ଚୁକ୍ତିନାମା ଯଦି ବଳବତ୍ତର ରହିଥାନ୍ତା ତେବେ ଠିକା ଶ୍ରମିକମାନେ ଆଜି ଦିନରେ ୨୫ହଜାରେ ମଜୁରୀ ପାଉଥାନ୍ତେ ବୋଲି ବୋଇତି କହିଛନ୍ତି। ଯେଉଁ ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଙ୍ଗଠନ ଗତ ୧୯୯୫ରୁ ୨୦୧୪ ପର୍ଯ୍ୟନ୍ତ କ୍ଷମତାରେ ଥିଲେ ସେମାନେ ଏଥିପ୍ରତି ସଂପୂର୍ଣ୍ଣ ଅଣଦେଖା କଲେ। ଏମାନଙ୍କ କଳା ରାଜିନାମାର ପରିଣତି ଆଜି ଠିକା ଶ୍ରମିକ ଭୋଗ କରୁଛନ୍ତି। ଯାହା ଅକ୍ଷମଣୀୟ ପଦକ୍ଷେପ। ଠିକା ଶ୍ରମିକଙ୍କ କ୍ୟାଣ୍ଟିନ ସୁବିଧା ଉଚ୍ଛେଦ କରିବା ଏହାର ଏକ ଛୋଟ ଉଦାହରଣ। ଠିକା ଶ୍ରମିକଙ୍କୁ ସାମାଜିକ ସୁରକ୍ଷାରୁ ବଞ୍ଚିତ କରିବା କିଛି ଠିକାଦାରଙ୍କ ଅଭ୍ୟାସରେ ପରିଣତ ହୋଇଛି। ଠିକା କର୍ମଚାରୀଙ୍କୁ ବୋନସ ଦିଆଯାଉନି। ହାଜିରା କାର୍ଡ ମାଗିଲେ ଗେଟ ପାଶ ବନ୍ଦ ଧମକ ମିଳୁଛି। ଦରମା ବ୍ୟାଙ୍କକୁ ପଠାଗଲେ ଏଟିଏମ ରହୁଛି ଠିକାଦରା ପାଖରେ। ଏଭଳି ଦୁଃଖଦ ଅବସ୍ଥାରେ କାମ କରୁଥିବା ନିରୀହ ଶ୍ରମିକଙ୍କ ହକ୍ ପ୍ରତି ଆରଏସ୍‌ପି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାଁନ୍ତି ବୋଲି ବୋଇତି ଅଭିଯୋଗ କରିଛନ୍ତି। ସ୍ଥାନୀୟ ନିଯୁକ୍ତିକୁ ଅତି ଚତୁରତାର ସହ ଏଡାଇ ଦିଆଯାଇଛି। ଶ୍ରମିକ ନେତା ରାଜକିଶୋର ସାମନ୍ତରାୟଙ୍କ ପ୍ରଚେଷ୍ଟା କ୍ରମେ ଗତ ୧୯୬୭ରେ ବିଧାନସଭାରେ ଏକ ବିଧେୟକ ଆଣି କର୍ମ ନିୟୋଜନ ସଂସ୍ଥା ମାଧ୍ୟମରେ କର୍ମଚାରୀ ନିଯୁକ୍ତି ବ୍ୟବସ୍ଥା କରିଥିଲେ। ଯାହାକୁ ପରବର୍ତ୍ତୀ କାଳରେ ବନ୍ଦ କରି ଦିଆଯାଇଛି। ଏବେ କାରଖାନାର ୮୦ପ୍ରତିଶତ ଠିକା ଶ୍ରମିକ ରାଜ୍ୟ ବାହାରୁ ଆସି କାମ କରୁଛନ୍ତି। ଏଭଳି ଅନ୍ୟାୟକୁ କେବେ ୟୁନିୟନ ବରଦାସ୍ତ କରିବନି ବୋଲି ରାଉରକେଲା ମଜଦୁର ସଭା ସାଧାରଣ ସମ୍ପାଦକ ଶଶଧର ନାୟକ, ଦିଗମ୍ବର ମହାନ୍ତି, ହରେକୃଷ୍ଣ ପାଢୀ, ମହେଶ୍ୱର ମହାପାତ୍ର, ପ୍ରଫୁଲ୍ଲ ପଣ୍ଡା, ବନମାଳୀ ବେହେରା, ବିମଳ ବେହୁରିଆ, ଜ୍ଞାନ ଦାସ, ଅନାଦି ଭୋଳ, ରଞ୍ଜିତ ପାତ୍ର ଓ ମଦନ ବେହେରା ପ୍ରମୁଖ କହିଛନ୍ତି ।



ଜିଲା ପୋଲିସ ଅଧିକାରୀମାନେ ୨୦୧୮ର ଅପରାଧ ବିବରଣୀ ପ୍ରଦାନ କରୁଛନ୍ତି।

## ରାଉରକେଲା ପୋଲିସ ଜିଲା
# ଗତବର୍ଷ ୪୮ ହତ୍ୟାକାଣ୍ଡ, ୬୭ ବଳାତ୍କାର

**ରାଉରକେଲା ଅଫିସ, ୨।୧**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବିଭିନ୍ନ ଥାନାରେ ଗତ ୨୦୧୮ରେ ୪୮ଟି ହତ୍ୟା ଘଟଣା ଘଟିଥିବା ବେଳେ ୨୫ଟି ଡକାୟତି ମାମଲା ରୁଜୁ ହୋଇଥିବା ଏସ୍‌ପି ଡା. ଉମାଶଙ୍କର ଦାସ ବୁଧବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହା ବ୍ୟତୀତ ୧୧୬ଟି ଛିନ୍‌ତାଇ, ୬୭ ବଳାତ୍କାର ମାମଲା ବିଭିନ୍ନ ଥାନାରେ ରୁଜୁ କରାଯାଇଥିଲା। ମୋଟ ୨୧୫ଟି ସିନ୍ଧି ଚୋରି ମାମଲା ରୁଜୁ ହୋଇଥିବା ବେଳେ ସର୍ବାଧିକ ୪୨୫ ଚୋରି ଘଟଣା ଘଟିଛି । ଗତବର୍ଷ ୮୬୦କେଇ ଘଟଣା ଘଟିଥିବା ବେଳେ ୪୮ ସ୍ଥାନରେ ବିଶୃଙ୍ଖଳା ନେଇ ମାମଲା ରୁଜୁ କରାଯାଇଥିଲା। ସେହିଭଳି ବିଭିନ୍ନ ଥାନା ଅଞ୍ଚଳରେ ୪୭୯ଟି ଦୁର୍ଘଟଣା ଘଟିଥିବା ଅଭିଯୋଗ ହୋଇଛି। ସହରରେ ୫୭୯ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବାବେଳେ ଏଥିରୁ ୩୫୭ଟି ମାମଲା ବନ୍ଦ କରାଯାଇଥିଲା। ଏବେ ୨୨୨ ବିଚାରାଧୀନ ରହିଛି। ସହରର ବିଭିନ୍ନ ଥାନାରେ ୧୧୪ ଫାଶୀ ଲଗାଇ ଆତ୍ମହତ୍ୟା ମାମଲା ରହିଥିବା ବେଳେ ୩୭ଟି ବିଷପାନ ଜନିତ ମାମଲା ରହିଥିଲା। ବିଜୁଳି ଆଘାତ ୮ ଟି ସ୍ଥାନାରେ ଅଗ୍ନିକାଣ୍ଡକୁ ନେଇ ୭୫ ମାମଲା ରୁଜୁ କରାଯାଇଥିଲା। ପାଣିରେ ବୁଡିବା ନେଇ ୩୫ ମାମଲା ରହିଥିବା ବେଳେ ବନ୍ୟଜନ୍ତୁ ଆକ୍ରମଣ ନେଇ ୧୦ଟି ଘଟଣା ଘଟିଥିଲା ବୋଲି ଏସପି ଦାସ ସୂଚନା ଦେଇଥିଲେ। ୩୧ଟି ସାପ କାମୁଡା ଘଟଣା ଘଟିଥିବା ବେଳେ ବିଜୁଳି ଆଘାତ ନେଇ ୧୨ ରୁଜୁ କରାଯାଇଥିଲା। ଏଥିସହ ବିଭିନ୍ନ କାରଣରୁ ଅନ୍ୟ ୧୫୭ ଗୋଟି ମାମଲା ରହିଥିବାବେଳେ ଅଂଶୁଘାତ ଜନିତ ୨ଟି ଘଟଣା ଘଟିଥିଲା ବୋଲି ଏସପି ଦାସ କହିଛନ୍ତି। ଅଧିକାଂଶ ଘଟଣାରେ ଜିଲା ପୋଲିସର ସଫଳତା ନେଇ ସେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ଅତିରିକ୍ତ ଏସପି ସୁରେଶ ପାଠୀ, ପିକେ ମହାପାତ୍ର, ଡିଏସପି ମୋହନପାଣି କାରୁଆ, ଶୁଭନାରାୟଣ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଘାଟିତ

- ଟାଉନଶିପ୍ ପରିକ୍ରମା କଲା କଳସ ଶୋଭାଯାତ୍ରା

**ରାଉରକେଲା ଅଫିସ,୨।୧**

ଫର୍ଟିଲାଇଜର ଟାଉନଶିପ୍ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ବୁଧବାର ଠାରୁ ୨ଦିନିଆ ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ହରିଦ୍ୱାରରୁ ଆସିଥିବା ଗାୟତ୍ରୀ ଉପାସକ ବୀରେଶ୍ୱର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ଜେନା, ରବୀନ୍ଦ୍ର ପ୍ରଧାନ, ସରୋଜ ପ୍ରଧାନଙ୍କ ଉପସ୍ଥିତିରେ ପରିବାରର ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଏଥିରେ ପୂର୍ବତନ ବିଧାୟକ ଦିଲୀପ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳସ ଶୋଭାଯାତ୍ରାକୁ ଯଜ୍ଞସ୍ଥଳରେ ସ୍ୱାଗତ କରିଥିଲେ। ଗାୟତ୍ରୀ ପରିବାର ସମାଜରେ ଏକ ଆଧ୍ୟାତ୍ମିକତାବାଦ ସୃଷ୍ଟି କରି ଶ୍ରଦ୍ଧାଳୁଙ୍କୁ ସତ୍‌ମାର୍ଗରେ ପରିଚାଳିତ କରୁଥିବାରୁ ରାୟ ଏଥିରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିରେ ଆଇନଜୀବୀ ରମେଶ ବଳ, ଶ୍ରମିକ ନେତା ହରି ରାଉତରାୟ ଯୋଗଦେଇ ଗାୟତ୍ରୀ ପରିବାରର ଏଭଳି କାର୍ଯ୍ୟକ୍ରମ ସମାଜରେ ଶୃଙ୍ଖଳା ଆଣିବାରେ ସହାୟକ ହେବ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ମହିଳା ଶାଖା ମୁଖ୍ୟ ମଞ୍ଜୁଶର୍ମା ମହାପାତ୍ର, ବିଚିତ୍ରାନନ୍ଦ ଦାସ, ଚରଣ କର ଉପସ୍ଥିତ ରହି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଯଜ୍ଞାରମ୍ଭ ପୂର୍ବରୁ ଆୟୋଜିତ ଭବ୍ୟ କଳସ ଶୋଭାଯାତ୍ରା ଟାଉନଶିପ୍ ପରିକ୍ରମା କରିଥିଲା। ଏଥିରେ ଗାୟତ୍ରୀ ପରିବାରର ମହିଳା ଶାଖା, ଯୁବ ଶାଖା, ଶିକ୍ଷକ ଶାଖା ଜଗନ୍ନାଥ ସଂସ୍କୃତି ପରିଷଦ, ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ଓ କଳିକା ଏକାଡେମୀ ଭଳି ବହୁ ସଙ୍ଗଠନ ସାମିଲ ହୋଇଥିଲେ।



ଗାୟତ୍ରୀ ମହାଯଜ୍ଞ ପାଇଁ ମହିଳାଙ୍କ କଳସ ଶୋଭାଯାତ୍ରା।

## ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ୍
# ଷଷ୍ଠ ଦିନ ମ୍ୟାଚ୍‌ରେ ଲିଓ ୟୁଥ୍, ଏସ୍‌ସିଏ ବିଜୟୀ

**ବେଲପାହାଡ଼,୨।୧(ଡି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ଟିଆର୍‌ଏଲ ଷ୍ଟାଡ଼ିୟମରେ ଚାଲିଥିବା ଗୌତମ ବହିଦାର କ୍ରିକେଟ ଲିଗର ଷଷ୍ଠ ଦିନରେ ଅନୁଷ୍ଠିତ ଦୁଇଟି ମ୍ୟାଚରେ ଲିଓ ୟୁଥ୍ ଆସୋସିଏଶନ ଓ ଏସ୍‌ସିଏ-୧୧ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଲିଓ ୟୁଥ ଆସୋସିଏଶନ ଟସ ଜିଣିଥିଲା । ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୯ ଉଇକେଟ ବିନିମୟରେ ୧୬୩ ରନ୍ ସଂଗ୍ରହ କରିଥିଲା । କମଲେଶ ଶର୍ମା ସର୍ବାଧିକ ୩୩ ବଲ୍‌ରେ ୪୧ ରନ୍, ସାଗର ରାଉତ ୧୬ ବଲରେ ୨୯ ରନ୍ ଏବଂ ସୁଶାନ୍ତ ଲେଙ୍କା ୧୦ ବଲରେ ୨୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ବନ୍ଧବାହାଲର ୟୁନାଇଟେଡ଼ କ୍ଲବ୍ ୧୬୪ ରନର ବିଜୟ ଲକ୍ଷ୍ୟ ରଖି ପିଚ୍‌କୁ ଓହ୍ଲାଇଥିଲା। ମାତ୍ର ୯୫ ରନ୍ ସଂଗ୍ରହ କରି ୧୦ ଉଇକେଟ ହରାଇଥିଲା । କର୍‌ତାର ସତନାମ ସର୍ବାଧିକ ୨୩ ବଲ୍‌ରେ ୨୮ ରନ ସଂଗ୍ରହ କରିଥିଲେ। ଲିଓ ୟୁଥ୍ ଆସୋସିଏଶନ ୬୮ ରନରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍ ଟିଆର୍‌ଏଲ-୧୧ ଏବଂ ଏସ୍‌ସିଏ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏସ୍‌ସିଏ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ୭ ଉଇକେଟରେ ୧୮୫ ରନ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ପ୍ରକାଶ ୨୫ ଓଭରରେ ୫୯ ରନ୍, ଅରବିନ୍ଦ ୨୪ ବଲରେ ୨୬ ରନ ଓ ବିବେକ ୨୫ ବଲରେ ୩୯ ରନ୍ କରିଥିଲେ। ଏହାର ଜବାବରେ ଟିଆର୍‌ଏଲ-୧୧ ଦଳ ୭ ଉଇକେଟରେ ୧୪୩ ରନ୍ ସଂଗ୍ରହ କରି ମ୍ୟାଚ୍ ପରାଜିତ ହୋଇଥିଲା।



ରାଉରକେଲାରେ ଦିଲୀପ ରାୟ ପହଞ୍ଚିବା ପରେ ସମର୍ଥକମାନେ ତାଙ୍କୁ ସ୍ୱାଗତ କରୁଛନ୍ତି।

# ରାଉରକେଲାରେ ପହଞ୍ଚିଲେ ଦିଲୀପ ରାୟ
## 'କେଉଁ ଦଳରେ ଯୋଗଦେବି ମନ ସ୍ଥିର କରିନି'

**ରାଉରକେଲା ଅଫିସ, ୨।୧**

ପୂର୍ବତନ ବିଧାୟକ ଦିଲୀପ ରାୟ ବୁଧବାର ମଧ୍ୟାହ୍ନ ୧୨ଟାରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଆସି ରାଉରକେଲା ଏୟାର ଷ୍ଟ୍ରିପରେ ପହଞ୍ଚିଛନ୍ତି । ସେ ରାଉରକେଲାରେ ପହଞ୍ଚିବା ପରେ ତାଙ୍କୁ ସମର୍ଥକମାନେ ସ୍ୱାଗତ କରିଥିଲେ । ତାଙ୍କୁ ମୁଖ୍ୟ ରାସ୍ତା ଦେଇ ଏକ ବାଇକ ଶୋଭାଯାତ୍ରାରେ କଲ୍ୟାଣୀ ନିବାସ ଯାଏ ନିଆଯାଇଥିଲା। ସେଠାରେ ଉପସ୍ଥିତ ୫ଶହରୁ ଉର୍ଦ୍ଧ୍ୱ ସମର୍ଥକ,ଶୁଭେଚ୍ଛୁଙ୍କୁ ଦିଲୀପ ନବବର୍ଷର ଶୁଭେଚ୍ଛା ଜଣାଇବା ସହ କହିଥିଲେ ରାଉରକେଲାର ବିକାଶ ନେଇ ମୋର ପ୍ରୟାସ ଜାରି ରହିବ। ପାର୍ଟି ବଦଳରେ ମୁଁ ମାଟି ସ୍ୱାର୍ଥକୁ ସର୍ବଦା ଗୁରୁତ୍ୱ ଦେଇଆସିଛି। ଆଜି ବି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କରିବା ପ୍ରସଙ୍ଗରୁ ଓହରି ନାହିଁ। ସହରବାସୀଙ୍କ ଦୁଃଖସୁଖରେ ମୁଁ ସବୁବେଳେ ସହଭାଗୀ ହୋଇ ରହିବି ବୋଲି ରାୟ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଥିଲେ।

ବିଧାୟକ ପଦ ଓ ଭାଜପାରୁ ଇସ୍ତଫା ପରେ କିଛିଦିନ ବିଦେଶ ଗସ୍ତରେ ଥିବା ରାୟ ରାଉରକେଲା ଫେରିବା ପରେ ତାଙ୍କ ପରବର୍ତ୍ତୀ କାର୍ଯ୍ୟପନ୍ଥା ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସୁକତା ପ୍ରକାଶ ପାଇଥିଲା। ଦିନଭରି ତାଙ୍କ ଭବିଷ୍ୟତ ପଦକ୍ଷେପ ନେଇ ବହୁ ସମର୍ଥକ ତାଙ୍କ କାର୍ଯ୍ୟାଳୟ କଲ୍ୟାଣୀ ଭବନ ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଏୟାର ଷ୍ଟ୍ରିପ ବାହାରେ ଉପସ୍ଥିତ ଖବରଦାତାଙ୍କୁ ରାୟ କହିଥିଲେ ମୁଁ କେଉଁ ପାର୍ଟିରେ ଯୋଗ ଦେବି କି ନ ଦେବି ସେ ନେଇ ମନ ସ୍ଥିର କରିନି। ମୋ ଶୁଭେଚ୍ଛୁ ଓ ସମର୍ଥକଙ୍କ ସହ ପ୍ରଥମେ ଆଲୋଚନା କରିବି, ତା'ପରେ ଯାଇ ଯାହା କିଛି ନିଷ୍ପତ୍ତି ନେବି। ଏନେଇ ବିଜୟ ମହାପାତ୍ରଙ୍କ ଟିପ୍ପଣୀ ପ୍ରସଙ୍ଗ ଉଠାଯିବାରୁ ସେ କହିଥିଲେ ତାଙ୍କ ସହ ଏଯାଏ କଥା ହୋଇନି। ଯେବେ ନିଷ୍ପତ୍ତି ନେବି ତା ପୂର୍ବରୁ ଆପଣମାନଙ୍କୁ ଜଣାଇବି ବୋଲି ରାୟ କହିଛନ୍ତି।

- ପଦ ମର୍ଯ୍ୟାଦାକୁ ନେଇ ବିବାଦ

# ୪ରେ ସେଲ୍ ଡିପ୍ଲୋମା ଯନ୍ତ୍ରୀଙ୍କ ବିକ୍ଷୋଭ

**ରାଉରକେଲା ଅଫିସ,୨।୧**

ଭାରତୀୟ ଇସ୍ପାତ୍ ପ୍ରାଧିକରଣ (ସେଲ୍) ଅଧୀନରେ କାର୍ଯ୍ୟରତ ଡିପ୍ଲୋମା ଯନ୍ତ୍ରୀଙ୍କ ପଦ ମର୍ଯ୍ୟାଦା ନେଇ ବିବାଦ ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ସେଲ୍ ଡିପ୍ଲୋମା ଯନ୍ତ୍ରୀମାନେ ଆସନ୍ତା ୪ ତାରିଖରେ ସର୍ବଭାରତୀୟସ୍ତରରେ ଗଣ ସମାବେଶରେ ଏକଜୁଟ ହେବାକୁ ନିଷ୍ପତ୍ତି ନେଇଛନ୍ତି । ଏହା ଏକ ବିରଳ ଉଦ୍ୟୋଗ ଯେଉଁଠାରେ ଡିପ୍ଲୋମାଧାରୀଙ୍କୁ କନିଷ୍ଠ ଯନ୍ତ୍ରୀ ପଦ ପ୍ରଦାନ କରିବା ପରିବର୍ତ୍ତେ ଟେକ୍‌ନିସିଆନ ଭାବେ ଗଣା ଯାଉଛନ୍ତି। ଟେକ୍‌ନିସିଆନ୍ ପଦ ନାମରେ ସେମାନଙ୍କ ଚାକିରି ଜୀବନ ଆରମ୍ଭ ଓ ଶେଷ ହେଉଛି। ଏହାଠୁ ବଳି ବଡ ବିଡମ୍ବନା ହୁଏତ ଦେଶରେ ଅନ୍ୟ କେଉଁଠି ଦେଖିବାକୁ ମିଳେନି ବୋଲି ସଙ୍ଗଠନ କର୍ମକର୍ତ୍ତା କହିଛନ୍ତି । କଟା ଘା'ରେ ଚୂନ ଦେବା ସଦୃଶ ୨୦୦୮ ମସିହାରୁ ସେଲ୍ ମ୍ୟାନେଜମେଣ୍ଟ ଡିପ୍ଲୋମା ଯନ୍ତ୍ରୀଙ୍କୁ ୧୨ ବର୍ଷ ଧରି ପଦାବନତି କରି ରଖିଛନ୍ତି। ସିଧାସଳଖ ଗ୍ରେଡ-ଏସ୍ ୬ରେ ନିଯୁକ୍ତି ପରିବର୍ତ୍ତେ ଏସ୍ ୩ରେ ନିଯୁକ୍ତି ପ୍ରଦାନ କରୁଛନ୍ତି। ଡିପ୍ଲୋମାଧାରୀଙ୍କ ପଦବୀ, ପଦୋନ୍ନତି ଓ ପଦାବନତି ଆଦି ସମସ୍ୟା ନେଇ ମହାସଂଘ କେନ୍ଦ୍ର ଇସ୍ପାତ୍ ମନ୍ତ୍ରଣାଳୟ ତଥା ସେଲ୍ କର୍ପୋରେଟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରି ଆସିଛି। ତଥାପି କେନ୍ଦ୍ର ସରକାର ଅନ୍ୟ ସରକାରୀ ସଂସ୍ଥା ସମେତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭଳି ସ୍ଥାନରେ ନିଯୁକ୍ତ କର୍ମଚାରୀଙ୍କ ପଦୋନ୍ନତି ନେଇ ୧୫।୧ ୨୦୧୭ରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଡିପ୍ଲୋମା ଯନ୍ତ୍ରୀଙ୍କ ମିଳିତ ପ୍ରୟାସରେ ଏହି ଦାବି ସେଲ ବୋର୍ଡ ମିଟିଂରେ ମଧ ଉପସ୍ଥାପନ କରାଯାଇଥିଲା। ତେବେ ଏହାକୁ ଜାଣିଶୁଣି ବିଳମ୍ବ କରିବା ନେଇ ସେଲ୍ କର୍ତ୍ତୃପକ୍ଷ ବାରମ୍ବାର ସମୟ ଗଡାଇ ଚାଲିଛନ୍ତି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏଭଳି ସ୍ୱେଚ୍ଛାଚାରିତାକୁ ଡିପ୍ଲୋମା ଯନ୍ତ୍ରୀ ଘୋର ବିରୋଧ କରିବା ସହ ଆସନ୍ତା ୪ରେ ସର୍ବଭାରତୀୟସ୍ତରରେ ବିଭିନ୍ନ ୟୁନିଟରେ ସକାଳ ସାଢେ ୭ଟାରୁ ସନ୍ଧ୍ୟା ସାଢେ ୬ଟା ପର୍ଯ୍ୟନ୍ତ ଗଣ ସମାବେଶ ଓ ଧାରଣା ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ସର୍ବଭାରତୀୟ ସଙ୍ଗଠନ ଅନ୍ତର୍ଭୁକ୍ତ ରାଉରକେଲା ଇସ୍ପାତ୍ କାରଖାନା ଡିପ୍ଲୋମା ଯନ୍ତ୍ରୀ ସଂଘ ପକ୍ଷରୁ ବିଶ୍ରା ଛକରେ ଅନୁରୂପ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି କୁହାଯାଇଛି। ଏହି ଗଣଧାରଣାରେ ଆରଏସ୍‌ପିରେ କାର୍ଯ୍ୟରତ ସମସ୍ତ ଡିପ୍ଲୋମାଧାରୀ ଇଞ୍ଜିନିୟର ଯୋଗଦେବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ରାମ ମନ୍ଦିର ନିର୍ମାଣ ନେଇ ଭିଏଚ୍‌ପି ଅଟଳ
## ପ୍ରଧାନମନ୍ତ୍ରୀଙ୍କ ମତ ନେଇ ଉଦ୍‌ବେଗ

**ରାଉରକେଲା ଅଫିସ,୨।୧**

ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ନେଇ ଅଧ୍ୟାଦେଶ ଆଣାଯିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମତ ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଶ୍ୱ ହିନ୍ଦୁ ପରିଷଦ କର୍ମକର୍ତ୍ତା ଶାନ୍ତନୁ କୁସୁମ। ପ୍ରଧାନମନ୍ତ୍ରୀଙ୍କ ମତ ରାମଭକ୍ତଙ୍କ ପ୍ରତି କୁଠାରାଘାତ ସଦୃଶ। ଏହା ହିନ୍ଦୁ ଧାର୍ମିକ ଅଧିକାର ପ୍ରତି ଛଳନା ବୋଲି କୁସୁମ କହିଛନ୍ତି। ସେ ଏକ ପ୍ରେସ ବିବୃତିରେ କହିଛନ୍ତି, ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ଗତ ୧୫୨୮ରୁ ସଂଗ୍ରାମ ଜାରି ରହିଛି। ଏନେଇ ଆଜି ପର୍ଯ୍ୟନ୍ତ ୭୬ ଥର ସଂଘର୍ଷ ହୋଇଛି। କେବଳ ଏତିକି ନୁହେଁ ୩ଲକ୍ଷ ରାମଭକ୍ତ ଏଥିପାଇଁ ପ୍ରାଣ ବିସର୍ଜନ କରିଛନ୍ତି। ସ୍ୱାଧୀନତାପ୍ରାପ୍ତି ପରଠାରୁ ଦୀର୍ଘ ୭୨ ବର୍ଷ ଧରି ହିନ୍ଦୁମାନେ ରାମ ମନ୍ଦିର ପାଇଁ ଫୈଜାବାଦ ଜିଲା କୋର୍ଟରୁ ଆରମ୍ଭ କରି ବିଭିନ୍ନ କୋର୍ଟରେ ମାମଲା ଲଢି ଆସୁଛନ୍ତି। ଏପରି ଅବସ୍ଥାରେ ରାମ ମନ୍ଦିର ନିର୍ମାଣ ନେଇ ଭିଏଚ୍‌ପି ଅଟଳ ରହିଛି। ଅଧ୍ୟାଦେଶ ଆଣିବା ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ସୁପ୍ରିମ୍‌କୋର୍ଟ ନିର୍ଣ୍ଣୟକୁ ଅପେକ୍ଷା କର କହିବା ଅତ୍ୟନ୍ତ ଦୁଃଖଦାୟକ ବୋଲି କୁସୁମ କହିଛନ୍ତି।

## ଫଟୋରେ ଖବର





ଗୁରୁ ଗୋବିନ୍ଦ ସିଂଙ୍କ ଜନ୍ମ ବାର୍ଷିକୀ ଅବସରରେ ବୁଧବାର ରାଉରକେଲା ରିଂ ରୋଡରେ ବାହାରିଥିବା ଶୋଭାଯାତ୍ରା ଓ ସମରକଳା ପ୍ରଦର୍ଶନ।